NITIDIN
ନିତିଦିନ
RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 8 PAGES ● ₹ 6/-
www.nitidin.com
twitter.com/nitidintoday
facebook.com/nitidintoday
THURSDAY
1 MAY 2025
ଗୁରୁବାର
୧ ମେ ୨୦୨୫
NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 ● ISSUE 341 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୦ ● ସଂଖ୍ୟା ୩୪୧ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

## ରାଜ୍ୟସ୍ତରୀୟ କୃଷକ ଦିବସ ସମାରୋହ

# ୫୧ ଲକ୍ଷ ଚାଷୀଙ୍କୁ ୧୦୨୫ କୋଟିର ସିଏମ୍ କିଷାନ ସହାୟତା

**ଭୁବନେଶ୍ୱର,୩୦।୪/ଏନ୍ଏନ୍ଏସ୍:**



ରାଜ୍ୟର ୫୦,୧୬,୯୩୮ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ୪୯,୪୮୨ ସଂଖ୍ୟକ ଭୂମିହୀନ କୃଷି ପରିବାର

> **ପାଞ୍ଚ ବର୍ଷରେ ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ଲକ୍ଷ୍ୟ**
> **ସବୁ ସୁବିଧା ଅସୁବିଧାରେ ଆମେ ଚାଷୀଙ୍କ ପାଖରେ ପହଞ୍ଚିବୁ: ମୁଖ୍ୟମନ୍ତ୍ରୀ**
> **ଅକ୍ଷୟମୁଠି ଅନୁକୂଳ ସହ 'କୃଷକ ସଙ୍ଗୀତ ପୁସ୍ତକ' ଉନ୍ମୋଚିତ**

ଏବଂ ୨,୩୮୨ ଜନଜାତି କୃଷକ ପରିବାରକୁ ମୁଖ୍ୟମନ୍ତ୍ରୀ ସିଏମ୍ କିଷାନ ଯୋଜନାରେ ୨୦୨୫ ଖରିଫ ଫସଲ ଋତୁ ପାଇଁ ୧୦୨୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି । ସମୁଦାୟ ୫୧ ଲକ୍ଷ ଚାଷୀ ଏହି ସହାୟତା ରାଶି ପାଇଛନ୍ତି । ଏଥିରେ ସହରାଞ୍ଚଳର ୨୫,୫୩୨ ଚାଷୀ ପ୍ରଥମ ଥର ଅନ୍ତର୍ଭୁକ୍ତ ହୋଇଛନ୍ତି । ଆଗୁଆ ସହାୟତା ପ୍ରଦାନ କରାଯାଉଥିବା ଯୋଗୁ ଏହି ରାଶି ରାଜ୍ୟର ଚାଷୀ ଭାଇମାନଙ୍କୁ କୃଷି କାର୍ଯ୍ୟ ନିମନ୍ତେ ସହାୟକ ହେବ । ଚାଷ କାର୍ଯ୍ୟ ଆରମ୍ଭଠାରୁ ଫସଲ ବିକ୍ରୀ ପର୍ଯ୍ୟନ୍ତ ▶▶ ୫

ଓଡ଼ିଶା ସିଭିଲ୍ ସର୍ଭିସେସ୍ ମୁଖ୍ୟ ଲିଖିତ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ଘଟଣା

# ୨୭ ତାରିଖ ପରୀକ୍ଷା ବାତିଲ

**କଟକ,୩୦।୪/ଏନ୍ଏନ୍ଏସ୍:**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସେସ୍ ମେନ୍(ଲିଖିତ) ପରୀକ୍ଷାର ଆନ୍ଥ୍ରପୋଲୋଜି

**ମେ' ୧୪ରେ ସାନି ପରୀକ୍ଷା ନେଇ ବିଜ୍ଞପ୍ତି**

ବିଷୟରେ ସାନି ପରୀକ୍ଷା କରିବାକୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି । ଏଥିସହ ଗତ ୨୭ତାରିଖରେ ହୋଇଥିବା ଆନ୍ଥ୍ରପୋଲୋଜି ପରୀକ୍ଷାକୁ ବାତିଲ କରାଯାଇଛି । ବିଜ୍ଞପ୍ତି ▶▶ ୫

**ଆରମ୍ଭ ହେଲା ଚନ୍ଦନ ଯାତ୍ରା**

# ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ

**ପୁରୀ,୩୦।୪/ଏନ୍ଏନ୍ଏସ୍:**



ଆଜି ପବିତ୍ର ଅକ୍ଷୟ ତୃତୀୟା । ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି । ଏଥିସହ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରୀତିନୀତି ଅନୁସାରେ ରଥ ନିର୍ମାଣର ଶୁଭ ଅନୁକୂଳ ସମ୍ପନ୍ନ ହୋଇଛି । ଆଜି ପବିତ୍ର ଅକ୍ଷୟ ତୃତୀୟା । ଆଜିଠାରୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ନିର୍ମାଣ ଶୁଭ ଅନୁକୂଳ ହୋଇଛି । ଶ୍ରୀମନ୍ଦିରରେ ଦ୍ୱିପ୍ରହର ଧୂପ ସରିବା ପରେ ଠାକୁରମାନେ ବିମାନକୁ ବିଜେ କରିଥିଲେ । ଅପରାହ୍ଣ ୫ଟା ୪୫ମିନିଟ୍‌ରେ ରଥ ଖଳାକୁ ଆଜ୍ଞାମାଳ ବିଜେ ସହ ବିମାନ ଉଠିଥିଲା । ତିନିଜଣ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ଧରି ରଥଖଳାରେ ପହଞ୍ଚିବା ପରେ ତିନିରଥର ତିନି ମୁଖ୍ୟ ବିଶ୍ୱକର୍ମାଙ୍କୁ ପ୍ରଦାନ କରିଥିଲେ । ▶▶ ୫

# ଜାତିଭିତ୍ତିକ ହେବ ପରବର୍ତ୍ତୀ ଜନଗଣନା

**ନୂଆଦିଲ୍ଲୀ,୩୦।୪/ଏଜେନ୍ସି:**



**କେନ୍ଦ୍ରର ବଡ଼ ଘୋଷଣା**

୨୦୨୫-୨୬ରେ ହେବାକୁ ଥିବା ଜନଗଣନା ଜାତିଭିତ୍ତିକ ହେବ । କେନ୍ଦ୍ର ସରକାର ଏନେଇ ବୁଧବାର ବଡ଼ ଘୋଷଣା କରିଛନ୍ତି । ଦେଶରେ ଜାତିବାଦକୁ ନେଇ ଜାରି ରହିଥିବା ପ୍ରଶ୍ନ ମଧ୍ୟରେ ସାରା ଦେଶରେ ବିଭିନ୍ନ ଜାତି ଏବଂ ଉପଜାତିଗୁଡ଼ିକର ଗଣନା ଏବଂ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକର ଲୋକଙ୍କ ସଂଖ୍ୟା ଆସନ୍ତାବର୍ଷ ହେବାକୁ ଥିବା ଜାତୀୟ ଜନଗଣନାର ଅଂଶ ହେବ । ବୁଧବାର ଅପରାହ୍ଣରେ ଏକ କ୍ୟାବିନେଟ୍ ବ୍ରିଫିଂ ସମୟରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି । ଶ୍ରୀ ବୈଷ୍ଣବ କହିଛନ୍ତି, 'ରାଜନୈତିକ ବ୍ୟାପାର କ୍ୟାବିନେଟ୍ କମିଟି (ସିସିପିଏ) ଆଗାମୀ ଜନଗଣନା କାର୍ଯ୍ୟରେ ଜାତି ଗଣନାକୁ ଅନ୍ତର୍ଭୁକ୍ତ କରିବାକୁ ନିଷ୍ପତ୍ତି ନେଇଛି । ବୈଷ୍ଣବ କହିଛନ୍ତି, ଏହି ଜାତିଭିତ୍ତିକ ଜନଗଣନା ଦେଶରେ ସାମାଜିକ ନ୍ୟାୟ ଓ ସମାନତା ପାଇଁ ନୀତି ନିର୍ଦ୍ଧାରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । କଂଗ୍ରେସ ପୂର୍ବରୁ ଏହାର ବିରୋଧ କରୁଥିଲା, କିନ୍ତୁ ମୋଦୀ ସରକାର ଏହି ପଦକ୍ଷେପ ନେଇ ଦେଶବାସୀଙ୍କୁ ଏକ ନୂଆ ଦିଗ ଦେବାକୁ ପ୍ରତିବଦ୍ଧ । ଜନଗଣନା 'ସ୍ୱଚ୍ଛ' ଉପାୟରେ କରାଯିବ । ଆଗାମୀ ଜନଗଣନାରେ ଜାତି ଆଧାରିତ ତଥ୍ୟ ମଧ୍ୟ ସଂଗ୍ରହ କରାଯିବ । ଏହି ▶▶ ୫

## ଭିତର ପୃଷ୍ଠାରେ...


- ଏନ୍ଏସ୍ଏବି ପୁନର୍ଗଠିତ: ପୂର୍ବତନ 'ର' ମୁଖ୍ୟ ଆଲୋକ ଯୋଶୀ ଅଧ୍ୟକ୍ଷ
- ଭାରତୀୟ ସେନାର ପାଲଟା ଜବାବରେ ଛତ୍ରଭଙ୍ଗ ଦେଲା ପାକ୍ ସେନା
- କଲିକତା ହୋଟେଲ୍ ଅଗ୍ନିକାଣ୍ଡରେ ୪ ଓଡ଼ିଆଙ୍କ ସମେତ ୧୫ ମୃତ


## 'ନିତିଦିନ'ର ଛୁଟି

ମେ' ୧ ବିଶ୍ୱ ଶ୍ରମିକ ଦିବସ ଉପଲକ୍ଷେ 'ନିତିଦିନ'ର କାର୍ଯ୍ୟାଳୟ ଓ ପ୍ରେସ୍ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ମେ' ୩ ତାରିଖ ଶନିବାର ପ୍ରକାଶ ପାଇବ ।


- ପ୍ରକାଶକ


PRABHUSHREE ENGLISH MEDIUM SCHOOL
MALATIPATPUR, PURI

MAKE YOUR CHILDREN THE LEADERS OF TOMORROW BY CHOOSING PRABHUSHREE TODAY.

- Experienced Faculty
- Robotics Lab
- Holistic Development
- Modern Facilities
- Personalized Attention
- JEE/NEET/CUET Coaching
- Tech-Driven Learning
- Extensive Extra-Curriculars
- National & International Exposure

Enroll Now!




CONTACT INFORMATION
+91 9124613401, +919124613404, +919124613406
PRABHUSHREE ENGLISH MEDIUM SCHOOL, BALIA, MALATIPATPUR, PURI- 752002

SCIENCE: Physics, Chemistry, Mathematics, Biology, Computer Science, English, Physical Education, Painting, Odissi

COMMERCE: Accountancy, Business Studies, Economics, Mathematics, English, Physical Education, Painting, Odissi

ARTS: Sociology, Geography, Economics, Political Science, English, Physical Education, Painting, Odissi







ମଇ ଦିବସ-୨୦୨୫ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

'ମଇ ଦିବସ' ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।
ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ସହିତ ଏକ ବିକଶିତ ଓଡ଼ିଶା-ବିକଶିତ ଭାରତ ଗଠନ ଦିଗରେ ଅବଦାନ ରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍ପାଟି)

OIPR-15001/13/0622/2526



ଶ୍ରମିକ ଦିବସ
ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଓଡ଼ିଶାର ଶ୍ରମିକ ଭାଇଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି । ଶ୍ରମ ହିଁ ସମୃଦ୍ଧିର ମୂଳଭିତ୍ତି । ଶ୍ରମିକ ସମାଜର ସର୍ବାଙ୍ଗୀନ ଉନ୍ନତି, କଲ୍ୟାଣ ତଥା ଅଧିକାରର ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ । ଆସନ୍ତୁ, ସମସ୍ତ ବର୍ଗର ଶ୍ରମିକ ମାନଙ୍କ କଲ୍ୟାଣ ନିମନ୍ତେ ଆମର ଉଦ୍ୟମ ଜାରି ରଖିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-19

### ଏଲ୍‌ଓସିରେ ବଢ଼ିଲା ଉତ୍ତେଜନା: ଜବାବ ଦେଲା ଭାରତୀୟ ସେନା

# ଛତ୍ରଭଙ୍ଗ ଦେଲା ପାକ୍ ସେନା



**ନୂଆଦିଲ୍ଲୀ, ୩୦।୪/ଏଜେନ୍ସି:** ଜମ୍ମୁ-କାଶ୍ମୀରର ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ଏବେ ଦ୍ୱିପାକ୍ଷିକ ଉତ୍ତେଜନା ତୀବ୍ର ରୂପ ଧାରଣ କରିଛି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନେଇ ଭାରତର ହୁଁକାର ପରେ ପରେ ସୀମାରେଖାରେ ପାକିସ୍ତାନ ସେନା ନିୟମିତ ଭାବେ ଯୁଦ୍ଧବିରତି ଉଲ୍ଲଂଘନ କରିଆସୁଛି। ନିୟମିତ ଭାବେ ସୀମାରେ ଗୁଳିଗୋଳା ମାଡ଼ କରିଚାଲିଛି। ତେବେ ପାକିସ୍ତାନର ଏହି ଗୁଳିମାଡ଼ର ଜବାବ ଭାରତୀୟ ସେନା ଦେଇଆସୁଥିଲା ସତ, କିନ୍ତୁ ଏବେ ଏହାକୁ ଅଧିକ ବ୍ୟାପକ କରିଛି ଭାରତୀୟ ସେନା। ରିପୋର୍ଟ ଅନୁସାରେ ବୁଧବାର ଭାରତୀୟ ସେନା ପକ୍ଷରୁ କରାଯାଇଥିବା ବଡ଼ଧରଣର ପାଲଟା ଆକ୍ରମଣରେ ସୀମାରେଖାରେ ମୁତୟନ ଥିବା ପାକିସ୍ତାନ ସୈନିକମାନେ ଛତ୍ରଭଙ୍ଗ ଦେଇଛନ୍ତି। ସୀମା ସମ୍ମୁଖ ଭାଗରେ ଥିବା ଅନେକ ପୋଷ୍ଟରେ ଡେରା ପକାଇଥିବା ପାକିସ୍ତାନୀ ସୈନ୍ୟମାନେ ଏବେ ସେସବୁ ସ୍ଥାନ ଛାଡି ପଳାଇଛନ୍ତି।

ଏଲ୍‌ଓସି ଏବଂ ଅନ୍ତର୍ଜାତୀୟ ସୀମାରେଖାରେ ପାକିସ୍ତାନ ପକ୍ଷରୁ ବାରମ୍ବାର ଗୁଳିଚାଳନା ପରେ, ଭାରତୀୟ ସେନା "ସଠିକତା ଓ ଶକ୍ତି" ସହ ପ୍ରତି ଜବାବ ଦେଇଛି। "ନୌଶେରା, ସୁନ୍ଦରବାନୀ, ଅଖନୁର, ବାରମୁଲା ଓ କୁପଓ୍ୱାଡ଼ା ଅଞ୍ଚଳରେ ପାକିସ୍ତାନୀ ସୈନ୍ୟମାନେ ଭାରତୀୟ ସେନାର ତୀବ୍ର ପ୍ରତିଶୋଧାତ୍ମକ ଗୁଳିଚାଳନାର ସମ୍ମୁଖୀନ ହୋଇଛନ୍ତି। ଭୟରେ କେବଳ ସେମାନେ ଘାଟି ଅଞ୍ଚଳ ଛାଡି ପଳାୟନ କରିଛନ୍ତି ତାହାନୁହେଁ, ପାକିସ୍ତାନୀ ରେଞ୍ଜର୍ସମାନେ ସେମାନଙ୍କ ପୋଷ୍ଟରୁ ସେମାନଙ୍କ ପତାକାକୁ ମଧ୍ୟ ହଟାଇଦେଇଛନ୍ତି।

**- ନିଜ ସହରଗୁଡ଼ିକୁ ନୋ-ଫ୍ଲାଏ ଜୋନ୍ ଘୋଷଣା କଲା ପାକିସ୍ତାନ**

ପାକିସ୍ତାନ, ଭାରତୀୟ ବାୟୁସେନାର ନିଶ୍ଚିତ ଆକ୍ରମଣର ଆଶଙ୍କାରେ ଏତେମାତ୍ରାରେ ଭୟଭୀତ ହୋଇପଡିଛି ଯେ, ନିଜର ପ୍ରମୁଖ ସହର ଯେପରିକି ଇସଲାମାବାଦ, କରାଚୀ ଓ ଲାହୋର ଆଦି ଉପରେ ୨ମଇ ପର୍ଯ୍ୟନ୍ତ ଏକ ଅସ୍ଥାୟୀ ନୋ-ଫ୍ଲାଇ ଜୋନ୍ (ଏନ୍‌ଓଟିଏଏମ୍) ଘୋଷଣା କରିଛି। ଏହାର ଅର୍ଥ ପାକିସ୍ତାନ ଏବେ ଏସବୁ ସହର ଉପରେ ବେସାମରିକ ଓ ସୈନ୍ୟ ବିମାନଗୁଡ଼ିକୁ ଉଡ଼ାଣ କରିବାକୁ ବାରଣ କରାଯାଇଛି।

**- ବଙ୍କର ଭିତରକୁ ପଳାଇଛନ୍ତି ପାକିସ୍ତାନ ସେନାମୁଖ୍ୟ ଅସୀମ ମୁନିର**

ପହଲଗାମ ଆତଙ୍କବାଦୀ ଆକ୍ରମଣର କିଛି ଦିନ ପରେ ଗାଏବ ହୋଇଯାଇଛନ୍ତି ପାକିସ୍ତାନ ସେନା ମୁଖ୍ୟ ଜେନେରାଲ ଅସୀମ ମୁନିର। ତାଙ୍କ ବିଷୟରେ ଗଣମାଧ୍ୟମରେ ଏକ ଗରମ ଖବର ଆସିଛି ଯେ ବ୍ୟକ୍ତିଗତ ଜେଟ୍? ବ୍ୟବହାର କରି ତାଙ୍କ ପରିବାର ଦେଶ ଛାଡି ପଳାଇ ଯାଇଛନ୍ତି। କାରଣ ଗତ କିଛି ଦିନ ଧରି ମୁନିରଙ୍କୁ ଦେଖାଯାଉ ନାହାନ୍ତି। ତେବେ ମୁନିର ହେଉଛନ୍ତି ସେହି ପାକିସ୍ତାନୀ ଜେନେରାଲ ଯାହାଙ୍କ ବିବାଦୀୟ ବୟାନ ପରେ ପହଲଗାମ ଆକ୍ରମଣ ହୋଇଥିଲା। ଏବେ ଅସୀମ ମୁନୀର ହଠାତ ଗାଏବ ହୋଇଯାଇଛନ୍ତି। ଫଳରେ ସେ କେଉଁଠିକୁ ଯାଇଛନ୍ତି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**- ପାକିସ୍ତାନ ପାଇଁ ଏୟାରସ୍ପେସ୍ ବନ୍ଦ କଲା ଭାରତ**

ପାକିସ୍ତାନ ଭାରତ ପାଇଁ ନିଜ ଏୟାର ସ୍ପେସ୍ ବନ୍ଦ କରିବା ପରେ ଭାରତ ମଧ୍ୟ ପାକିସ୍ତାନ ପାଇଁ ନିଜ ଏୟାରସ୍ପେସ୍‌କୁ ବନ୍ଦ କରିଛି। ଫଳରେ ଭାରତୀୟ ଆକାଶ ସୀମାରେ ପାକିସ୍ତାନର କୌଣସି ବି ବିମାନ ଉଡାଣ କରିପାରିବନି। ମେ ୨୩ ଯାଏଁ ଏୟାରସ୍ପେସ୍ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି।

# ପହଲ୍‌ଗାମ୍ ପ୍ରତିଶୋଧ ନିଶ୍ଚିତ

**ନୂଆଦିଲ୍ଲୀ, ୩୦।୪/ଏଜେନ୍ସି:** ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଭାରତ କୌଣସି ମୁହୂର୍ତ୍ତରେ ବି ଅଟାକ୍ କରିପାରେ। ଏମିତି କିଛି ଆଶଙ୍କା କରୁଛି ପାକିସ୍ତାନ। ପାକିସ୍ତାନର ମନ୍ତ୍ରୀମାନେ ମଧ୍ୟ ଏନେଇ ପୂର୍ବାନୁମାନ କରୁଥିବା ବେଳେ ସେମାନଙ୍କ ଇଣ୍ଟେଲିଜେନ୍ସ ବିଭାଗ ପକ୍ଷରୁ ସେମାନଙ୍କୁ ଏପରି ସୂଚନା ମିଳିଥିବା ଖୁଲମ୍‌ଖୁଲ୍ଲା କହୁଛନ୍ତି। ପାକ୍ ସୂଚନା ମନ୍ତ୍ରୀ ଅତାଉଲ୍ଲାହ ତରାର ରାତି ସାଢ଼େ ଗୋଟାଏରେ ପ୍ରେସମିଟ୍ କରି ୨୪ରୁ ୩୬ ଘଣ୍ଟା ଭିତରେ ଭାରତ ମିଲିଟାରି ଷ୍ଟ୍ରାଇକ୍ କରିପାରେ ବୋଲି ଆଶଙ୍କା ପ୍ରକାଶ କରିସାରିଛନ୍ତି। ପାକିସ୍ତାନର ଏପ୍ରକାର ଆଶଙ୍କା କରିବା ସ୍ୱାଭାବିକ୍।

**- ଏନ୍‌ଏସ୍‌ଏବି ପୁନର୍ଗଠନ କଲେ ସରକାର**
**ପୂର୍ବତନ 'ର' ମୁଖ୍ୟ ଆଲୋକ ଜୋଶୀ ଅଧ୍ୟକ୍ଷ ନିଯୁକ୍ତ**

**- ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭେଟିଲେ ସ୍ଥଳ ସେନାଧ୍ୟକ୍ଷ**
**ବିଦେଶ ମନ୍ତ୍ରୀ ଜୟଶଙ୍କର, ଏନ୍‌ଏସ୍‌ଏ ଡୋଭାଲ ଉପସ୍ଥିତ**

କାରଣ ଦିଲ୍ଲୀରେ ଏବେ ଘନଘନ ବୈଠକ ଚାଲିଛି। ଭାରତ ସରକାର କ'ଣ ସବୁ ଯୋଜନା କରୁଛନ୍ତି, ଭାରତୀୟ ସେନା କେଉଁ ଧରଣର ଆକ୍ରମଣ କରିବ ଏନେଇ ପାକିସ୍ତାନର ନିଦ ହଜିଯାଇଛି।

ଏସବୁ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବସିଥିବା ସିସିଏ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଜାତୀୟ ସୁରକ୍ଷା ପରାମର୍ଶଦାତା ବୋର୍ଡ (ଏନ୍‌ଏସ୍‌ଏବି) ପୁନର୍ଗଠନ କରିଛନ୍ତି ଭାରତ ସରକାର। ସରକାରଙ୍କ ଦ୍ୱାରା ପୁନର୍ଗଠିତ ଏହି ଏନ୍‌ଏସ୍‌ଏବିରେ ୭ଜଣ ସଦସ୍ୟ ରହିବେ। ଏହି ୭ଜଣଙ୍କ ମଧ୍ୟରେ ତିନି ବାହିନୀର ଅବସରପ୍ରାପ୍ତ ଅଧିକାରୀ ମଧ୍ୟ ସାମିଲ ରହିବେ। ଏନ୍‌ଏସ୍‌ଏବି ହେଉଛି ସରକାରଙ୍କ ବାହାରର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନେଇ ଗଠିତ ଏକ ବହୁ-ଶାଖାଗତ ସଂସ୍ଥା, ଯାହାର ମୁଖ୍ୟ କାର୍ଯ୍ୟ ହେଉଛି ଜାତୀୟ ସୁରକ୍ଷା ପରିଷଦକୁ ଦୀର୍ଘକାଳୀନ ବିଶ୍ଳେଷଣ ପ୍ରଦାନ କରିବା ଏବଂ ସେମାନଙ୍କ ଦ୍ୱାରା ଉଠାଯାଇଥିବା ସମସ୍ୟା ସହିତ ଜଡିତ ସମାଧାନ ଏବଂ ବିଭିନ୍ନ ଯୋଜନା ସୁପାରିଶ କରିବା। ଏହି ବୋର୍ଡରେ ପୂର୍ବତନ ପଶ୍ଚିମ ବାୟୁସେନା କମାଣ୍ଡର ଏୟାର ମାର୍ଶାଲ ପିଏମ୍ ସିହ୍ନା, ପୂର୍ବତନ ଦକ୍ଷିଣ ସେନା କମାଣ୍ଡର ଲେଫ୍ଟନାଣ୍ଟ ଜେନେରାଲ ଏକେ ସିଂହ ଏବଂ ରିଅର ଆଡମିରାଲ ମଣ୍ଟି ଖାନ୍ନାଙ୍କୁ ସାମରିକ ସେବାରୁ ଅବସରପ୍ରାପ୍ତ ଅଧିକାରୀ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି। ସେହିପରି ରାଜୀବ ରଞ୍ଜନ ବର୍ମା ଏବଂ ମନମୋହନ ସିଂହ ଭାରତୀୟ ପୁଲିସ ସେବାର ଦୁଇଜଣ ଅବସରପ୍ରାପ୍ତ ସଦସ୍ୟ ଭାବେ ଏହି ବୋର୍ଡରେ ସାମିଲ ହୋଇଥିବା ବେଳେ ଅବସରପ୍ରାପ୍ତ ଆଇଏଫଏସ ବି ଭେଙ୍କଟେଶ ବର୍ମା ମଧ୍ୟ ବୋର୍ଡର ଅନ୍ୟତମ ସଦସ୍ୟ ଭାବେ ସ୍ଥାନ ପାଇଛନ୍ତି। ତେବେ ପୂର୍ବତନ 'ର' ମୁଖ୍ୟ ଆଲୋକ ଜୋଶୀଙ୍କୁ ଏହି ବୋର୍ଡର ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି।

ଗତକାଲି ପ୍ରଧାନମନ୍ତ୍ରୀ ମୋଦୀ, ଶତ୍ରୁ ବିପକ୍ଷରେ ବଡ଼ ଆକ୍ସନ ନେବାକୁ ତିନି ସେନାକୁ ପୂର୍ଣ୍ଣ କ୍ଷମତା ପ୍ରଦାନ କରିବା ପରେ ଆଜି ଏନ୍‌ଏସ୍‌ବି ପୁନର୍ଗଠନ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଉ ଏକ ହାଇଲେବୁଲ୍ ବୈଠକ ସମ୍ପର୍କରେ ମଧ୍ୟ ସୂଚନା ମିଳିଛି। ପ୍ରଧାନମନ୍ତ୍ରୀଙ୍କ ୭ ଲୋକ କଲ୍ୟାଣ ମାର୍ଗସ୍ଥିତ ବାସଭବନରେ ସ୍ଥଳସେନା ମୁଖ୍ୟ-ବୈଦେଶିକ ମନ୍ତ୍ରୀ-ଏନ୍‌ଏସ୍‌ଏ ମୋଦୀଙ୍କ ସହ ଆଲୋଚନା କରିଛନ୍ତି। ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର, ଏନ୍‌ଏସ୍‌ଏ ଅଜିତ୍ ଡୋଭାଲ ଏବଂ ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ସହ ମୋଦୀଙ୍କ ଆଲୋଚନା ସମ୍ପର୍କରେ ସୂଚନା ମିଳିନଥିଲେ ମଧ୍ୟ ଏହା ଭାରତୀୟ ସ୍ଥଳସେନାର ଆକ୍ରମଣ ପ୍ରସ୍ତୁତି ସମ୍ବନ୍ଧୀତ ଥିବା ଅନୁମାନ କରାଯାଉଛି। ହୁଏତ ସ୍ଥଳସେନାଧ୍ୟକ୍ଷ, ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଉପରୋକ୍ତ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଆକ୍ରମଣର ବ୍ଲୁପ୍ରିଣ୍ଟ ସମ୍ପର୍କରେ ବୁଝାଇଥାଇପାରନ୍ତି ବୋଲି ଅନୁମାନ କରାଯାଉଛି।

# ଇଷ୍ଟାଓଲ୍ ଜଙ୍ଗଲରେ ବ୍ୟାପୁଛି ନିଆଁ

**ଜେରୁଜେଲମ୍,୩୦।୪/ଏଜେନ୍ସି:** ବୁଧବାର ଇସ୍ରାଏଲ ରାଜଧାନୀ ଜେରୁସେଲମ୍ ସହର ଉପକଣ୍ଠରେ ଅକସ୍ମାତ ଭୟାବହ ଅଗ୍ନିକାଣ୍ଡ ଦେଖିବାକୁ ମିଳିଛି। ନିଆଁ ଇଷ୍ଟୋଲ୍ ଜଙ୍ଗଲରେ ଲାଗିଥିବା ବେଳେ ଏହା ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି। ଏହା ଦ୍ୱାରା ଅନେକ ରାସ୍ତା ମଧ୍ୟ ପ୍ରଭାବିତ ହୋଇଛି, ଯାହା ଫଳରେ ଲୋକମାନଙ୍କୁ ରାସ୍ତାରେ ଯାନବାହନ ଛାଡି ଦୌଡ଼ିବାକୁ ପଡିଛି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସରକାର ସେନା ମୁତୟନ କରିଛନ୍ତି। ଏତଦ୍‌ବ୍ୟତୀତ ଅନେକ ଆବାସିକ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଅଗ୍ନିଶମ ବିଭାଗର ସୂଚନା ଅନୁଯାୟୀ, ଏହି ନିଆଁ ଅତି କମ୍‌ରେ ୫ଟି ସ୍ଥାନକୁ ବ୍ୟାପିସାରିଛି। ଅନ୍ୟପକ୍ଷେ ଅଗ୍ନିଶମ ବିଭାଗର କର୍ମଚାରୀଙ୍କୁ ପ୍ରବଳ ବେଗରେ ବହୁଥିବା ପବନ ଏବଂ ଅତ୍ୟଧିକ ଗରମ ଯୋଗୁଁ ନିଆଁକୁ ନିୟନ୍ତ୍ରଣ କରିବାରେ ଅସୁବିଧା ହେଉଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଜେରୁଜେଲମରୁ ତେଲ ଅଭିଭ୍ ପର୍ଯ୍ୟନ୍ତ ମାର୍ଗ ଏନ୍‌ଏଚ୍-୧କୁ ବନ୍ଦ କରିଦିଆଯାଇଛି। ଦୁଇ ସହର ମଧ୍ୟରେ ରେଳ ଚଳାଚଳ ମଧ୍ୟ ବନ୍ଦ ହୋଇଯାଇଛି। ଇଷ୍ଟୋଲ ଅଞ୍ଚଳରେ ଏକ କମାଣ୍ଡ ସେଣ୍ଟର ସ୍ଥାପନ କରାଯାଇଛି। ନିଆଁ ଲିଭାଇବା ପାଇଁ ୬୩ଟି ଅଗ୍ନିଶମ ବାହିନୀ ଏବଂ ୧୧ଟି ବିମାନ ନିୟୋଜିତ କରାଯାଇଛି।



## ବାଂଲାଦେଶରେ ହିନ୍ଦୁ ସନ୍ଥ ଚିନ୍ମୟ ଦାସ୍‌ଙ୍କୁ ଜାମିନ୍

**ଢ଼ାକା,୩୦।୪/ଏଜେନ୍ସି:** ଗତ ୫ ମାସ ଧରି ଢ଼ାକା ଜେଲ୍‌ରେ କଏଦ ଥିବା ହିନ୍ଦୁ ସନ୍ଥ ତଥା ଇସ୍କନ୍ ଧର୍ମାବଲମ୍ବୀ ଚିନ୍ମୟ ଦାସଙ୍କୁ ଜାମିନ୍ ପ୍ରଦାନ କରାଯାଇଛି। ବାଂଲାଦେଶର ଢାକା ହାଇକୋର୍ଟ ବୁଧବାର ଏହି ଜାମିନ ପ୍ରଦାନ କରିଛନ୍ତି। ଦେଶଦ୍ରୋହ ଅଭିଯୋଗ ସହ ବାଂଲାଦେଶର ଜାତୀୟ ପତାକାକୁ ଅପମାନିତ କରିଥିବା ଭଳି ସଂଗୀନ ଅଭିଯୋଗରେ ଚିନ୍ମୟ ଦାସଙ୍କୁ ୨୫ ନଭେମ୍ବର ୨୦୨୪ରେ ବାଂଲାଦେଶ ପୁଲିସ୍ ଗିରଫ କରିଥିଲା। ସେବେଠାରୁ ନିୟମିତ ଭାବେ ଚିନ୍ମୟ ଦାସ ଜାମିନ୍ ଆବେଦନ କରିଆସୁଥିଲେ ମଧ୍ୟ ଏହାକୁ ଖାରଜ କରିଦିଆଯାଉଥିଲା। ଫଳରେ ଦୀର୍ଘ ୫ ମାସ ଧରି ସେ ଜେଲରେ ତେବେ ଚିନ୍ମୟଙ୍କ ଓକିଲ ଅପୂର୍ବ କୁମାର ଭଟ୍ଟାଚାର୍ଯ୍ୟ ଏପ୍ରିଲ ୨୩ ତାରିଖରେ ହାଇକୋର୍ଟରେ ଜାମିନ ଆବେଦନ ଦାଖଲ କରିଥିଲେ। ଏହା ଉପରେ ଶୁଣାଣି କରି କୋର୍ଟ ତାଙ୍କୁ ଜାମିନ୍ ପ୍ରଦାନ କରିଛନ୍ତି। ତେବେ ଚିନ୍ମୟଙ୍କ ମୁକ୍ତି ଏପର୍ଯ୍ୟନ୍ତ ଚୂଡାନ୍ତ ନିଷ୍ପତ୍ତି ନୁହେଁ। ଏହା ଉପରେ ବାଂଲାଦେଶଙ୍କ ରାୟ ଆସିବା ଏଯାଏ ବାକି ରହିଛି। ଯଦି ବାଂଲାଦେଶ ସୁପ୍ରିମକୋର୍ଟ ଏହି ନିଷ୍ପତ୍ତି ଉପରେ ସ୍ଥଗିତାଦେଶ ନଦିଅନ୍ତି, ତେବେ ଚିନ୍ମୟଙ୍କୁ ମୁକ୍ତ କରାଯିବ।

### କୋଲକାତା ହୋଟେଲ୍‌ରେ ଭୟାବହ ଅଗ୍ନିକାଣ୍ଡ

# ୪ ଓଡ଼ିଆଙ୍କ ସମେତ ୧୫ ମୃତ




**କୋଲକାତା,୩୦।୪/ଏଜେନ୍ସି:** ପୂର୍ବ ଭାରତୀୟ ରାଜ୍ୟ ପଶ୍ଚିମବଙ୍ଗର ଏକ ହୋଟେଲରେ ଭୟଙ୍କର ଅଗ୍ନିକାଣ୍ଡରେ ଦୁଇ ଶିଶୁଙ୍କ ସମେତ ଅନ୍ୟୁନ ୧୫ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଗତସିଂହପୁର ଜିଲ୍ଲାର ମନୋଜ ପାତ୍ର, ଦୁଷ୍ମନ୍ତ କୁମାର ନାୟକ, ଦୁଷ୍ମନ୍ତ କୁମାର ସ୍ୱାଇଁ ଓ କଟକ ସିଡିଏର ରାଜେଶ ସାନ୍ତୁକା ମଧ୍ୟ ସାମିଲ ଥିବା ଜଣାପଡିଛି। ସେହିପରି ମୃତକଙ୍କ ମଧ୍ୟରେ ଏକ ଚେନ୍ନାଇ ସ୍ଥିତ ପରିବାରର ୩ ସଦସ୍ୟ ସାମିଲ ଥିବା ମଧ୍ୟ ଜଣାପଡିଛି। ଘଟଣାରେ ଶୋକବ୍ୟକ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ନିଜ ଇନଷ୍ଟାଗ୍ରାମ୍ ଆକାଉଣ୍ଟରେ ମୋଦୀ ଲେଖିଛନ୍ତି ଯେ, ସେ ଏହି ଜୀବନହାନିଜନିତ ଅଘଟଣରେ ଗଭୀର ଭାବେ ମର୍ମାହତ। ଶୋକସନ୍ତପ୍ତ ପରିବାର ପ୍ରତି ସେ ସମବେଦନା ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ସେ ମୃତାହତ ତଥା ଅନ୍ୟ ପୀଡ଼ିତଙ୍କ ପରିବାର ପାଇଁ ଆର୍ଥିକ କ୍ଷତିପୂରଣ ମଧ୍ୟ ଘୋଷଣା କରିଛନ୍ତି।

ମଙ୍ଗଳବାର ବିଳମ୍ବିତ ରାତିରେ ସେଣ୍ଟ୍ରାଲ୍ କୋଲକାତା ସହରର ଋତୁରାଜ ହୋଟେଲରେ ଏହି ଅଗ୍ନିକାଣ୍ଡ ଘଟିଥିବା ବେଳେ ଏଥିରେ ୬ରୁ ଅଧିକ ଲୋକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ସେମାନଙ୍କୁ ତୁରନ୍ତ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ରିପୋର୍ଟ ଲେଖାହେବା ସୁଦ୍ଧା ନିଆଁକୁ ନିୟନ୍ତ୍ରଣ କରାଯାଇଥିବା ବେଳେ କ୍ଷୟକ୍ଷତିଜନିତ ଆକଳନ ଜାରି ରହିଛି। ନିଆଁ କିପରି ଲାଗିଲା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ ଘଟଣାର ତଦନ୍ତ ପାଇଁ ପୁଲିସ୍ ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରାଯାଇଛି। ଏହା ଏକ ଆବାସିକ ହୋଟେଲ ଥିବାରୁ ନିଆଁ ଲାଗିବା ସମୟରେ ଅନେକ ଅତିଥି ନିଜ ପ୍ରକୋଷ୍ଠରେ ଶୋଇଥିଲେ। ଫଳରେ ସେମାନେ ଆଉ ବାହାରକୁ ବାହାରିପାରିନଥିଲେ ବୋଲି କୁହାଯାଉଛି। କୋଲକାତା ପୁଲିସ୍ ମୁଖ୍ୟ ମନୋଜ କୁମାର ବର୍ମା କହିଛନ୍ତି ଯେ ଏକ ସ୍ୱତନ୍ତ୍ର ତଦନ୍ତ ଦଳ ହୋଟେଲ ଅତିଥିମାନଙ୍କୁ ବାହାରକୁ ଯିବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବା ସମ୍ପର୍କୀତ ଅଭିଯୋଗ ସହ ହୋଟେଲରେ ଅଗ୍ନି ନିର୍ଗମନ ଦ୍ୱାରଗୁଡ଼ିକ (ଏମର୍ଜେନ୍ସି ଦ୍ୱାର) କାର୍ଯ୍ୟକ୍ଷମ ଥିଲା କି ନାହିଁ ସେନେଇ ଯାଞ୍ଚ କରୁଛି। ରାଜ୍ୟ ସମାଜ କଲ୍ୟାଣ ମନ୍ତ୍ରୀ ଶଶି ପାଞ୍ଜା ଏହି ଅଗ୍ନିକାଣ୍ଡକୁ ଏକ 'ଦୁର୍ଭାଗ୍ୟଜନକ ଘଟଣା' ବୋଲି ବର୍ଣ୍ଣନା କରିଛନ୍ତି। ପଶ୍ଚିମବଙ୍ଗରେ ବିରୋଧୀ ଭାରତୀୟ ଜନତା ପାର୍ଟିର ମୁଖ୍ୟ ଏବଂ ଜଣେ କନିଷ୍ଠ ରାଜ୍ୟ ମନ୍ତ୍ରୀ ସୁକାନ୍ତ ମଜୁମଦାର ଏହି ଘଟଣାରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି ଏବଂ ଭବିଷ୍ୟତରେ ଏପରି ଦୁଃଖଦ ଘଟଣା ରୋକିବା ପାଇଁ ଅଗ୍ନି ନିରାପତ୍ତା ବ୍ୟବସ୍ଥାର 'କଠୋର ତଦାରଖ' ଦାବି କରିଛନ୍ତି।

ପ୍ରକାଶ, ଗତ ବର୍ଷ, ପଶ୍ଚିମ ରାଜ୍ୟ ଗୁଜରାଟର ଏକ ଗେମ୍ସ ଆର୍କେଡ୍‌ରେ ମଧ୍ୟ ଏପ୍ରକାର ଏକ ଭୟଙ୍କର ଅଗ୍ନିକାଣ୍ଡରେ ଅତି କମରେ ୨୭ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାର ଠିକ୍ ମାସକ ପରେ, ଉତ୍ତରପ୍ରଦେଶ ରାଜ୍ୟର ଝାନ୍ସୀ ଜିଲ୍ଲାର ଏକ ହସ୍ପିଟାଲର ନବଜାତ ଶିଶୁ ୟୁନିଟ୍‌ରେ ଅଗ୍ନିକାଣ୍ଡ ଘଟି ୧୦ଜଣ ନବଜାତ ଶିଶୁଙ୍କ ମୃତ୍ୟୁ ହୋଇଥିଲା।

# ଭୀଷଣ ବର୍ଷାରେ ଭୁଶୁଡ଼ିଲା ମନ୍ଦିର କାନ୍ଥ: ୮ ମୃତ



**ବିଶାଖାପଟନମ୍, ୩୦।୪/ଏଜେନ୍ସି:** ଲଗାଣ ବର୍ଷା ଯୋଗୁଁ ବିଶାଖାପାଟନମ୍ ଜିଲ୍ଲା ସୀମାଞ୍ଚଳମ୍ ପ୍ରାନ୍ତରେ ଥିବା ଶ୍ରୀ ବରାହ ଲକ୍ଷ୍ମୀ ନରସିଂହ ସ୍ୱାମୀଙ୍କ ମନ୍ଦିର ଲାଗି ରହିଥିବା ଏକ କାନ୍ଥ ଭୁଶୁଡ଼ି ପଡ଼ିଛି। ୨୦ ଫୁଟ୍ ଲମ୍ବ ଏହି କାନ୍ଥ ଭୁଶୁଡ଼ି ପଡ଼ିବା ଯୋଗୁଁ ୮ଭକ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦ରୁ ଅଧିକ ଆହତ ହୋଇଛନ୍ତି। ଆହତଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ମୃତକଙ୍କ ମଧ୍ୟରେ ୩ ମହିଳା ଥିବା ଜଣାପଡିଛି। ଘଟଣା ସ୍ଥଳରେ ଏନ୍‌ଡିଆରଏଫ୍, ଏସ୍‌ଡିଆରଏଫ୍ ଓ ଦମକଳ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ।

ସୀମାଞ୍ଚଳମ୍‌ରେ ଆଜି ଠାରୁ ଚନ୍ଦନ ଯାତ୍ରା ଆରମ୍ଭ ହୋଇଥିବା ବେଳେ ଆନ୍ଧ୍ର ପ୍ରଦେଶ ଓ ତେଲେଙ୍ଗାନା ଓ ଓଡ଼ିଶା ସହ ଦେଶର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଭକ୍ତ ଏଠାକୁ ଆସିଛନ୍ତି। ତେବେ ଗତକାଲି ରାତିରେ ଭୀଷଣ ବର୍ଷା ହେବା ଫଳରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଏଭଳି ଛୋଟବଡ଼ ଅଘଟଣ ଘଟିଛି। ବିଳମ୍ବିତ ରାତି ୨:୩୦ ରୁ ୩:୦୦ଟା ମଧ୍ୟରେ ପ୍ରବଳ ବର୍ଷା ଯୋଗୁଁ ସୀମାଞ୍ଚଳମ୍‌ରେ ଏହି ଦୁର୍ଘଟଣା ଘଟିଥିବା ଜିଲ୍ଲାପାଳ ହରେନ୍ଦ୍ର ପ୍ରସାଦ କହିଛନ୍ତି। ସକାଳ ୩ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଭକ୍ତଙ୍କ ପାଇଁ ପ୍ରୋଟୋକଲ ଏବଂ ମନ୍ଦିର ଭିତର ଦର୍ଶନର ବ୍ୟବସ୍ଥା କରାଯାଇଥିଲା। ଏହି ସମୟରେ ଏହି ଦୁର୍ଘଟଣା ଘଟିଥିଲା। ସେହିପରି ରାଜ୍ୟ ଗୃହ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଭାଙ୍ଗାଲାପୁଡି ଅନିତା ମଧ୍ୟ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ସମୀକ୍ଷା କରିଛନ୍ତି। ଆହତଙ୍କ ଚିକିତ୍ସା ଏବଂ ରିଲିଫ୍ ଏବଂ ଉଦ୍ଧାରରେ କୌଣସି ପ୍ରକାର ଶିଥିଳତା ରହିବା ଉଚିତ୍ ନୁହେଁ ବୋଲି ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁର୍ଘଟଣା ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ମୋଦୀ କହିଛନ୍ତି, ସେ ଏହି ଜୀବନହାନିଜନିତ ଦୁର୍ଘଟଣାରେ ଗଭୀର ଭାବେ ମର୍ମାହତ। ଶୋକସନ୍ତପ୍ତ ପରିବାର ପ୍ରତି ସେ ସମବେଦନା ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ସେ ପ୍ରଧାନମନ୍ତ୍ରୀ ରିଲିଫ୍ ଫଣ୍ଡରୁ ମୃତାହତ ତଥା ଅନ୍ୟ ପୀଡ଼ିତଙ୍କ ପରିବାର ପାଇଁ ଆର୍ଥିକ କ୍ଷତିପୂରଣ ମଧ୍ୟ ଘୋଷଣା କରିଛନ୍ତି।

# ପତଞ୍ଜଳି ବିଶ୍ୱବିଦ୍ୟାଳୟ ଏବଂ ବୀର ମାଧୋ ସିଂହ ଭଣ୍ଡାରୀ ଉତ୍ତରାଖଣ୍ଡ ବୈଷୟିକ ବିଶ୍ୱବିଦ୍ୟାଳୟ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ



- କୃଷି, ଅନୁସନ୍ଧାନ ଏବଂ ଅଭିନବକୁ ମିଳିବ ବଳ, ଉଦ୍ୟମିତାକୁ ମିଳିବ ନୂଆ ଉଡାନ୍
- ଶୈକ୍ଷଣିକ ଉତ୍କୃଷ୍ଟତା ଦିଗରେ ଆଉ ଏକ ପଦକ୍ଷେପ
- ଚୁକ୍ତି ସ୍ୱାକ୍ଷରିତ ହେବା ଦ୍ୱାରା ଛାତ୍ରଛାତ୍ରୀଙ୍କ ପାଇଁ ଉନ୍ମୁକ୍ତ ହେଲା ନୂଆ ସୁଯୋଗର ଦ୍ୱାର

**ହରିଦ୍ୱାର,୩୦।୪/ଏଜେନ୍ସି:** ପତଞ୍ଜଳି ବିଶ୍ୱବିଦ୍ୟାଳୟ, ହରିଦ୍ୱାର ଏବଂ ବୀର ମାଧୋ ସିଂହ ଭଣ୍ଡାରୀ ଉତ୍ତରାଖଣ୍ଡ ବୈଷୟିକ ବିଶ୍ୱବିଦ୍ୟାଳୟ, ଡେରାଡୁନ୍ ମଧ୍ୟରେ ଆଜି ଶୈକ୍ଷଣିକ ଏବଂ ଅନୁସନ୍ଧାନ ସହଯୋଗକୁ ବୃଦ୍ଧି ଦେବା ଉଦ୍ଦେଶ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ପତଞ୍ଜଳି ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ଓଁକାର ସିଂହ ଚୁକ୍ତିପତ୍ରରେ ସ୍ୱାକ୍ଷରିତ କରିବା ପୂର୍ବକ ବିଶ୍ୱାସ ବ୍ୟକ୍ତ କରିଛନ୍ତି ଯେ, ଏହି ସହଯୋଗିତା ବିଦ୍ୟାର୍ଥୀଙ୍କୁ ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜ ତଥା ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ।

ଏହି ଚୁକ୍ତି ଅନ୍ତର୍ଗତ ଯୋଗ ବିଜ୍ଞାନ, ଆୟୁର୍ବେଦ, ପ୍ରାକୃତିକ ଚିକିତ୍ସା, ଏବଂ ଅନୁପ୍ରଯୁକ୍ତ ବିଜ୍ଞାନ ତଥା ବୈଷୟିକ ବିଜ୍ଞାନ ତଥା ଜ୍ଞାନକୌଶଳର ଏକୀକରଣର ମାଧ୍ୟମ ଦ୍ୱାରା କୃଷି ସହିତ ବିଭିନ୍ନ କ୍ଷେତ୍ରରେ ସଂଯୁକ୍ତ ପ୍ରଶିକ୍ଷଣ, ଅନୁସନ୍ଧାନ ଏବଂ ବିକାଶକୁ ବ୍ୟାପକ କରାଯିବ। ବିଶେଷରୂପେ ପତଞ୍ଜଳି ବିଶ୍ୱବିଦ୍ୟାଳୟ ଦ୍ୱାରା କୃଷି କ୍ଷେତ୍ରରେ କରାଯାଇଥିବା ଅନୁସନ୍ଧାନ କାର୍ଯ୍ୟକୁ କୃଷକଙ୍କ ପର୍ଯ୍ୟନ୍ତ ପହଞ୍ଚାଇବାର ଉଦ୍ଦେଶ୍ୟରୁ ଉତ୍ତରାଖଣ୍ଡ ବୈଷୟିକ ବିଶ୍ୱବିଦ୍ୟାଳୟ ସହ ଜଡିତ ମହାବିଦ୍ୟାଳୟ ପରିସରରେ କୃଷକଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଧ୍ୟ ସଞ୍ଚାଳିତ କରାଯିବ। ଏହି ଚୁକ୍ତି ଅନ୍ତିର୍ଗତ ଏକାଡେମିକ୍, ଅନୁସନ୍ଧାନ ଏବଂ ବିକାଶ ଗତିବିଧିରେ ସହଯୋଗ, କୌଶଳ ବିକାଶ ଏବଂ ବ୍ୟବସାୟିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ ତଥା ପ୍ରାଦ୍ୟୋଗିକ ନବାଚାର ଏବଂ ଉଦ୍ୟମିତାକୁ ବୃଦ୍ଧି ଦେବା ଦିଗରେ ଜୋରଦିଆଯିବ। ଏତଦ୍‌ବ୍ୟତୀତ ସାମାଜିକ ଏବଂ ଆର୍ଥିକସ୍ତରରେ ବଞ୍ଚିତ ସମୁଦାୟଙ୍କ ପାଇଁ ରୋଜଗାରର ଅବସର ବୃଦ୍ଧି ଦିଗରେ ମଧ୍ୟ ପ୍ରୟାସ କରାଯିବ। ଏହି ଦ୍ୱିପାକ୍ଷୀୟ ଚୁକ୍ତି ଅନ୍ତର୍ଗତ ଦୁଇ ବିଶ୍ୱବିଦ୍ୟାଳୟ ମିଳିତ ଭାବେ ସମକାଳୀନ ବିଷୟ ଉପରେ ପ୍ରମାଣପତ୍ର ପାଠ୍ୟକ୍ରମ, ସ୍ୱଳ୍ପକାଳୀନ ତଥା ଦୀର୍ଘକାଳୀନ ପାଠ୍ୟକ୍ରମ, ମିଳିତ ଅନୁସନ୍ଧାନ ଏବଂ ପ୍ରକାଶନ କାର୍ଯ୍ୟ, ବିଶେଷଜ୍ଞ ପରାମର୍ଶ, ସଂଯୁକ୍ତ କାର୍ଯ୍ୟଶାଳା, ସେମିନାର ଏବଂ ସମ୍ମିଳନୀ ଆୟୋଜିତ କରିବେ। ଏଥିସହ ସଂଯୁକ୍ତ ପାଠ୍ୟକ୍ରମର ସଞ୍ଚାଳନ, ଅଧ୍ୟୟନ ସାମଗ୍ରୀର ଆଦାନ ପ୍ରଦାନ, ହସ୍ପିଟାଲ ପରିଚାଳନା ସହ ଜଡିତ କାର୍ଯ୍ୟକ୍ରମ, ବିଶିଷ୍ଟ ବିଷୟଗୁଡ଼ିକ ଉପରେ ଗବେଷଣା ଏବଂ ରିପୋର୍ଟର ପ୍ରକାଶନ ମଧ୍ୟ କରାଯିବ। ସାଂସ୍କୃତିକ ଆଦାନ-ପ୍ରଦାନ, ଖେଳ ପ୍ରତିଯୋଗିତା ଏବଂ ସୋସିଆଲ ଆଉଟରିଚ୍ ଗତିବିଧି ମଧ୍ୟ ଏହି ସହଯୋଗର ଅଂଶ ହେବ। ବିଦ୍ୟାର୍ଥୀମାନଙ୍କ ପାଇଁ ଛାତ୍ର ଆଦାନ-ପ୍ରଦାନ କାର୍ଯ୍ୟକ୍ରମ (ଷ୍ଟୁଡେଣ୍ଟ ଏକ୍ସଚେଞ୍ଜ୍ ପ୍ରୋଗାମ) ମାଧ୍ୟମରେ ପ୍ରଶିକ୍ଷଣ, ଇଣ୍ଟର୍ଣ୍ଣସିପ୍ ଏବଂ ଅନୁସନ୍ଧାନ ଅବସର ଉପଲବ୍ଧ କରାଯିବ।

ଚୁକ୍ତି ସ୍ୱାକ୍ଷରିତ ଅବସରରେ ପତଞ୍ଜଳି ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ର. ମୟଙ୍କ କୁମାର ଅଗ୍ରୱାଲ୍, ପରୀକ୍ଷା ନିୟନ୍ତ୍ରକ ପ୍ର. ଅରବିନ୍ଦ କୁମାର ସିଂହ ତଥା ଉତ୍ତରାଖଣ୍ଡ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳସଚିବ, ପରୀକ୍ଷା ନିୟନ୍ତ୍ରକ ଡ. ଭିକେ ପଟେଲ ଏବଂ ଅର୍ଥ ନିୟନ୍ତ୍ରକ ବିକ୍ରମ ସିଂହ ଜନ୍ତୱାଲ୍ ସହିତ ଦୁଇ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀ ଉପସ୍ଥିତ ରହିଥିଲେ। ସମସ୍ତେ ଏହି ଚୁକ୍ତିକୁ ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ଏକ ଐତିହାସିକ ଉଦ୍ୟମ ବୋଲି ଅଭିହିତ କରିଥିଲେ ଏବଂ ଭବିଷ୍ୟତରେ ଏହାକୁ ଆହୁରି ସମ୍ପ୍ରସାରିତ କରିବା ଦିଗରେ ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ।

# ଅକ୍ଷିମୁଠି ଅନୁକୂଳ କଲେ ରାଜ୍ୟପାଳ



**ଭୁବନେଶ୍ୱର,୩୦।୪/ଏନ୍‌ଏନ୍‌ଏସ୍:** ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଅକ୍ଷି ମୁଠି ଅନୁକୂଳ କରିଛନ୍ତି ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି। ଆଜି ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ କୃଷି ବିଜ୍ଞାନ କେନ୍ଦ୍ର (ଗଞ୍ଜାମ-୨), ଗୋଳନ୍ଥରା ଠାରେ ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଯୋଗଦେଇ ରାଜ୍ୟପାଳ ଅକ୍ଷି ମୁଠି ଅନୁକୂଳ କରିଛନ୍ତି। ଏହି ଅବସରରେ ଜ୍ଞାନ, ନବସୃଜନ ଓ ତାଲିମ ମାଧ୍ୟମରେ କୃଷକମାନଙ୍କୁ ସଶକ୍ତ କରିବା ଦିଗରେ କୃଷି ବିଜ୍ଞାନ କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି। ଉପସ୍ଥିତ କୃଷକମାନଙ୍କ ସହ ରାଜ୍ୟପାଳ ଆଲୋଚନା କରି ସେମାନଙ୍କର ଅନୁଭବ ଓ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ ଏବଂ କୃଷି କ୍ଷେତ୍ରରେ ଲାଭାନ୍ୱିତ ହେବା ପାଇଁ କୃଷକମାନେ ଆଧୁନିକ ପ୍ରଣାଳୀ ଓ ଜଳବାୟୁ ଅନୁକୂଳ ପଦ୍ଧତି ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ାଙ୍କ ସମେତ ଜିଲ୍ଲା ପ୍ରଶାସନ ଅଧିକାରୀ ଉପସ୍ଥିତ ଥିଲେ।

ଜାତିଗତ ଜନଗଣନାକୁ କେନ୍ଦ୍ର କ୍ୟାବିନେଟ୍‌ର ସ୍ୱୀକୃତି ପ୍ରସଙ୍ଗ

# ସାମାଜିକ ନ୍ୟାୟର ନୂଆ ଯୁଗ ଆରମ୍ଭ: ଧର୍ମେନ୍ଦ୍ର

**ନୂଆଦିଲ୍ଲୀ/ଭୁବନେଶ୍ୱର,୩୦।୪/ଏନ୍‌ଏନ୍‌ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର କ୍ୟାବିନେଟ୍ ଜାତିଗତ ଜନଗଣନାକୁ ଆଗାମୀ ଜନଗଣନାରେ ସାମିଲ କରିବା ପାଇଁ ସ୍ୱୀକୃତି ଦେଇଥିବାବେଳେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହାକୁ ସ୍ୱାଗତ କରିଛନ୍ତି। ଏନେଇ ଶ୍ରୀ ପ୍ରଧାନ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ ସମତା, ସମରସତା, ସୁଶାସନ ଏବଂ ସାମାଜିକ ନ୍ୟାୟର ଏକ ନୂଆ ଯୁଗ ଆରମ୍ଭ । ବଞ୍ଚିତ, ପଛୁଆ ଲୋକଙ୍କୁ ନୀତି-ନିର୍ମାଣରେ କେନ୍ଦ୍ରରେ ରଖିବା, ସମାଜର ସମସ୍ତ ବର୍ଗଙ୍କୁ ଯୋଡ଼ିବା, ସାମାଜିକ, ଶୈକ୍ଷିକ ଏବଂ ଆର୍ଥିକ ଅସମାନତାକୁ ପାରଦର୍ଶୀ ଏବଂ ପ୍ରମାଣିକ ଶୈଳୀରେ ଦୂର କରିବା ତଥା ସବୁ ବର୍ଗଙ୍କ ପାଇଁ ଉଚିତ୍ ଅଧିକାର ସୁନିଶ୍ଚିତ କରିବା ଦିଗରେ ଏହା ଏକ ସକରାତ୍ମକ ପଦକ୍ଷେପ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବିଗତ ୧୧ ବର୍ଷ ଧରି ସମ୍ବିଧାନର ମୂଳ ଭାବନା ଅନୁସାରେ ସବକା ସାଥ୍- ସବକା ବିକାଶର ସଂକଳ୍ପ ସହ କାମ କରୁଥିବା ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ସରକାର ଚାଲୁଅଛି। ଆଜିର ଏହି ନିର୍ଣ୍ଣୟ ସବକା ସାଥ୍-ସବକା ବିକାଶ ଏବଂ ସାମାଜିକ ନ୍ୟାୟର ଅବଧାରଣାକୁ ସଶକ୍ତ କରିବା ଦିଗରେ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ହେବ। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ସବୁବେଳେ ଜାତି ଗଣନା ବିଷୟରେ ଛଳନା କରିଛନ୍ତି। କଂଗ୍ରେସ ଯେତେବେଳେ ସରକାରରେ ଥିଲା, ସେତେବେଳେ ଏହି ବିଷୟକୁ କେବଳ ଫାଷ୍ଟ ସର୍ଭେ ମଧ୍ୟରେ ସୀମିତ ରଖିଥିଲା। ଏହାକୁ ଜନଗଣନାର ଅଂଶ ଭାବରେ ସାମିଲ କଲାନାହିଁ। କିନ୍ତୁ ମୋଦୀ ସରକାରଙ୍କ ନୀତି ସ୍ପଷ୍ଟ ଏବଂ ଦୂରଦର୍ଶୀ ନିର୍ଣ୍ଣୟାକ ମଧ୍ୟ। ଐତିହାସିକ ଭୁଲକୁ ସୁଧାରୁଥିବା ଏହି ସମ୍ବେଦନଶୀଳ ନିର୍ଣ୍ଣୟ ପ୍ରଧାନମନ୍ତ୍ରୀଙ୍କ ଦୃଢ଼ ଇଚ୍ଛାଶକ୍ତି କାରଣରୁ ସମ୍ଭବ ହୋଇଛି ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି ।




ରାଜ୍ୟକୁ କୁପୋଷଣ ମୁକ୍ତ କରିବା ଲକ୍ଷ୍ୟ

# ମିଶନ ମୋଡରେ କାର୍ଯ୍ୟ କରିବାକୁ ଉପମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୩୦।୪/ଏନ୍‌ଏନ୍‌ଏସ୍:** ରାଜ୍ୟକୁ କୁପୋଷଣ ମୁକ୍ତ କରିବା ଲକ୍ଷ୍ୟରେ ମିଶନ ମୋଡରେ କାର୍ଯ୍ୟ କରିବାକୁ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମହିଳା ଓ ଶିଶୁ ବିକାଶ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଆଜି ଲୋକସେବା ଭବନସ୍ଥିତ ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ବିଭାଗର ସମସ୍ତ କାର୍ଯ୍ୟକ୍ରମ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବାବେଳେ ଶ୍ରୀମତୀ ପରିଡ଼ା ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ଗର୍ଭବତୀ, ପ୍ରସୂତି ମା ଓ କିଶୋରୀମାନଙ୍କର ପୋଷଣକୁ ସଶକ୍ତ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ଅତିଶୟ କୁପୋଷିତ ବ୍ଲକକୁ ଟାର୍ଗେଟ କରି ଏହାକୁ ୧୦୦ ପ୍ରତିଶତ କୁପୋଷଣ ମୁକ୍ତ କରିବା ପାଇଁ ସେ ଦୃଢ ମତ ରଖିଥିଲେ। ଅର୍ଥାତ କୁପୋଷଣ ପ୍ରମୁଖ କାରଣ ଯଥା ସଠିକ ପୋଷଣର ଅଭାବ ଓ ଅସ୍ୱାସ୍ଥ୍ୟକର ପରିବେଶ, ପିଲାମାନଙ୍କର ହାତ ଧୁଆ ଅଭ୍ୟାସ ବିଷୟ ସମ୍ପର୍କରେ ସଚେତନ ସୃଷ୍ଟି କରିବା ଉଦ୍ଦେଶ୍ୟରେ କାର୍ଯ୍ୟ କରିବା ପାଇଁ ଶ୍ରୀମତୀ ପରିଡ଼ା ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶାର ଗାଁ ଗାଁରେ ପୋଷଣ ସମ୍ବନ୍ଧରେ ଜନସଚେତନତା ସୃଷ୍ଟି କରିବା ସହ ମା'ମାନଙ୍କୁ ନିଜର ଓ ଶିଶୁମାନଙ୍କର ପୋଷଣ ପ୍ରତି ସଚେତନ କରିବା ପାଇଁ ସେ ମତ ପ୍ରକାଶ କରିଥିଲେ। ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନଙ୍କର ତାଲିମ ଓ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମକୁ ତ୍ୱରାନିତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏହା ସହ ସୁଭଦ୍ରା ଓ ମମତା କାର୍ଯ୍ୟକ୍ରମ ସମୀକ୍ଷା କରିବା ସହ ସୂଚନା, ଶିକ୍ଷା ଓ ଯୋଗାଯୋଗ(ଆଇଇସି) କାର୍ଯ୍ୟକ୍ରମର ମଧ୍ୟ ସମୀକ୍ଷା କରିଥିଲେ। ଏହି ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶକ ମୋନିଷା ବାନାର୍ଜୀ ଓ ବିଭାଗୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

# 'ରନ୍ ଫର୍ ୱାନ୍ ନେସନ୍, ୱାନ୍ ଇଲେକ୍ସନ୍'ର ଶୁଭାରମ୍ଭ




**ନୂଆଦିଲ୍ଲୀ, ଭୁବନେଶ୍ୱର,୩୦।୪/ଏନ୍‌ଏନ୍‌ଏସ୍:** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ନୂଆଦିଲ୍ଲୀ ଠାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ 'ରନ୍ ଫର୍ ୱାନ୍ ନେସନ୍, ୱାନ୍ ଇଲେକ୍ସନ୍' କାର୍ଯ୍ୟକ୍ରମକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଏପରି ପ୍ରୟାସକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରଶଂସା କରିବା ସହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ଗୋଟିଏ ଦେଶ- ଗୋଟିଏ ନିର୍ବାଚନ ଉପରେ ବିମର୍ଶ ଆଜି କେବଳ ସଂସଦ ପର୍ଯ୍ୟନ୍ତ ନୁହେଁ ବରଂ ଜନମାନସର ଏକ ଅଭିଯାନ ବନାଯାଉଛି। ଅର୍ଥାତ୍ ୱାନ୍ ନେସନ, ୱାନ୍ ଇଲେକ୍ସନ ଜାତୀୟ ଆନ୍ଦୋଳନରେ ପରିଣତ ହୋଇଛି। ଆଜି ଆମେ ଦୌଡୁଛୁ, ଦେଶର ବିକାଶ ଏବଂ ଭବିଷ୍ୟତ ପାଇଁ। କିଛି ବି ବଡ଼ ରାଜନୈତିକ ନିଷ୍ପତିକୁ ନିର୍ଣ୍ଣାୟକସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ନୀତି, ଯୋଜନା କରିବା ପାଇଁ ଜନଭାଗିଦାରୀ ଆବଶ୍ୟକ। ଆଜିର ସମୟ ହୋଇଛି, ଗଣତନ୍ତ୍ର ବ୍ୟବସ୍ଥାକୁ ସଶକ୍ତ କରିବା ଏବଂ ଗୋଟିଏ ରାଷ୍ଟ୍ର - ଗୋଟିଏ ନିର୍ବାଚନକୁ ଜନ ଅଭିଯାନ, ଜନସମ୍ବାଦ ଏବଂ ଜନ ଆନ୍ଦୋଳନରେ ପରିଣତ କରିବା। ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର ଏବଂ ୱାନ ନେସନ ୱାନ ଇଲେକ୍ସନର ଲାଭ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଦିଗରେ ଏହା ଏକ ଜନ ଆନ୍ଦୋଳନ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ଦିଲ୍ଲୀର ଗୃହ, ଶିକ୍ଷା ଓ ତାଲିମ ମନ୍ତ୍ରୀ ଆଶିଷ ସୁଦ୍, ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରମୁଖ ସାମିଲ ହୋଇଥିଲେ।

ରାଜ୍ୟ ସରକାରଙ୍କ ପାଇଁ ମହିଳା ସଶକ୍ତୀକରଣ

# ସ୍ଲୋଗାନ୍ ନୁହେଁ, ଏକ ଆନ୍ଦୋଳନ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩୦।୪/ଏନ୍‌ଏନ୍‌ଏସ୍:** ଆମ ସରକାରଙ୍କ ପାଇଁ ମହିଳା ସଶକ୍ତୀକରଣ କେବଳ ଏକ ସ୍ଲୋଗାନ୍ ନୁହେଁ, ଏହା ଏକ ଆନ୍ଦୋଳନ, ଏକ ସଂକଳ୍ପ। ଓଡ଼ିଶାର ପ୍ରତିଟି ମହିଳା ନିଜ ଲାଗି ସ୍ୱପ୍ନ ଦେଖି ତାକୁ ସାକାର କରିବା ଏବଂ ଆତ୍ମବିଶ୍ୱାସର ସହ ନେତୃତ୍ୱ ଦେବା ପାଇଁ ଆଗେଇ ଆସିବା ଅତ୍ୟନ୍ତ ଆନନ୍ଦର ବିଷୟ। ଯେତେବେଳେ ମହିଳାମାନେ ଉନ୍ନତି କରନ୍ତି, ସମାଜ ସମୃଦ୍ଧ ହୁଏ ଏବଂ ଅର୍ଥନୀତି ବିକଶିତ ହୁଏ। ଆମ ମା', ଭଉଣୀ ଓ ଝିଅମାନଙ୍କର ସମାନ ଭାଗୀଦାରୀ ବିନା ଓଡ଼ିଶାର ପ୍ରଗତି ଅସମ୍ପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି।

ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ଦ୍ୱାରା ଭୁବନେଶ୍ୱରର ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ଇନ୍‌ୱେକ୍ ଓମେନ୍ ବିଜନେସ୍ ମେଳାର ୧୦୦ ବର୍ଷ ପୂର୍ତ୍ତି ସମାରୋହର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ମେଳାକୁ, 'ନାରୀ ଶକ୍ତିର ମହୋତ୍ସବ' ବୋଲି କହିବା ସହିତ ଓଡ଼ିଶାର ପ୍ରତିଟି ମହିଳା ନିଜ ଲାଗି ସ୍ୱପ୍ନ ଦେଖି ତାକୁ ସାକାର କରିବା ପାଇଁ ଦୃଢ଼ ଇଚ୍ଛାଶକ୍ତି ରଖିବା ଆବଶ୍ୟକ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଇନ୍‌ୱେକ୍ ଓମେନ୍ ବିଜନେସ୍ ମେଳା କେବଳ ଓଡିଶା ନୁହେଁ ବରଂ ସାରା ଭାରତର ମହିଳାମାନଙ୍କ ପାଇଁ ଉଦ୍ୟୋଗୀ ହେବା ପାଇଁ ପ୍ରେରଣା ପ୍ରଦାନ କରିବ। ଆମେ ନିକଟରେ, ଉତ୍କର୍ଷ ଓଡ଼ିଶା-ମେକ ଇନ୍ ଓଡିଶା କନକ୍ଲେଭ, ସୁଭଦ୍ରା ଶକ୍ତି ମେଳା ଆୟୋଜନ କରିଥିଲୁ। ସେଥିରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ଆଉ ଆଜି ଆମେ ଏହି ମେଳାରେ ସେହି ବାସ୍ତବିକତାକୁ ଦେଖୁଛୁ। ଅର୍ଥନୀତି କ୍ଷେତ୍ରରେ ମହିଳାଙ୍କ ଯୋଗଦାନ ରହିଛି ଏବଂ ସୁଭଦ୍ରା ଯୋଜନା ଓ ଲକ୍ଷପତି ଦିଦି ଯୋଜନାର ସଫଳତା ହିଁ ଏହାର ଜ୍ୱଳନ୍ତ ଉଦାହରଣ ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସୁଭଦ୍ରା ଯୋଜନା କେବଳ ଏକ ଆର୍ଥିକ ସହାୟତା ନୁହେଁ, ଏହା ଅର୍ଥନୈତିକ ସ୍ୱାଧୀନତାର ବାର୍ତ୍ତାବହ ଏବଂ ୯୦ ପ୍ରତିଶତରୁ ଅଧିକ ମହିଳା ସୁଭଦ୍ରା ସହାୟତାର ସଦୁପଯୋଗ କରିଛନ୍ତି। ଆମେ ୨୦୨୭ ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା ଲକ୍ଷ୍ୟ ରଖିଛୁ । ତେବେ, ସମସ୍ତଙ୍କ ପାଇଁ ଖୁସିର ବିଷୟ ଯେ, ବର୍ତ୍ତମାନ ସୁଦ୍ଧା ୧୭ ଲକ୍ଷ ମହିଳା ଲକ୍ଷପତି ଦିଦି ହୋଇସାରିଛନ୍ତି । ଲକ୍ଷପତି ଦିଦି ସୃଷ୍ଟି କରିବାରେ ଓଡ଼ିଶା ସାରା ଦେଶରେ ପ୍ରଥମ ସ୍ଥାନ ହାସଲ କରିଛି। ଆମେ ମହିଳା ଉଦ୍ୟୋଗୀମାନଙ୍କୁ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବା ନିମନ୍ତେ ଦକ୍ଷତା ବିକାଶ, ବଜାର ସଂଯୋଗ ଏବଂ ଆର୍ଥିକ ପ୍ରବେଶରେ ନିବେଶ କରୁଛୁ ଏବଂ ଓଡ଼ିଶାକୁ ଓମେନ-ଲେଡ୍ ବିକାଶର ଏକ କେନ୍ଦ୍ର ଭାବେ ଗଢ଼ି ତୋଳିବାରେ ଇନ୍‌ୱେକ୍ ଓମେନ୍ ବିଜନେସ୍ ମେଳା ଭଳି କାର୍ଯ୍ୟକ୍ରମ ଖୁବ୍ ସହାୟକ ହେବ। ୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନ କରିବାରେ ମହିଳା ମାନେ ହେବେ ଶ୍ରେଷ୍ଠ ଭାଗୀଦାର ଏବଂ ଆମ ସରକାର ଏଥି ପାଇଁ ପୁରା ସମର୍ଥନ ଯୋଗାଇ ଦେବେ।



ଇନ୍‌ୱେକ୍ ଓମେନ୍ ବିଜନେସ୍ ମେଳାର ଉଦ୍‌ଘାଟିତ

କାର୍ଯ୍ୟକ୍ରମରେ ଯୋଗଦେଇ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକଶିକ୍ଷା ମନ୍ତ୍ରୀ, ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ଏହି ସମାବେଶ, ଓଡିଆ ମହିଳା ଉଦ୍ୟୋଗୀଙ୍କୁ ଆହୁରି ଉତ୍ସାହିତ କରିବା ସହ ଆର୍ଥିକ ସ୍ୱାଧୀନତା ପାଇଁ ଭବିଷ୍ୟତର ରାସ୍ତା ଖୋଲିବ। ଓଡ଼ିଶା ବିକାଶରେ ମହିଳା ଉଦ୍ୟୋଗୀ ମାନେ ହିଁ ଏକ ସମୃଦ୍ଧ ପରିବର୍ତ୍ତନର ସ୍ୱର। ଏହି ଅବସରରେ ଶିଳ୍ପ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା କହିଥିଲେ ଯେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟକୁ ସଫଳତାର ରୂପାୟନ ଦେଇ ମହିଳା ମାନେ ଆଜି ପାରମ୍ପରିକ ଉଦ୍ୟୋଗ ସହିତ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଦ୍ୱାରା ସଶକ୍ତ ହେଉଛନ୍ତି ।ଉକ୍ତ କାର୍ଯ୍ୟକ୍ରମରେ ଆଇସିସି ଚେୟାରପର୍ସନ ରାଜୀବ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ, ଇନ୍-ୱେକ୍ ର କୋ-କନଭେନର, ସ୍ୱାତୀ କେଜରିୱାଲ, ଆଇସିସି ଭାଇସ ଚେୟାରପର୍ସନ, ପ୍ରୀତି ପଲ୍ଲବୀ ପଟନାୟକ, କନଭେନର, ଧର୍ମାଦିତ୍ୟ ପଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ।

ହୋମ୍‌ଗାର୍ଡଙ୍କ ପତ୍ନୀଙ୍କୁ ନିଯୁକ୍ତିପତ୍ର ଦେଲେ ମୁଖ୍ୟମନ୍ତ୍ରୀ

# ପ୍ରଭାସିନୀ, ଦେବୀ ଶବରଙ୍କୁ ୧୦ ଲକ୍ଷ ଲେଖାଏଁ ସହାୟତା

**ଭୁବନେଶ୍ୱର,୩୦।୪/ଏନ୍‌ଏନ୍‌ଏସ୍:** ହୋମଗାର୍ଡ ଭାବେ କାର୍ଯ୍ୟ କରୁଥିବା ଜଗବନ୍ଧୁ ମାହାଲି ଓ ଓଏପିଏଫ୍ ଯବାନ ଭାବେ କାର୍ଯ୍ୟ ଲୋକନାଥ ଶବର ଗତ ୨୨ରେ ପିସିଆର୍ ଭ୍ୟାନ୍‌ରେ ଯାଉଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ପ୍ରାଣ ହରାଇଥିଲେ। ଉଭୟଙ୍କ ପତ୍ନୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଯୁକ୍ତି ପତ୍ର ଦେବା ସହିତ ୧୦ ଲକ୍ଷ କରି ସହାୟତା ପ୍ରଦାନ କରିଛନ୍ତି। ସେମାନଙ୍କ ଦୁଃଖ ସମୟରେ ସରକାର ସହାୟତାର ହାତ ବଢ଼ାଇଥିବାରୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ବୁଧବାର ଲୋକସେବା ଭବନରେ ପ୍ରବାସିନୀ ବେହେରା ଓ ଦେବୀ ଶବର ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ମୁଖ୍ୟମନ୍ତ୍ରୀ ଉଭୟଙ୍କୁ ହୋମଗାର୍ଡ ପଦବୀ ପାଇଁ ନିଯୁକ୍ତି ପତ୍ର ଓ ୧୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କର ଭଲ ମନ୍ଦ ପଚାରି ବୁଝିଥିଲେ ଏବଂ ଅଧୈର୍ଯ୍ୟ ନ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ସରକାର ସେମାନଙ୍କ ସହିତ ଅଛନ୍ତି। ସେମାନଙ୍କର ଆଗାମୀ ଜୀବନ ଓ ପରିବାର ପାଇଁ ମୁଖ୍ୟମନ୍ତ୍ରୀ ସର୍ବକୁଶଳ କାମନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ, ହୋମଗାର୍ଡ ଓ ଅଗ୍ନିଶମ ବିଭାଗର ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡ଼ଙ୍ଗୀ ଓ ଅନ୍ୟ ବରିଷ୍ଠ ପୁଲିସ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ଦୁର୍ଘଟଣାରେ ପ୍ରାଣ ହରାଇଥିଲେ ଉଭୟଙ୍କ ସ୍ୱାମୀ

ଆଇସିଏସ୍‌ଇ ଓ ଆଇଏସ୍‌ସି ରେଜଲ୍ଟ ପ୍ରକାଶ

# ଓଡ଼ିଶାରେ ପାସ୍‌ହାର ୯୭.୮୦%, ୯୮.୮୯%

**ଭୁବନେଶ୍ୱର,୩୦।୪/ଏନ୍‌ଏନ୍‌ଏସ୍:** କାଉନସିଲ ଫର୍ ଦ ଇଣ୍ଡିଆନ୍ ସ୍କୁଲ୍ ସାର୍ଟିଫିକେଟ୍ ଏକଜାମିନେସନ (ସିଆଇଏସ୍‌ସିଇ) ଦ୍ୱାରା ପରିଚାଳିତ ୨୦୨୫ ଆଇସିଏସ୍‌ଇ(ଦଶମ) ଏବଂ ଆଇଏସ୍‌ସି(+୨) ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଚଳିତବର୍ଷ ଓଡ଼ିଶାରେ ପାସ୍‌ହାର ଦଶମରେ ୯୭.୮୦% ରହିଥିବା ବେଳେ ଯୁକ୍ତଦୁଇରେ ୯୮.୮୯% ରହିଛି। ତେବେ ଚଳିତବର୍ଷ ରାଜ୍ୟରେ ମୋଟ୍ ୯୬ଟି ଆଇସିଏସ୍‌ଇ ସ୍କୁଲ ଓ ୩୫ଟି ଆଇଏସ୍‌ସି ସ୍କୁଲରୁ ମୋଟ୍ ୧୦୫୯୬ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିରୁ ଆଇସିଏସ୍‌ଇ ବା ଦଶମ ଶ୍ରେଣୀରୁ ୮୯୬୮ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ଛାତ୍ରଙ୍କ ସଂଖ୍ୟା ୫୧.୮୮% ଅର୍ଥାତ ୪୬୫୩ଜଣ ରହିଥିବା ବେଳେ ଛାତ୍ରୀଙ୍କ ସଂଖ୍ୟା ୪୮.୧୨% ଅର୍ଥାତ ୪୩୧୫ଜଣ ରହିଥିଲେ। ସେହିପରି ଆଇଏସ୍‌ସି ବା +୨ ପରୀକ୍ଷାରେ ମୋଟ୍ ୧୬୨୮ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ଛାତ୍ରଙ୍କ ସଂଖ୍ୟା ୫୨.୪୦% ଅର୍ଥାତ ୮୫୩ଜଣ ରହିଥିବା ବେଳେ ଛାତ୍ରୀଙ୍କ ସଂଖ୍ୟା ୪୭.୬୦% ଅର୍ଥାତ ୭୭୫ଜଣ ରହିଥିଲେ। ଚଳିତବର୍ଷ ରାଜ୍ୟରେ ଆଇସିଏସ୍‌ଇ ବା ଦଶମ ପରୀକ୍ଷାରେ ମୋଟ୍ ପାସ୍‌ହାର ୯୭.୮୦% ରହିଥିବା ବେଳେ ଆଇଏସ୍‌ସି ବା +୨ ପରୀକ୍ଷାରେ ପାସ୍‌ହାର ରାଜ୍ୟରେ ୯୮.୮୯% ରହିଛି। ଆଇସିଏସ୍‌ଇରେ ଛାତ୍ରୀଙ୍କ ପାସ୍‌ହାର ସର୍ବାଧିକ ୯୮.୨୨% ରହିଥିବା ବେଳେ ଛାତ୍ରଙ୍କ ପାସ୍‌ହାର୍ ୯୭.୪୨% ରହିଛି। ସେହିପରି ଆଇଏସ୍‌ସିରେ ଛାତ୍ରୀଙ୍କ ପାସ୍‌ହାର ମଧ୍ୟ ସର୍ବାଧିକ ୯୯.୧୦% ରହିଥିବା ବେଳେ ଛାତ୍ରଙ୍କ ପାସ୍‌ହାର୍ ୯୮.୭୧% ରହିଛି ।ଆଇସିଏସ୍‌ଇରେ ମୋଟ୍ ୪୫୩୩ଜଣ ଛାତ୍ରପାସ୍ କରିଥିବା ବେଳେ ୧୨୦ଜଣ ଫେଲ ହୋଇଛନ୍ତି। ଫଳରେ ଫେଲ୍ ହାର ୨.୫୮% ରହିଛି। ସେହିପରି ୪୨୩୮ଜଣ ଛାତ୍ରୀ ପାସ୍ କରିଥିବା ବେଳେ ୭୭ଜଣ ଫେଲ୍ ହୋଇଛନ୍ତି। ଛାତ୍ରୀଙ୍କ ଫେଲ୍ ହାର ୧.୭୮% ଆଇଏସ୍‌ସି ରେ ମୋଟ୍ ୮୪୨୩ଜଣ ଛାତ୍ରପାସ୍ କରିଥିବା ବେଳେ ୧୧ଜଣ ଫେଲ ହୋଇଛନ୍ତି। ଫଳରେ ଫେଲ୍ ହାର ୨୧.୨୯% ରହିଛି। ସେହିପରି ୭୬୮ଜଣ ଛାତ୍ରୀ ପାସ୍ କରିଥିବା ବେଳେ ୭ଜଣ ଛାତ୍ରୀ ଫେଲ୍ ହୋଇଛନ୍ତି। ଛାତ୍ରୀଙ୍କ ଫେଲ୍ ହାର ୦.୯୦% ରହିଛି।

ସେହିପରି ଆଇସିଏସ୍‌ଇରେ ୬୨୮ଜଣ ଏସ୍‌ସି ବର୍ଗର ଛାତ୍ରଛାତ୍ରୀ ୯୫.୫୪% ମାର୍କ ହାସଲ କରିଥିବା ବେଳେ ୧୧୩ଜଣ ଏସ୍‌ଟି ବର୍ଗର ଛାତ୍ରଛାତ୍ରୀ ୯୨.୩୨% ମାର୍କ ରଖିଛନ୍ତି। ସେହିପରି ଓବିସି ବର୍ଗରେ ୧୬୬୪ଜଣ ୯୮.୬୬% ମାର୍କ ରହଖିଛନ୍ତି। ଆଇଏସ୍‌ସି ରେ ୯୬ଜଣ ଏସ୍‌ସି ବର୍ଗର ଛାତ୍ରଛାତ୍ରୀ ୯୮.୯୬% ମାର୍କ ହାସଲ କରିଥିବା ବେଳେ ୨୪୪ଜଣ ଏସ୍‌ଟି ବର୍ଗର ଛାତ୍ରଛାତ୍ରୀ ୯୮.୩୬% ମାର୍କ ରଖିଛନ୍ତି। ସେହିପରି ଓବିସି ବର୍ଗରେ ୧୭୮ଜଣ ୯୮.୩୧% ମାର୍କ ରଖିଛନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ କବି ଶ୍ରୀ ଜୟଦେବଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

କଂଗ୍ରେସ ପକ୍ଷରୁ ରାଜ୍ୟସ୍ତରୀୟ ଅକ୍ଷିମୁଠି ଅନୁକୂଳ

# 'ଚାଷୀଙ୍କ ହକ୍ ପାଇଁ ଲଢ଼େଇ କରିବ ଦଳ'

**ଭୁବନେଶ୍ୱର,୩୦।୪/ଏନ୍‌ଏନ୍‌ଏସ୍:** ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନକ୍ରମେ ଆଜି ରାଜ୍ୟର ସମସ୍ତ ଜିଲ୍ଲାରେ ଜିଲ୍ଲା କଂଗ୍ରେସ କମିଟି ଓ ଜିଲ୍ଲା କିଷାନ କଂଗ୍ରେସର ମିଳିତ ଆନୁକୂଲ୍ୟରେ ପାରମ୍ପରିକ ରୀତିରେ କ୍ଷେତରେ ଅକ୍ଷିମୁଠି ଅନୁକୂଳ କରାଯାଇଛି। ସେହିପରି ଖୋର୍ଦ୍ଧା ଜିଲ୍ଲା ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଟିକରପଡ଼ା ପଞ୍ଚାୟତର କଲ୍ୟାଣପୁରଠାରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ବିଶ୍ୱଜିତ ଦାଶଙ୍କ ପୌରହିତ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ଅକ୍ଷିମୁଠି ଅନୁକୂଳ ଉତ୍ସବରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭୂମିପୂଜା କରିବା ସହିତ ଅକ୍ଷିମୁଠି ଅନୁକୂଳର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସଭାପତି ଶ୍ର ଦାସ ଚାଷୀଙ୍କ ହକ୍ ପାଇଁ ସଂକଳ୍ପ, ସଂଘର୍ଷ ଓ ସମର୍ପଣ ଦ୍ୱାରା କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି କହିଥିଲେ।



ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଅଖିଳ ଭାରତ କଂଗ୍ରେସ କମିଟି ସମ୍ପାଦକ ଓଡ଼ିଶାସହ ପ୍ରଭାରୀ ସାହାନୱାଜ ଚୌଧୁରୀ, ଏକ୍ରାମ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଚମ୍ପତି ପ୍ରମୁଖ ପସ୍ଥିତ ଥିଲେ।

ପିସିସି ସଭାପତିଙ୍କ ପହଲ୍‌ଗାମ ଆତଙ୍କବାଦୀ ଆକ୍ରମଣ ସମ୍ପର୍କିତ ବକ୍ତବ୍ୟ

# ଅତ୍ୟନ୍ତ ନିନ୍ଦନୀୟ, ଆଦୌ ଗ୍ରହଣଯୋଗ୍ୟ ନୁହେଁ: ବିଜେପି

**ଭୁବନେଶ୍ୱର,୩୦।୪/ଏନ୍‌ଏନ୍‌ଏସ୍:** ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ନେଇ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ବୟାନ ଅତ୍ୟନ୍ତ ନିନ୍ଦନୀୟ। ଏହା ଆଦୌ ଗ୍ରହଣଯୋଗ୍ୟ ନୁହେଁ। କେନ୍ଦ୍ର ସରକାର ନାଟକ କରୁଛନ୍ତି ଏବଂ ଦୁଇଟି ରାଜ୍ୟରେ ଆଗାମୀ ଦିନରେ ନିର୍ବାଚନ ହେବାକୁ ଯାଉଥିବାରୁ ଆତଙ୍କବାଦୀ ଆକ୍ରମଣ କରାଗଲା ବୋଲି ଭକ୍ତ ଦାସଙ୍କ ବକ୍ତବ୍ୟ ଦର୍ଶାଉଛି ଯେ, ସେ ଆତଙ୍କବାଦୀମାନଙ୍କୁ ବଂଚାଇବା ଓ ସେମାନଙ୍କୁ ଦୋଷ ମୁକ୍ତ କରିବା ପାଇଁ ଚାହୁଁଛନ୍ତି ବୋଲି ବିଜେପି ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି। ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ସାରା ବିଶ୍ୱ ଜାଣିଛି ଯେ ପାକିସ୍ତାନ ହେଉଛି ଆତଙ୍କବାଦର କେନ୍ଦ୍ର ଓ ପହଲଗାମରେ ଆତଙ୍କବାଦୀମାନେ ଧର୍ମ ପଚାରି ଓ କଲମା ପଢ଼ିବାକୁ କହି ନୀରିହ ଲୋକଙ୍କୁ ଗୁଳିମାରି ହତ୍ୟା କରିଛନ୍ତି। କେବଳ ଭକ୍ତ ଦାସ ଓ କଂଗ୍ରେସର କେତେଜଣ ନେତାଙ୍କୁ ଆତଙ୍କବାଦୀଙ୍କ ଉଦ୍ଦେଶ୍ୟ ଓ ସେମାନଙ୍କର ବର୍ବରତା ଦେଖାଯାଉ ନାହିଁ। କଂଗ୍ରେସ ଦଳର କିଛି ନେତା ଓ ଭକ୍ତ ଦାସ ଯେଉଁ ଭଳି ଭାବେ କହୁଛନ୍ତି ଯେ, ଆତଙ୍କବାଦୀଙ୍କର ଧର୍ମ ନାହିଁ, ନିର୍ବାଚନକୁ ଆଖି ଆଗରେ ରଖି ଆତଙ୍କବାଦୀ ଆକ୍ରମଣ କରାଗଲା ସେମାନେ କେଉଁଠି ନା କେଉଁଠି ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ୨୮ ଜଣଙ୍କର ପରିବାରଙ୍କ କଟା ଘା'ରେ ଲୁଣ ଦେଉଛନ୍ତି। ଯଦି ନିର୍ବାଚନକୁ ଆଖି ଆଗରେ ରଖି ପହଲଗାମଠାରେ ଆତଙ୍କବାଦୀମାନେ ଆକ୍ରମଣ କରିଛନ୍ତି ବୋଲି ଭକ୍ତ ଦାସ କହୁଛନ୍ତି ତେବେ ସେ ଜବାବ ଦିଅନ୍ତୁ, ୧୯୮୪ ମସିହାରେ କ'ଣ କଂଗ୍ରେସ ଦଳ ଆତଙ୍କବାଦୀଙ୍କୁ ଲଗାଇ ଇନ୍ଦିରା ଗାନ୍ଧୀଙ୍କୁ ହତ୍ୟା କରିଥିଲା କି ? କାରଣ ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ପରେ କଂଗ୍ରେସ ଦଳ ସରକାରଙ୍କ ପାଂଚ ବର୍ଷର ସମୟସୀମା ପୂରି ନ ଥିଲେ ବି ରାଜୀବ ଗାନ୍ଧୀଙ୍କ ନେତୃତ୍ୱରେ ଆଗୁଆ ନିର୍ବାଚନକୁ ଯାଇଥିଲା । ଇନ୍ଦିରା ଗାନ୍ଧୀଙ୍କ ହତ୍ୟାକାରୀ ଭିଣ୍ଡରୱାଲଙ୍କୁ କଂଗ୍ରେସ ଦଳ ସରକାର ସମୟରେ ହିଁ ପୃଷ୍ଟପୋଷକତା ଦିଆଯାଇଥିଲା । ସେହିଭଳି ୧୯୯୧ ମସିହା ନିର୍ବାଚନ ପ୍ରଚାର ସମୟରେ ରାଜୀବ ଗାନ୍ଧୀଙ୍କ ହତ୍ୟା ହୋଇଥିଲା। ସେଥିରେ କ'ଣ କଂଗ୍ରେସ ଦଳର ହାତ ଥିଲା କି ? କାରଣ ସେହି ନିର୍ବାଚନ ମଧ୍ୟ କଂଗ୍ରେସ ଦଳ ଜିତିଥିଲା । ଆମେ କେବ ବି ଏହି ଦୁଃଖଦ ଘଟଣାରେ ରାଜନୀତି କରିନାହୁଁ କି ପ୍ରଶ୍ନ କରିନାହୁଁ । ଭକ୍ତ ଦାସ ତୁରନ୍ତ ନିଜର ବକ୍ତବ୍ୟକୁ ପ୍ରତ୍ୟାହାର କରନ୍ତୁ ଓ ରାଜ୍ୟବାସୀଙ୍କ ଆଗରେ ନିସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି।



# ଆର୍‌ଟିଇ ପାରଦର୍ଶୀ ପୋର୍ଟାଲ୍ ପାଇଁ କମିଟି ଗଠନ

**ଭୁବନେଶ୍ୱର,୩୦।୪/ଏନ୍‌ଏନ୍‌ଏସ୍:** ଆରଟିଇ ପାରଦର୍ଶୀ ପୋର୍ଟାଲ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରାଯାଇଛି। କମିଟିରେ ଗଣଶିକ୍ଷା ବିଭାଗର ଆଉ ୨ ଜଣ ଅତିରିକ୍ତ ସଚିବ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ସଦସ୍ୟ ରହିଛନ୍ତି। ଏହି କମିଟିରେ ଅଧ୍ୟକ୍ଷ ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ସଂଗ୍ରାମ କେଶରୀ ମହାପାତ୍ର ରହିଥିବା ବେଳେ ସଦସ୍ୟ ଭାବେ ବିଭାଗର ଅତିରିକ୍ତ ସଚିବ ଦୁର୍ଗା ପ୍ରସାଦ ମହାପାତ୍ର ଏବଂ ଉପନିର୍ଦ୍ଦେଶିକା ସୁଶ୍ରୀ ସଙ୍ଗୀତା ପଣ୍ଡା ରହିଛନ୍ତି। ସେହିପରି ମେମ୍ବର କନ୍‌ଭେନର ଭାବେ ଅତିରିକ୍ତ ସଚିବ ଜଦୁମଣୀ ମହାଲାଙ୍କୁ ନିୟୋଜିତ କରାଯାଇଛି। ଏହି କମିଟି ଆରଟିଇ ପାରଦର୍ଶୀ ପୋର୍ଟାଲ ମାଧ୍ୟମରେ ଅନଲାଇନ ଆଡମିଶନ ପ୍ରକ୍ରିୟାର କମିଟି ଅନୁଧ୍ୟାନ କରିବ। ଆଡମିଶନ ପାଇଁ ଆସୁଥିବା ବିଭିନ୍ନ ଅଭିଯୋଗକୁ ଗ୍ରହଣ କରି ଏହାର ସମାଧାନ କରିବ। ଆଡମିଶନ ପ୍ରକ୍ରିୟାକୁ ପାଇଁ କମିଟି ବିଭିନ୍ନ ପରାମର୍ଶ ଦେବ। ସୂଚନାଯୋଗ୍ୟ ଯେ ଘରୋଇ ସ୍କୁଲରେ ଗରିବ ପିଲାଙ୍କ ନାମଲେଖା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପାରଦର୍ଶୀ ପୋର୍ଟାଲ କରାଯାଇଛି।

### ମହାକବି ଶ୍ରୀଜୟଦେବ ଜୟନ୍ତୀ ଓ ଅକ୍ଷୟ ତୃତୀୟା ଉତ୍ସବ

# ଜୟଦେବ ପୀଠର ବିକାଶ, ସୌନ୍ଦର୍ଯ୍ୟକରଣ ପାଇଁ ୭ କୋଟି

- ପ୍ରକଳ୍ପ ପାଇଁ ଭିତ୍ତି ରଖିଲେ ମୁଖ୍ୟମନ୍ତ୍ରୀ
- କେନ୍ଦୁଲି ଗ୍ରାମ ହେବ ଆଦର୍ଶ ଗ୍ରାମ



**ଭୁବନେଶ୍ୱର,୩୦।୪/ଏନ୍‌ଏନ୍‌ଏସ୍:** ବୁଧବାର କବି ଶ୍ରୀଜୟଦେବଙ୍କ ଜନ୍ମ ପୀଠ କେନ୍ଦୁଲିଠାରେ ଜୟଦେବ ଜୟନ୍ତୀ ସହ ଅକ୍ଷୟ ତୃତୀୟା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜୟଦେବ ପୀଠର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ୭ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତି ରଖିଥିଲେ। ଏଥିରେ ଅନେକ ପ୍ରକାରର ଫୁଲ ବଗିଚା ଓ ୧୦ଟି ଫର୍ଦ୍ଦ ପୋଖରୀ ଏବଂ ବିଭିନ୍ନ ପ୍ରକାରର ଲତାଜାତୀୟ ଗଛର ବଗିଚା ସୃଷ୍ଟି କରାଯିବ। ସେଠାରେ ସହିତ କବିଙ୍କ ସମୟର ପ୍ରାକୃତିକ ସୌନ୍ଦର୍ଯ୍ୟର ପୁନରୁଦ୍ଧାର କରିବା ପାଇଁ ଉଦ୍ୟମ କରାଯିବ। ଏହା ସହିତ ପୀଠର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଆହୁରି ଅନେକ ପ୍ରକଳ୍ପ ଘୋଷଣା କରିଥିଲେ। ଏଥିରେ ଏଣ୍ଟ୍ରାନ୍ସ ଗେଟ୍, ଦଶବତାର ପ୍ଲାଜା, ପଦ୍ମ ପୋଖରୀର ସୌନ୍ଦର୍ଯ୍ୟକରଣ, ବିଭିନ୍ନ କୁଞ୍ଜ'ର ବିକାଶ, କ୍ରାଫ୍ଟ ସପ୍, ଫୁଡ୍ କୋର୍ଟ ଆଦିର ବିକାଶ କରାଯିବ। ଏହି ପୀଠକୁ ମହାପ୍ରଭୁ ଶ୍ରୀ ଜଗନ୍ନାଥ ସ୍ୱୟଂ ଆସିଛନ୍ତି । ତେଣୁ ଏହାର ସୌନ୍ଦର୍ଯ୍ୟକରଣ ପାଇଁ ଯାହା ଅର୍ଥ ଆବଶ୍ୟକ ରାଜ୍ୟ ସରକାର ଯୋଗାଇ ଦେବେ। ଏହାର ବିକାଶ ପାଇଁ ସଂସ୍କୃତି, ପର୍ଯ୍ୟଟନ ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମିଳିତ ଭାବେ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି ପୀଠକୁ ବିକାଶ କରି ଏହାକୁ ଏକ ଆଦର୍ଶ ଗ୍ରାମରେ ପରିଣତ କରନ୍ତୁ ବୋଲି ସେଠାରେ ଉପସ୍ଥିତ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, ଜୟଦେବ ପୀଠକୁ ଏକ ଆଧ୍ୟାତ୍ମିକ ବିଶ୍ୱସ୍ତରୀୟ ପୀଠରେ ପରିଣତ କରାଯିବ। କାରଣ କବି ଜୟଦେବ ଓ 'ଗୀତଗୋବିନ୍ଦ' ଆମ ସାଂସ୍କୃତିକ ପରିଚୟର ଏକ ଅବିଚ୍ଛେଦ୍ୟ ଅଙ୍ଗ। କବି ଜୟଦେବ ଆମ ଓଡ଼ିଆ ଅସ୍ମିତାର ଅନ୍ୟତମ ମହାନାୟକ। ଜୟଦେବ କେବଳ ଯେ ଗୀତ ଗୋବିନ୍ଦ ପାଇଁ ପୂଜ୍ୟ, ତାହା ନୁହେଁ; ଏ ଦେଶ ଯେଉଁ କେତେଜଣ ମହାନ ଶାସ୍ତ୍ରୀୟ ସଂସ୍କୃତ କବିଙ୍କୁ ଜନ୍ମ ଦେଇଛି, ସେମାନଙ୍କ ସହିତ ଜୟଦେବ ସମକକ୍ଷ। ଅଶ୍ୱଘୋଷ, ଭାସ, କାଳିଦାସ, ଭର୍ତ୍ତୃହରିଙ୍କ ଠାରୁ ଆରମ୍ଭ କରି ବିଲ୍ହଣ ଓ ଶ୍ରୀହର୍ଷ ପ୍ରମୁଖ ଶାସ୍ତ୍ରୀୟ ସଂସ୍କୃତ କବି ଥିଲେ। ଏହି କ୍ରମରେ ଶେଷ ହେଉଛନ୍ତି ଜୟଦେବ। ତାଙ୍କର ଏହି କୃତି, କାଳିଦାସଙ୍କ ମେଘଦୂତଙ୍କ ସହିତ ସମକକ୍ଷ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ସେ କହିଥିଲେ ଯେ, ଭାରତର ପ୍ରଥମ ଆଞ୍ଚଳିକ ଭାଷାଭିତ୍ତିକ ଗ୍ରନ୍ଥ ଭାବେ ସ୍ୱୀକୃତ ଓଡ଼ିଆ ଭାଷାରେ ସାରଳା ଦାସଙ୍କ ମହାଭାରତ, ଜଗନ୍ନାଥ ଦାସଙ୍କ ଭାଗବତ ଓ ବଳରାମ ଦାସଙ୍କ ଦାଣ୍ଡି ରାମାୟଣ ରଚନାର ବହୁ ପୂର୍ବରୁ ଓଡ଼ିଆ କବି ଶ୍ରୀ ଜୟଦେବଙ୍କ 'ଗୀତଗୋବିନ୍ଦ', ସଂସ୍କୃତ ଭାଷାରେ ଏକ ଅନନ୍ୟ ଅମୂଲ୍ୟ କୃତି ଏବଂ ଏହା ସର୍ବଭାରତୀୟ ସ୍ତରରେ ଆଦୃତ । ଗୀତଗୋବିନ୍ଦ ଆମ ଆଧ୍ୟାତ୍ମିକ ଅସ୍ମିତାର ଏକ ନିଦର୍ଶନ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ, ମହିଳା ଓ ଶିଶୁବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ ଓ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲବନ୍ତ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ [illegible] କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ ଓ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ଧନ୍ୟବାଦ ଦେଇଥିଲେ।

## ଡାକ୍ତର ସଂଘମିତ୍ରା ଗାଡ଼େକରଙ୍କ ଦେହାନ୍ତ



**ଭୁବନେଶ୍ୱର,୩୦।୪/ଏନ୍‌ଏନ୍‌ଏସ୍:** ଗାନ୍ଧୀବାଦୀ ସର୍ବୋଦୟ ନେତ୍ରୀ ଡାକ୍ତର ସଂଘମିତ୍ରା ଗାଡେକର ଆଉ ନାହାଁନ୍ତି। ହୃଦ୍‌ଘାତ କାରଣରୁ ଓପନ ହାର୍ଟ ସର୍ଜରୀ ହେଉଥିବା ବେଳେ ସୁରତର ଏକ ଘରୋଇ ହସ୍ପିଟାଲରେ ତାଙ୍କର ଦେହାନ୍ତ ହୋଇଯାଇଛି। ପେଶାରେ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ଗାଡେକର ଓ ତାଙ୍କ ସ୍ୱାମୀ ପରମାଣୁ ବିଜ୍ଞାନୀ ସୁରେନ୍ଦ୍ର ଗାଡେକର ଦମ୍ପତି ଭାରତରେ ପରମାଣୁ ବୋମା ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଉଥିଲେ। ଗୁଜରାଟ ଦଙ୍ଗା ପରେ ଗୁଜରାଟର ଅଞ୍ଚଳର ମୁସଲମାନ ଚାଷୀ ମାନଙ୍କ ମଧ୍ୟରେ ଜୈବିକ ରଙ୍ଗ ଯୁକ୍ତ ଖଦୀ ଉତ୍ପାଦନ କାର୍ଯ୍ୟ ଡାକ୍ତର ଗାଡେକର ଚଳାଇଥିଲେ। ତାଙ୍କର ପରଲୋକରେ ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଉତ୍କଳ ସର୍ବୋଦୟ ମଣ୍ଡଳ, କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକ ଟ୍ରଷ୍ଟ, ରାଷ୍ଟ୍ରୀୟ ଯୁବ ସଂଗଠନ, ବାଜି ରାଉତ ଛାତ୍ରାବାସ, ଲୋହିଆ ଏକାଡେମୀ ପକ୍ଷରୁ ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଶୈଳଜ ରବି, ଡାକ୍ତର ବିଶ୍ୱଜିତ, ମିହିର ପ୍ରତାପ ଦାସ, ବିରୂପାକ୍ଷ ତ୍ରିପାଠୀ, ଦେବ ପ୍ରସାଦ ରାୟ, ହରିହର ସେନ, କବୀର ଜେନା, ଗାୟତ୍ରୀ ଦାସ, ଜୟନ୍ତ ଦାସ, ମାନସ ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ବରାଳ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ସୋଆ ବିଶ୍ୱବିଦ୍ୟାଳୟ ପରିସରରେ 'ଇମ୍ପଲ୍ସ' ସମ୍ମିଳନୀ

**ଭୁବନେଶ୍ୱର,୩୦।୪/ଏନ୍‌ଏନ୍‌ଏସ୍:** 'ଷ୍ଟାର୍ଟ-ଅପ୍ ଓଡ଼ିଶା' ଏବଂ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ର ମିଳିତ ସହଯୋଗରେ ମଙ୍ଗଳବାର ସୋଆ ବିଶ୍ୱବିଦ୍ୟାଳୟ ପରିସରରେ ଏକ ଦିବସୀୟ ସମ୍ମିଳନୀ 'ଇମ୍ପଲ୍ସ' ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ଯୁବ ଉଦ୍ୟୋଗୀ, ଷ୍ଟାର୍ଟ-ଅପ୍ ବିଶେଷଜ୍ଞ ଓ ସରକାରୀ ଅଧିକାରୀ ଯୋଗ ଦେଇ ଷ୍ଟାର୍ଟ-ଅପ୍‌ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗଦେଇ ନୂତନ ଉଦ୍ୟୋଗ ଆଡକୁ ଛାତ୍ରଛାତ୍ରୀ ଆଗେଇ ଆସିବାକୁ ନିଜ ଅଭିଭାଷଣରେ ପ୍ରେରିତ କରିଥିଲେ। 'ବ୍ରିଜିଙ୍ଗ ଦ ଗ୍ୟାପ୍: ଷ୍ଟାର୍ଟ-ଅପ୍ସ, ଇନ୍‌କ୍ୟୁବେଟର୍ସ ଆଣ୍ଡ ଫଣ୍ଡିଙ୍ଗ୍-ଦ ଓଡ଼ିଶା ଇକୋ ସିଷ୍ଟମ୍ ଆଡ୍‌ଭାଣ୍ଟେଜ୍' ଶୀର୍ଷକ ଆଲୋଚନାଚକ୍ରରେ ଶିକ୍ଷା, ସରକାରୀ ଓ ଶିଳ୍ପ କ୍ଷେତ୍ରର ନେତୃବର୍ଗ ସାମିଲ ହୋଇଥିଲେ। ଏହି ଆଲୋଚନାକୁ ସୋଆର ଉପ-ପରିଚାଳକ ରାଜୀବ କୁମାର ସଞ୍ଚାଳନ କରିଥିବା ବେଳେ ଷ୍ଟାର୍ଟ -ଅପ୍ ଓଡ଼ିଶା ପକ୍ଷରୁ ଶିବାଙ୍କିତ ଦାସ, ନ୍ୟାସ୍‌ନାଲ୍ ରିସର୍ଚ୍ଚ ଡେଭଲପ୍‌ମେଣ୍ଟ କର୍ପୋରେସନ୍ (ଏନ୍‌ଆରଡିସି)ର ଶ୍ରୀ ସୁଧା, ପ୍ଲାନ୍‌ଟେରୀରୁ ଅଭିଷେକ ମହାପାତ୍ର, ଆଇଆଇଟି-ଭୁବନେଶ୍ୱରର ଶକ୍ତିସ୍ୱରୂପ ପତି ଏବଂ ସୋଆର ପ୍ରଫେସର ପ୍ରଭାତ କୁମାର ଷଡ଼ଙ୍ଗୀ ଆଲୋଚନାରେ ସହଯୋଗ କରିଥିଲେ। ଏହି ଅବସରରେ ଏଆଇସି – ସୋଆ ଫାଉଣ୍ଡେସନ୍ ଏବଂ ଆଇଆଇଟି-ଭୁବନେଶ୍ୱରର ରିସର୍ଚ୍ଚ ଆଣ୍ଡ ଏନ୍‌ଟ୍ରୋପ୍ରେନ୍ୟୁଅରସିପ୍ ପାର୍କ ମଧ୍ୟମରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା। ଏହି ସମ୍ମିଳନୀରେ ପ୍ରଫେସର ମାନସ କୁମାର ମଲ୍ଲିକ, ପ୍ରଫେସର ଶୁଭଙ୍କର ପତି, ପ୍ରଫେସର ସନ୍ତୋଷ କୁମାର ରାଉତ, ପ୍ରଫେସର ମାନସ କୁମାର ମଲ୍ଲିକ, ସୂର୍ଯ୍ୟକୁମାର ପଟ୍ଟନାୟକ, ପ୍ରଫେସର ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଶାସନ ପ୍ରକ୍ରିୟାକୁ ପ୍ରଭାବଶାଳୀ କରିବା ଉଦ୍ଦେଶ୍ୟରେ ବୈଠକ

**ଭୁବନେଶ୍ୱର,୩୦।୪/ଏନ୍‌ଏନ୍‌ଏସ୍:** ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଜି ଲୋକସେବା ଭବନରେ ବାର୍ଷିକ କାର୍ଯ୍ୟ ଯୋଜନା ଏବଂ ଶାସନ ପ୍ରକ୍ରିୟାକୁ ଅଧିକ ପ୍ରଭାବଶାଳୀ କରିବା ଉଦ୍ଦେଶ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସେବା ପ୍ରଦାନରେ ବିଭିନ୍ନ ସ୍ତରରେ ବିଳମ୍ବିତ ହେଉଥିବା କାରଣକୁ ଅନୁଧ୍ୟାନ କରିବା, ପ୍ରକ୍ରିୟାକୁ ସହଜ ଓ ସରଳ କରି କିପରି ଜନସାଧାରଣଙ୍କୁ ଉଦ୍ଦିଷ୍ଟ ସେବା ଶୀଘ୍ର ପ୍ରଦାନ କରାଯାଇପାରିବ, ସେ ସମ୍ପର୍କରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ସ୍ଥାନୀୟ ଅଞ୍ଚଳ ଏବଂ ଆଞ୍ଚଳିକ ଉନ୍ନୟନ ଯୋଜନା ଯଥା ଏମ୍‌ପିଲାଡ୍, ଏମ୍‌ଏଲ୍‌ଏଲାଡ୍, କେବିକେ ବିକାଶ ଯୋଜନା, କନ୍ଧମାଳ ଓ ଗଜପତି ବିକାଶ ଯୋଜନା ସମ୍ପର୍କରେ ବାର୍ଷିକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାର ସମୟସୀମା ଉପରେ ଆଲୋଚନା ହୋଇଥିଲା। ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି(ଡିଏମ୍‌ଏଫ)ର କାର୍ଯ୍ୟକାରିତା ପାଇଁ ତଦାରଖ ଓ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ବୈଠକରେ ସହମତି ପ୍ରକାଶ ପାଇଥିଲା। ବର୍ତ୍ତମାନ ପ୍ରଚଳିତ ବ୍ୟବସ୍ଥାରେ କି କି ଅସୁବିଧା ପରିଲକ୍ଷିତ ହେଉଛି , ସେସବୁକୁ ଜାଣିବା ପାଇଁ ରଣନୀତି ଚିହ୍ନଟ କରିବା, ବ୍ୟବସ୍ଥାରୁ ଅନାବଶ୍ୟକତାକୁ ଦୂର କରି ଏହାକୁ ସରଳ କରିବା ଏବଂ ପରିଚାଳନାଗତ ଦକ୍ଷତା ବୃଦ୍ଧି କରି ପ୍ରଭାବଶାଳୀ ଶାସନ ଉପରେ ଅଧିକାରୀମାନେ ଆଲୋଚନା କରିଥିଲେ।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଶ୍ରୀଜୟଦେବ ଜୟନ୍ତୀ

**ଭୁବନେଶ୍ୱର,୩୦।୪/ଏନ୍‌ଏନ୍‌ଏସ୍:** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ କବି ଶ୍ରୀ ଜୟଦେବ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟ ଅତିଥି, ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ମୁଖବକ୍ତାଭାବେ ଯୋଗ ଦେଇ ଶ୍ରୀଜୟଦେବଙ୍କ ଜୀବନୀ ଓ ସାହିତ୍ୟ କୃତି ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଡ. ଅଜୟ କୁମାର ବିଶ୍ୱାଳ ଓ ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା ଶ୍ରୀଜୟଦେବଙ୍କ ଗୀତ ଗୋବିନ୍ଦ ସମ୍ପର୍କରେ ଆଲୋଚନା କରିଥିଲେ। ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଜାତୀୟ ସେବା ଯୋଜନାର ସଂଯୋଜକ ଡ. ସନ୍ଦୀପ କୁମାର ରାଉତ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସହଯୋଗୀ ପ୍ରଫେସର ଡ. ଧୀରଜ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ କଣ୍ଠ ସଂଗୀତ ବିଭାଗର ଛାତ୍ର ଛାତ୍ରୀ ମାନେ ଶ୍ରୀ ଜୟଦେବଙ୍କ ଅଷ୍ଟପଦୀ ପରିବେଷଣ କରିଥିଲେ।

## ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ୫ ପୌଷ୍ଟିକ ଖାଦ୍ୟ

**ଭୁବନେଶ୍ୱର,୩୦।୪/ଏନ୍‌ଏନ୍‌ଏସ୍:** ବର୍ତ୍ତମାନ ସ୍ଥିତିରେ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖିବାକୁ ମିଳୁଥିବାବେଳେ ପ୍ରତ୍ୟେକ ବ୍ୟକ୍ତି ପ୍ରଥମେ ନିଜର ଖାଦ୍ୟରେ ପରିବର୍ତ୍ତନ କରିବା ଉଚିତ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ଗିତିକା ମିତ୍ତଲ କହିଛନ୍ତି। ଏପରିକି ଦୈନନ୍ଦିନ ଆହାରରେ ବାଦାମ, ଦହି ଭଳି ୫ଟି ପୌଷ୍ଟିକ ଖାଦ୍ୟକୁ ସାମିଲ କରିବା ଲାଗି ପରାମର୍ଶ ଦେଇଛନ୍ତି। ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ କହିଛନ୍ତି ଯେ, ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକର ମୁକାବିଲା କରିବାକୁ ହେଲେ ଭିତରର ସ୍ୱାସ୍ଥ୍ୟ ଉପରେ ଅଧିକ ଧ୍ୟାନ ଦେବାକୁ ପଡ଼ିବ। ଏଥିପାଇଁ ବିଶେଷକରି ପ୍ରତ୍ୟେକ ବ୍ୟକ୍ତି ବାଦାମ ଖାଇବାକୁ ସେ ଗୁରୁତ୍ୱ ଦେଇଛନ୍ତି। ଏଥିରେ ଭିଟାମିନ-ଇ ବହୁ ପରିମାଣରେ ମିଳିଥାଏ, ଯାହାକି ଚର୍ମର କୋମଳତା ତଥା ସୂକ୍ଷ୍ମ ଗଠନର ପରିଚାଳନା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ସେ ପରାମର୍ଶ ଦେଇଛନ୍ତି। ସେହିପରି କନ୍ଦମୂଳରେ ଭିଟାମିନ-ଇ ଏବଂ ଭିଟାମିନ-ସି ଭଳି ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ ରହିଥାଏ ଯାହାକି ଚର୍ମକୁ ଫ୍ରି ରେଡିକାଲ୍ସ ତଥା ଅକାଳ ବାର୍ଦ୍ଧକ୍ୟରୁ ଦୂରେଇ ରଖିଥାଏ। କମଳା, ଲେମ୍ବୁ ତଥା ଅଙ୍ଗୁର ଭଳି ସାଇଟ୍ରସ ଫଳ ଗୁଡ଼ିକ ଭିଟାମିନ 'ସି'ରେ ଭରପୁର ହୋଇଥାନ୍ତି ଯାହାକି ଚର୍ମ ସ୍ୱାସ୍ଥ୍ୟ ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ। ଦହିରେ ଭିଟାମିନ୍ ବି-୨, ବି-୬ ଏବଂ ବି-୧୨ ରହିଥାଏ। ତେଣୁ ଏହି ସବୁ ଖାଦ୍ୟକୁ ନିଜ ଆହାରରେ ସାମିଲ କରିବାକୁ ସେ କହିଛନ୍ତି।

## ସାମୂହିକ ସଂକୁଳ ଆଚାର୍ଯ୍ୟଆଚାର୍ଯ୍ୟା କାର୍ଯ୍ୟଶାଳା ଉଦ୍‌ଯାପିତ

**ଭୁବନେଶ୍ୱର,୩୦।୪/ଏନ୍‌ଏନ୍‌ଏସ୍:** ନୀଳାଦ୍ରି ବିହାର ସଂକୁଳର ସାମୂହିକ ଆଚାର୍ଯ ଆଚାର୍ଯ୍ୟା କାର୍ଯ୍ୟଶାଳା ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୀଳାଦ୍ରବିହାର ଠାରେ ଉଦ୍‌ଯାପିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ସଂକୁଳ ପ୍ରମୁଖ ବାଞ୍ଛାନିଧି ସାହୁ ଯୋଗଦେଇ ଏହି କାର୍ଯ୍ୟଶାଳାରେ ଅଂଶ ଗ୍ରହଣ କରିଥିବା ସଂକୁଳ ଅନ୍ତର୍ଗତ ୭ଟି ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କୁ ପ୍ରଶିକ୍ଷଣ ଜନିତ ଶିକ୍ଷଣ ବିଧି ଓ ପ୍ରବିଧିଙ୍କୁ ଶିକ୍ଷାଦାନରେ ପ୍ରୟୋଗ କରି ନୂତନ ଶିକ୍ଷାନୀତିର ଲକ୍ଷ୍ୟକୁ ଶିଶୁମାନଙ୍କ ସାମଗ୍ରିକ ବିକାଶରେ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ । ସଂପାଦକ ସତ୍ୟବ୍ରତ ପୃଷ୍ଟି ବ୍ୟକ୍ତିର ଗୁଣର ବିକାଶ ପୂର୍ବକ ଦେଶକୁ ପରମ ବୈଭବଶାଳୀ ରାଷ୍ଟ୍ରରେ ପରିଣତ କରିବା ପାଇଁ ଆହ୍ୱାନ ଦେଇଥିଲେ । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜୟଦେବ ବିହାର ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ଓଝା ସଭା ପରିଚାଳନା କରିଥିବାବେଳେ ବିଦ୍ୟାଳୟର ଯୁଗ୍ମ ସଂପାଦକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।

## 'ଓଡ଼ିଶା ବିଜ୍ଞାନଭିତ୍ତିକ କୃଷି ପରିବର୍ତ୍ତନ ଦିଗରେ ଆଗଭର ପାଇଁ ପ୍ରତିଶ୍ରୁତିବଦ୍ଧ'

**ଭୁବନେଶ୍ୱର,୩୦।୪/ଏନ୍‌ଏନ୍‌ଏସ୍:** ଓଡ଼ିଶା ବିଜ୍ଞାନଭିତ୍ତିକ କୃଷି ପରିବର୍ତ୍ତନ ଦିଗରେ ଆଗଭର ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ବିଭାଗର ଧାନ ପରବର୍ତ୍ତୀ ପଡ଼ିଆ ଜମିର ପରିଚାଳନା କାର୍ଯ୍ୟକ୍ରମର ଏକ ମୂଲ୍ୟାୟନ ବିବରଣୀ ଲୋକାର୍ପଣ କରି ଶ୍ରୀ ସିଂହଦେଓ ଏହା କହିଛନ୍ତି। ଏହାଛଡ଼ା ଶ୍ରୀ ସିଂହଦେଓ କହିଛନ୍ତି ଯେ ଏହି ମୂଲ୍ୟାୟନ ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବା ସହ ରାଜ୍ୟର ଚାଷୀଙ୍କୁ ସହାୟତା କରିବା ପାଇଁ ବିଭିନ୍ନ ନିଷ୍ପତ୍ତି ନେବାରେ ସହାୟକ ହେବ। ଏହି ଅଧ୍ୟୟନ ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ ଦ୍ୱାରା କରାଯାଇଥିଲା। ଧାନ ଅମଳ ପରବର୍ତ୍ତୀ ପଡ଼ିଆ ପରିଚାଳନା ରାଜ୍ୟବ୍ୟାପୀ ବର୍ଷାଋତୁ ପରେ ଧାନ ପରବର୍ତ୍ତୀ ପଡ଼ିଆ ଜମିରେ ଡାଲି ଏବଂ ତୈଳବୀଜ ଚାଷକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖିଛି। ଏହି ମୂଲ୍ୟାୟନ, ସାଟେଲାଇଟ୍ ରିମୋଟ୍ ସେନ୍ସିଂ ତଥ୍ୟ, ବିଭାଗୀୟ ତଥ୍ୟ ଏବଂ ବିଭିନ୍ନ ମୂଲ୍ୟାୟନ ପଦ୍ଧତିର ମିଶ୍ରଣ ଉପରେ ଆଧାରିତ। ଏହି ରିର୍ପୋଟ ଜମି ବ୍ୟବହାର, ଫସଲ ଉତ୍ପାଦକତା କ୍ଷୁଦ୍ର ଚାଷୀଙ୍କ ବିଷୟରେ ଆଲୋକପାତ କରୁଛି। ଏହା ବର୍ତ୍ତମାନ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାରେ କାର୍ଯ୍ୟ କରୁଛି। ଧାନ ଚାଷ ପରେ ମୃତ୍ତିକାର ଉପଲବ୍ଧ ଆର୍ଦ୍ରତାକୁ ବ୍ୟବହାର କରି ଦ୍ୱିତୀୟ ଫସଲ ଉତ୍ପାଦନ କରିହେବ। ରାଜ୍ୟରେ ପ୍ରାୟ ୧.୬ ନିୟୁତ ହେକ୍ଟର ଜମିକୁ ବ୍ୟବହାର କରିବା ଉପରେ ଧ୍ୟାନ ଦିଆଯାଉଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢୀ କହିଛନ୍ତି ଯେ ଏହି ଅଧ୍ୟୟନ ପ୍ରମାଣ ଆଧାରିତ ସୂଚନାକୁ ଆଧାର କରି ନୂତନ ନୀତି ପ୍ରଣୟନ କରିବାରେ ସହାୟକ ହେବ। ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ ଭଳି ଆନ୍ତର୍ଜାତିକ ଗବେଷଣା ପ୍ରତିଷ୍ଠାନ ସହିତ ସହଯୋଗ ବିଭାଗୀୟ କାର୍ଯ୍ୟକୁ ପୁନଃସମୀକ୍ଷା କରିବାରେ ସହାୟକ ହେବା ସଙ୍ଗେ ଚାଷୀଙ୍କ ବିକାଶରେ ସହାୟକ ହେବ। ମୂଲ୍ୟାୟନ କରାଯାଇଥିବା ଜିଲ୍ଲାଗୁଡ଼ିକରେ ହରଡ଼, ସୋରିଷ ଏବଂ ମସୁର ପରି ଫସଲରେ ଅମଳ ବୃଦ୍ଧି ହୋଇଥିବା ଜଣାଯାଏ। ଏହାକୁ ଭିତ୍ତିକରି ଯୋଜନାରେ ଆବଶ୍ୟକୀୟ ପରିବର୍ତ୍ତନ କରିବା ଉପରେ ଗୁରୁତ୍ୱାରୋପ କରାଯାଇପାରିବ।

## ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର ମନୋନୟନ ପାଇଁ ଆହ୍ୱାନ

**ଭୁବନେଶ୍ୱର,୩୦।୪/ଏନ୍‌ଏନ୍‌ଏସ୍:** ଅଗ୍ରଣୀ ଛାତ୍ର ସଂଗଠନ ରାଜୀବ ଗାନ୍ଧୀ ଛାତ୍ର ଫୋରମ୍ ପକ୍ଷରୁ ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ୩୪ତମ ବଳିଦାନ ଦିବସ ଓ ରାଜୀବ ଗାନ୍ଧୀ ଛାତ୍ର ଫୋରମ୍‌ର ୨୫ ବର୍ଷ ପୂର୍ତ୍ତି ଉତ୍ସବ ଉପଲକ୍ଷେ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର-୨୦୨୫ ମନୋନୟନ ପାଇଁ ଛାତ୍ର ଛାତ୍ରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଇଛି। ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ ରାଜ୍ୟସ୍ତରୀୟ, ଜାତୀୟ ସ୍ତରୀୟ କିମ୍ବା ଅନ୍ତର୍ଜାତୀୟ ସ୍ତରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାବାନ ଛାତ୍ରଛାତ୍ରୀ ଏନେଇ ଆବେଦନ କରିପାରିବେ। ପୁରସ୍କାର ପାଇଁ ମନୋନୀତ ବିଭାଗ ଗୁଡ଼ିକ ହେଲା ବିଜ୍ଞାନ, ଚିତ୍ରାଙ୍କନ, ସାହିତ୍ୟ, ଓଡ଼ିଶୀ ନୃତ୍ୟ, ଲୋକନୃତ୍ୟ, ସଙ୍ଗୀତ, ଅଭିନୟ, କ୍ରିଡ଼ା, ଏନ୍‌ସିସି, ସ୍କାଉଟ୍ସ ଗାଇଡ୍ସ, ଏନ୍‌ଏସ୍‌ଏସ୍ ଓ ଯୁଥ ରେଡକ୍ରସ ଇତ୍ୟାଦି। ଇଚ୍ଛୁକ ଛାତ୍ରଛାତ୍ରୀ ସେମାନଙ୍କର ସଂପୂର୍ଣ୍ଣ ଦରଖାସ୍ତ ଛାତ୍ର ଫୋରମର କାର୍ଯ୍ୟାଳୟ ୫ ଆରଏଫ/ ୧, ମହାତ୍ମାଗାନ୍ଧୀ ରୋଡ୍, ୟୁନିଟ୍-୩, ଭୁବନେଶ୍ୱରକୁ ପଠାଇବାକୁ କୁହାଯାଇଛି। ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ହେଉଛି ମେ ୧୦ ତାରିଖ। ମନୋନୀତ ଛାତ୍ର ଛାତ୍ରୀମାନଙ୍କୁ ମେ ୨୧ ତାରିଖରେ ରାଜୀବ ଗାନ୍ଧୀଙ୍କ ୩୪ ତମ ବଳିଦାନ ଦିବସ ପାଳନ ଅବସରରେ ରାଜ୍ୟ ସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର-୨୦୨୫ରେ ସମ୍ମାନିତ କରାଯିବ ବୋଲି ଫୋରମ୍‌ର ସଭାପତି ସତ୍ୟବ୍ରତ ନାୟକ ସୂଚନା ଦେଇଛନ୍ତି।

### ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନର ଅକ୍ଷୟ ତୃତୀୟା ମହୋତ୍ସବ

## ଶ୍ରୀଜଗନ୍ନାଥ ସଂସ୍କୃତିରେ ନାରୀଶକ୍ତି ବେଶ୍ ପ୍ରଭାବଶାଳୀ



**ଭୁବନେଶ୍ୱର,୩୦।୪/ଏନ୍‌ଏନ୍‌ଏସ୍:** ଶ୍ରୀଜଗନ୍ନାଥ ସଂସ୍କୃତିରେ ନାରୀଶକ୍ତିକୁ ଯେଉଁଭଳି ପ୍ରାଧାନ୍ୟ ଦିଆଯାଇଛି ଆଜିର ସମୟରେ ସେହି ନାରୀ ପୁରୁଷଙ୍କ ତୁଳନାରେ ନିଜର ପ୍ରତିଭା ପ୍ରଦର୍ଶନ କରି ଜଗନ୍ନାଥ ସଂସ୍କୃତିର ମହନୀୟତାକୁ ପ୍ରତିପାଦନ କରିଛନ୍ତି ବୋଲି 'ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ'ର ଅକ୍ଷୟତୃତୀୟା ମହୋତ୍ସବରେ ମତପ୍ରକାଶ ପାଇଛି। ଭାରତୀୟ ବିଦ୍ୟାଭବନ ପରିସରରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରଂଜନ କୁମାର ଦାସ ତାଙ୍କର ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଥିବା ସମୟରେ ପ୍ରଭୁଙ୍କ ଶରଣରେ ନିଜକୁ ସମର୍ପିତ କରି କିପରି ଶ୍ରୀମନ୍ଦିରରେ ସଂସ୍କାର ଆଣି ଅଶୋଭନୀୟ ପୋଷାକ ପିନ୍ଧି ମନ୍ଦିର ଭିତରେ ପ୍ରବେଶବାରଣ, ଗୁଟ୍‌ଖା ଓ ପାନ ବର୍ଜନ ତଥା ଜରି ବ୍ୟବହାର ନିଷେଧ କରି ଯେଉଁ ଆତ୍ମସନ୍ତୋଷ ପାଇଥିଲେ ତାହା ବର୍ଣ୍ଣନା କରି କହିଥିଲେ ପ୍ରଭୁଙ୍କ ପାଖରେ କାମ କଲେ ନିଜକୁ ବେଶ୍ ଭାବପୂର୍ଣ୍ଣ ଲାଗେ ବୋଲି କହିଥିଲେ। ମୁଖ୍ୟବକ୍ତା ଡ. ବ୍ରଜକିଶୋର ସ୍ୱାଇଁ ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱ ଭ୍ରାତୃତ୍ୱ ଭାବର ଏକ ମହାନ୍ ସଂସ୍କୃତି ଓ ସର୍ବଧର୍ମ ସମନ୍ୱୟର ସଂସ୍କୃତି ବୋଲି ବର୍ଣ୍ଣନା କରି ଆମ ଶାସ୍ତ୍ର ପୁରାଣରେ ଶ୍ରୀଜଗନ୍ନାଥଙ୍କୁ ନେଇ ବହୁ ତଥ୍ୟ ରହିଛି ଯାହା ଏକ ଉନ୍ନତ ବିଶ୍ୱଗଢ଼ିବା ଦିଗରେ ସହାୟକ ହୋଇପାରିବ କହିଥିଲେ। ସମ୍ମାନିତ ବକ୍ତା ଡ. ସୁଧା ମିଶ୍ର ମଧ୍ୟ ନିଜ ବକ୍ତବ୍ୟ ରଖିଥିଲେ। ଏହି ସଭାରେ 'ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ' ତରଫରୁ ବିଦ୍ୟାପୁରୀର ସତ୍ତ୍ୱାଧିକାରୀ ଜୀବାନନ୍ଦ ମିଶ୍ରଙ୍କୁ ନନ୍ଦିଘୋଷ ସମ୍ମାନ, ସମ୍ବାଦର ସମ୍ପାଦକ ତନୟା ପଟ୍ଟନାୟକଙ୍କୁ ଶ୍ରୀସୁଦର୍ଶନ ସମ୍ମାନ, ଡ. କୈଳାଶ ଚନ୍ଦ୍ର ଦାଶଙ୍କୁ ଶ୍ରୀବଳଭଦ୍ର ସମ୍ମାନ, ସାହିତ୍ୟିକା ବନଜ ଦେବୀଙ୍କୁ ଦେବୀ ସୁଭଦ୍ରା ସମ୍ମାନ ଓ ପ୍ରଫେସର ଜୟକୃଷ୍ଣ ମିଶ୍ରଙ୍କୁ ଶ୍ରୀଜଗନ୍ନାଥ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାପରେ ଚଳିତବର୍ଷ ପାଇଁ ପ୍ରକାଶ ପାଇବାକୁ ଯାଉଥିବା ଚବିଶତମ ପୁସ୍ତକ 'ଅମୃତପୁରୁଷ ଶ୍ରୀଜଗନ୍ନାଥ' ପାଇଁ ଚିତ୍ରଶିଳ୍ପୀ ଶ୍ରୀ ବଳଦେବ ମହାରଥାଙ୍କ ପ୍ରଚ୍ଛଦପଟ୍ଟ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହାଛଡ଼ା ଚଳିତ ବର୍ଷ ପାଇଁ ପୁସ୍ତକର ସନ୍ନିବେଶିତ ହେବାକୁ ଥିବା ଚତୁର୍ଦ୍ଧା ମୂର୍ତ୍ତିଙ୍କ ପାଇଁ ଚାରିଟି ଲେଖା ଡ. ଅସିତ ମହାନ୍ତି, ଡ. ଭାସ୍କର ମିଶ୍ର, ଜୀତେନ୍ଦ୍ର କୁମାର ମହାନ୍ତି ଓ। ଗୀତା ପ୍ରଧାନ ଉପସ୍ଥାପନା କରିଥିଲେ। ସଭାପତି ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର ଜଗନ୍ନାଥ ସଂସ୍କୃତିର ମହାନତା ବିଷୟରେ ଆଲୋକପାତ କରିଥିଲେ। ସମ୍ପାଦକ ପୀତବାସ ରାଉତରାୟ ସ୍ୱାଗତ ଭାଷଣ ଦେଇ ସଭା ପରିଚାଳନା କରିଥିବାବେଳେ ଆବାହକ ରମାକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

### ଶ୍ରୀଜୟଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

## 'କାଳଜୟୀ ରଚନା ପାଇଁ ସମଗ୍ର ବିଶ୍ୱରେ ପୂଜିତ'



**ଭୁବନେଶ୍ୱର,୩୦।୪/ଏନ୍‌ଏନ୍‌ଏସ୍:** ସମଗ୍ର ଭାରତ ବର୍ଷରେ ପ୍ରାତଃସ୍ମରଣୀୟ କବିମାନଙ୍କ ମଧ୍ୟରେ ଓଡ଼ିଶା ମାଟିର ମହାନ କବି ଶ୍ରୀଜୟଦେବଙ୍କ ନାମ ସର୍ବାଗ୍ରେ । ତାଙ୍କ ରଚିତ 'ଶ୍ରୀଗୀତଗୋବିନ୍ଦ' କାବ୍ୟ କେବଳ ଏକ ଶୃଙ୍ଗାର ଭକ୍ତିକାବ୍ୟ ନୁହେଁ, ବରଂ ଭାରତୀୟ ସଂସ୍କୃତି ଓ ସାହିତ୍ୟର ଏକ ଅମୂଲ୍ୟ ରତ୍ନ। ଜୟଦେବଙ୍କ ପରି ସଂସ୍କୃତ ବିଦ୍ୱାନ ଭାରତ ଇତିହାସରେ ବିରଳ। ଓଡ଼ିଶାରେ ଜନ୍ମ ନେଇଥିବା ସଂସ୍କୃତ ବିଦ୍ୱାନ ଆଜି ତାଙ୍କ କାଳଜୟୀ ରଚନା ପାଇଁ ସମଗ୍ର ବିଶ୍ୱରେ ପୂଜିତ ବୋଲି ଶ୍ରୀଜୟଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବୁଧବାର ପୂର୍ବାହ୍ନରେ ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ସୂଚନା ଓ ଲୋକସଂପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନ ଠାରେ ଆୟୋଜିତ ଏହି ଭବ୍ୟ ସମାରୋହରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ, ଓଡ଼ିଶା ତଥା ବିଶିଷ୍ଟ ଗବେଷକ ଅଜିତ ତ୍ରିପାଠୀ ଯୋଗଦେଇ ନିଜ ନିଜ ବକ୍ତବ୍ୟ ରଖିଥିଲେ। ବିଶିଷ୍ଟ ଅତିଥି ଭାବେ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ କହିଥିଲେ ଯେ ଯେତେ ଯେତେ ଭକ୍ତି ଆନ୍ଦୋଳନର ସୂତ୍ରପାତ ହେଉଛି ସବୁରି ମୂଳରେ ଆମର ଆରାଧ୍ୟ ପ୍ରଭୁ ଶ୍ରୀ ଜଗନ୍ନାଥ। ଜଗନ୍ନାଥଙ୍କୁ ନେଇ ଭକ୍ତି ପରମ୍ପରାର ଆରମ୍ଭ। ଓଡ଼ିଶୀ ନୃତ୍ୟ ଏବଂ ଗୀତଗୋବିନ୍ଦ ଗୋଟିଏ ମୁଦ୍ରାର ଦୁଇଟି ପାଶ୍ୱର୍। ଓଡ଼ିଶୀ ନୃତ୍ୟର ଆଧାରଶିଳା ଗୀତଗୋବିନ୍ଦ କାବ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ। ଆଜିର ଯୁବପିଢ଼ି ତଥା ସାହିତ୍ୟପିପାସୁ ବ୍ୟକ୍ତିଗଣ ଜୟଦେବଙ୍କ କୃତି ଉପରେ ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ଦାଶ କହିଥିଲେ। ବିଶିଷ୍ଟ ନାଟ୍ୟକାର ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଶ୍ରୀ ଜୟଦେବଙ୍କ ରଚିତ ଶ୍ରୀଗୀତଗୋବିନ୍ଦ କାବ୍ୟ ଏକ ଅନବଦ୍ୟ କୃତି ବୋଲି କହିଥିଲେ। ପରେ ଶ୍ରୀଜୟଦେବ ଓ ଶ୍ରୀଗୀତଗୋବିନ୍ଦ ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନାରେ ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ପ୍ରଫୁଲ୍ଲ ତ୍ରିପାଠୀ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ପ୍ରଫେସର ପ୍ରଫୁଲ୍ଲ ମିଶ୍ର, ବିଶିଷ୍ଟ ସାହିତ୍ୟିକ ତଥା ସଂସ୍କୃତ ବିଦ୍ୱାନ୍ ପ୍ରଫେସର ରଘୁନାଥ ପଣ୍ଡା, ପ୍ରାଚୀ ସଂସ୍କୃତି ଗବେଷକ ହଂସନାଥ ସାହୁ, ବିଶିଷ୍ଟ ସାହିତ୍ୟିକ ତଥା ଲୋକସଂସ୍କୃତି ଗବେଷକ ଡକ୍ଟର ସନ୍ତୋଷ ମହାପାତ୍ର ଏବଂ ଶ୍ରୀଗୀତଗୋବିନ୍ଦ ଗବେଷକ ଗଦାଧର ମହାପାତ୍ର ପ୍ରମୁଖ ନିଜ ନିଜ ମତ ରଖିଥିଲେ। ଓଡିଶା ସାହିତ୍ୟ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସୋମା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଓଡିଶା ସାହିତ୍ୟ ଏକାଡେମୀର ସହ ସଚିବ ସଞ୍ଜୟ କୁମାର ଛୁଆଳ ସିଂ ଧନ୍ୟବାଦ ଦେଇଥିଲେ।

ନିତିଦିନ NITIDIN





# ଭୁବନେଶ୍ୱର-ବୌଦ୍ଧ ସରକାରୀ ବସ୍ ସେବା ବନ୍ଦ ନେଇ ଅସନ୍ତୋଷ



**ଖଣ୍ଡପଡ଼ା,୩୦।୪/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱରଠାରୁ ଖଣ୍ଡପଡ଼ା, ଗଣିଆ, ଦଶପଲ୍ଲା ଅଞ୍ଚଳ ଦେଇ ବୌଦ୍ଧ ସହରକୁ ଯାତାୟତ କରୁଥିବା ଶୀତତାପ ନିୟନ୍ତ୍ରିତ ସରକାରୀ ବସସେବା ବନ୍ଦ ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବାରମ୍ବାର ଏହି ବସ୍ ସେବା ବନ୍ଦ ହେବା ପଛରେ ଘରୋଇ ପରିବହନର ଯାତ୍ରୀବାହୀ ବସ୍ ମାଲିକଙ୍କ ପ୍ରଚ୍ଛନ୍ନ ହାତଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ରାଜ୍ୟ ସଡକ ପରିବହନ ନିଗମ ପକ୍ଷରୁ ଆଜକୁ ୨ ବର୍ଷ ତଳେ ଏହି ବସ୍ ସେବା ଆରମ୍ଭ କରାଯାଇଥିଲା। ମାତ୍ର ଏବେ ଏହି ବସ୍ ସେବା ଉପଲବ୍ଧ ହେଉ ନଥିବାରୁ ୫ଟି ବ୍ଲକ ଅଞ୍ଚଳର ବାସିନ୍ଦା ଯାତାୟାତ ନିମନ୍ତେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ରାଜ୍ୟ ସଡ଼କ ପରିବହନ ନିଗମ କର୍ତ୍ତୃପକ୍ଷ, ବିଭାଗୀୟ ମନ୍ତ୍ରୀ ଓ ଖଣ୍ଡପଡ଼ା ବିଧାୟକ ଏଥିପ୍ରତି ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ତରକୋର ପଞ୍ଚାୟତରେ ପାନୀୟଜଳ ସଙ୍କଟ

# ୩ ଦିନରେ ଥରେ ମିଳୁଛି ଟ୍ୟାଙ୍କର୍ ପାଣି


**କୋଣାର୍କ,୩୦।୪/ଏନ୍‌ଏନ୍‌ଏସ୍:** ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ଓ ଗୁଳିଗୁଳି ବଢ଼ିଚାଲିଥିବାରୁ ଗୋପ ବ୍ଲକ୍ ତରକୋର ପଞ୍ଚାୟତରେ ଥିବା ୧୪ଗୋଟି ୱାର୍ଡର ୬ଗୋଟି ଗ୍ରାମ ମଲିଆତୁଠ, ବିଲବରପଦା, ପାଟଣାସାହି, ଜଗନ୍ନାଥପୁର, ତଳମାଳସାହି, ତରକୋର ଆଦି ଗ୍ରାମର ପ୍ରାୟ ୮ହଜାରରୁ ଊର୍ଦ୍ଧ୍ୱ ଲୋକମାନେ ପିଇବା ପାଣି ପାଇଁ ନାହିଁ ନଥିବା ହଇରାଣ ହେଉଥିବା ଜଣାପଡ଼ିଛି। ପିଇବା ପାଣି ପାଇବା ପାଇଁ ପଞ୍ଚାୟତର ୬ଗୋଟି ଗ୍ରାମର ଲୋକମାନେ ସଂଘର୍ଷ କରୁଥିବା ଦେଖିବାକୁ ମିଳିଛି। ଦୈନିକ ୪୦ହଜାର ଲିଟର ପିଇବା ପାଣି ଆବଶ୍ୟକ ଥିବାବେଳେ ଅର୍ଥର ଅଭାବ ଦର୍ଶାଇ ମାତ୍ର ପ୍ରତ୍ୟେକ ଦିନ ୧୦ରୁ ୧୫ହଜାର ଲିଟର ପାଣି ଟ୍ୟାଙ୍କର୍ ଯୋଗେ ପଞ୍ଚାୟତ ପକ୍ଷରୁ ଦିନେ ଦୁଇଦିନ ଛାଡ଼ି ପ୍ରତି ପରିବାରକୁ ପାଣି ଯୋଗାଇ ଦିଆଯାଉଛି। ଫଳରେ ଲୋକମାନେ ନିଜର ଆବଶ୍ୟକତା ପୂରଣ ପାଇଁ ଘର ମଧ୍ୟରେ ବିଭିନ୍ନ ପାତ୍ରରେ ପାଣି ସଂଗ୍ରହକରି ରଖି ପୁଣି ଟ୍ୟାଙ୍କର ପାଣି ଦେବା ପର୍ଯ୍ୟନ୍ତ ଅପେକ୍ଷାକରି ରହୁଛନ୍ତି। ଅନେକ ସମୟରେ ଗ୍ରାମବାସୀମାନେ ନିଜର ଆବଶ୍ୟକ ପାଣି ପାଇଁ ପାଖରେ ଥିବା ନଈ ଓ ଗାଡ଼ିଆରୁ ଅପରିଷ୍କାର ପାଣି ସଂଗ୍ରହ କରି ଆଣି ବାଧ ହୋଇ ଏହାକୁ ବ୍ୟବହାର କରିବା ସହିତ ପିଉଥିବା ଜଣାଯାଇଛି। ଅପରିଷ୍କାର ପାଣି ପିଇବା ଦ୍ୱାରା ତରକୋର ପଞ୍ଚାୟତରେ ଅନେକ ଗ୍ରାମବାସୀ ପେଟ ରୋଗ ଓ ଚର୍ମ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିବା ନଜିର ରହିଛି। ତରକୋର ପଞ୍ଚାୟତରେ ଦଶନ୍ଧି ଦଶନ୍ଧି ଧରି ଏଇ ପିଇବା ପାଣି ସମସ୍ୟା ଲାଗି ରହିଥିଲା ବେଳେ ପଞ୍ଚାୟତ ପକ୍ଷରୁ ଗ୍ରାମବାସୀମାନେ ମୁଖ୍ୟମନ୍ତ୍ରୀ, ଜିଲ୍ଲା ପ୍ରଶାସନ ଓ ବ୍ଲକ ଅଧିକାରୀଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରିବା ସତ୍ତ୍ୱେ କିଛି ସୁଫଳ ମିଳିନଥିବା ଗ୍ରାମବାସୀମାନେ କ୍ଷୋଭ ଓ ଦୁଃଖର ସହ କୁହନ୍ତି। ଏ ନେଇ ତରକୋର ପଞ୍ଚାୟତର ସରପଞ୍ଚ ସୁଶାନ୍ତ କୁମାର ପରିଡାଙ୍କୁ ପଚାରିବାରେ ସେ ଜିଲ୍ଲା ପ୍ରଶାସନ ଓ ବ୍ଲକ ଅଧିକାରୀଙ୍କୁ ଅବଗତ କରାଇଛନ୍ତି ବୋଲି କହିଥିଲେ। ଅର୍ଥର ଅଭାବ ଦର୍ଶାଇ ଆଜିପର୍ଯ୍ୟନ୍ତ ପଞ୍ଚାୟତକୁ ଆବଶ୍ୟକ ହେଉଥିବା ପର୍ଯ୍ୟାପ୍ତ ପିଇବା ପାଣି ଟ୍ୟାଙ୍କର ମାଧ୍ୟମରେ ବି ଯୋଗାଇଦେବାରେ ଅକ୍ଷମତା ପ୍ରକାଶ କରନ୍ତି ବ୍ଲକ୍ ଅଧିକାରୀ ବୋଲି ସେ କହିଛନ୍ତି। ତୁରନ୍ତ ନିକଟସ୍ଥ ପଞ୍ଚାୟତରେ ଜଳସ୍ତର ଥିବା ସ୍ଥାନ ଚିହ୍ନଟ କରାଯାଇ ଏକ ବୋର୍‌ୱେଲ୍ ବସାଯାଇ ସେଠାରେ ଓଭର୍‌ହେଡ୍ ଟାଙ୍କି ମାଧ୍ୟମରେ ପାଇପ୍ ଦ୍ୱାରା ପଞ୍ଚାୟତର ପ୍ରତିଟି ଘରକୁ ପିଇବା ପାଣି ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ନଦୀ ପାଣି ଭରସା, ଚିନ୍ତାରେ ଅଞ୍ଚଳବାସୀ



# ଖାଲଖମାରେ ଭର୍ତ୍ତି ସୌରୀ ପଞ୍ଚାୟତ ରାସ୍ତା

**ସାଲେପୁର,୩୦।୪/ଏନ୍‌ଏନ୍‌ଏସ୍:** ସାଲେପୁର ବ୍ଲକ ଅନ୍ତର୍ଗତ ସୌରୀ ପଞ୍ଚାୟତର ଓଷଦ-ସୌରୀ ବାଇପାସ୍ ରାସ୍ତାଟି ଗ୍ରାମ୍ୟ ରାସ୍ତାର ଟ୍ରାଫିକ୍ ସମସ୍ୟା ଦୂରୀକରଣ ପାଇଁ ଗତ ୨୦୨୧ ମସିହାରେ ନିର୍ମାଣ କରାଯାଇଥିଲା। ସେହି ରାସ୍ତାରେ ରାତିଠାରୁ ସକାଳ ୭ଟା ୩୦ ପର୍ଯ୍ୟନ୍ତ ବାଲି, ଗୋଡ଼ି, ପଥର ଇତ୍ୟାଦି ଭାରୀ ଜିନିଷ ନେଇ ପ୍ରାୟ ଦୈନିକ ୩୦ରୁ ଊର୍ଦ୍ଧ୍ୱ ହାଇୱା ଯାତାୟାତ କରୁଥିବାରୁ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ରାସ୍ତାର ବିଭିନ୍ନ ଜାଗାରେ ବିରାଟ ଖାଲଖମା ହୋଇଯିବାରୁ ଅନେକ ଦୁର୍ଘଟଣା ହୋଇ କେତେକ ଆହତ ହେଉଛନ୍ତି। ବର୍ତ୍ତମାନ ଉକ୍ତ ରାସ୍ତାର କାମ ଫେବର୍ ମେସିନ ନ ଲଗାଇ ଠିକା ଶ୍ରମିକ ଦ୍ୱାରା ପ୍ୟାଚ୍ କରାଯାଉଛି ଯାହାଫଳରେ ମାସେ ଦୁଇ ମାସେ ମଧ୍ୟରେ ପୁନଶ୍ଚ ଖରାପ ହେବାର ସମ୍ଭାବନା ରହିଛି। ଉକ୍ତ ରାସ୍ତାକୁ ସଠିକ ଭାବରେ କରାନଯିବା ଏବଂ ରାସ୍ତା କାର୍ଯ୍ୟ ନିମ୍ନ ମାନର ହେଉଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଏଥିପ୍ରତି ଦୃଷ୍ଟିଦେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ବ୍ୟସ୍ତବହୁଳ ରାସ୍ତାର ସ୍ଥାୟୀ ମରାମତି କରିବାକୁ ପ୍ରଶାସନିକ ନିର୍ଦ୍ଦେଶ ଦେବାକୁ ସାଧାରଣରେ ଦାବି ହେଉଛି।



# ଟାଏକ୍ୱୋଣ୍ଡୋ ଏକାଡେମୀ ପକ୍ଷରୁ ବିଜୟ ଉତ୍ସବ

**ପୁରୀ,୩୦।୪/ଏନ୍‌ଏନ୍‌ଏସ୍:** ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ବୁଦ୍ଧିଷ୍ଟ ଟାଏକ୍ୱୋଣ୍ଡୋ ଏକାଡେମୀ ଚାମ୍ପିଅନ୍ ହୋଇଥିବାରୁ ଆଜି ଏକାଡେମୀରେ ଏକ ବିଜୟ ଉତ୍ସବ ମହା ଆଡ଼ମ୍ବରରେ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଯୋଗଦାନ କରିଥିଲେ। ଏହି ବିଜୟ ଉତ୍ସବରେ ଟାଏକ୍ୱୋଣ୍ଡୋର ଦୁଇଟି ବିଭାଗର ଚାମ୍ପିଅନ କେକ୍ କଟାଯିବା ସହିତ ଛାତ୍ରଛାତ୍ରୀମାନଙ୍କର ନାଚ ଗୀତର ମାହୋଲ ଜମିଥିଲା। ଏହି ନାଚ ଗୀତରେ ଅଭିଭାବକମାନେ ମଧ୍ୟ ନିଜକୁ ସାମିଲ କରିଥିଲେ। ଉତ୍ସବରେ ଓଡ଼ିଶା ଟାଏକ୍ୱୋଣ୍ଡୋ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ, ମନ୍ମଥ ବାରିକ୍ ଓ କ୍ରୀଡ଼ାପ୍ରେମୀ ସନ୍ତୋଷ ଚନ୍ଦୁକା ଯୋଗଦେଇଥିବା ଏକାଡେମୀର ମୁଖ୍ୟ ପ୍ରଶିକ୍ଷକ ବିଶ୍ୱନାଥ ନାୟକ ସୂଚନା ଦେଇଥିଲେ।



# ଗାଈ ଚୋରି ଘଟଣାରେ ୨ କୋର୍ଟଚାଲାଣ

**ବାରଙ୍ଗ,୩୦।୪/ଏନ୍‌ଏନ୍‌ଏସ୍:** ଗାଈ ଚୋରିକରି ନେଉଥିବା ଘଟଣାରେ ବାରଙ୍ଗ ପୁଲିସ ଦୁଇ ଗାଈ ମାଫିଆ ବାପ-ପୁଅଙ୍କୁ ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କଟକ ଓଡ଼ିଆ ବଜାରର ବାପ ସେକ୍ ନସିମ୍(୬୦) ଓ ପୁଅ ସେକ୍ କାସିମ୍(୩୦)ଙ୍କୁ କୋର୍ଟଚାଲାଣ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ଅଛି ବୋଲି ପୁଲିସ କହିଛି। ଏଠାରେ ସୂଚନାଯୋଗ୍ୟ ବାରଙ୍ଗ ଥାନା ଅନ୍ତର୍ଗତ ଫକିରପଡ଼ା ଗାଁରୁ ଏକ ବୋଲେରୋ ଗାଡ଼ିରେ ଗାଈ ଚୋର କରିନେଇଥିଲେ। ଏ ନେଇ ଚୋରି ହୋଇଥିବା ଗାଈ ମାଲିକ ସୁନିଲ ସ୍ୱାଇଁ ରବିବାର ବାରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଥାନା ଅଧିକାରୀ ଦେବେନ୍ଦ୍ର କୁମାର ବିଶ୍ୱାଳ ଘଟଣାର ତଦନ୍ତକରି ଏକ ବୋଲେରୋ ଗାଡ଼ିକୁ ଅଟକ ରଖିବା ସହ ସନ୍ଦେହରେ ଦୁଇଜଣକୁ ଅଟକ ରଖି ପଚରାଉଚରା ବେଳେ ଧରିଥିଲେ।

# ମୃତ ବ୍ୟକ୍ତିଙ୍କ ଚକ୍ଷୁଦାନ କଲେ ପରିବାରବର୍ଗ

**ଖଣ୍ଡପଡ଼ା,୩୦।୪/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ବେତଖୋଲି ଗ୍ରାମର ମନୋଜ କୁମାର ପ୍ରଧାନଙ୍କର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଅକାଳ ମୃତ୍ୟୁ ହୋଇଥିଲା। ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କ ଅକାଳ ବିୟୋଗରେ ପରିବାରବର୍ଗ ଭାଙ୍ଗି ପଡ଼ିଥିଲେ ହେଁ ଡାକ୍ତର ଓ ଶୁଭେଚ୍ଛୁଙ୍କ ପରାମର୍ଶକ୍ରମେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍‌ପିଟାଲରେ ପରିବାରବର୍ଗ ମୃତ ମନୋଜଙ୍କର ଶବ ବ୍ୟଚ୍ଛେଦ ବେଳେ ତାଙ୍କର ଦୁଇଟି ଯାକ ଚକ୍ଷୁ ଦାନ କରିଥିବା ଜଣାପଡ଼ିଛି। ଚକ୍ଷୁଦାନ ପରି ମହତ କାର୍ଯ୍ୟକରି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଥିବା ମୃତକଙ୍କ ପରିବାରବର୍ଗଙ୍କୁ ଗ୍ରାମବାସୀ ଧନ୍ୟବାଦ ଜଣାଇଛନ୍ତି।



# ଆୟୁଷ୍ମାନ କାର୍ଡ ଇ-କେୱାଇସି ପାଇଁ ଜନସେବା କେନ୍ଦ୍ରରେ ଶୋଷଣ ଅଭିଯୋଗ

**ଖଣ୍ଡପଡ଼ା,୩୦।୪/ଏନ୍‌ଏନ୍‌ଏସ୍:** ଜନସାଧାରଣଙ୍କୁ ହାତ ପାହାନ୍ତାରେ ଆନୁସଙ୍ଗିକ ସୁବିଧା ଯୋଗାଇ ଦେବା ପାଇଁ ଗାଁ ଗାଁରେ କାର୍ଯ୍ୟ କରୁଛି ଜନସେବା କେନ୍ଦ୍ର। ମାତ୍ର ଏହି ଜନସେବା କେନ୍ଦ୍ର ଗୁଡିକ ସାଧାରଣ ଲୋକଙ୍କୁ ସେବା ଯୋଗାଇ ଦେବା ଆଳରେ ଶୋଷଣ କରୁଥିବା ଅଭିଯୋଗ ହେଉଛି। ଏବେ ଖଣ୍ଡପଡା ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ କାର୍ଯ୍ୟ କରୁଥିବା ଜନସେବା କେନ୍ଦ୍ର ଗୁଡିକ ଆୟୁଷ୍ମାନ କାର୍ଡ ଇ-କେୱାଇସି ନିମନ୍ତେ ହହିତାଧିକାରୀଙ୍କ ଠାରୁ ୫୦ରୁ ୧୦୦ ଟଙ୍କା ଲେଖାଁଏ ଆଦାୟ କରୁଥିବା ଅଭିଯୋଗ ହେଉଛି। ଖାଲି ସେତିକି ନୁହେଁ ଆଧାରକାର୍ଡ ସଂଶୋଧନ, ଆଧାରକାର୍ଡରେ ମୋବାଇଲ ନଂ ଓ ଅନ୍ୟାନ୍ୟ ତଥ୍ୟ ସଂଯୋଗୀକରଣ ନିମନ୍ତେ ମଧ୍ୟ ଜନସେବା କେନ୍ଦ୍ରଗୁଡିକ ହିତାଧିକାରୀଙ୍କ ଠାରୁ ଟଙ୍କା ଆଦାୟ କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ସରକାର ଜନସେବା କେନ୍ଦ୍ର ଗୁଡିକ ଉପରେ ସମସ୍ତ ଦାୟିତ୍ୱ ନ୍ୟସ୍ତ କରିଥିବା ବେଳେ ଏହାର ସୁଯୋଗ ନେଇ ଜନସେବା କେନ୍ଦ୍ରଗୁଡିକ ଜନସାଧାରଣଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି। ଜନସେବା କେନ୍ଦ୍ରଗୁଡିକର କାର୍ଯ୍ୟକଳାପ ସଂପର୍କରେ ଅଞ୍ଚଳବାସୀ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ନିରାଶ ହୋଇଥିବା ଜଣାପଡ଼ିଛି। ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ କାର୍ଯ୍ୟ କରୁଥିବା ଜନସେବା କେନ୍ଦ୍ରଗୁଡିକର କାର୍ଯ୍ୟକଳାପ ପ୍ରତି ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲାପାଳ ଦୃଷ୍ଟିଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

# ଭିନ୍ନକ୍ଷମଙ୍କୁ ମିଳୁନି ବର୍ଦ୍ଧିତ ଭତ୍ତା

**ନିଶ୍ଚିନ୍ତକୋଇଲି,୩୦।୪/ଏନ୍‌ଏନ୍‌ଏସ୍:** ସମଗ୍ର ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧୀନରେ ଥିବା ୪୧ଗୋଟି ପଞ୍ଚାୟତରୁ ବର୍ତ୍ତମାନ ସୁଦ୍ଧା ୧୬୪ଜଣ ୮୦ପ୍ରତିଶତରୁ ଅଧିକ ଥିବା ଡିଜିଟାଲ ପ୍ରମାଣପତ୍ର ହିତାଧିକାରୀ ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ହେଉଥିବା ଜଣାଯାଇଛି। ଜିଲ୍ଲା କାର୍ଯ୍ୟାଳୟର ଅନୁମୋଦନ ନ ହେବାରୁ ବର୍ଦ୍ଧିତ ଭତ୍ତା ପାଇବାରୁ ବହୁ ହିତାଧିକାରୀ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ ଗରିବ ଭିନ୍ନକ୍ଷମ ହିତାଧିକାରୀମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଥିବା ଜଣାପଡ଼ିଛି। ସରକାର ୩୫୦୦ଟଙ୍କା ବର୍ଦ୍ଧିତ ଭତ୍ତା ଦେବା ପାଇଁ ଘୋଷଣା କରିଥିଲା ବେଳେ ନିଶ୍ଚିନ୍ତକୋଇଲି ବ୍ଲକ୍‌ରୁ ଅନ୍ଧ, ମୂକ, ମାନସିକ ବିକାରଗ୍ରସ୍ତ ଓ ଅକ୍ରମଣ୍ୟ ପ୍ରଭୃତି ଭିନ୍ନକ୍ଷମ ହିତାଧିକାରୀମାନେ ସରକାରଙ୍କ ଘୋଷିତ ବର୍ଦ୍ଧିତ ଭତ୍ତା ନ ପାଇ ହତାଶ ହୋଇପଡ଼ିଛନ୍ତି। ନିଜେ ମୁଖ୍ୟମନ୍ତ୍ରୀ ଏହା ଉପରେ ଗୁରୁତ୍ୱ ଦେଇ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଥିବା ଭିନ୍ନକ୍ଷମଙ୍କୁ କିପରି ବର୍ଦ୍ଧିତ ଭତ୍ତା ମିଳିପାରିବ ସେଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ରୋଟାରୀ କ୍ଲବ୍ ତରଫରୁ ଦହିପଣା ବଣ୍ଟନ

**ବାଣପୁର,୩୦।୪/ଏନ୍‌ଏନ୍‌ଏସ୍:** ପ୍ରବଳ ଗରମକୁ ଲକ୍ଷ୍ୟ ରଖି ତୃଷାର୍ତ୍ତମାନଙ୍କୁ ଗାନ୍ଧି ଛକସ୍ଥିତ ପୁରୁଣା ଥାନା ସମ୍ମୁଖରେ ବାଣପୁର ବାଲୁଗାଁ ରୋଟାରୀ କ୍ଲବ ପକ୍ଷରୁ ଦହି ପଣା ବଣ୍ଟନର ବ୍ୟବସ୍ଥା କରାଯାଇଛି। ଆଜି ପବିତ୍ର ଅକ୍ଷୟ ତୃତୀୟା ତିଥିରେ କ୍ଲବର ବରିଷ୍ଠ ସଦସ୍ୟ ତଥା ସ୍ଥାନୀୟ ଲୋକପ୍ରିୟ ଚିକିତ୍ସକ ଡାକ୍ତର ଯୋଗୀନ୍ଦ୍ର ସେନାପତିଙ୍କ ଦ୍ୱାରା ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମ ଆସନ୍ତା ଜୁନ ମାସ ଶେଷ ପର୍ଯ୍ୟନ୍ତ ପ୍ରତ୍ୟେହ ଦିବା ୧୧ଘଟିକାଠାରୁ ୨ଘଟିକା ପର୍ଯ୍ୟନ୍ତ ଚାଲୁରହିବ ବୋଲି କ୍ଲବର ସଭାପତି ଶ୍ୟାମସୁନ୍ଦର ପୃଷ୍ଟି ଓ ସମ୍ପାଦକ ଅଶୋକ କୁମାର ନାୟକଙ୍କ ଠାରୁ ପ୍ରକାଶ। ଏଥିରେ କ୍ଲବର ପ୍ରାକ୍ତନ ସଭାପତି ବିଜୟ କୁମାର ନନ୍ଦ, ଧୀରେନ୍ଦ୍ରନାଥ ପାତ୍ର, ରବି ନାରାୟଣ ନାୟକ, ଅଶୋକ କୁମାର ପାତ୍ର, ଜଗଦୀଶ ପ୍ରସାଦ ଲାକୋଟିଆ, ନନ୍ଦକିଶୋର ମିଶ୍ର ଓ ଆସନ୍ତା ବର୍ଷର ସଭାପତି ସୁନୀଲ କୁମାର ପାତ୍ରଙ୍କ ସମେତ ସଦସ୍ୟ ଡ. ଚିନ୍ତାମଣୀ ମିଶ୍ର, ସିଏ ମାନସ ରଞ୍ଜନ ବାରିକି, ବିଚିତ୍ରାନନ୍ଦ ପାତ୍ର, ସିଏ. ସତୀଶ କୁମାର ସୁବୁଦ୍ଧି ପ୍ରମୁଖ ଯୋଗଦାନ କରିଥିଲେ।



# ଆଦର୍ଶ ପ୍ରଧାନଶିକ୍ଷକଙ୍କ ପରଲୋକ

**ବାଲିପାଟଣା,୩୦।୪/ଏନ୍‌ଏନ୍‌ଏସ୍:** ବାଲିପାଟଣା ବ୍ଲକ ଅନ୍ତର୍ଗତ ତୁରିନ୍ତିରା, ବାଞ୍ଛାନିଧି ମ.ଇ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅମୂଲ୍ୟ ମୋହନ ଦାଶ(୮୩) ଗତ ଏପ୍ରିଲ ୨୨ ତାରିଖ ମଙ୍ଗଳବାର ଇହଲୀଳା ସମ୍ବରଣ କରିଛନ୍ତି। ଦୀର୍ଘ ୩୫ବର୍ଷ ଧରି ସେ ତୁରିନ୍ତିରା ବାଞ୍ଛାନିଧି ମ.ଇ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରୂପେ ଦାୟିତ୍ୱ ତୁଲାଇବା ପରେ ଗତ ୨୦୦୦ ମସିହାରେ ଅବସର ଗ୍ରହଣ କରିଥିଲେ। ଗତ କିଛିମାସ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ହୋଇ ପଡିଥିଲେ। ଜଣେ କର୍ତ୍ତବ୍ୟ ପରାୟଣ ତଥା ନିଷ୍ଠାପର ଶିକ୍ଷକ ଭାବରେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଶିକ୍ଷକ ଜୀବନ ରେ ସଦା ସର୍ବଦା ଛାତ୍ରଛାତ୍ରୀଙ୍କ ଭିତରେ ଥିବା ସୁପ୍ତ ପ୍ରତିଭାର ବିକାଶ ପାଇଁ ପ୍ରୟାସ କରୁଥିଲେ ଯାହା ତାଙ୍କୁ ଜଣେ ଛାତ୍ର ବତ୍ସଳ ଶିକ୍ଷକ ଭାବରେ ପରିଚିତ କରାଇଥିଲା। ଜଣେ ସମୟାନୁବର୍ତ୍ତିତା ଓ କର୍ତ୍ତବ୍ୟ ପରାୟଣ ବ୍ୟକ୍ତି ହୋଇଥିବାରୁ ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁବେଳକୁ ତାଙ୍କ ନିକଟରେ ଦୁଇ ପୁତ୍ର, ପୁତ୍ରବଧୂ, କନ୍ୟା, ଦୁଇ ନାତି ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।



# ରାୟପୁର ଶିଶୁମନ୍ଦିରର ବାର୍ଷିକ ଉତ୍ସବ



**ଫୁଲନଖରା,୩୦।୪/ଏନ୍‌ଏନ୍‌ଏସ୍:** ସଦର ଥାନା ଅନ୍ତର୍ଗତ ରାୟପୁରଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୭ତମ ବାର୍ଷିକ ଉତ୍ସବ ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଦଧିଚି ଶିକ୍ଷାନୁଷ୍ଠାନ ସମୂହ ପରିଚାଳନା ନିର୍ଦ୍ଦେଶକ ତଥା ଶିକ୍ଷାବିତ ଡଃ. ମନୋଜ କୁମାର ଦାଶ ମୁଖ୍ୟ ଅତିଥି, ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ ଦାଶ ମୁଖ୍ୟବକ୍ତା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଣ୍ଡିତ ରବିନାରାୟଣ ପଣ୍ଡା ଏବଂ ସମ୍ପାଦକ ମାନସ କୁମାର ପଣ୍ଡା ସମ୍ମାନିତ ଅତିଥିରୂପେ ମଞ୍ଚାସୀନ ହୋଇ ପିଲାମାନଙ୍କ ମଧ୍ୟରେ ଅନ୍ତର୍ନିହିତ ପ୍ରତିଭା ପରିପ୍ରକାଶରେ ଉଭୟ ଅଭିଭାବକ ଓ ଶିକ୍ଷକମାନଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥିବା ବିଷୟ ବର୍ଣ୍ଣନା କରିବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାମୂଳକ ବିଭାଗର କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷାନୁଷ୍ଠାନ ଉପସଭାପତି ପ୍ରଦୀପ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ନାହାଙ୍ଗରେ ଉତ୍କଳ ଗୌରବଙ୍କ ଜୟନ୍ତୀ

**କୁଆଁପାଳ,୩୦।୪/ଏନ୍‌ଏନ୍‌ଏସ୍:** ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦ ଦୁଲାରପୁର ଗୋପାଳପୁର ତରଫରୁ ମାହାଙ୍ଗା ବ୍ଲକର ନାହାଙ୍ଗ ପଞ୍ଚାୟତସ୍ଥିତ ନାହାଙ୍ଗଠାରେ ଥିବା କୋଚିଂ ସେଣ୍ଟର ପରିସରରେ ଶିକ୍ଷକ ଜ୍ୟୋତିରଞ୍ଜନ ମହାନ୍ତିଙ୍କ ଆବାହକତ୍ୱରେ ସ୍ୱାଭିମାନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ସଂସଦର ସଂପାଦକ ଗୌତମଚରଣ ଜେନା ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ମଧୁବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଦେବରଞ୍ଜନ ମହାନ୍ତି, ଶିକ୍ଷାବିତ୍ ନିରଞ୍ଜନ ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ, କବି ରାଜକିଶୋର ମିଶ୍ର, ପ୍ରଫୁଲ୍ଲ କୁମାର ସିଂହ, ସ୍ତମ୍ଭକାର ବିବେକାନନ୍ଦ ଦାସ, ପୂର୍ବତନ ସିଆର୍‌ସିସି ରମାକାନ୍ତ ଦାସ, ପ୍ରଧାନଶିକ୍ଷକ ପ୍ରଦୀପ୍ତ କୁମାର ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରି ମଧୁବାବୁଙ୍କ ବିଭିନ୍ନ କୀର୍ତ୍ତି ଓ କୃତୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରର ମଧୁବାବୁଙ୍କ ସମ୍ପର୍କିତ କବିତାପାଠ କରାଯାଇଥିଲା। ପଗଡ଼ି ପୁରୁଷ ମଧୁବାବୁ ଓଡ଼ିଆର ସ୍ୱାଭିମାନ ଓ ଅସ୍ମିତା ପାଇଁ କିଭଳି ଉଦ୍ୟମ କରିଥିଲେ ସେ ସଂପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ କୋଚିଂ ସେଣ୍ଟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲା ବେଳେ ଶିକ୍ଷକ ଚିତ୍ତରଞ୍ଜନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।



ନିତି ଭାରତୀ

ଜୀବନ ଅପେକ୍ଷା ସମ୍ପର୍କ ଅଧିକ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ସବୁ ସମ୍ପର୍କରେ ଜୀବନ ରହିବା ମଧ୍ୟ ତତୋଧିକ ଗୁରୁତ୍ୱପୂର୍ଣ୍ଣ।

- ସ୍ୱାମୀ ବିବେକାନନ୍ଦ

ନିତିଦିନ NITIDIN

ଗୁରୁବାର, ୧ ମେ ,୨୦୨୫

# ଶ୍ରମିକ ଦିବସ ଓ ଶ୍ରମ ସଂହିତା

ଇଂରେଜ ଶାସନ କାଳରୁ ଆଜିଯାଏଁ କର୍ମଚାରୀଙ୍କ ସୁରକ୍ଷା ଓ ମଙ୍ଗଳ ପାଇଁ ଉଦ୍ଦିଷ୍ଟ ସମୁଦାୟ ୪୪ଟି ଶ୍ରମ ଅଧିନିୟମରୁ ୧୫ଟିକୁ ସଂପୂର୍ଣ୍ଣ ଉଚ୍ଛେଦ କରି ବାକି ୨୯ଟି ଅଧିନିୟମକୁ କେନ୍ଦ୍ର ସରକାର ନିଯୁକ୍ତିଦାତାଙ୍କୁ ସୁହାଇଲା ଭଳି ୪ଟି ଶ୍ରମ ସଂହିତାରେ ପରିଣତ କରି ସାରିଛନ୍ତି। ସିଧାସଳଖ ଉଚ୍ଛେଦ ହୋଇଥିବା ଅଧିନିୟମଗୁଡ଼ିକ ମଧ୍ୟରେ କର୍ମଚାରୀ ଦାୟିତ୍ୱ ଅଧିନିୟମ ୧୯୩୮, ସାପ୍ତାହିକ ଛୁଟି ଅଧିନିୟମ ୧୯୪୨, ଶିକ୍ଷାନବୀଶ ଅଧିନିୟମ ୧୯୬୧ ଏବଂ ବିଡ଼ି, ସିନେମା ଶ୍ରମିକ ସହ ଅଭ୍ର, ଲୁହାପଥର, ମାଙ୍ଗାନିଜ, କ୍ରୋମ୍, ଚୂନପଥର ଖଣି ଶ୍ରମିକ କଲ୍ୟାଣ ନିଧି ଓ ଉପକର ଅଧିନିୟମ ସମୂହ ଇତ୍ୟାଦି ପ୍ରମୁଖ। ବାକି ୨୯ଟି ଅଧିନିୟମରୁ ମଜୁରି ପ୍ରଦାନ ଅଧିନିୟମ ୧୯୩୬, ସର୍ବନିମ୍ନ ମଜୁରି ଅଧିନିୟମ ୧୯୪୮, ବୋନସ୍ ପ୍ରଦାନ ଅଧିନିୟମ ୧୯୬୫ ଓ ସମାନ ମଜୁରି ପ୍ରଦାନ ଅଧିନିୟମ ୧୯୭୬ ଭଳି ଚାରୋଟି ଅଧିନିୟମକୁ 'ମଜୁରି ସଂହିତା ୨୦୧୯'ରେ ବିଲୀନ କରା ଯାଇଥିବା ବେଳେ ଟ୍ରେଡ୍ ୟୁନିଅନ ଅଧିନିୟମ ୧୯୨୬, ଔଦ୍ୟୋଗିକ ବିବାଦ ଅଧିନିୟମ ୧୯୪୭




ବୃହସ୍ପତି ସାମଲ

ଏବଂ ଔଦ୍ୟୋଗିକ ନିଯୁକ୍ତି ଅଧିନିୟମ ୧୯୪୬ ଭଳି ତିନୋଟି ଅଧିନିୟମକୁ ନେଇ 'ଔଦ୍ୟୋଗିକ ସମ୍ପର୍କ ସଂହିତା ୨୦୨୦' ଗୃହୀତ ହୋଇଛି। ସେହିଭଳି କର୍ମଚାରୀ କ୍ଷତିପୂରଣ ଅଧିନିୟମ ୧୯୨୩, କର୍ମଚାରୀ ରାଜ୍ୟ ବୀମା ଅଧିନିୟମ ୧୯୪୮, କର୍ମଚାରୀ ଭବିଷ୍ୟନିଧି ଓ ବିବିଧ ବ୍ୟବସ୍ଥା ଅଧିନିୟମ ୧୯୫୨, ରୋଜଗାର କାର୍ଯ୍ୟାଳୟ (ବାଧ୍ୟତାମୂଳକ ଖାଲି ସ୍ଥାନ ଅଧିସୂଚନା) ଅଧିନିୟମ ୧୯୫୯, ମାତୃତ୍ୱ ସୁବିଧା ଅଧିନିୟମ ୧୯୬୧, ଗ୍ରାଚୁଇଟି ପ୍ରଦାନ ଅଧିନିୟମ ୧୯୭୨, ଚଳଚ୍ଚିତ୍ର ଶ୍ରମିକ କଲ୍ୟାଣ ପାଣ୍ଠି ଅଧିନିୟମ ୧୯୮୧, କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ଉପକର ଅଧିନିୟମ ୧୯୯୬ ଓ ଅସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ଅଧିନିୟମ ୨୦୦୮ଭଳି ନଅଟି ଅଧିନିୟମକୁ 'ସାମାଜିକ ସୁରକ୍ଷା ସଂହିତା ୨୦୨୦'ର ପରିସରଭୁକ୍ତ କରା ଯାଇଥିବା ବେଳେ କାରଖାନା ଅଧିନିୟମ ୧୯୪୮, ଖଣି ଅଧିନିୟମ ୧୯୫୨, ପୋତାଶ୍ରୟ ଶ୍ରମିକ (ସୁରକ୍ଷା, ସ୍ୱାସ୍ଥ୍ୟ ଓ କଲ୍ୟାଣ) ଅଧିନିୟମ ୧୯୮୬, କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ (ନିଯୁକ୍ତି ଓ ସେବା ସର୍ତ୍ତାବଳୀ ନିୟନ୍ତ୍ରଣ) ଅଧିନିୟମ ୧୯୯୬, ଉଦ୍ୟାନ ଶ୍ରମ ଅଧିନିୟମ ୧୯୫୧, ଠିକା ଶ୍ରମ ( ନିୟନ୍ତ୍ରଣ ଓ ଉଚ୍ଛେଦ) ଅଧିନିୟମ ୧୯୭୦, ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ (ନିଯୁକ୍ତି ଓ ସେବା ସର୍ତ୍ତାବଳୀ ନିୟନ୍ତ୍ରଣ) ଅଧିନିୟମ ୧୯୭୯, ଶ୍ରମଜୀବୀ ପତ୍ରକାର ଓ ଅନ୍ୟ ସମାଚାରପତ୍ର କର୍ମଚାରୀ (ସେବା ସର୍ତ୍ତାବଳୀ) ଓ ବିବିଧ ବ୍ୟବସ୍ଥା ଅଧିନିୟମ ୧୯୫୫, ଶ୍ରମଜୀବୀ ପତ୍ରକାର (ମଜୁରି ଦର ନିର୍ଦ୍ଧାରଣ) ଅଧିନିୟମ ୧୯୫୮, ମୋଟର ପରିବହନ ଶ୍ରମିକ ଅଧିନିୟମ ୧୯୬୧, ବିକ୍ରୟ ଉନ୍ନୟନ କର୍ମଚାରୀ (ସେବା ସର୍ତ୍ତାବଳୀ) ଅଧିନିୟମ ୧୯୭୬, ବିଡ଼ି ଓ ସିଗାର ଶ୍ରମିକ (ନିଯୁକ୍ତିର ସ୍ଥିତି) ଅଧିନିୟମ ୧୯୬୬ ଏବଂ ଚଳଚ୍ଚିତ୍ର କର୍ମଚାରୀ ଓ ଚଳଚ୍ଚିତ୍ର-ମଞ୍ଚ କର୍ମଚାରୀ (ନିଯୁକ୍ତି ନିୟନ୍ତ୍ରଣ) ଅଧିନିୟମ ୧୯୮୧ ଭଳି ତେରଟି ଅଧିନିୟମକୁ କେନ୍ଦ୍ର ସରକାର 'ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ସର୍ତ୍ତାବଳୀ ସଂହିତା ୨୦୨୦'ରେ ଅନ୍ତର୍ଭୁକ୍ତ କରିଛନ୍ତି।

ଉପରୋକ୍ତ ଉଚ୍ଛେଦ ଓ ମିଶ୍ରଣକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଅନୁମେୟ ହୁଏ ଯେ ଉଚ୍ଛେଦ ହୋଇଥିବା ତଥା ବିଶେଷ ଭାବେ ମଜୁରି ସଂହିତା ଓ ଔଦ୍ୟୋଗିକ ସମ୍ପର୍କ ସଂହିତାରେ ସନ୍ନିବେଶିତ ହୋଇଥିବା ଅଧିକାଂଶ ଅଧିନିୟମ ଇଂରେଜ ଶାସନ ଅଥବା ସ୍ୱାଧୀନତା ପ୍ରାପ୍ତି ସମୟର। ଅର୍ଥାତ୍ ଶ୍ରମିକ ଶ୍ରେଣୀ ଇଂରେଜ ଶାସକ ତଥା ସେ ସମୟର ପୁଞ୍ଜିବାଦୀ ଶୋଷଣ ଓ ଅନ୍ୟାୟ ବିରୁଦ୍ଧରେ 'ଦୁନିଆର ଶ୍ରମିକ ଏକ ହୁଅ'ର ନାରା ସହ ଦଶନ୍ଧି ଦଶନ୍ଧି ଧରି କ୍ରମାଗତ ସଂଗଠିତ ସଂଘର୍ଷ ଦ୍ୱାରା ଆଇନତଃ ନିଜର ସୁରକ୍ଷା ଓ ମଙ୍ଗଳ ପାଇଁ ଯେଉଁ ସବୁ ଅଧିକାର ହାସଲ କରିଥିଲେ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଭାରତର ସମ୍ବିଧାନ ତଥା ଉଚ୍ଚତମ ନ୍ୟାୟାଳୟ ଯାହାକୁ ମାନ୍ୟତା ପ୍ରଦାନ କରିଥିଲେ, ସ୍ୱାଧୀନ ଭାରତରେ ଆଜିର ସରକାର ଚାଲାକି କରି ଗଣତାନ୍ତ୍ରିକ ଉପାୟରେ ସଂସଦର ସାହାଯ୍ୟ ନେଇ ସମସ୍ତ ଅଧିନିୟମକୁ ସଂହିତାରେ ପରିଣତ କରି କେବଳ ଶ୍ରମିକ ଶ୍ରେଣୀର ସ୍ୱାର୍ଥ ଓ ବିଶ୍ୱାସକୁ ଯେ ଆଘାତପ୍ରାପ୍ତ କରିଛନ୍ତି, ତାହା ନୁହେଁ, ବରଂ ପୁଞ୍ଜିବାଦକୁ ପୁନଃ ପ୍ରୋତ୍ସାହିତ କରି ସବୁମତେ ଶ୍ରମିକ ଶୋଷଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାର ସମସ୍ତ ଦ୍ୱାର ଉନ୍ମୁକ୍ତ କରିଛନ୍ତି। ବିଶ୍ୱ ଶ୍ରମିକ ଦିବସ ଅବସରରେ ସଂକ୍ଷିପ୍ତରେ ଶ୍ରମ ସଂହିତାଗୁଡ଼ିକର ଶ୍ରମିକ ବିରୋଧୀ ଦିଗଗୁଡ଼ିକ ଆଲୋଚନା କଲେ ହୃଦବୋଧ ହେବ ଯେ ଶ୍ରମ ଅଧିନିୟମ ବଦଳରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଶ୍ରମ ସଂହିତାର ପ୍ରସ୍ତାବିତ ପ୍ରଚଳନ ସ୍ୱାଧୀନ ଭାରତରେ ଶ୍ରମିକମାନଙ୍କ ନ୍ୟାଯ୍ୟ ଅଧିକାର ପ୍ରତି ଗଣତନ୍ତ୍ରର ଏକ କ୍ରୁର ଅଟ୍ଟହାସ୍ୟ।

ପ୍ରଥମତଃ, ମାଲିକ ଶ୍ରେଣୀର ଲୁକ୍କାୟିତ ଉଦ୍ଦେଶ୍ୟ ଚରିତାର୍ଥ କରିବାକୁ ଯାଇ ମଜୁରୀ ସଂହିତାରେ ଶ୍ରମିକ ଓ କର୍ମଚାରୀଙ୍କ ସଂଜ୍ଞା ଭିନ୍ନ ଭିନ୍ନ ଭାବେ ବର୍ଣ୍ଣନା କରାଯାଇଛି। ଉଦାହରଣ ସ୍ୱରୂପ, ଧାରା ୨(କେ)ରେ ଉଲ୍ଲେଖ କର୍ମଚାରୀଙ୍କ ସଂଜ୍ଞା ମଧ୍ୟରେ କାର୍ଯ୍ୟରତ ସାମ୍ବାଦିକ, ସମ୍ବାଦପତ୍ର କର୍ମଚାରୀ ତଥା ବିକ୍ରୟ ଉନ୍ନୟନ କର୍ମଚାରୀମାନେ ବାଦ୍ ପଡ଼ିଥିଲା ବେଳେ ସେମାନଙ୍କୁ ଧାରା ୨(ଜେଡ୍)ରେ ଥିବା ଶ୍ରମିକ ସଂଜ୍ଞା ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇଛି। ସେହିଭଳି ମଜୁରୀ ପ୍ରଦାନ ସହ ସଂପୃକ୍ତ ସଂହିତାର ତୃତୀୟ ପରିଚ୍ଛେଦରେ ଶ୍ରମିକ ଶବ୍ଦ ହିଁ ନାହିଁ, ଯାହାଦ୍ୱାରା ସଂହିତାରେ ଭୁଲ୍ ତର୍ଜମା କରି ମାଲିକ ଓ ନିଯୁକ୍ତିଦାତାମାନେ ବାଛ ବିଚାର କରି ପାରିବେ। ସେହିପରି ସଂହିତାର ଧାରା ୨ (ୱାଇ)ରେ ଅନ୍ୟାନ୍ୟ ସମସ୍ତ ଭତ୍ତାକୁ ବାଦ୍ ଦେଇ କେବଳ ମୂଳ ଦରମା, ମହଙ୍ଗୀ ଭତ୍ତା ଓ ପାଉଥିବା ଭତ୍ତାକୁ ନେଇ ମଜୁରୀର ସଂଜ୍ଞାକୁ ସଙ୍କୁଚିତ କରା ଯାଇଥିବା ବେଳେ ସର୍ବନିମ୍ନ ମଜୁରିର ସଂଜ୍ଞା କି ମାନଦଣ୍ଡ ସ୍ଥିର କରାଯାଇ ନାହିଁ। ସେହିଭଳି ଦୈନିକ କାର୍ଯ୍ୟ ସମୟକୁ ସରକାରଙ୍କ ଉପରେ ଛାଡ଼ି ଦିଆଯାଇଛି। ମଜୁରି ନିର୍ଦ୍ଧାରଣ ପାଇଁ ଉଦ୍ଦିଷ୍ଟ ପରାମର୍ଶଦାତା ବୋର୍ଡରେ କର୍ମଚାରୀ, ମାଲିକ ଓ ସ୍ୱାଧୀନ ବ୍ୟକ୍ତିବିଶେଷ ଯଦିଓ ଏକ ତୃତୀୟାଂଶ ଭାବେ ରହିବେ, ସେମାନେ କେବଳ ଆଲୋଚନା ହିଁ କରିବେ। ବୋର୍ଡର ସୁପାରିସ ମାନିବାକୁ ସରକାର ବାଧ୍ୟ ନୁହନ୍ତି। ଅନୁରୂପ ଭାବେ ସଂହିତାରେ ଶ୍ରମିକମାନଙ୍କୁ ବୋନସ୍‌ର ପ୍ରତିଶ୍ରୁତି ଦେବା ବଦଳରେ ସେମାନଙ୍କୁ ବୋନସ୍‌ରୁ ବଞ୍ଚିତ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି।

ଦ୍ୱିତୀୟରେ, ଔଦ୍ୟୋଗିକ ସମ୍ପର୍କ ସଂହିତାରେ ନିଯୁକ୍ତିର ସଂଜ୍ଞା ପରିବର୍ତ୍ତନ କରି ସରକାର ଶ୍ରମିକମାନଙ୍କ ଅଧିକାରକୁ ଖର୍ବ କରିବା ସହ ମାଲିକମାନେ ସେମାନଙ୍କୁ ନିରଙ୍କୁଶ ଭାବେ ଶୋଷଣ କରିବାର ପଥ ପ୍ରଶସ୍ତ ଓ ପରିଷ୍କାର କରିଛନ୍ତି। ସଂହିତାରେ ନିଯୁକ୍ତିକୁ ଅସ୍ଥାୟୀ, କ୍ଷଣସ୍ଥାୟୀ ଓ ଠିକାକରଣ କରାଯାଇଛି। ଔଦ୍ୟୋଗିକ ବିବାଦ ଅଧିନିୟମର ଧାରା ୨୫ (ଏଫ୍) ଅନୁଯାୟୀ ଜଣେ ଶ୍ରମିକ ୨୪୦ ଦିନରୁ ଅଧିକ କାମ କରିଥିଲେ ମାସକ ପୂର୍ବରୁ ନୋଟିସ୍ ନଚେତ୍ ମାସକର ଦରମା ଓ ନିର୍ଦ୍ଧାରିତ କ୍ଷତିପୂରଣ ପାଇଁ ମାଲିକଙ୍କୁ ବାଧ୍ୟ କରି ପାରୁଥିଲା। କିନ୍ତୁ ଔଦ୍ୟୋଗିକ ସମ୍ପର୍କ ସଂହିତା ବିନା ନୋଟିସ୍ କିମ୍ବା କ୍ଷତିପୂରଣରେ ଶ୍ରମିକଙ୍କୁ ବିଦା କରିବାର ନିରଙ୍କୁଶ କ୍ଷମତା ମାଲିକଙ୍କୁ ପ୍ରଦାନ କରିଛି। କୌଣସି ଶିଳ୍ପାନୁଷ୍ଠାନରେ ଏକ ଶହରୁ ଅଧିକ ଶ୍ରମିକ କାର୍ଯ୍ୟ କରୁଥିଲେ ଛଟେଇ କିମ୍ବା କାରଖାନାକୁ ବନ୍ଦ କରିବାକୁ ଔଦ୍ୟୋଗିକ ବିବାଦ ଅଧିନିୟମ ଅନୁସାରେ ସରକାରଙ୍କଠାରୁ ନବେ ଦିନ ପୂର୍ବରୁ ଅନୁମତି ଆଣିବାକୁ ପଡୁଥିଲା। ହେଲେ ଏବେ ଔଦ୍ୟୋଗିକ ସମ୍ପର୍କ ସଂହିତାରେ ଏହି ସଂଖ୍ୟା ତିନି ଶହକୁ ବୃଦ୍ଧି କରାଯାଇଥିବା ବେଳେ, ସଂସଦର ଅନୁମୋଦନ ଓ




ଆଇନର ସଂଶୋଧନ ବିନା ସରକାରଙ୍କ ଦ୍ୱାରା ଏକ ବିଜ୍ଞପ୍ତି ଜରିଆରେ ତିନି ଶହରୁ ଅଧିକକୁ ମଧ୍ୟ ବୃଦ୍ଧି କରାଯାଇ ପାରିବ। ଆକଳନ ଅନୁଯାୟୀ, ଏହାଦ୍ୱାରା ଦେଶର ୭୦% ଶିଳ୍ପାନୁଷ୍ଠାନ ଓ ୭୪% ଶ୍ରମିକ କ୍ଷତିଗ୍ରସ୍ତ ହେବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଟ୍ରେଡ୍ ୟୁନିଅନ ଅଧିନିୟମ ୧୯୨୬ର ବିଚାରଧାରାକୁ ନଷ୍ଟ କରି ଏହି ସଂହିତା ଟ୍ରେଡ୍ ୟୁନିଅନ ପଞ୍ଜିକରଣ ଓ ପରିଚାଳନାରେ ଶ୍ରମିକମାନଙ୍କର ଗଣତାନ୍ତ୍ରିକ ଅଧିକାରକୁ କ୍ଷୁଣ୍ଣ କରିଛି। ପ୍ରଚଳିତ ଆଇନକୁ ମୋଡ଼ି ମକଚି ଶ୍ରମିକ ସଂଗଠନମାନଙ୍କର ମୂଳଚାଳ କ୍ଷମତାକୁ ସଙ୍କୁଚିତ କରାଯିବା ସହ ସେମାନଙ୍କର ଧର୍ମଘଟ କରିବାର ଅଧିକାର ଉପରେ ନିଷେଧାଦେଶ ଜାରି କରାଯାଇଛି।

ତୃତୀୟରେ, ସାମାଜିକ ନିରାପତ୍ତା ସଂହିତା କୌଣସି ନୂତନ ସାମାଜିକ ସୁରକ୍ଷା ପ୍ରଦାନ କରିନାହିଁ କିମ୍ବା କୌଣସି ନୂତନ ବ୍ୟବସ୍ଥା ଦ୍ୱାରା ଏହାର ପରିସରକୁ ବ୍ୟାପକ କରିନାହିଁ। ବିଡ଼ି, ସିନେମା ଶ୍ରମିକ ସହ ଅଭ୍ର, ଲୁହାପଥର, ମାଙ୍ଗାନିଜ, କ୍ରୋମ୍, ଚୂନପଥର ଓ ଡୋଲୋମାଇଟ୍ ଖଣି ଶ୍ରମିକ କଲ୍ୟାଣ ନିଧି ଓ ଉପକର ଅଧିନିୟମକୁ ସଂହିତା ପ୍ରଚଳନ ଦ୍ୱାରା କେନ୍ଦ୍ର ସରକାର ଉଚ୍ଛେଦ କଲା ପରେ ଏହି କ୍ଷେତ୍ରର ଶ୍ରମିକମାନଙ୍କ ପାଇଁ କୌଣସି ନିର୍ଦ୍ଦିଷ୍ଟ ପାଣ୍ଠିର ବ୍ୟବସ୍ଥା କରାଯାଇ ନାହିଁ। କର୍ମଚାରୀ ଭବିଷ୍ୟନିଧି ଓ କର୍ମଚାରୀ ରାଜ୍ୟ ବୀମା ଆଇନରେ ଥିବା ସର୍ବନିମ୍ନ ସଂଖ୍ୟା, ଯାହାକି ଯଥାକ୍ରମେ ୨୦ ଓ ୧୦ ରହିଛି, ସଂହିତାରେ ତା'ର କୌଣସି ପରିବର୍ତ୍ତନ ହୋଇ ନ ଥିବାରୁ ଅଧିକ ଶ୍ରମିକ ଏହାର ପରିସରଭୁକ୍ତ ହେବାରୁ ବଞ୍ଚିତ ହେବେ। କର୍ମଚାରୀ ଭବିଷ୍ୟନିଧି ଯୋଜନାରେ ଥିବା ଦେୟ ହାରରେ ପରିବର୍ତ୍ତନ (ମାଲିକମାନଙ୍କର ଦେୟ ୧୨%ରୁ ୧୦%କୁ ହ୍ରାସ) ମାଲିକମାନଙ୍କୁ ସୁହାଇବା ଭଳି ଆଇନରେ ଆବଶ୍ୟକୀୟ ପରିବର୍ତ୍ତନ ଆଣିବା ପାଇଁ ସରକାର ନିଜ ହାତକୁ କ୍ଷମତା ନେବା ସହ ସାମ୍ବିଧାନିକ ତ୍ରିପାକ୍ଷିକ କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡର ସଂଜ୍ଞା, ଗଠନ ପ୍ରଣାଳୀ ଓ ଦାୟିତ୍ୱବୋଧକୁ ଦୁର୍ବଳ କରାଯାଇ କେବଳ ଏକ ସୁପାରିସକାରୀ ସଂସ୍ଥାରେ ପରିଣତ କରାଯିବା ଦ୍ୱାରା ଭବିଷ୍ୟନିଧି ଯୋଜନାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବାର ଚକ୍ରାନ୍ତ ଅତି ସ୍ପଷ୍ଟ। ସମାନ କଥା ମଧ୍ୟ କର୍ମଚାରୀ ରାଜ୍ୟ ବୀମା ଯୋଜନାରେ ପରିଲକ୍ଷିତ। ସଂହିତା ଅନୁଯାୟୀ ଶ୍ରମିକମାନଙ୍କ ଦେୟ ୧.୭୫%ରୁ ୦.୭୫%କୁ ଏବଂ ମାଲିକମାନଙ୍କ ଦେୟ ୪.୭୫%ରୁ ୩.୨୫%କୁ ହ୍ରାସ ହେବା ଦ୍ୱାରା ପୂର୍ବରୁ ଉପଲବ୍ଧ ଥିବା ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ବାଧାପ୍ରାପ୍ତ ହେବାରେ ସମ୍ଭାବନା ରହିଛି। ସବୁଠାରୁ ବଡ଼ କ୍ଷୋଭ ଓ ପରିତାପର ବିଷୟ ହେଲା, ଆଶା, ଅଙ୍ଗନବାଡ଼ି, ପାଚିକା, ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପରେ ଥିବା ଶିକ୍ଷକ ଓ ଅଣଶିକ୍ଷକ ଭଳି ସ୍କିମ୍ ଶ୍ରମିକମାନେ ଏଯାଏଁ କର୍ମଚାରୀ ଭବିଷ୍ୟନିଧି ଓ ରାଜ୍ୟ ବୀମା ଯୋଜନାର ସୁବିଧା ପାଉ ନଥିବା ବେଳେ ସାମାଜିକ ସୁରକ୍ଷା ସଂହିତା ସେ ବାବଦରେ ନିରବ।

ଶେଷରେ 'ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ସର୍ତ୍ତାବଳୀ ସଂହିତା' ପ୍ରଚଳନ ଯୋଗୁଁ ପୂର୍ବରୁ ୧୩ଟି ଅଧିନିୟମରୁ ପ୍ରାପ୍ତ ଅନେକ ସୁବିଧା ସୁଯୋଗରୁ ବହୁ ଶ୍ରମିକ ବାଦ୍ ପଡ଼ିବେ। ବିଶେଷ ଭାବେ ଅସଂଗଠିତ କ୍ଷେତ୍ର, ନିର୍ମାଣ, ଠିକା, ଦାଦନ, ପରିବହନ, ବିଡ଼ି ଓ ସିଗାର ଶ୍ରମିକ ଏବଂ ବହୁ ସଂଖ୍ୟକ ସାମ୍ବାଦିକ କ୍ଷତିଗ୍ରସ୍ତ ହେବେ। ସଂହିତାରେ ଶ୍ରମିକ ଓ କର୍ମଚାରୀଙ୍କ ସଂଜ୍ଞା ଏକ ଭ୍ରମାତ୍ମକ ଢଙ୍ଗରେ ବାଖ୍ୟା କରାଯାଇଛି। ପଞ୍ଚମ ଓ ଷଷ୍ଠ ଅଧ୍ୟାୟରେ କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟ, ନିରାପତ୍ତା, କଲ୍ୟାଣ ଓ କାର୍ଯ୍ୟ ସର୍ତ୍ତାବଳୀ ଉଲ୍ଲେଖ ଥିବାବେଳେ, ସପ୍ତମ ଅଧ୍ୟାୟରେ ଶ୍ରମିକମାନଙ୍କର କାର୍ଯ୍ୟ ସମୟ, ସାପ୍ତାହିକ ଛୁଟି, ସବେତନ ଛୁଟି ଇତ୍ୟାଦି କଥା କୁହାଯାଇ ଥିବାରୁ କେଉଁ ସୁବିଧା କାହା ପାଇଁ ଲାଗୁ ହେବ, ତାହା ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ବିଦ୍ୟୁତ୍ ପରିଚାଳିତ କୌଣସି କାରଖାନାରେ ୨୦ ଜଣରୁ ଅଧିକ ଶ୍ରମିକ କାମ କରୁଥିଲେ, ତାହା ଏହି ସଂହିତାର ପରିସରଭୁକ୍ତ ହୋଇ ପାରିବ। ଅର୍ଥାତ୍ ଏହାଦ୍ୱାରା ଆମ ଦେଶର ବିଦ୍ୟୁତ୍ ପରିଚାଳିତ ହେଉ ନଥିବା କାରଖାନାର ୪୦% ଶ୍ରମିକ ସଂହିତା ପରିସର ବାହାରେ ରହିବାକୁ ବାଧ୍ୟ ହେବେ। ୨୦ରୁ ଉର୍ଦ୍ଧ୍ୱ ଶ୍ରମିକ ନିଯୁକ୍ତ କଲେ ଠିକାଦାରଙ୍କୁ ଶ୍ରମ କାର୍ଯ୍ୟାଳୟରୁ ଅନୁମତି ନେବାର ଆବଶ୍ୟକ ଥିଲା ବେଳେ ଏବେ ଏହି ସଂଖ୍ୟାକୁ ୫୦କୁ ବୃଦ୍ଧି କରାଯାଇ ଥିବାରୁ ଶ୍ରମିକମାନେ ଅଧିକ ଶୋଷିତ ହେବେ। ଆଜିର ଦିନରେ ଭାରତବର୍ଷର ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକରେ ୫୦%ରୁ ଅଧିକ ଓ ଘରୋଇ ଉଦ୍ୟୋଗରେ ୭୦%ରୁ ଅଧିକ କାର୍ଯ୍ୟରତ ଠିକା ଶ୍ରମିକ ଏହି ସଂହିତା ପ୍ରଚଳନ ଦ୍ୱାରା କେବେ ସ୍ଥାୟୀ କର୍ମଚାରୀର ମାନ୍ୟତା ଦାବି କରି ପାରିବେ ନାହିଁ। ୫୦୦ରୁ କମ୍ ଶ୍ରମିକ କାମ କରୁଥିବା କାରଖାନାରେ ନିରାପତ୍ତା କମିଟି ଓ ଅଧିକାରୀ ରହିବେ ନାହିଁ, ଯାହାଦ୍ୱାରା ୯୦% କାରଖାନାର ଶ୍ରମିକ ଏଥିରୁ ବାଦ୍ ପଡ଼ିବେ। ୨୫୦ରୁ କମ୍ ଶ୍ରମିକ କାମ କରୁଥିବା କାରଖାନାରେ ମଙ୍ଗଳ ଅଧିକାରୀ ରହିବେ ନାହିଁ କି ୧୦୦ରୁ କମ୍ ଶ୍ରମିକ କାମ କରୁଥିବା କାରଖାନାରେ କ୍ୟାଣ୍ଟିନ୍ ବ୍ୟବସ୍ଥା ରହିବ ନାହିଁ। ସେହିଭଳି ୫୦ରୁ କମ୍ ଶ୍ରମିକ କାମ କରୁଥିବା କାରଖାନାରେ କ୍ରେଚ୍, ଖାଇବା ଗୃହ ଓ ବିଶ୍ରାମ ଗୃହ ରହିବ ନାହିଁ।

ତେଣୁ ସାମଗ୍ରିକ ଭାବେ ଦେଖିଲେ, ଶ୍ରମ ଆଇନ ବଦଳରେ ଶ୍ରମ ସଂହିତା ପ୍ରଚଳନ ହେଲେ ଶ୍ରମିକମାନେ ବହୁବିଧ ସୁବିଧା ପାଇବେ ବୋଲି ଏକ ଅପପ୍ରଚାର ଚାଲିଛି ମାତ୍ର। ସଂହିତାଗୁଡ଼ିକ କାର୍ଯ୍ୟକାରୀ ହେଲେ କିଛି ନିର୍ଦ୍ଦିଷ୍ଟ ଉଦ୍ୟୋଗପତି ନିଯୁକ୍ତିଦାତାଙ୍କୁ ସୁହାଇବ ସିନା ନିରବଚ୍ଛିନ୍ନ ସଂଘର୍ଷ ଦ୍ୱାରା ପ୍ରାପ୍ତ ଦୈନିକ ନିର୍ଦ୍ଦିଷ୍ଟ ୮ ଘଣ୍ଟା କାର୍ଯ୍ୟ ସମୟ ସୀମା, ସର୍ବନିମ୍ନ ଓ ସମାନ କାମକୁ ସମାନ ମଜୁରି, ବୋନସ୍, ମହଙ୍ଗା ଭତ୍ତା, ଗସ୍ତ ଖର୍ଚ୍ଚ ଓ ଅନ୍ୟାନ୍ୟ ଆର୍ଥିକ ସୁବିଧାର ମାନ ନିର୍ଦ୍ଧାରଣ, ସାମୟିକ ଓ ଅର୍ଜିତ ଛୁଟି, ସାପ୍ତାହିକ କାର୍ଯ୍ୟ ଦିବସ, କାର୍ଯ୍ୟସ୍ଥଳୀରେ ସ୍ୱାସ୍ଥ୍ୟ ଓ ଜୀବନର ନିରାପତ୍ତା ଇତ୍ୟାଦି ସହ ଶ୍ରମିକ ସଂଗଠନର ହକ୍ ପାଇଁ କଥାବାର୍ତ୍ତାର ଅଧିକାର ସଙ୍କଟାପନ୍ନ ହେବ। ତେଣୁ ଚାରୋଟି ଶ୍ରମ ସଂହିତାର ଉଚ୍ଛେଦ ପାଇଁ ଭାରତର ପ୍ରମୁଖ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ବହୁ ସ୍ୱାଧୀନ ମହାସଂଘମାନେ ୨୦ ମେ' ୨୦୨୫ରେ ଏକ ସର୍ବଭାରତୀୟ ସାଧାରଣ ଧର୍ମଘଟ ଜରିଆରେ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଅଣ୍ଟା ଭିଡ଼ୁଥିବା ବେଳେ ସମ୍ପୂର୍ଣ୍ଣ ସହନଶୀଳତାର ସହ ଆପୋସ ଆଲୋଚନା ପାଇଁ ସରକାର ଆଗେଇ ଆସିବା ଏକାନ୍ତ ଅପରିହାର୍ଯ୍ୟ।

ସାଧାରଣ ସମ୍ପାଦକ
କେନ୍ଦ୍ର ସରକାରୀ କର୍ମଚାରୀ ଓ ଶ୍ରମିକ ପରିସଂଘ
ଓଡ଼ିଶା ରାଜ୍ୟ ସମନ୍ୱୟ ସମିତି, ଭୁବନେଶ୍ୱର
ମୋ: ୯୪୩୭୦୨୨୬୬୯

# ଟ୍ରମ୍ପଙ୍କ ଶହେ ଦିନ

ସମୟ ସବୁବେଳେ ଆଗେଇ ଚାଲିଛି; ତା' ସହିତ ଚାଲିଛି ପରିବର୍ତ୍ତନର ସୁଅ। ବିଶ୍ୱ ବକ୍ଷରେ ଏକ ମହାଶକ୍ତି ଭାବରେ ବିବେଚିତ ଯୁକ୍ତରାଷ୍ଟ୍ର ଆମେରିକାରେ ମଧ୍ୟ ଘଟିଛି ବିପୁଳ ପରିବର୍ତ୍ତନ ଏବଂ ଏହା ପ୍ରଭାବିତ କରିଛି ସମସ୍ତ ଦେଶଙ୍କୁ। ଇତ୍ୟବସରେ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ପଦରେ ଦ୍ୱିତୀୟ ଥର ପାଇଁ ଆସୀନ ହୋଇ ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ଶାସନର ୧୦୦ ଦିନ ପୂରଣ କରି ସାରିଛନ୍ତି। ତେବେ ଆମେରିକା ଇତିହାସରେ ତାଙ୍କ ଭଳି କୌଣସି ରାଷ୍ଟ୍ରପତି ଏତେ ଦ୍ରୁତ ଗତିରେ ବା ବ୍ୟାପକ ଭାବରେ ଉପରୋକ୍ତ ସ୍ୱଳ୍ପ ସମୟର ଅବଧି ମଧ୍ୟରେ ନିଜ ରାଷ୍ଟ୍ର ସହିତ ଅନ୍ୟ ରାଷ୍ଟ୍ରମାନଙ୍କରେ ବିପର୍ଯ୍ୟୟ ସୃଷ୍ଟି କରିବା ଭଳି କାର୍ଯ୍ୟ କରି ନଥିଲେ କି ବିଶ୍ୱ ସ୍ତରରେ ଅନ୍ୟ ରାଷ୍ଟ୍ରମାନଙ୍କୁ ଏତେ ବିପଦଗ୍ରସ୍ତ କରି ନଥିଲେ ବା ସେମାନଙ୍କର ଏତେ କ୍ଷତି କରି ନଥିଲେ। ବୈଶ୍ୱିକ ଅର୍ଥନୀତି ଏବେ ଉଦ୍‌ବିଗ୍ନ ଅବସ୍ଥାରେ, ଷ୍ଟକ୍ ଏବଂ ବଣ୍ଡ୍ ମାର୍କେଟ୍‌ଗୁଡ଼ିକ ଅନିଶ୍ଚିତତା ଦେଇ ଗତି କରୁଛନ୍ତି ଏବଂ ଆମେରିକୀୟ ଡଲାର ସହିତ ତୈଳ ଏବଂ ଗ୍ୟାସ୍‌ର ମୂଲ୍ୟ ନିମ୍ନ ସ୍ତରରେ, ଯାହାକୁ ଆଗରୁ ଯେମିତି ଏକ ତ୍ରାଣକର୍ତ୍ତା ଭାବରେ ବିବେଚନା କରାଯାଉଥିଲା, ବର୍ତ୍ତମାନ ସେମିତି ଦୃଷ୍ଟିରେ ଆଉ ଦେଖାଯାଉ ନାହିଁ। ଆମେରିକା ସହିତ ବାଣିଜ୍ୟିକ ଇତିହାସ ଆଧାରରେ ବଛା ବଛା ଟାରିଫ୍ ଲାଗୁ କରି ଏକ ପ୍ରତିଷ୍ଠିତ ବିଶ୍ୱ ଶୃଙ୍ଖଳାକୁ ପୁନଃସ୍ଥାପନ କରିବାର ଉଦ୍ୟମରେ ଟ୍ରମ୍ପ୍ ବିଶ୍ୱ ଅର୍ଥନୀତିକୁ ନିମ୍ନଗାମୀ କରାଇବାର ଭବିଷ୍ୟବାର୍ତ୍ତା ପ୍ରଦାନ କରି ସାରିଛନ୍ତି, ଯେତେବେଳେ କି ବିଶ୍ୱର ଦୁଇ ବୃହତ୍ତମ ଅର୍ଥନୀତି ବାଣିଜ୍ୟ ଯୁଦ୍ଧରେ ବ୍ୟାପୃତ ହୋଇ ସାରିଛନ୍ତି ଯାହା ସମାଧାନ ହେବାର ଉପକ୍ରମ ମାତ୍ରକୁ ଦର୍ଶାଉଛି। ତାଙ୍କ ଦ୍ୱାରା ଲାଗୁ କରାଯାଇଥିବା କେବଳ ଟାରିଫ୍ ଯୋଗୁଁ ସୃଷ୍ଟ ଉତ୍କଣ୍ଠା ହିଁ ସମଗ୍ର ବିଶ୍ୱକୁ କବଳିତ କରି ରଖିଛି ଏବଂ ଆମେରିକା ସହିତ ବାଣିଜ୍ୟ କାରବାରରେ ସମ୍ପୃକ୍ତ ହେବା ପୂର୍ବରୁ ଶହେ ଥର ଭାବିବାକୁ ଦେଶମାନଙ୍କୁ ବାଧ୍ୟ କରିଛି।

ଟ୍ରମ୍ପ୍ ଯଦି ଭାବୁଥାନ୍ତି ଯେ ଏଭଳି ପଦକ୍ଷେପ ସବୁ ନେଲେ ବିଶ୍ୱର ଅନ୍ୟ ଦେଶମାନେ ତାଙ୍କ ପାଦ ତଳକୁ ଆସିବେ, ତା'ହେଲେ ତାହା ତାଙ୍କର ଏହା ଏକ ଅବାସ୍ତବ କଳ୍ପନା, କାରଣ ୟୁରୋପୀୟ ରାଷ୍ଟ୍ରସଂଘ (ଇୟୁ) ଭଳି ଆମେରିକାର ପ୍ରମୁଖ ବ୍ୟବସାୟିକ ଅଂଶୀଦାରମାନେ ଏହାର ବିରୋଧ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ଟ୍ରମ୍ପ୍ ଯଦି 'ଆମେରିକାକୁ ପୁଣିଥରେ ମହାନ' କରି ଗଢ଼ି ତୋଳିବା ଉଦ୍ଦେଶ୍ୟରେ ରହିଥିବା ତାଙ୍କର କାର୍ଯ୍ୟସୂଚୀକୁ ଆରମ୍ଭ କରନ୍ତି, ଯାହାକୁ ସେ ହାସଲ କରି ପାରି ନାହାନ୍ତି, ଏମିତିକି ଜାପାନ୍‌ର ସହାୟତାରେ ମଧ୍ୟ, ଯିଏକି ସର୍ବାଧିକ ସଂଖ୍ୟକ ଆମେରିକୀୟ ବଣ୍ଡଗୁଡ଼ିକର ଅଧିକାରୀ, ତା'ହେଲେ ସେପରି ଭାବିବା ତାଙ୍କର ଅନ୍ୟ ଏକ ବୋକାମି ହେବ, କାରଣ ଜାପାନ୍ ଏବେ ତା'ର ପାଣ୍ଠିକୁ ଅନ୍ୟତ୍ର ରଖିବାକୁ ପ୍ରସ୍ତୁତି ଚଳାଇଛି। ତେଣୁ ବର୍ତ୍ତମାନ ସମୟରେ ଏସବୁ ଏକ ଦୋଦୁଲ୍ୟମାନ ଅବସ୍ଥା ସୃଷ୍ଟି କରିଛି ଏବଂ ଦୋଳିର ଗୋଟିଏ ପାଖ ଆଧିକ୍ୟ ଦିଗକୁ ଢଳି ରହୁଛି ଯାହା ସବୁ ଅର୍ଥନୀତିଙ୍କ ପାଇଁ ଏକ କଷ୍ଟକର ଯାତ୍ରାରେ ପରିଣତ ହେବା ସଙ୍ଗେ ସଙ୍ଗେ ଆମେରିକାର ଅନ୍ୟ ସମସ୍ତ ପୂର୍ବତନ ରାଷ୍ଟ୍ରପତି (ମୃତ ଏବଂ ଜୀବିତ)ଙ୍କ ତୁଳନାରେ ଟ୍ରମ୍ପଙ୍କ ଭାବମୂର୍ତ୍ତିକୁ ଯଥେଷ୍ଟ ତଳକୁ ଖସାଇ ଆଣିଛି- ଏବଂ ଏହା ହୋଇଛି ମାତ୍ର ୧୦୦ ଦିନ ଭିତରେ; ଏମିତିକି ୨୦୧୭ରେ ପ୍ରଥମ ପାଳିର ରାଷ୍ଟ୍ରପତିତ୍ୱଠାରୁ ମଧ୍ୟ ଆହୁରି ନିମ୍ନ ସ୍ତରକୁ ଚାଲି ଯାଇଛି ତାଙ୍କର ଚଳିତ ପାଳିର ରାଷ୍ଟ୍ରପତିତ୍ୱ। ଆଉ ଏଥିରେ ବୁଝିବାରେ କୌଣସି ଅସୁବିଧା ନାହିଁ ଯେ ଟ୍ରମ୍ପଙ୍କର କାହିଁକି ଏପରି ଅବସ୍ଥା ହୋଇଛି- ତା'ର କାରଣ, ସେ ମତଦାତାମାନଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିବା ପାଇଁ ଏସବୁ କରୁଛନ୍ତି, କିନ୍ତୁ ବୁଝିପାରୁ ନାହାନ୍ତି ଏପରି କରିବା ଦ୍ୱାରା ନିଜ ରାଷ୍ଟ୍ରର ସେ ଲାଭ କରୁଛନ୍ତି ନା କ୍ଷତି!

ନିଜ ଦେଶ ଭିତରେ ଟ୍ରମ୍ପ୍ ମାନବୀୟ ସମ୍ପର୍କ କ୍ଷେତ୍ରରେ ଏଭଳି କେତେକ ପଦକ୍ଷେପ ନେଇ ସାରିଛନ୍ତି, ଯେଉଁଗୁଡ଼ିକ ଖୁବ୍ କମ୍ ସମୟ ଭିତରେ ସମସ୍ତଙ୍କୁ ଆଘାତ ପହଞ୍ଚାଇଛି, ଯେଉଁଥିପାଇଁ ସେମାନେ ଏହାକୁ ଆମେରିକୀୟ ବିପର୍ଯ୍ୟୟ ଭାବରେ ବିବେଚନା କରୁଛନ୍ତି। ନାଗରିକ ସ୍ୱାଧୀନତା ପ୍ରତି ତାଙ୍କର ସମ୍ପୂର୍ଣ୍ଣ ବେଖାତିର ଭାବ, ବହୁଳତାବାଦ ପ୍ରତି ଅବମାନନା, କ୍ଷମତାର ବିଭାଜନ ପ୍ରତି ଦାୟିତ୍ୱହୀନ ଭାବରେ ଅସମ୍ମାନ ପ୍ରଦର୍ଶନ ଏବଂ ନିଜର କାର୍ଯ୍ୟସୂଚୀକୁ ବାସ୍ତବତାରେ ପରିଣତ କରିବା ବେଳେ ସେ ସାମ୍ନା କରୁଥିବା ଆଇନଗତ ପ୍ରତିବନ୍ଧକ ସମୂହ ଆମେରିକୀୟ ବିଧି ବ୍ୟବସ୍ଥା ପ୍ରତି ଏଭଳି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ଯେ ତାହା ସମ୍ବିଧାନକୁ ମଧ୍ୟ ବିଚାର ପରିସରକୁ ଆଣୁନାହିଁ। କେବଳ ବେଆଇନ ପ୍ରବାସୀମାନଙ୍କ ମନରେ ନୁହେଁ, ସେ ମଧ୍ୟ ଆମେରିକାରେ ବାସ କରୁଥିବା ଆଇନଗତ ପ୍ରବାସୀମାନଙ୍କ ମନରେ ଏକ ଆଶଙ୍କାର ବାତାବରଣ ସୃଷ୍ଟି କରି ସାରିଛନ୍ତି, ଯେତେବେଳେ ସେ ଜନ୍ମଗତ ଅଧିକାର ଅନୁସାରେ ନାଗରିକତ୍ୱକୁ ନେଇ ଆଇନ ଆଣିଛନ୍ତି ଯାହାକି ୨୦୦ ବର୍ଷ ଧରି ଆମେରିକାର ଏକ ବୈଶିଷ୍ଟ୍ୟ ଭାବରେ ରହି ଆସିଛି। କେଉଁମାନେ ସେହି ଦେଶରେ ବାସ କରବେ, ସେ ବାବଦରେ ଆଇନଗତ ଭାବରେ ସେହି ଦେଶର ସାର୍ବଭୌମତ୍ୱ ପ୍ରଦାନ କରିଥିବା ଆଶ୍ୱାସନା ସମ୍ପର୍କରେ କେହି ହେଲେ ପ୍ରଶ୍ନ କରୁ ନଥିବା ବେଳେ, ଯେଉଁଭଳି ଢଙ୍ଗରେ ଏହା କରାଯାଉଛି, ତାହା ସମଗ୍ର ବିଶ୍ୱକୁ ଚକିତ କରିଛି। ଟ୍ରମ୍ପଙ୍କ ପୂର୍ବରୁ କୌଣସି ଆମେରିକୀୟ ପ୍ରଶାସନ ପ୍ରଶ୍ନ କରାଯିବାର ପ୍ରଥାରୁ ବଞ୍ଚିତ ନଥିଲେ, କିନ୍ତୁ ଘରୋଇ ସ୍ୱାର୍ଥକୁ ପ୍ରୋତ୍ସାହନ ଦେବାକୁ ଯାଇ ଟ୍ରମ୍ପ୍ ପ୍ରଶାସନ ଏ କ୍ଷେତ୍ରରେ ନୂତନ ନିମ୍ନ ସ୍ତର ସ୍ଥାପନ କରି ସାରିଛନ୍ତି। ଧନୀ ଦାତାମାନଙ୍କୁ ସେ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି, ଷ୍ଟକ୍ ମାର୍କେଟ୍‌ରେ କେତେବେଳେ ପୁଞ୍ଜିନିବେଶ କରିବାକୁ ହେବ, ସେ ବାବଦରେ ରିପବ୍ଲିକାନ୍‌ମାନଙ୍କୁ ସହାୟତା ପ୍ରଦାନ କରୁଛନ୍ତି ଏବଂ ନିଜ ନାମ ତଥା ତାଙ୍କ ଭଳି ଲୋକମାନଙ୍କ ନାମର କ୍ରିପ୍ଟୋକରେନ୍ସିକୁ ପ୍ରୋତ୍ସାହିତ କରି ନିଜକୁ ଧନୀକ ତାଲିକାର ଶୀର୍ଷରେ ପହଞ୍ଚାଇବାର ସମସ୍ତ ଉଦ୍ୟମ ଜାରି ରଖିଛନ୍ତି। ଆଉ ତାଙ୍କ ସାଥୀ ଏଲନ୍ ମସ୍କ ସରକାରୀ ଦକ୍ଷତା ବିଭାଗର ଦାୟିତ୍ୱ ସମ୍ଭାଳି ଯାହା କରୁଛନ୍ତି, ତାହା ଅନେକଙ୍କୁ ଚାକିରି କରିବାକୁ ଏକ ଦୁଃସ୍ୱପ୍ନ ଭାବରେ ବିବେଚନା କରିବା ନିମନ୍ତେ ଅବଶ୍ୟ ବାଧ୍ୟ କରିବ। ଜଣେ ସମ୍ଭାବ୍ୟ ଯୁଦ୍ଧ ପରିସମାପ୍ତିକାରୀ ଭାବରେ ନୋବେଲ ଶାନ୍ତି ପୁରସ୍କାର ନିମନ୍ତେ ନାମିତ ହୋଇଥିବା ଟ୍ରମ୍ପ୍ ଏକକ ଭାବରେ ଗାଜା ଏବଂ ୟୁକ୍ରେନ୍ ଯୁଦ୍ଧରେ ମଧ୍ୟସ୍ଥି କରିବା କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏବଂ ବିଦେଶ ନୀତି କ୍ଷେତ୍ରରେ ତାଙ୍କର ପ୍ରଥମ ବଡ଼ ପରାଜୟ ଆସିଛି କାନାଡାରେ ମାର୍କ୍ କାର୍ଣ୍ଣିଙ୍କ ନେତୃତ୍ୱରେ ଲିବେରାଲମାନଙ୍କ ବିଜୟରୁ, ଯିଏକି ଯେ ପର୍ଯ୍ୟନ୍ତ ତାଙ୍କର ଦେଶ ଓ ଏହାର ସମ୍ବଳଗୁଡ଼ିକୁ ଟ୍ରମ୍ପ୍ ହାତେଇ ନେବାକୁ ଧମକ ଦେଉଥିବେ, ସେ ପର୍ଯ୍ୟନ୍ତ କାର୍ଣ୍ଣି ତାଙ୍କ ତଣ୍ଟିରେ ମାଛକଣ୍ଟା ଲାଗିବା ଭଳି ଅବସ୍ଥା ସୃଷ୍ଟି କରିବେ।

# ବିଫଳତା ହିଁ ସଫଳତାର ପାହାଚ

ଅନେକ ସମୟରେ ହାରିଯିବା, କାର୍ଯ୍ୟ କ୍ଷେତ୍ରରୁ ବିତାଡ଼ିତ ହୋଇଯିବା, ବହୁତ ପାଠ ପଢ଼ି ଚାକିରି ନ ପାଇବା ଭଳି ଅନେକ କ୍ଷେତ୍ରରେ ଆମେ ଭାଙ୍ଗିପଡୁ। କେହି ଜ୍ୟୋତିଷଙ୍କ ନିକଟରେ ଭାଗ୍ୟ ପରୀକ୍ଷା କରନ୍ତି ତ କିଏ ସାଧୁସନ୍ଥଙ୍କ ଆଶ୍ରା ନିଅନ୍ତି। ପାଠ ସରୁ ସରୁ ଚାକିରି ଖୋଜନ୍ତି। ଚାକିରି ଯାହା ହଉଛି ହଉ, କୋଉଠି ଗୋଟାଏ ନିଯୁକ୍ତି ପାଇଗଲେ କାମ ସରେ। ଲୋକଙ୍କୁ ଚାକିରି କରିଛି ବୋଲି କହି ହୁଏ। କିଛି ମଣିଷ ବିଫଳ ହେଲେ ପୂରା ଭାଙ୍ଗି ପଡ଼ନ୍ତି। ଆଗକୁ ଯିବାକୁ ଭୁ ପାଆନ୍ତିନି। ବାସ୍ତବରେ ଜୀବନ ଏମିତି ଜିଇଁ ହୁଏନା। ବୁଝିବାକୁ ହେବ ବିଫଳତା ଗୋଟିଏ ଉପଲବ୍ଧି। ଗୋଟିଏ ବାସ୍ତବ ଅନୁଭବ। ବିଫଳତାର ଅନୁଭବକୁ ଭିତ୍ତିକରି ଚେଷ୍ଟା, ପରିଶ୍ରମ, ଆଗ୍ରହ ଇତ୍ୟାଦିକୁ ଜାଗ୍ରତ କରିବା ଉଚିତ୍। ବିଫଳ ହେଲେ ବୋଲି ସର୍ବସ୍ୱ ଚାଲିଯାଇନି। ବିଫଳତାର ଭୂଇଁରେ ଠିଆ ହୋଇ, ମନରେ ସାହସ ବାନ୍ଧି ନୂଆ ସକାଳକୁ ଅପେକ୍ଷା କରିବା।


ସାର୍ ଆଇଜାକ୍ ନିଉଟନ ଶ୍ରଦ୍ଧାରେ କୁକୁରଟିଏ ରଖିଥିଲେ। ତା' ନାଁ ଜ୍ୟାକି। ସେ ସବୁବେଳେ ନିଉଟନଙ୍କ ପାଖେ ପାଖେ ରହୁଥିଲା। ନିଉଟନ ଲେଖାପଢ଼ା କଲାବେଳେ ସେ ଗୋଡ଼ ତଳେ ଶୋଇ ରହୁଥିଲା। ଦୀର୍ଘ ଦିନ ଧରି ନିଉଟନ ଗୋଟିଏ ଗବେଷଣା କରୁଥିଲେ। ଗବେଷଣା ପରେ ଗୋଟିଏ ନିବନ୍ଧ ଲେଖୁଥିଲେ। ଲେଖିଲା ବେଳେ ସେ କୁଆଡ଼େ ମନ ଦେଉ ନଥିଲେ। ଏମିତିକି ତାଙ୍କ ଖାଇବା, ପିଇବା, ଶୋଇବାର ଠିକ୍ ଠିକଣା ମଧ୍ୟ ନଥିଲା। ଗୋଟିଏ ଟେବୁଲ୍ ଉପରେ କାଗଜ, କଲମ ଓ ମହମବତୀଟିଏ ଥାଏ। ଅନ୍ଧାର ହେଲେ ବତୀ ଲଗାଯାଏ। ଲେଖା ଚାଲେ। ଯେଉଁ ଦିନ ଲେଖା ସରିଲା, ନିଉଟନ ପୂରା ଆଶ୍ୱସ୍ତି ଅନୁଭବ କଲେ। ଶାନ୍ତିରେ ନିଃଶ୍ୱାସ ମାରିଲେ। ସଫଳତା ପାଇବାର ଖୁସିରେ ହଜିଗଲେ। କିଛି ସମୟ ବାହାରକୁ ବୁଲିଗଲେ। ଘରେ ପହଞ୍ଚି ଦେଖନ୍ତି ତ ସବୁ ନିବନ୍ଧ ପୋଡ଼ି ପାଉଁଶ ହୋଇ ଯାଇଛି। ଏତେ ପରିଶ୍ରମ କରି ଲେଖା ଯାଇଥିବା ନିବନ୍ଧ କିଛି ସମୟ ଭିତରେ ପୋଡ଼ିଗଲା! କିଛି ସମୟ ପାଇଁ ପାଦ ତଳୁ ମାଟି ଖସିଗଲା ଭଳି ଲାଗିଲା। ପୁଣି ମନକୁ ଶାନ୍ତ କଲେ। ଜାଣିଲେ ନିବନ୍ଧଟି ପାଉଁଶ ହୋଇଯିବା ପଛର କାରଣ ହେଲା ଜ୍ୟାକି। ତାଙ୍କ ପୋଷା କୁକୁର। ମହମବତୀ ଆଲୁଅରେ ଜ୍ୟାକି ନିଜର ଛାଇକୁ ଦେଖିଛି। ଆଉ ଗୋଟିଏ କୁକୁର ଭାବି ତା' ଉପରକୁ କୁଦା ମାରିଛି। ଏତିକି ବେଳେ ମହମବତୀଟି କାଗଜ ଉପରେ ପଡ଼ିଯାଇଛି। କ୍ଷଣକରେ ସବୁ କାଗଜ ଭସ୍ମ ହୋଇ ଯାଇଛି। ନିଉଟନ ଭାବିଲେ ପାଉଁଶ ହୋଇ ଯାଇଥିବା ଜିନିଷ ପାଇଁ ଯେତେ ଚିନ୍ତା କଲେ ବି ତାହା ଫେରିବନି। ବରଂ ମନରୁ କିଛି ଭଲ ଚିନ୍ତା ଦୂରେଇ ଯିବ। ପୁଣି ଜ୍ୟାକି ତ ପାଳିତ ପଶୁଟାଏ। ସେ ବା କ'ଣ ବୁଝିବ ନିବନ୍ଧର ମୂଲ୍ୟ ? ତାକୁ ରାଗ ଅଭିମାନରେ ମାରଧର କଲେ ନିବନ୍ଧ ତ ଫେରିବନି। ବରଂ ମୋ ବୋକାମିର ପରିଚୟ ହେବ। ଦୀର୍ଘଦିନ ଧରି ଶ୍ରଦ୍ଧା, ବିଶ୍ୱାସ କରି ଆସିଥିବା ଜୀବଟି ମୋତେ ଭୟ କରିବ। ତେଣୁ ମନରୁ ସମସ୍ତ ଦୁର୍ବଳତାକୁ ହଟେଇ ଦେଲେ। ସବୁ ପରିଶ୍ରମ, ଚିନ୍ତା କଥା ଭୁଲିଗଲେ। ପୂର୍ବ ପରି ପୁଣି ଥରେ ଲେଖିବା ଆରମ୍ଭ କଲେ।

ଜୀବନରେ କିଛି କ୍ଷତି ହୋଇଗଲେ ଭାଙ୍ଗି ପଡ଼ିବା ଉଚିତ୍ ନୁହେଁ। ବରଂ ସେଇ କ୍ଷତିରୁ ନୂଆ ଅଭିଜ୍ଞତାଟିଏ ସାଉଣ୍ଟି ନେବା। ବିଫଳତା, ହାରିଯିବା ଇତ୍ୟାଦି ସଫଳତା ପାଇଁ ଗୋଟିଏ ଗୋଟିଏ ପାହାଚ।

ପଦ୍ମାରବିନ୍ଦ

# ନାମକରଣର ଯଥାର୍ଥତା

ଆଜିକାଲି ଅନେକ ପିଲାଙ୍କ ନାମରୁ ସେମାନେ ପୁଅ କି ଝିଅ, ଜାଣିବା କଷ୍ଟକର। କାରଣ ପ୍ରାୟ ଅଧିକାଂଶ ନାମ ଇଂଲିଶ୍ ଷ୍ଟାଇଲ୍‌ରେ ଏବଂ ଅନେକ ନାମର ନିର୍ଦ୍ଦିଷ୍ଟ ଅର୍ଥ ଜଣା ପଡ଼େନା। ଏହା ହୁଏତ ମୂଳ ନାମଠାରୁ ସମ୍ପୂର୍ଣ୍ଣ ଅଲଗା ଥିବା ଡାକନାମ କିମ୍ବା ଶ୍ରଦ୍ଧାନାମ ହୋଇପାରେ, ଯଥା ରିକି, ନିକି, ବଣ୍ଟି କିମ୍ବା ମୂଳ ନାମ, ଭଲ ନାମ ଅଥବା ଲେଖା ନାମରୁ ଉଦ୍ଭବ ଅଥବା ତା'ର ସଂକ୍ଷିପ୍ତ ଉଚ୍ଚାରଣ ବି ହୋଇପାରେ। ଉଦାହରଣ ସ୍ୱରୂପ, ପ୍ରିୟବ୍ରତ ଓ



ଅଲେଖ ଚନ୍ଦ୍ର ମିଶ୍ର

ପ୍ରିୟମ୍ବଦା- ଏହି ଦୁଇଟିରୁ ଉଦ୍ଭବ ଡାକନାମ ପ୍ରିୟ ଏବଂ ବସନ୍ତ କୁମାର ଓ ବସନ୍ତ କୁମାରୀ- ଏ ଦୁଇଟି କ୍ଷେତ୍ରରେ ସଂକ୍ଷିପ୍ତ ଡାକନାମ ବସନ୍ତ। ପୁଅ ଓ ଝିଅ, ଉଭୟଙ୍କର ନାମରେ ସମାନତା କିମ୍ବା ସାମଞ୍ଜସ୍ୟ ଥିଲେ ବି ପ୍ରତ୍ୟେକକୁ ଚିହ୍ନିବା ପାଇଁ କିଛି ସ୍ୱତନ୍ତ୍ରତା ଥାଏ। ସେହି ସ୍ୱତନ୍ତ୍ରତା ହେଉଛି, ସେଥିରେ ଯୋଡ଼ା ହେଉଥିବା ଅନ୍ୟ ଏକ ଶବ୍ଦ, ଯାହା ସାଧାରଣତଃ ସମ୍ପୂର୍ଣ୍ଣ ନାମର ମଝି ଅଂଶ ବା ମଧ୍ୟନାମ ବୋଲି ଜଣାଶୁଣା। ତାକୁ ଛାଡ଼ିଦେଲେ ଯେଉଁ ନାମ ରହେ, ସେଥିରୁ ଲୋକକୁ ଜାଣିବାରେ ଅସୁବିଧା ହୁଏ। ତେଣୁ ଆମ ସମାଜରେ ନାମକରଣର ନିର୍ଦ୍ଦିଷ୍ଟ ଶୃଙ୍ଖଳା ରହିଛି, ଯାହା ଯୁଗ ଯୁଗରୁ ଅନୁସୃତ।

ଆଗେ ପ୍ରାୟ ପ୍ରତ୍ୟେକ ନାମକରଣ ନିର୍ଦ୍ଦିଷ୍ଟ ଅର୍ଥ, ସଂକେତ, ସୂଚନା ବା ଘଟଣାଭିତ୍ତିକ ଥିଲା। ଏହା ସାଧାରଣତଃ ତ୍ରିସ୍ତରୀୟ ଥିଲା, ଯଥା ମୂଳନାମ (ଫାଷ୍ଟ୍ ନେମ୍), ମଧ୍ୟନାମ (ମିଡିଲ୍ ନେମ୍) ଏବଂ ସାଂଙ୍ଗିଆ (ସର୍‌ନେମ୍) ଯାହା ଯଥାକ୍ରମେ ପରିଚୟ, ମର୍ଯ୍ୟାଦା ଏବଂ କୁଳର ସଂକେତ ବହନ କରୁଥିଲା। ଉଦାହରଣ ସ୍ୱରୂପ, ଯଜ୍ଞେଶ୍ୱର ପ୍ରସାଦ ଦାସ। ଏବେ ବି ଯେଉଁଠି ସମ୍ପୂର୍ଣ୍ଣ ନାମ ଉଲ୍ଲେଖ କରିବା ଆବଶ୍ୟକ ପଡୁଛି, ସେଠାରେ ଏଥିପାଇଁ ସ୍ୱତନ୍ତ୍ର ସ୍ଥାନ ବା ବକ୍ସ ରଖାଯାଉଛି। ଆଗେ ସମ୍ପୂର୍ଣ୍ଣ ନାମ ଥିଲା ବୁନିୟାଦିର ନିଦର୍ଶନ ଏବଂ ନାମର ଦୀର୍ଘତା ଥିଲା ମର୍ଯ୍ୟାଦାର ପ୍ରତୀକ, ଯେପରି ଅତ୍ରାହି ଭଞ୍ଜନ ବୈରୀଗଞ୍ଜନ ପ୍ରସାଦ ସିଂହସାମନ୍ତ। ପ୍ରତ୍ୟେକ ନାମ ପୂର୍ବରୁ ଶ୍ରୀ, ଶ୍ରୀମତୀ, କୁମାରୀ ଭଳି ସମ୍ମାନ ସୂଚକ ବିଶେଷଣ ଯୋଡ଼ା ଯାଉଥିଲା। କାଳକ୍ରମେ ସେସବୁ ବିଶେଷଣ ସହିତ ମଧ୍ୟ ନାମ ଓ ସାଂଙ୍ଗିଆକୁ ଲୋପ କରାଯାଇ ଏବେ କେବଳ ମୂଳନାମକୁ ରଖାଯାଉଛି ଏବଂ ତାହା ସବୁ ସ୍ଥଳରେ ବ୍ୟବହାର ହେଉଛି, ଯେପରି ଅଜୟ, ଅଭୀପ୍ସା, ଦେବେନ୍, ଜସ୍ମିନ୍ ଇତ୍ୟାଦି। କେତେକ କ୍ଷେତ୍ରରେ ଦୁଇଟି ନାମକୁ ଏକତ୍ର ଯୋଡ଼ା ଯାଉଛି, ଯେପରି ପ୍ରେମପୀୟୁଷ, ସୁଚିଶୁଭସ୍ମିତା, ପ୍ରୀତିପ୍ରତୀକ୍ଷା ଇତ୍ୟାଦି। ଏଭଳି ନାମର ଆଗରେ କିଛି ନାହିଁ କି ପଛରେ କିଛି ନାହିଁ। ଏଥିରୁ ସଂପୃକ୍ତ ଲୋକଙ୍କର ସମ୍ପୂର୍ଣ୍ଣ ପରିଚୟ ମିଳେନା। ଆମ ସମାଜରେ ବିବାହ ପରେ ଝିଅମାନଙ୍କର ସାଂଙ୍ଗିଆ ବଦଳି ଶାଶୁଘରର ସାଂଙ୍ଗିଆ ହେବାର ପରମ୍ପରା ଥିବାରୁ ସେମାନଙ୍କର ସାଂଙ୍ଗିଆ 'ଦେଇ' କିମ୍ବା 'ଦେବୀ'ରଖା ଯାଉଥିଲା, ଯାହା ବିବାହ ପରେ ବି ଅକ୍ଷୁଣ୍ଣ ରହୁଥିଲା। କ୍ରମେ ତାହା ସ୍ଥାନରେ ବାପ ଘରର ସାଂଙ୍ଗିଆ ରଖାଗଲା ଏବଂ ବିବାହ ପରେ ତାକୁ ବଦଳାଇ ଶାଶୁଘରର ସାଂଙ୍ଗିଆ ଆପଣା ଗଲା। କେହି କେହି ଆଜୀବନ ବାପଘରର ସାଂଙ୍ଗିଆ ଅପରିବର୍ତ୍ତିତ ରଖିବାକୁ ପସନ୍ଦ କରନ୍ତି ତ କେହି ବାପଘରର ସାଂଙ୍ଗିଆ ସହିତ ଶାଶୁଘରର ସାଂଙ୍ଗିଆକୁ ଯୋଡ଼ି ଉଭୟକୁ ନାମ ସହିତ ସାମିଲ କରନ୍ତି। ଏହିପରି ଭାବରେ ବିଭିନ୍ନ କ୍ଷେତ୍ରରେ ରୁଚି ଅନୁସାରେ ନାମର ସଂଜ୍ଞା ଓ ଯଥାର୍ଥତା ବଦଳେ ଏବଂ ସ୍ଥଳବିଶେଷରେ ପିତୃମାତୃଦତ୍ତ ନାମକୁ ବଦଳେଇ ଦିଆଯାଏ, ଯେପରି ଚେମାରୁ ଚମନ କୁମାର, ମରୁଆରୁ ମାରିଆ ବା ମୀରା କୁମାରୀ, ଅଇଁଠାରୁ ଆଣ୍ଟୋନୀ ଇତ୍ୟାଦି। ବେଳେବେଳେ ନାମର ବିରୋଧାଭାସ ପରିଲକ୍ଷିତ ହୁଏ। ପଦ୍ମଲୋଚନ ବା ମୀନାକ୍ଷୀ ନାମଧାରୀ ପୁରୁଷ ବା ନାରୀ କଣା, ଟେରା, କାଣୀ ବା ଟେରୀ ହୋଇ ପାରନ୍ତି। ଗଣେଶ କିମ୍ବା ସରସ୍ୱତୀ ନାମ ସତ୍ତ୍ୱେ ଲୋକ ମୂର୍ଖ ହୋଇଥାନ୍ତି। ଅମର ନାମ ରଖା ଯାଇଥିଲେ ବି ପିଲାଟିଏ ଶୀଘ୍ର ମୃତ୍ୟୁବରଣ କରେ। ଶାନ୍ତି ନାମଧାରିଣୀ ମହିଳାଟିଏ ସକଳ ଅଶାନ୍ତିର କାରଣ ହୁଏ।

ଆମ ସମାଜରେ ପ୍ରଚଳିତ ନାମକରଣର ରୀତି ଓ ପୃଷ୍ଠଭୂମି ଏତେ ବ୍ୟାପକ ଯେ ଏଠାରେ ସେ ବିଷୟରେ ଆଲୋଚନା କରିବା ସମ୍ଭବ ନୁହେଁ। ଏମିତି ତ କୋଟି କୋଟି ନାମ ରହିଛି, ଯାହା ଲେଖିଲେ ସରିବନି। ଅବଶ୍ୟ ନାମକରଣ ଏକ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ବ୍ୟାପାର। ତଥାପି ପ୍ରତ୍ୟେକ ନାମ କିଛି ନା କିଛି ଅର୍ଥ, ଉଦ୍ଦେଶ୍ୟ, ପରିସ୍ଥିତି, ଭିତ୍ତିଭୂମି ଆଦି ଉପରେ ଆଧାରିତ ତଥା ଦେଶ କାଳ ପାତ୍ର ଭିତ୍ତିକ ହୋଇଥାଏ।

ତେବେ ନାମର ଯେପରି ଯଥାର୍ଥତା ଥାଏ, ନାମର ମଝି ଅଂଶ ବା ମଧ୍ୟନାମର ବି ସେହିପରି ଆବଶ୍ୟକତା ଥାଏ। ପୁଅ ଓ ଝିଅ, ଉଭୟଙ୍କର ନାମ ଏକା ଥିଲେ ମଝି ଅଂଶ ହିଁ ତା' ଭିତରେ ଥିବା ପ୍ରଭେଦର ସୂଚକ ହୁଏ, ଯେପରି ରଜନୀବାଳା ଓ ରଜନୀକାନ୍ତ, ଉଷାକିରଣ ଓ ରବିକିରଣ, କୁଞ୍ଜବିହାରୀ ଓ କୁଞ୍ଜଲତା। ବେଳେ ବେଳେ ମଧ୍ୟନାମ ମୂଳ ନାମର ପରିପୂରକ ହୋଇଥାଏ, ଯେପରି କୃଷ୍ଣଚନ୍ଦ୍ର ଓ କୃଷ୍ଣପ୍ରିୟା, ରଶ୍ମିବାଳା ଓ ରଶ୍ମିରଞ୍ଜନ, ସୂର୍ଯ୍ୟକୁମାର ଓ ସୂର୍ଯ୍ୟକୁମାରୀ, ତାରା ଓ ତାରାପ୍ରସାଦ। ଦେବଦେବୀ, ମୁନିଋଷି କିମ୍ବା ଗୁରୁ ଇତ୍ୟାଦିଙ୍କର ନାମ ଗର୍ହିତ ବିବେଚିତ ହେଉଥିବାରୁ ତା' ସହିତ ପ୍ରସାଦ, କୃପା, କୁମାର, କିଶୋର, କିଙ୍କର, ପଦ, ନାଥ ଆଦି ଯୋଡ଼ିବା ସେମାନଙ୍କ ପ୍ରତି ଆନୁଗତ୍ୟର ନିଦର୍ଶନ ହୁଏ। ସମାନ ନାମଧାରୀ ଏକାଧିକ ଲୋକଙ୍କ ଭିତରେ ଥିବା ପାର୍ଥକ୍ୟ ବିଭିନ୍ନ ମଧ୍ୟନାମ ଦ୍ୱାରା ବାରିହୁଏ, ଯେପରି କୃଷ୍ଣକିଶୋର, କୃଷ୍ଣକୁମାର, କୃଷ୍ଣଚନ୍ଦ୍ର, କୃଷ୍ଣଚରଣ, କୃଷ୍ଣପ୍ରସାଦ, କୃଷ୍ଣବଲ୍ଲଭ, କୃଷ୍ଣକିଙ୍କର ଇତ୍ୟାଦି। ମଧ୍ୟନାମ ଲିଙ୍ଗଗତ ପ୍ରଭେଦର ସଂକେତ ଦିଏ, ଯେପରି ବୀଣାପାଣି ଓ ବୀଣାକର, ରଜନୀ ଓ ରଜନୀଶ, ପ୍ରଭାକର ଓ ପ୍ରଭାବତୀ ବା ପ୍ରଭାମୟୀ। ଅନେକ ସମୟରେ ନାମର ମଝି ଅଂଶକୁ ଛାଡ଼ି ସମ୍ବୋଧନ କଲେ, ତାହା ଅପ୍ରୀତିକର ବୋଧ ହୋଇଥାଏ, ଯେପରି ଚଣ୍ଡୀପ୍ରସାଦ ପଣ୍ଡାକୁ ଚଣ୍ଡୀ ପଣ୍ଡା, କିଣା (କିଣୁ) କୁମାର ଦାସକୁ କିଣା ଦାସ, ବାଉରୀବନ୍ଧୁ ପାଣିକୁ ବାଉରୀ ପାଣି, ପାପନାଶିନୀ କରକୁ ପାପ କର, ହଳଧର ବଳକୁ ହଳ ବଳ ଇତ୍ୟାଦି। ସେହିପରି ମଧୁ, ଛବି, ବିଧୁ ଭଳି ନାମ ଉଭୟ ଲିଙ୍ଗକୁ ବୁଝାଏ। ତା' ସହିତ ଆଉ ଗୋଟିଏ ଲେଖାଏଁ ଶବ୍ଦ ଯୋଡ଼ାହେଲେ ଯାଇଁ ନିର୍ଦ୍ଦିଷ୍ଟ ଲିଙ୍ଗଭିତ୍ତିକ ହୁଏ। ଅତଏବ, ମଧ୍ୟନାମର ନିଶ୍ଚିତ ଆବଶ୍ୟକତା ଥାଏ। ସେହିପରି ନାମର ସାଂଙ୍ଗିଆ ବଦଳେଇ ଦେବା କିମ୍ବା ସମ୍ପୂର୍ଣ୍ଣ ଉଚ୍ଛେଦ କରିଦେବା ଆଜିକାଲି ଏକ ଖିଆଲ ବା ସଉକ ହୋଇ ଗଲାଣି। ଫଳରେ ସେଥିରୁ ସୂଚିତ ହେଉଥିବା ବଂଶର ପରିଚୟ ଅଜଣା ରହି ଯାଉଛି।

ନାମକୁ ଏପରି ଖଣ୍ଡବିଖଣ୍ଡିତ ବା ବିକୃତ କରିବା କିମ୍ବା ସେଥିରୁ କିଛି କାଟିଦେବା ଦ୍ୱାରା ଯେ କିଛି ବିଶେଷ ଉଦ୍ଦେଶ୍ୟ ସାଧିତ ହୁଏ, ତାହା ନୁହେଁ, ବରଂ ଏହା ଏକ ଅବ୍ୟକ୍ତ ମାନସିକତାର ପ୍ରଚ୍ଛନ୍ନ ପରିଚାୟକ।

ସାରଦାଶ୍ରୀ, ୯୦୪, ଶାସ୍ତ୍ରୀ ନଗର
ୟୁନିଟ୍-୪, ଭୁବନେଶ୍ୱର
ମୋ: ୯୪୩୮୬୭୩୮୯୮

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ଶ୍ରୀଜଗନ୍ନାଥ ମନ୍ଦିରରେ ଆପତକାଳୀନ ଚିକିତ୍ସା ଯୋଗାଇଦେବାକୁ ମକ୍‌ଡ୍ରିଲ୍

**ପୁରୀ,୩୦।୪/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ପୁଲିସ ଅଧୀକ୍ଷକ ବିନିତ ଅଗ୍ରୱାଲ୍‌ଙ୍କ ମାର୍ଗଦର୍ଶନରେ ଆଜି ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ମକ୍‌ଡ୍ରିଲ୍ ମାନବିକ ଆପାତକାଳୀନ ପରିସ୍ଥିତି ସମୟରେ ପ୍ରତିକ୍ରିୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅଭ୍ୟାସର ଉଦ୍ଦେଶ୍ୟ ଥିଲା ମନ୍ଦିର ପ୍ରାଙ୍ଗଣ ଭିତରେ ଆପତକାଳୀନ ସ୍ଥିତି ସମୟରେ ପୁଲିସ, ମନ୍ଦିର ପ୍ରଶାସନ, ଚିକିତ୍ସା ବିଭାଗ ଓ ଅନ୍ୟାନ୍ୟ ବ୍ୟବସ୍ଥା ଟିମ୍‌ମାନଙ୍କ ମଧ୍ୟରେ ସମନ୍ୱୟ ଓ ପ୍ରସ୍ତୁତିକୁ ମୂଲ୍ୟାୟନ କରିବା। ଏହି ପଦକ୍ଷେପ ପୁରୀ ପୁଲିସ ପକ୍ଷରୁ ଚାଲିଥିବା ଏକ ଦୀର୍ଘକାଳୀନ ଉଦ୍ୟମର ଅଂଶ, ଯାହା ଦ୍ୱାରା ଆପାତକାଳୀନ ପ୍ରତିକ୍ରିୟା ପ୍ରଣାଳୀକୁ ସୁଦୃଢ଼ କରିବା, ବିଭିନ୍ନ ବିଭାଗଙ୍କ ମଧ୍ୟରେ ସଂଯୋଗ ବଢ଼ାଇବା ଏବଂ ଭକ୍ତ ଓ ସେବାୟତଙ୍କ ସୁରକ୍ଷା ନିଶ୍ଚିତ କରିବା ହେଉଛି ମୁଖ୍ୟ ଉଦ୍ଦେଶ୍ୟ। ଏହି ପରିପେକ୍ଷୀରେ ଆଜି ଏହି ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଏକ ଭକ୍ତକୁ ମନ୍ଦିର ଭିତରେ ଅଚେତ ହୋଇପଡ଼ିଥିବା ଦେଖାଯାଇଥିଲା। ସୁରକ୍ଷା



କର୍ମୀଙ୍କ ଦ୍ୱାରା ପ୍ରତିକ୍ରିୟା ଆରମ୍ଭ କରାଯାଇଥିଲା। ଏଥିରେ ପୁଲିସ, ଆମ୍ବୁଲାନ୍ସ, ଡାକ୍ତରୀ ଟିମ୍, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଓ ଅଗ୍ନିଶମ ବିଭାଗ ଅଂଶଗ୍ରହଣ କରିଥିଲେ। ଅସୁସ୍ଥ ଭକ୍ତଙ୍କୁ ତୁରନ୍ତ ଷ୍ଟ୍ରେଚର ମାଧ୍ୟମରେ ସବୁଠାରୁ ସରଳ ପଥ ଉତ୍ତରଦ୍ୱାର ଦେଇ ବାହାର କରାଯାଇଥିଲା। ପୁଲିସ ଦ୍ୱାରା ଭିଡ଼ ନିୟନ୍ତ୍ରଣ ହୋଇଥିଲା। ମଝିରେ ପ୍ରାଥମିକ ଚିକିତ୍ସା ଦିଆଯାଇଥିଲା। ବ୍ୟତିକ୍ରମ ସନ୍ଦେଶ ପ୍ରଦାନ ପାଇଁ ବ୍ୟବହୃତ ୱାୟରଲେସ ଯନ୍ତ୍ର ଓ ଅନ୍ୟାନ୍ୟ ସଂଯୋଗ ଉପକରଣଗୁଡ଼ିକର ପରୀକ୍ଷା କରାଯାଇଥିଲା। ମନ୍ଦିର ରୀତିନୀତି କିମ୍ବା ଭକ୍ତଙ୍କ ଗତିବିଧିରେ କୌଣସି ବାଧା ନ ଦେଇ ଏହି ଅଭ୍ୟାସ ସଫଳ ଭାବେ ଚାଲିଥିଲା। ଅନେକ ଭକ୍ତ ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ। ଏପରି ଅଭ୍ୟାସ କେବଳ ପ୍ରସ୍ତୁତି ହିଁ ନୁହେଁ, ଭକ୍ତ ଓ ମନ୍ଦିର କର୍ମଚାରୀଙ୍କ ମଧ୍ୟରେ ବିଶ୍ୱାସ ବୃଦ୍ଧିରେ ମଧ୍ୟ ସାହାଯ୍ୟ କରିଥାଏ। ଏନେଇ ଏସ୍‌ପି ଶ୍ରୀ ଅଗ୍ରୱାଲ କହିଥିଲେ ଯେ, ଶ୍ରୀଜଗନ୍ନାଥ ମନ୍ଦିର ଭିତରେ ପ୍ରତ୍ୟେକ ଭକ୍ତ ଓ ସେବାୟତଙ୍କ ସୁରକ୍ଷା ଆମ ପ୍ରାଥମିକତା। ଏହି ମକ୍ ଡ୍ରିଲ୍ ଆମ ପ୍ରସ୍ତୁତିକୁ ପରୀକ୍ଷା କରିବା ଓ ଆବଶ୍ୟକ ସୁଧାର କରିବାର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ। ସମସ୍ତ ଦଳ ଓ ସ୍ଥାନୀୟ ଲୋକଙ୍କ ସହଯୋଗ ପାଇଁ ଧନ୍ୟବାଦ।

## ଦେହରେ ପେଟ୍ରୋଲ ଢାଳି ଛାତ୍ରଙ୍କ ଆତ୍ମହତ୍ୟା ଉଦ୍ୟମ

**ମୁଣ୍ଡମୁହାଣ,୩୦।୪/ଏନ୍‌ଏନ୍‌ଏସ୍:** ଗତକାଲି ବିଳମ୍ବିତ ରାତିରେ ଇନଫୋସିସ୍ୟାଲି ଥାନା ମଦନପୁର ବାଗଚି କର୍କଟ କେନ୍ଦ୍ର ରାସ୍ତାରେ ଜଣେ ଛାତ୍ର ଦେହରେ ପେଟ୍ରୋଲ ଢାଳି ଜଳିଯାଇ ଗୁରୁତର ହୋଇଥିଲେ। ନିଆଁରେ ପୋଡି ହୋଇ ଗୁରୁତର ହୋଇଥିବା ଛାତ୍ର ଜଣକ ହେଲେ ସମ୍ବଲପୁର ଜିଲ୍ଲା କ୍ଷେତରାଜପୁର ଥାନା ପାଲିଜୁରି ଗ୍ରାମର ପ୍ରଦିପ କୁମାର ପଣ୍ଡା(୨୦)। ସେ ମଦନପୁରସ୍ଥିତ ଏକ ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନରେ ପାଠ ପଢୁଥିଲେ। ତାଙ୍କ ଦେହରେ କିପରି ନିଆଁ ଲାଗିଲା ସେ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି। ଛାତ୍ର ଜଣକଙ୍କ ଅବସ୍ଥା ଗୁରୁତର ଥିବା ବେଳେ ସେ ଏବେ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ କହିବା କଥା ଗତକାଲି ରାତି ପ୍ରାୟ ୧୦ଟା ବେଳେ ମଦନପୁର ଇନଫୋସିସ୍ୟାଲି ରାସ୍ତାରେ ଜଣେ ଯୁବକ ଦେହରେ ନିଆଁ ଲଗାଇ ଜଳୁଥିବା କିଛି ଲୋକ ଦେଖିବାକୁ ପାଇ ତୁରନ୍ତ ପୁଲିସ କଣ୍ଟ୍ରୋଲରୁମ୍‌କୁ ଫୋନକରି ଜଣାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁ ଲିଭାଇଥିଲେ। ପୁଲିସ ତୁରନ୍ତ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଇନଫୋସିସ୍ୟାଲି ଥାନା ପୁଲିସ ଛାତ୍ରଙ୍କ ପରିଚୟ ଜାଣିବା ପରେ ତାଙ୍କ ଘରକୁ ଖବର ଦେଇଥିଲେ। ଆଜି ପୁଲିସ ଏ ନେଇ ତଦନ୍ତ ଆରମ୍ଭ କରିଥିଲା। ବଡ଼ରଘୁନାଥପୁର ବଜାରରେ ଥିବା ସମସ୍ତ ଚିତ୍ର ଉତ୍ତୋଳନ ଯନ୍ତ୍ର ଯାଞ୍ଚ କରିବା ସହ ଏକ ଦୋକାନରୁ ଛାତ୍ର ଜଣକ ପେଟ୍ରୋଲ କିଣିଥିବା ପୁଲିସ ଜାଣିବାକୁ ପାଇଛି। ତେଣୁ ଛାତ୍ର ଜଣକ ଆତ୍ମହତ୍ୟା କରିବା ପାଇଁ ଏଭଳି ପଦକ୍ଷେପ ନେଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଧାର କରଜ ପାଇଁ ହେଉ କିମ୍ବା ପ୍ରେମ ବ୍ୟାପାରକୁ ନେଇ ହେଉ ଏହି ଦୁଇଟି କାରଣକୁ ନେଇ ଏଭଳି ଚରମ ପଦକ୍ଷେପ ନେଇଥାଇ ପାରନ୍ତି ବୋଲି ପୁଲିସ ସନ୍ଦେହ କରିଛି। ଖୁବଶୀଘ୍ର ସତ୍ୟ ପଦାକୁ ଆସିବ ବୋଲି ଥାନା ଅଧିକାରୀ କୃପାସିନ୍ଧୁ ବରାଡ଼ କହିଛନ୍ତି।

## ଗ୍ରୀନ୍ ଭାଲି ମଡେଲ୍ ପବ୍ଲିକ୍ ସ୍କୁଲ୍‌ର ବାର୍ଷିକ ଉତ୍ସବ

**ଫୁଲନଖରା,୩୦।୪/ଏନ୍‌ଏନ୍‌ଏସ୍:** ଗ୍ରୀନ ଭାଲି ମଡେଲ ପବ୍ଲିକ ସ୍କୁଲ ଫକୀରପଡା ଦୀଘିର ୧୦ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଖପୁରିଆ ଓଏସଏସଇ ଅଡିଟୋରିୟମ ହଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହାଇଟେକ କଲେଜର ଅଧକ୍ଷ ଓ ଦିନ ଡ. ଚିତ୍ତରଞ୍ଜନ ସାହୁ ମୁଖ୍ୟ ଅତିଥି, ପ୍ରାଥମିକ ଚିକିତ୍ସା, ସେଣ୍ଟଜୋନ୍ସ ଆମ୍ବୁଲାନ୍ସ ଭୁବନେଶ୍ୱରର ଅଧ୍ୟାପକ ରଞ୍ଜନ କୁମାର ଲେଙ୍କା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ମହାନଦୀ ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଭାପତି ପ୍ରତିମା ଶତପଥୀ, ଓଷ୍ଟାର ପୂର୍ବତନ କାର୍ଯ୍ୟକାରୀ ସଭାପତି ଚୈତନ୍ୟ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲର ପ୍ରତିଷ୍ଠାତା ରାମଚନ୍ଦ୍ର ପ୍ରଧାନୀ ଦେବଶର୍ମା, ସମ୍ପାଦକ ଇଂ. ମାନସ ରଞ୍ଜନ ପ୍ରଧାନ ଯୋଗଦେଇ ବିଦ୍ୟାଳୟର ଉନ୍ନତି ସାଧନ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାଳୟ ଅଧକ୍ଷ ନୟନ୍ତ କୁମାର ଦାସ ସଭା ପରିଚାଳନା କରିଥିଲେ। ଉପ ଅଧକ୍ଷା ସଙ୍ଘମିତ୍ର ବିଶ୍ୱାଳ, ସସ୍ମିତା ପାଢୀ, ପ୍ରଣତୀ ସାହୁ, ମଧୁସ୍ମିତା ବେହେରା, ପୁଷ୍ପଶ୍ରୀ ବେହେରା, ତୟବା ଜାହାନ, ତସ୍ମିନ ଫିର୍ଦୋଷ, ସ୍ୱାଗତିକା ମହାନ୍ତି, ଜ୍ୟୋତିର୍ମୟୀ ପରିଡା, ସିଦ୍ଧାର୍ଥ ଚନ୍ଦ୍ର ଶେଖର କର, ଗୀତାଞ୍ଜଳି ଭୋଇ, ପ୍ରଣତୀ ନାୟକ, ଅକ୍ଷୟ ସାହୁ ପ୍ରମୁଖ ସହଯୋଗ କରିଥିଲେ। କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଉପସ୍ଥିତ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ଅବିନାଶ ରାଉତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଆଦିଶକ୍ତି ମା’ ମହାମାୟୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

**କଣ୍ଟିଲୋ,୩୦।୪/ଏନ୍‌ଏନ୍‌ଏସ୍:** ପ୍ରଥମ କରି ବୁଧବାର ଆଦିଶକ୍ତି ମା’ ମହାମାୟୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ନିଜ ଗ୍ରାମ ମହୁଲ ବେରେଣର ସମସ୍ତ ଅଧିବାସୀମାନଙ୍କ ସାହାଯ୍ୟ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ସୂଚନାରୁ ଜଣାପଡିଛି ଯେ, ଏହି ନୂତନ ମନ୍ଦିର ପ୍ରତିଷ୍ଠା ପାଇଁ ଗତକାଲି ମଙ୍ଗଳବାର ପୂର୍ବାହ୍ନ ଆଠ ଘଣ୍ଟା ସମୟେ ପ୍ରାୟ ୭/୮ ସହ ପୁରୁଷ ଓ ମହିଳାମାନେ କଣ୍ଟିଲୋ ପ୍ରଭୁ



ଶ୍ରୀ ନୀଳମାଧବଙ୍କ ଉତ୍ତର ପାବଚ୍ଛ ପାର୍ଶ୍ୱରେ ପ୍ରବାହିତ ମହାନଦୀ ନେହରୁ ଘାଟରୁ ଶୁଦ୍ଧ ଓ ପବିତ୍ର ଜଳକୁ କଳସରେ ରଖି ନିଜ ମୁଣ୍ଡରେ ବୋହି ବିଭିନ୍ନ ପ୍ରକାର ବାଦ୍ୟ ଯନ୍ତ୍ର, ଘଣ୍ଟ ଘଣ୍ଟା, ମାଇକ, ନଦୀଆ କୀର୍ତ୍ତନ ମାଧ୍ୟମରେ ଖୁବ୍ ଆଡମ୍ବର ପୂର୍ଣ୍ଣ ଭାବେ, ମହାସମାରୋହରେ ବାଦ୍ୟ ଯନ୍ତ୍ର ଓ ମାଇକ ଗୀତର ତାଳେ ତାଳେ, ହସ ଖୁସିରେ କଣ୍ଟିଲୋ ଗ୍ରାମର ସେବକ ସାହି, ମଝି ସାହି, ହାଟମୁଣ୍ଡ ପାଟଣା, ତାରେଣି ଛକ, ମୁଖ୍ୟ ବଜାର, ମେଡିକାଲ ଛକ, ଚନ୍ଦନ ପାଟଣ ପ୍ରଭୃତି ରାସ୍ତା ଦେଇ ନିଜ ଗ୍ରାମରେ ପହଞ୍ଚି ମାଆଙ୍କ ମନ୍ଦିର ପ୍ରତିଷ୍ଠା ସ୍ଥାନରେ ଜଳ କଳସ ସବୁ ସ୍ଥାପନା କରିଥିଲେ। ଆଜି ମା’ଙ୍କ ମନ୍ଦିର ପ୍ରତିଷ୍ଠାରେ କର୍ତ୍ତା ଭାବେ ଶସ୍ତିକ୍ ପିତାମ୍ବର ରାଉତ୍ ଓ ରୂପ ରାଉତ୍ ପ୍ରତ୍ୟେକ କାର୍ଯ୍ୟ ସମ୍ପର୍ଣ୍ଣ କରିଥିବା ବେଳେ ଗାଁ ପୁରୋଧା ମା’ଙ୍କ ପ୍ରତ୍ୟେକ ପୂଜା ବିଧି, ନୀତିକାନ୍ତି, ହୋମଯଜ୍ଞ କାର୍ଯ୍ୟ କରିଥିଲେ। ଆଜିର ଏହି ମନ୍ଦିର ପ୍ରତିଷ୍ଠା ଦିବସରେ ଭାପୁର ବ୍ଲକର ପୂର୍ବତନ ଅଧକ୍ଷ ଗୟାଧର ପରିଡ଼ା, ଧାନ ଚାଙ୍ଗଡ଼ା ପୂର୍ବତନ ସରପଂଚ କୃଷ୍ଣ ଚନ୍ଦ୍ର ସାହୁ, ପୂର୍ବତନ ସମିତି ସଭ୍ୟ ଭୀମସେନ ସାମଲ ଓ ଭାପୁର ଜିଲ୍ଲା ପରିଷଦ ସଭ୍ୟ ଦିଲ୍ଲୀପ ସାହୁ ଉପସ୍ଥିତ ରହି ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ। ମହୁଲ ବେରେଣର ଆବାଳ ବୃଦ୍ଧ ବନିତା ଏକାକାର ହୋଇ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଭକ୍ତିର ସହିତ ନାମ ସଙ୍କୀର୍ତ୍ତନ କରିଥିଲେ।

## ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଖୋର୍ଦ୍ଧା,୩୦।୪/ଏନ୍‌ଏନ୍‌ଏସ୍:** ଜବାହର ନବୋଦୟ ବିଦ୍ୟାଳୟ ଭାରତବର୍ଷରେ ଗାଆଁ ଗହଳିରେ ମେଧା ଛାତ୍ରଛାତ୍ରୀଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷା କରାଇ ଭଲ ମଣିଷ ଗଢ଼ି ତୋଳିବାରେ ଅଗ୍ରଣୀ ଭୂମିକା ନିର୍ବାହ କରିବା ସହ ଜବାହର ନବୋଦୟ ବିଦ୍ୟାଳୟ ଏକ ବିଦ୍ୱାନ ଅନୁଷ୍ଠାନ ଓ ସଂଘ ଭାବେ ସାରା ଦେଶରେ ପ୍ରସିଦ୍ଧି ଲାଭ କରିଛି ବୋଲି ଖୋର୍ଦ୍ଧା ଜିଲ୍ଲା ସଦର ମହକୁମା ଅନ୍ତର୍ଗତ ଗୁରୁଜଙ୍ଗଠାରେ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ୧୯ତମ ବାର୍ଷିକ ଉତ୍ସବରେ ନାଇଜର୍‌ର ଭୁବନେଶ୍ୱର ଶାଖା ପ୍ରଫେସର ତଥା ସଂଯୋଜକ, ପଦାର୍ଥ ବିଜ୍ଞାନ ଡ. ଶୁଭଙ୍କର ବେଦାନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକାଶ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଶିକ୍ଷାଧିକାରୀ ରଶ୍ମିବାଳା ପରିଡ଼ା ଯୋଗଦେଇ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ପ୍ରତିଯୋଗିତାରେ ପାସ୍‌କରି ପିଲାମାନେ ପଢୁଛନ୍ତି ବୋଲି ଉତ୍ଥାପନ କରି ପିଲାମାନେ ନିଜ ସିଦ୍ଧାନ୍ତରେ ନିଜ ଲକ୍ଷ୍ୟ ସ୍ଥିରକରି ଶିକ୍ଷକ ଶିକ୍ଷୟିତ୍ରୀ, ନିଜ ପିତାମାତାଙ୍କ ଆଶୀର୍ବାଦ ନେଇ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ। ମୁଖ୍ୟ ବକ୍ତାଭାବେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଡିନ୍ ମ୍ୟାନେଜମେଣ୍ଟ ଷ୍ଟଡିଜ ଡ. ବିପ୍ଳବ କୁମାର ବିଶ୍ୱାଳ ଯୋଗଦେଇ ବିଦ୍ୟା ବିନମ୍ର, ଭଲପାତ୍ର, ଭଲ ଅର୍ଥ ଅର୍ଜନ କରିବା, ଭଲ ସୁଖ ଓ ଭଲ ଧର୍ମ କରିବାର ସୁଯୋଗ ଦେଇଥାଏ। ଏଣୁ ଛାତ୍ରଛାତ୍ରୀମାନେ ନିଜ ଭିତରେ ଥିବା ଦକ୍ଷତାକୁ ଚିହ୍ନି ତାହାକୁ ବିକଶିତ କରିବା ପାଇଁ ପ୍ରଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିବା ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ବିଦ୍ୟାଳୟର ଅଧକ୍ଷା କବିତା କର ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବାସହ ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ଦିଆଯାଇ ସମ୍ମାନିତ କରାଯାଇଥିଲା। ଜ୍ୟୋତିଶଙ୍କର ମହାଳିକ ଧନ୍ୟବାଦ ପ୍ରଦାନ କରିଥିଲେ। ସଭା ସଞ୍ଚାଳନ କାର୍ଯ୍ୟକ୍ରମ ଜୟପ୍ରକାଶ ସିଂହ ସମ୍ପାଦନ କରିଥିବା ବେଳେ ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉତ୍ସବରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଗଣମାଧ୍ୟମ ପ୍ରତିନିଧି, ଅଭିଭାବକ, ଛାତ୍ରଛାତ୍ରୀ, ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

**ଅସ୍ତରଙ୍ଗ,୩୦।୪/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ତାଳଦା ଉନ୍ନିତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବୃନ୍ଦାବନ ଜେନାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକ୍ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସମାଜସେବୀ ଓ ପ୍ରେସ କ୍ଲବ ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପରିଡା, ମୁଖ୍ୟବକ୍ତା ଅବସର ପ୍ରାପ୍ତ ନିମାପଡା ମଣ୍ଡଳ ଶିକ୍ଷାଧିକାରୀ ଅନିଲ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ସିଫା ର ବୈଜ୍ଞାନିକ ପ୍ରିୟବ୍ରତ ସ୍ୱାଇଁ, ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ବିଶ୍ୱାଳ, ପ୍ରାଥମିକ ଶିକ୍ଷକ ସଙ୍ଘ ସଭାପତି ମଙ୍ଗୁଳି ଚରଣ ଦାସ୍, ମିଳିତ ଶିକ୍ଷକ ସଙ୍ଘ ସଭାପତି ଅସ୍ତରଙ୍ଗର ବିପିନ କୁମାର ମହାନ୍ତି, କ୍ଲଷ୍ଟର ତ୍ରିଲୋଚନ ବେହେରା, ତାଳଦା ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ରାଉତ ଯୋଗଦେଇଥିଲେ। ପ୍ରେସ୍ କ୍ଲବ ସଭାପତି ଶରତ ପରିଡା, ସାଧାରଣ ସମ୍ପାଦକ ବୃନ୍ଦାବନ ବିଶ୍ୱାଳ, ପ୍ରଶାନ୍ତ ଜେନା, ଅଲେଖ ବିଶ୍ୱାଳ ଓ ତ୍ରିଲୋଚନ ବେହେରା ଯୋଗଦେଇ ମାନପତ୍ର ଓ ଉପଢୌକନ ଦେଇ ବରିଷ୍ଠ ଶିକ୍ଷକ ଶ୍ରୀ ଜେନାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ଦୀପକ ପରିଡା, ସମିତିସଭ୍ୟ ଅମିୟ ରଞ୍ଜନ ସେଠୀ ଓ ସମସ୍ତ ସହକାରୀ ଶିକ୍ଷକ ଏବଂ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଯୋଗଦେଇଥିଲେ। ଶେଷରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିବାକର ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ବରିଷ୍ଠ ଶିକ୍ଷାବିତ୍ କାଳନ୍ଦୀ ଚରଣ ଛାଟୋଇ।

## ହନୁମାନ ମହାରାଜଙ୍କ ବିଗ୍ରହ ପ୍ରତିଷ୍ଠା

**ଓଡ଼ଗାଁ,୩୦।୪/ଏନ୍‌ଏସ୍‌ଏସ୍:** ମନ୍ଦିରମାଳିନୀ ଗାଁଭାବେ ପରିଚିତ ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ବେଙ୍ଗେଇସାହିରେ ହନୁମାନ ମହାରାଜଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ମହାସମାରୋହରେ ହୋଇଯାଇଛି। ବେଙ୍ଗେଇସାହିର ଶେଷଭାଗରେ ନିର୍ମିତ ହନୁମାନ ମହାରାଜଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ନିମିତ୍ତ ମଙ୍ଗଳବାର ଅଙ୍କୁରାରୋପଣ ସହ ଜଳଯାତ୍ରା ହୋଇଥିବାବେଳେ ବୁଧବାର ବନଯାଗ ସ୍ନାନ ଓ ଦେବତା ପ୍ରାଣପ୍ରତିଷ୍ଠା ସମାପନ ହୋଇଛି। ପ୍ରତ୍ୟେହ ଯଜ୍ଞାନୁଷ୍ଠାନ କର୍ମସହ ସଂକୀର୍ତ୍ତନ, ଅଷ୍ଟପ୍ରହରୀ ନାମଯଜ୍ଞ ଓ ପ୍ରସାଦସେବନ ଅବସରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମୁଖ୍ୟପୁରୋଧା ଭାବେ ପଣ୍ଡିତ ଦୁର୍ଗାଚରଣ ତ୍ରିପାଠୀ, ନୀଳକଣ୍ଠ ମିଶ୍ର, ପ୍ରଦୀପ୍ତ କୁମାର ଶତପଥୀ, ସୁରେନ୍ଦ୍ର ଶତପଥୀ, ଜଗନ୍ନାଥ ମିଶ୍ର ଏବଂ ମଠମହନ୍ତ ବାଳକୃଷ୍ଣ ଦାସ ମହାରାଜ କାର୍ଯ୍ୟ ତୁଲାଇଥିବାବେଳେ ଶୁଶାନ୍ତ ପ୍ରଧାନ ଓ ଧର୍ମପତ୍ନୀ ବନୀତା ପ୍ରଧାନ କର୍ତ୍ତାଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ପ୍ରତ୍ୟେହ ଯଜ୍ଞକର୍ମ ସହ ପ୍ରସାଦ ସେବନରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମରେ ସମଗ୍ର ଗାଁରେ ଭାବାମୟ ପରିବେଶ ସୃଷ୍ଟି ହୋଇଥିଲା। କାର୍ଯ୍ୟକ୍ରମରେ



ନୟାଗଡ ବିଧାୟକ ଡ.ଅରୁଣ କୁମାର ସାହୁ, ବ୍ଲକ ଅଧକ୍ଷ ଲୋକନାଥ ସାହୁ, ଜିଲ୍ଲାପରିଷଦ ସଭ୍ୟା ଝିଲି ପ୍ରଧାନ, ଯୁବନେତା ବିଭୁପ୍ରସାଦ ସାହୁ, ସରପଞ୍ଚ ବିଜନ ପାଇକରାୟ, ସମିତିସଭ୍ୟା କନକ ପାତ୍ର ପ୍ରମୁଖ ଯୋଗଦେଇ ହନୁମାନ ମହାରାଜାଙ୍କ ଆଶିଷ କୃପାଲାଭ କରିଥିଲେ। କାର୍ଯ୍ୟକ୍ରମରେ ସାହିର ସମସ୍ତ ଯୁବଗୋଷ୍ଠୀ ଓ ସାହିବାସିନ୍ଦା ସହଯୋଗ କରିଥିଲେ।

### ବାରମ୍ବାର ବିଜୁଳି କାଟ୍‌ରୁ ରକ୍ଷା ମିଳୁନି

## ମାଧପୁର ଫିଡର୍‌ରୁ କଣ୍ଟିଲୋକୁ ବିଦ୍ୟୁତ୍ ସଂଯୋଗ ଦାବି

**କଣ୍ଟିଲୋ,୩୦।୪/ଏନ୍‌ଏନ୍‌ଏସ୍:** କୋଡ଼ିଏ ହଜାରରୁ ଊର୍ଦ୍ଧ୍ୱ ଅଧିବାସୀ ବାସ କରୁଥିବା ଜନବହୁଳ ଏକକ ଗ୍ରାମ ପଞ୍ଚାୟତ, ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର, ଶିଳ୍ପୀ ଗ୍ରାମ, ବ୍ୟବସାୟିକ ପେଣ୍ଠସ୍ଥଳୀ ତଥା ଜଗନ୍ନାଥ ମହାପ୍ରଭୁଙ୍କ ଆଦିପୀଠ ଭାବେ ପରିଚିତ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ପ୍ରଭୁ ଶ୍ରୀ ନୀଳମାଧବ ଜିଉ ବିଜେ କଣ୍ଟିଲୋ ଗ୍ରାମରେ ପ୍ରତିଦିନ ହିସାବ କଲେ ପ୍ରାୟ ତିନି ଚାରି ଘଣ୍ଟା ସମୟ ଅଘୋଷିତ ବିଜୁଳି କାଟ୍ ଚାଲିଛି। ଏହା ସାଙ୍ଗକୁ ବେଡ଼ି ଉପରେ କୋରଡ଼ା ମାଡ଼ ଭଳି ଗତ ୫ରୁ ୬ ଦିନ ହେଲା, କାଳବୈଶାଖୀ ବର୍ଷା ଓ ଝଡ଼ ତୋଫାନ ଯୋଗୁ ଚବିଶ ଘଣ୍ଟାରୁ ପ୍ରାୟ କୋଡ଼ିଏ ଘଣ୍ଟା ବିଜୁଳି କଟୁଥିବାରୁ ଅନ୍ଧାରରେ ଛାତ୍ରଛାତ୍ରୀମାନଙ୍କ ପାଠପଢ଼ାରେ ବିଘ୍ନ ଉପୁଜିବା ସହିତ ପାନୀୟ ଜଳ ଯୋଗାଣ, ରୋଗୀ ଚିକିତ୍ସା, ବ୍ୟାଙ୍କ୍ କାରବାର, ପୋଷ୍ଟ ଅଫିସ କାର୍ଯ୍ୟ ଇତ୍ୟାଦି ଅନେକଗୁଡାଏ କାର୍ଯ୍ୟରେ ସାଧାରଣ ଜନତା ହଇରାଣ ଓ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି। ଇନ୍‌ଭର୍ଟର୍ ଏତେ ସମୟ ଆଦୌ କାମ କରୁନି। ପ୍ରକାଶଯୋଗ୍ୟ ଯେ, କଣ୍ଟିଲୋ ଯେହେତୁ ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଜନଗହଳି ଓ ବ୍ୟବସାୟିକ ପେଣ୍ଠସ୍ଥଳୀ, ଏଠିକି ରାଜପାଟନାରୁ ଭାୟା ନୟାଗଡ଼ ଓ ଖଣ୍ଡପଡ଼ା ବାଟ ଦେଇ କଣ୍ଟିଲୋ କିମ୍ବା ଗଣିଆରୁ କଣ୍ଟିଲୋକୁ ବିଜୁଳି ସଂଯୋଗ ନକରି ଭାପୁର ବ୍ଲକ ମାଧପୁର ଫିଡର୍‌ରୁ ସିଧା କଣ୍ଟିଲୋ ସେକ୍ସନକୁ ସଂଯୋଗ କରି ବିଜୁଳି ସେବା ଯୋଗାଇଦେବା ପାଇଁ ଦାବି ହେଉଛି। କଣ୍ଟିଲୋରେ ପ୍ରତି ମାସରେ ସବୁଠାରୁ ଅଧିକ ଅର୍ଥାତ୍ ଶତକଡା ନବେ ପ୍ରତିଶତ ବିଜୁଳି ଦେୟ ଆଦାୟ ହେଉଥିଲା ବେଳେ ବିଜୁଳି ବିଭାଗ ସେବା ଯୋଗାଇବାରେ ବିଫଳ ହେଉଛି। ଅଘୋଷିତ ବିଜୁଳି କାଟ୍‌ରୁ କ୍ଷାନ୍ତ ପାଇବା ପାଇଁ ମାଧପୁର ଫିଡରରୁ ସିଧା କଣ୍ଟିଲୋକୁ ସଂଯୋଗ କରି ଲୋକମାନଙ୍କୁ ବିଜୁଳି ସେବା ଯୋଗାଇଦେବାକୁ ପୂର୍ବରୁ ବହୁ ବାର୍ ଗଣମାଧ୍ୟମରେ ଖବର ପ୍ରସାରିତ ହୋଇଥିଲା। କିନ୍ତୁ ବିଭାଗୀୟ ଅଧିକାରୀ ଖଣ୍ଡପଡ଼ା ଏସ୍‌ଡିଓଙ୍କ ଅବହେଳା ଏବଂ ସ୍ଥାନୀୟ ବିଧାୟକଙ୍କ ଆନ୍ତରିକତା ଓ ଇଚ୍ଛାଶକ୍ତିର ଅଭାବ ଯୋଗୁ ମାଧପୁର ଫିଡର୍‌ଠାରୁ ମାତ୍ର ଚାରି ପାଞ୍ଚ କିଲୋମିଟର ଦୂର କଣ୍ଟିଲୋକୁ ସିଧା ବିଜୁଳି ସଂଯୋଗ କରାଯାଉ ନଥିବାରୁ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ଏହି କାର୍ଯ୍ୟ ଆରମ୍ଭ କରା ନଗଲେ ଏ ଅଞ୍ଚଳର ହଜାର ହଜାର ଯୁବକ ଆଇନକୁ ହାତକୁ ନେଇ ଆନ୍ଦୋଳନ କରିବା ସହିତ ପ୍ରତ୍ୟେକ ମାସର ବିଦ୍ୟୁତ୍ ଦେୟ ପୈଠ ବନ୍ଦ କରିଦିଆଯିବ ବୋଲି ଚେତାବନୀ ଶୁଣାଇଛନ୍ତି।

## ୱଣ୍ଡରଲା ପକ୍ଷରୁ ଗ୍ରୀଷ୍ମ ଅଫର୍‌ରେ ଦୁଇ ନୂଆ ଆକର୍ଷଣ ଉନ୍ମୋଚିତ

**ଖୋର୍ଦ୍ଧା,୩୦।୪/ଏନ୍‌ଏନ୍‌ଏସ୍:** ୱଣ୍ଡରଲା ହଲିଡେଜ୍ ଲିମିଟେଡ ପକ୍ଷରୁ ଭୁବନେଶ୍ୱର ପାର୍କରେ ଦୁଇଟି ନୂଆ ଆକର୍ଷଣ ଫଙ୍କି ମଙ୍କି ଓ ୱଣ୍ଡରଲା ବାମ୍ପର ଶୁଭାରମ୍ଭ ହୋଇଛି। ଏସବୁକୁ ମିଶାଇ ୱଣ୍ଡରଲା ଭୁବନେଶ୍ୱରରେ ଏବେ ୨୩ଟି ଭୂପୃଷ୍ଠ ଓ ଜଳ ଆକର୍ଷଣ ରହିଛି ଏବଂ ଏହା ଓଡ଼ିଶାର ସର୍ବବୃହତ ଆମ୍ୟୁଜମେଣ୍ଟ ପାର୍କ ଭାବେ ନିଜର ସ୍ଥାନ ସୁଦୃଢ଼ କରିଛି। ଗ୍ରୀଷ୍ମ ଋତୁ ପାଇଁ ସମୟୋପଯୋଗୀ ଏହି ନୂଆ ଯାତ୍ରାରେ ୱଣ୍ଡରଲାର ଉଚ୍ଚ ରୋମାଞ୍ଚ ଏବଂ ପାରିବାରିକ ଅନୁକୂଳ ଅନୁଭୂତିର ପୋର୍ଟଫୋଲିଓକୁ ବିସ୍ତାର କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଅଭିନେତା ବାବୁଶାନ ମହାନ୍ତି, କାର୍ଯ୍ୟନିର୍ବାହୀ ଅଧକ୍ଷ ତଥା ଏମ୍‌ଡି ଅରୁଣ କେ ଚିଟିଲପିଲି, ସିଓଓ ଧୀରନ ଚୌଧୁରୀ ଓ ଭୁବନେଶ୍ୱର ପାର୍କ ମୁଖ୍ୟ କଳ୍ପତରୁ ନାୟକ ପ୍ରମୁଖ ଏହି ଦୁଇ ଆକର୍ଷଣକୁ ଉନ୍ମୋଚନ କରିଥିଲେ। ଗ୍ରୀଷ୍ମକାଳୀନ ଅଭିଯାନ ୨୦୨୫ର ଏକ ଅଂଶ ଭାବରେ ୱଣ୍ଡରଲା ଭୁବନେଶ୍ୱର ପ୍ରଥମ ଥର ପାଇଁ ନାଇଟ୍ ପାର୍କ ଅନୁଭୂତି ଆରମ୍ଭ କରିଛି। ସେଥିରେ ଅତିଥିମାନେ ସନ୍ଧ୍ୟା ୭ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ତାରକା ତଳେ ପାର୍କକୁ ଉପଭୋଗ କରିପାରିବେ। ଦିନ ଟିକେଟ୍‌ରେ



ଏକକ ପାସ୍ କିମ୍ବା ନାମମାତ୍ର ଉନ୍ନତୀକରଣ ମାଧ୍ୟମରେ ପ୍ରବେଶ ସୁବିଧା ଉପଲବ୍ଧ ରହିଛି। ଜୁନ୍ ୩୦ ପର୍ଯ୍ୟନ୍ତ ଉପଲବ୍ଧ ଥିବା ଗ୍ରୀଷ୍ମକାଳୀନ ଅଭିଯାନରେ ଅନେକ ସ୍ୱତନ୍ତ୍ର ଅଫର୍ ମଧ୍ୟ ରହିଛି। ଯାହା ଆଗୁଆ ବୁକିଂ ଉପରେ ୨୫% ପର୍ଯ୍ୟନ୍ତ ରିହାତି, ବରିଷ୍ଠ ନାଗରିକଙ୍କ ପାଇଁ ୫୦% ରିହାତି, ଦଶମ-ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ୩୫% ରିହାତି (ହଲ୍ ଟିକେଟ୍ ଅଫର୍) ଏବଂ ବୈଧ ପରିଚୟପତ୍ର ଥିବା କଲେଜ ଛାତ୍ରଛାତ୍ରୀଙ୍କ ପାଇଁ ୨୦% ରିହାତି, ଜନ୍ମଦିନ ମାସରେ ଯେକୌଣସି ସମୟରେ ଅତିଥିମାନଙ୍କ ପାଇଁ ବାଏ-ୱାନ୍-ଗେଟ୍-ୱାନ୍-ଫ୍ରି, ମୋ ବସ୍ ବ୍ୟବହାର କରୁଥିବା ପର୍ଯ୍ୟଟକଙ୍କ ପାଇଁ ଟିକେଟ ଉପରେ ୧୫% ରିହାତି(ବୈଧ ଟିକେଟ୍ ଦେଖାଇବା ଉପରେ) ରହିଥିବା ଏମ୍‌ଡି କହିଥିଲେ।

## ହୃଦ୍‌ଘାତରେ ଯୁବକଙ୍କ ଅକାଳ ବିୟୋଗ

**ନେମାଳ,୩୦।୪/ଏନ୍‌ଏନ୍‌ଏସ୍:** ନିଶ୍ଚିନ୍ତକୋଇଲି ବ୍ଲକ ସରପଡା ଗ୍ରାମର ବିଶିଷ୍ଟ ଯୁବନେତା ଉମାଶଙ୍କର ପଣ୍ଡାଙ୍କର ଆଜି ରାତିରେ ହୃଦ୍‌ଘାତଜନିତ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୩ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁରେ ସମଗ୍ର ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି। ଆଜି ସନ୍ଧ୍ୟାରେ ଶ୍ରୀ ପଣ୍ଡା ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ତାଙ୍କୁ ତୁରନ୍ତ ଚିକିତ୍ସା ନିମନ୍ତେ ପରିବାର ଲୋକେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ତାଙ୍କର ସହପାଠୀ ବଲ୍ଲଭ ଚରଣ ପଲେଇ, ଅନ୍ତର୍ଯ୍ୟାମୀ ବଡୁ, ତହସିଲଦାର ଉମାଶଙ୍କର ବିଶ୍ୱାଳ, ପୂର୍ବତନ ସରପଞ୍ଚ ରବିନ୍ଦ୍ରନାଥ ସେଠୀ, ପ୍ରଦିପ୍ତ କୁମାର ପଣ୍ଡା,ଦେବାଶିଷ ଦାଶ, ବିନୋଦ କୁମାର ଦାଶ, ସୁଶାନ୍ତ କୁମାର ଶତପଥି ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ଗ୍ରାମ୍ୟ ଶ୍ମଶାନରେ ଶୋକାକୂଳ ପରିବେଶରେ ତାଙ୍କର ଶବକୁ ଦାହ କରାଯାଇଥିଲା। ତାଙ୍କର ଏକମାତ୍ର ପୁତ୍ର ମୁଖାଗ୍ନି ଦେଇଥିଲେ।

## ମଙ୍ଗଳାଙ୍କ ପୀଠରେ କୃଷକ ପୂଜନ ସମାରୋହ

**ବାରଙ୍ଗ, ୩୦।୪/ଏନ୍‌ଏନ୍‌ଏସ୍:** ଅକ୍ଷୟ ତୃତୀୟା ଉପଲକ୍ଷେ ଆବୁଧବାର ବଡ଼ ମୁଣ୍ଡଳି ସ୍ଥିତ ମା’ମଙ୍ଗଳାଙ୍କ ପୀଠରେ ସ୍ୱର୍ଣ୍ଣଲତା ସେବା ସହଯୋଗ ପ୍ରତିଷ୍ଠାନ ପକ୍ଷରୁ କୃଷକ ପୂଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ପରିବେଶ ବିଜ୍ଞାନୀ ଡ଼ଃ ଆଶୁତୋଷ ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅବସର ପ୍ରାପ୍ତ ଜିଲ୍ଲା ଜଜ ବୈଶମ୍ପାୟନ କର ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥିଭାବେ ଡ଼ଃ ସତ୍ୟ ରାୟ, ସରପଞ୍ଚ କଣ୍ଢେଇ ସାହୁ, ଗୌରାଙ୍ଗ ରାଉତ, ଅଶ୍ୱିନୀ ସାହୁ, ଜ୍ୟୋତ୍ସ୍ନା ରାଣୀ ସାହୁ ପ୍ରମୁଖ ଯୋଗଦେଇ କୃଷକମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର ଓ ଜନସାଧାରଣ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ। ଚାଷୀମାନେ ହେଉଛନ୍ତି ଦେଶର ମେରୁଦଣ୍ଡ ତେଣୁ ସେମାନଙ୍କୁ ଆଦୌ ଅଣଦେଖା କରାଯିବା ଉଚିତ ନୁହେଁ ବୋଲି ବକ୍ତା ମାନେ ପ୍ରକାଶ କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଓଡ଼ଗାଁ,୩୦।୪/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ଗୋଷ୍ଠୀ ଶିକ୍ଷାକେନ୍ଦ୍ର ଅଧୀନ କୁରାଳ ପଞ୍ଚାୟତ ଲିଙ୍ଗରାଜ ପ୍ରସାଦ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିଶ୍ ଚନ୍ଦ୍ର ସାହୁଙ୍କ ଅବସରକାଳୀନ ସମ୍ବଦ୍ଧନା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପଞ୍ଚାନନ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବଦ୍ଧନା ସଭାରେ ସ୍ୱତନ୍ତ୍ର ଅତିଥିଭାବେ କୁରାଳ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି ରାମେଶ୍ୱର ପଣ୍ଡା



ଯୋଗଦେଇ ଥିବାବେଳେ ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତଶିକ୍ଷକ ମନୋଜ କୁମାର ନାୟକ ଏବଂ ସମ୍ମାନିତ ଅତିଥିଭାବେ ନାଥିଆପଲ୍ଲୀ ପ୍ରକଳ୍ପ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ମିଶ୍ର, ଶିବପ୍ରସାଦ ଖଟେଇ, କୁରାଳ ଜଗୁ ନାରାୟଣ ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ପୃଷ୍ଟି, କୋମଣ୍ଡ କ୍ଲଷ୍ଟର ସିଆରସିସି ଲଳିତମୋହନ ମିଶ୍ର, ସାମ୍ବାଦିକ ଗଣେଶ୍ୱର ସାହୁ, ପ୍ରକୃତିବନ୍ଧୁ ରଞ୍ଜନ କୁମାର ଦାସ ପ୍ରମୁଖ ଯୋଗଦେଇ ଶିକ୍ଷା ଓ ଶିକ୍ଷକତାର ମୂଲ୍ୟବୋଧ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟସଭ୍ୟା, ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ଓ ଗ୍ରାମବାସୀଙ୍କ ଗହଣରେ ନଗର ପରିକ୍ରମାପରେ ଅବସର ଗ୍ରହଣ କରିଥିବା ଶିକ୍ଷକଙ୍କୁ ନିଜଗ୍ରାମ କୁରାଳ ବାସଭବନରେ ଛାଡିଦେଇ ଆସିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ରାଧାମୋହନ ନାୟକ, ରମାକାନ୍ତ ପ୍ରଧାନ ଓ ଶିକ୍ଷୟିତ୍ରୀ ସନ୍ତୋଷୀ ନାୟକ ପରିଚାଳନା କରିଥିବାବେଳେ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ବେଆଇନ ବିଦ୍ୟୁତ୍ ଟାୱାର ନିର୍ମାଣକୁ ବିରୋଧ

**ଫୁଲନଖରା,୩୦।୪/ଏନ୍ଏନ୍ଏସ୍:** ସଦର ଥାନା ଅନ୍ତର୍ଗତ ଅନ୍ଧୋଟୀ, ପୁରୁଷୋତ୍ତମପୁର ଏବଂ ସିଂହୋଳ ସମେତ ନାହାଳପୁର ପଞ୍ଚାୟତ ଅନ୍ତର୍ଗତ ଗୁଣାଦୋଳ ମୌଜାରେ ବେଆଇନ ଅତ୍ୟୁଚ୍ଚ ଶକ୍ତିସମ୍ପନ୍ନ ବିଦ୍ୟୁତ ଟାୱାର ନିର୍ମାଣକୁ ବିରୋଧ ହୋଇଛି । ଏ ନେଇ ସାମାଜିକକର୍ମୀ ବସନ୍ତ ଜେନା ରାଜ୍ୟ ଶକ୍ତି ସଚିବ ଓ ବିଭାଗୀୟ ମନ୍ତ୍ରୀଙ୍କୁ ଲିଖିତ ଜଣାଇଲାପରେ ନିର୍ଦ୍ଦେଶ ଅନୁସାରେ କଟକ ଜିଲ୍ଲାପାଳ ସଂପୃକ୍ତ କମ୍ପାନୀ, ବାରଙ୍ଗ ତହସିଲଦାର ଏବଂ କଟକ ସଦର ଉପଜିଲ୍ଲାପାଳଙ୍କୁ ଏହାର ତଦନ୍ତ ପାଇଁ ପତ୍ର ମାଧ୍ୟମରେ ନିର୍ଦ୍ଦେଶନାମା ଜାରି କରିଛନ୍ତି । ସୂଚନାଯୋଗ୍ୟ, କଟକ ନୂଆପଡ଼ାରୁ ଖୋର୍ଦ୍ଧା ଜିଲା ପ୍ରତାପଶାସନ ପର୍ଯ୍ୟନ୍ତ ୨୨୦ କେଭି ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ସରବରାହ ନିମିତ୍ତ କାର୍ଯ୍ୟ ଆରମ୍ଭ ହୋଇଛି । ଏଥିପାଇଁ ପ୍ରସ୍ତାବିତ ଟାୱାର ନିର୍ମାଣ ପାଇଁ ଜମି ଚିହ୍ନଟ ଓ ଆବଶ୍ୟକ ସରକାରୀ କ୍ଷତିପୂରଣ ମଧ୍ୟ ଧାର୍ଯ୍ୟ ହୋଇଥିଲା; କିନ୍ତୁ ପୂର୍ବ ନିଷ୍ପତ୍ତିକୁ ଅଦଳବଦଳ ସହ ଚିହ୍ନଟ ହୋଇଥିବା ଜମିରେ ଟାୱାର ନକରି ଅନ୍ୟ ଚାଷୀଙ୍କ ବିଲରେ ଏହା ନିର୍ମାଣ ହେଲା । ସ୍ଥାନୀୟ ଲୋକେ ଏହାକୁ ପ୍ରବଳ ବିରୋଧ କରିବାରୁ ସଂପୃକ୍ତ କମ୍ପାନୀ ପକ୍ଷରୁ ପୁଲିସ ସହାୟତାରେ ଜୋରଜବରଦସ୍ତି ତାର ଟଣାଗଲା । ବର୍ତ୍ତମାନ ଜିଲାପାଳ ଏଥିରେ ହସ୍ତକ୍ଷେପ କରି ନୋଟିସ ଜାରି କରିଥିବା ଜଣାପଡ଼ିଛି ।

# ଦୁର୍ଘଟଣାରେ ଜଣେ ମୃତ

**ମୁଣ୍ଡମୁହାଣ,୩୦।୪/ଏନ୍ଏନ୍ଏସ୍:** ସୋମବାର ସକାଳ ପ୍ରାୟ ୬ଟା ବେଳେ ଇନଫୋଭ୍ୟାଲି ଥାନା ୧୬ନମ୍ବର ଜାତୀୟ ରାଜପଥ ପେଟ୍ରୋଲ ପମ୍ପ ନିକଟରେ ଏକ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତ ବ୍ୟକ୍ତିଙ୍କ ହେଲେ ପଶ୍ଚିମବଙ୍ଗର ଏମଡି ନିଜାମୁଦ୍ଦିନ(୨୯) । ମିଳିଥିବା ସୂଚନା ଅନୁସାରେ ଆଜି ସକାଳ ପ୍ରାୟ ୬ଟାବେଳେ ଜଣେ ବ୍ୟକ୍ତି ରାସ୍ତା ପାର ହେଉଥିଲେ । ରାସ୍ତା ପାର ହେଉଥିବା ବେଳେ ଭୁବନେଶ୍ୱର ରୁ ଖୋର୍ଦ୍ଧା ଅଭିମୁଖେ ଆସୁଥିବା ଏକ ଡମ୍ପର ତାଙ୍କ ଉପରେ ଚଢ଼ି ଯାଇଥିଲା । ଫଳରେ ଘଟଣାସ୍ଥଳରେ ବ୍ୟକ୍ତି ଜଣକଙ୍କ ମୃତ୍ୟୁ ଘଟିଥିଲା । ସ୍ଥାନୀୟ ଲୋକ ଏ ନେଇ ଇନ୍ଫୋଭ୍ୟାଲି ଥାନାକୁ ଖବର ଦେଇଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଭୁବନେଶ୍ୱର ଏମ୍ସ ପଠାଇଥିଲେ ।

# କୃଷକ ଗୌରବ ସମ୍ମାନ ପ୍ରଦାନ



**କୁଆଁପାଳ,୩୦।୪/ଏନ୍ଏନ୍ଏସ୍:** ପବିତ୍ର ଅକ୍ଷୟତୃତୀୟା ଓ କୃଷକ ଦିବସ ଅବସରରେ ଜୟ କୃଷକ କ୍ଲବ ପକ୍ଷରୁ ମାହାଙ୍ଗା ବ୍ଲକର ମଣିଯୋରୀଠାରେ ନିର୍ବାଣ ପ୍ରତିନିଧି ବିଜୟ କୁଅଁରଙ୍କୁ କୃଷକ ଗୌରବ ସମ୍ମାନ ୨୦୨୫ ପ୍ରଦାନ କରାଯାଇଛି । ଏହି ଅବସରରେ ସମାଜସେବୀ ପ୍ରତାପ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସବୁଜକ୍ରାନ୍ତି ବିପ୍ଳବର ସଭାପତି କୈଳାସ ମିଶ୍ର ,ସମ୍ମାନିତ ଅତିଥିଭାବେ ରସରାଜ ବୀରକିଶୋର ସ୍ୱାଇଁ, ଡଃ ଭାବଗ୍ରାହୀ ରାଉତ, ଖ୍ୟାତିସମ୍ପନ୍ନ ବଂଶୀବାଦକ ପ୍ରମୋଦ କୁମାର ପତି, ସସ୍ମିତା ସାହୁ, ମିସ୍ କୁଇନ୍, ବାପୁ ଓଝା, ଗୀତିକାର ସଂଜୀବ କୁମାର ତରାଇ ଯୋଗଦେଇ ଶ୍ରୀ କୁଅଁରଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । କୃଷକ ଗୌରବ ସମ୍ମାନରେ ସମ୍ମାନିତ ହୋଇଥିବାରୁ ନିର୍ବାଣ ପ୍ରତିନିଧି ବିଜୟ କୁଅଁରଙ୍କୁ ମାହାଙ୍ଗାର ବିଭିନ୍ନ ଅନୁଷ୍ଠାନ ଓ ବୁଦ୍ଧିଜୀବି ମହଲରେ ସ୍ୱାଗତ କରାଯିବା ସହ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

# ସରାଟ ସେବା ସମବାୟ ସମିତିରେ ରକ୍ତଦାନ ଶିବିର



**ବାଲିପାଟଣା,୩୦।୪/ଏନ୍ଏନ୍ଏସ୍:** ପବିତ୍ର ଅକ୍ଷୟ ତୃତୀୟା ଅବସରରେ ସରାଟ ସେବା ସମବାୟ ସମିତି ତରଫରୁ ଆମ ଓଡ଼ିଶା ସଂଗଠନ ସହଯୋଗରେ ସମିତିର କାର୍ଯ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଆନ୍ତର୍ଜାତୀୟ ସମବାୟ ବର୍ଷ ପାଇଁ ଚଳିତ ବର୍ଷ ସମବାୟ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଏହିଭଳି କାର୍ଯ୍ୟକ୍ରମ ମାନ ଆୟୋଜିତ ହେବା ପରିପ୍ରେକ୍ଷୀରେ ରେ ଆଜି କାର୍ଯ୍ୟକ୍ରମରେ ତହସିଲଦାର କଳ୍ପନା ଦାସ, ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଶ୍ରୀକାନ୍ତ ବେହେରା, ବରିଷ୍ଠ ସମବାୟ ଅଧିକାରୀ ପ୍ରିୟବ୍ରତ ପଣ୍ଡା, ସହକାରୀ ନିବନ୍ଧକ ଲଳିତ କୁମାର ବିଶ୍ୱାଳ, ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ ଦିବ୍ୟରଞ୍ଜନ୍ ପ୍ରଧାନ, ପ୍ରେସ କ୍ଲବ୍ ସଭାପତି ଦିଲ୍ଲୀପ କୁମାର ଓଝା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୌମ୍ୟରଞ୍ଜନ ତ୍ରିପାଠୀ ଓ ସମିତିର ସଭାପତି ଭାରତ ଭୂଷଣ ମହାନ୍ତି ପ୍ରମୁଖ ଯୋଗଦେଇ ରକ୍ତଦାନ ଶିବିର ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମିତିର ସଂପାଦକ ପ୍ରଭୁ ପ୍ରସାଦ ଜେନା, ଅନ୍ୟ ସମିତିମାନଙ୍କର ସମ୍ପାଦକ ବୃନ୍ଦ, ଆମ ଓଡ଼ିଶା ସଂଗଠନ ତରଫରୁ ସାମ୍ବାଦିକ ବସନ୍ତ କୁମାର ଦାଶ, ସମିତିର ନିର୍ଦ୍ଦେଶକ ସଂଗ୍ରାମ କୃଷ୍ଣ ଦାସ, ପ୍ରସନ୍ନ ସ୍ୱାଇଁ, ଅମୂଲ୍ୟ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ସଫଳତାରେ ସହଯୋଗ କରିଥିଲେ ।

# କୋଣାର୍କ ଏନ୍ଏସି ପକ୍ଷରୁ ଶ୍ରୀଜୟଦେବ ଜୟନ୍ତୀ



**କୋଣାର୍କ,୩୦।୪/ଏନ୍ଏନ୍ଏସ୍:** ବୁଧବାର ପୂର୍ବାହ୍ନରେ ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ତିଥି ଭାବେ ପବିତ୍ର ଅକ୍ଷୟତୃତୀୟାରେ କୋଣାର୍କ ଏନଏସି ପକ୍ଷରୁ ଶ୍ରୀଜୟଦେବ ଜୟନ୍ତୀ ନିରାଡ଼ମ୍ବର ଭାବେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ କୋଣାର୍କ ଏନଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦ, ୩ନଂ ୱାର୍ଡ କାଉନସିଲର ସମୟରଞ୍ଜନ ସାହୁ, କୋଣାର୍କ ଏନଏସିର ବରିଷ୍ଠ କର୍ମଚରୀ ଭାଗିରଥି ବରାଳଙ୍କ ସମେତ ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ କୋଣାର୍କ ଚନ୍ଦ୍ରଭାଗା ସ୍ଥିତ ଜୟଦେବ ବାଟିକାରେ ନିରାଡ଼ମ୍ବର ଭାବେ ପବିତ୍ର ଗୀତଗୋବିନ୍ଦର ରଚୟିତା କବି ଶ୍ରୀ ଜୟଦେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତସ୍ତୁତିଚାରଣ କରିଥିଲେ । ସୂଚନାଥାଉ କି ପୂର୍ବରୁ ସରକାରଙ୍କ ଦ୍ୱାରା ସଂସ୍କୃତି ବିଭାଗ ପକ୍ଷରୁ ଅନୁଦାନ ପ୍ରଦାନ କରାଯାଇ ମହାସମାରୋହ ରେ ଜୟଦେବଙ୍କ ଜୟନ୍ତୀ କୋଣାର୍କରେ ୩ଦିନ ପାଇଁ ପାଳିତ ହୋଇ ଆସୁଥିଲା ଓ ଏ ନେଇ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଓ ପାଳନ ପାଇଁ ପୂର୍ବରୁ ଲିଖିତ ନିର୍ଦ୍ଦେଶ ଦିଆଯାଉଥିଲା । ମାତ୍ର ସରକାର ପରିବର୍ତ୍ତନ ହେବା ପରେ ନୂତନ ସରକାରଙ୍କ ପକ୍ଷରୁ ଜୟଦେବ ଜୟନ୍ତୀ ପାଳନ ପାଇଁ କୌଣସି ଅନୁଦାନ ଆସି ନଥିବା ଓ ଏହାକୁ ସରକାରୀ ଭାବେ ପାଳନ କରିବାକୁ କୌଣସି ଲିଖିତ ନିର୍ଦ୍ଦେଶ ଆସିନଥିବାକୁ ନେଇ ଦୁଃଖ ଓ କ୍ଷୋଭ ସହ କୋଣାର୍କ ଏନଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ କୁହନ୍ତି । ସେଥିପାଇଁ ବାଧ୍ୟ ହୋଇ ପରମ୍ପରା ବଜାୟ ରଖିବା ପାଇଁ କୋଣାର୍କ ଏନଏସି ପକ୍ଷରୁ କବି ଶ୍ରୀ ଜୟଦେବଙ୍କ ପ୍ରତିମୂର୍ତ୍ତିରେ ନିରାଡ଼ମ୍ବର ଭାବେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ।

# ନବୋଦୟ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ବାରଙ୍ଗ, ୩୦।୪/ଏନ୍ଏନ୍ଏସ୍:** ବାରଙ୍ଗ ମୁଣ୍ଡଳିସ୍ଥିତ ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ବାର୍ଷିକଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ମୁଣ୍ଡଳିସ୍ଥିତ ସିଆଇଏସଏଫର ଡିଜି ଗଙ୍ଗା ଶଙ୍କର, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଏନଡିଆରଏଫ କମାଣ୍ଡାଣ୍ଟ ନରେନ୍ଦ୍ର ଶର୍ମା ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର ନାୟକ ଏବଂ ମୁଖ୍ୟ ବକ୍ତା ଭାବେ କଟକ ଶୈଳବାଳା ମହିଳା ମହାବିଦ୍ୟାଳୟର ଜୀବବିଜ୍ଞାନ ବିଭାଗ ମୁଖ୍ୟ ଡ. ଅନିରୁଦ୍ଧ କୁମାର ଖୁଲାର ଯୋଗ ଦେଇଥିଲେ ।ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥଙ୍କ ଚରଣରେ ଭକ୍ତିପୂତ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ରାମରାଜ୍ ସିଂ ଅତିଥିମାନଙ୍କର ପରିଚୟ ପ୍ରଦାନ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅତିଥିମାନେ ସେମାନଙ୍କର ଓଜସ୍ୱିନି ଅଭିଭାଷଣ ମାଧ୍ୟମରେ ନବୋଦୟ ବିଦ୍ୟାଳୟର ଭୂୟସୀ ପ୍ରଶଂସା କରି ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ ପାଇଁ ଆଶୀର୍ବଚନ ପ୍ରଦାନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିବା କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପସ୍ଥିତ ସମସ୍ତ ଅଭିଭାବକ ଓ ଅତିଥି ଭୂୟସୀ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷିକା ନିଶତ ଅନ୍ୱର୍ ସଞ୍ଚାଳନ କରିଥିବା ବେଳେ ଦ୍ୱାଦଶ ଶ୍ରେଣୀର ଦୁଇଛାତ୍ରୀ ଅର୍ପିତା ଓ ତୃପ୍ତିମୟୀ ସଂଯୋଜନା କରିଥିଲେ । ବିଦ୍ୟାଳୟର ଉପାଧ୍ୟକ୍ଷ ଦିଲ୍ଲୀପ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦନ ହୋଇଥିବାବେଳେ ଉତ୍ସବ ପରିଚାଳନାରେ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# କୋଣାର୍କ ଶ୍ରୀଜଗନ୍ନାଥ ମନ୍ଦିରରେ ରଥକାଠ ଅନୁକୂଳ ଉତ୍ସବ

**କୋଣାର୍କ,୩୦।୪/ଏନ୍ଏନ୍ଏସ୍:** କୋଣାର୍କ ସ୍ଥିତ ରାଜାରାମ ମଠ ପରିସରରେ ଶ୍ରୀ ଜଗନ୍ନାଥ ଟ୍ରଷ୍ଟ ବୋର୍ଡ ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥ କାଠ ଅନୁକୂଳ ସମାରୋହ ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି । କୋଣାର୍କ ସ୍ଥିତ ଶ୍ରୀ ଜଗନ୍ନାଥ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଧାର୍ମିକ ରୀତିନୀତି ଅନୁଯାୟୀ ମନ୍ଦିର ପରିସରରେ ପୂଜକ ଅଜୟ ଦାସ ହୋମଯଜ୍ଞ ଆଦି କାର୍ଯ୍ୟ ସଂପାଦନ କରିବା ପରେ ବିଶ୍ୱକର୍ମା ଶମ୍ଭୁନାଥ ମହାରଣା ଙ୍କ ଦ୍ୱାରା ରଥ କାଠ ଅନୁକୂଳ କରାଯାଇଥିଲା । ଚଳିତ ବର୍ଷ କୋଣାର୍କ ଠାରେ ଆୟୋଜିତ ହେବାକୁ ଥିବା ରଥ ନିର୍ମାଣ କାର୍ଯ୍ୟ ପାଇଁ କାଠର ଅଭାବ ପରିଲକ୍ଷିତ ହେଉଥିବାବେଳେ ପୁରୀ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ବନବିଭାଗ କାର୍ଯ୍ୟାଳୟ ପକ୍ଷରୁ ରଥ ନିର୍ମାଣ ନିମନ୍ତେ କାଠ ଯୋଗାଇଦେବା ପାଇଁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଦାବି କରାଯାଇଛି ।

# ବିଜେପି ନଗର ମଣ୍ଡଳ ତରଫରୁ ବିକ୍ଷୋଭ ପ୍ରଦର୍ଶନ

**ଜଟଣୀ,୩୦।୪/ଏନ୍ଏନ୍ଏସ୍:** ବିଜେପି ନଗର ମଣ୍ଡଳ ତରଫରୁ ନଗର ସଭାପତି ତିରୁପତି ଶତପଥୀଙ୍କ ନେତୃତ୍ୱରେ ଏବଂ ଜିଲ୍ଲା ସଭାପତି ବିଶ୍ୱରଂଜନ ବଡ଼ଜେନାଙ୍କ ନିର୍ଦ୍ଦେଶରେ କାଶ୍ମୀରର ପହଲଗାଁ ଠାରେ ଘଟିଥିବା ଆତଙ୍କବାଦୀ ଆକ୍ରମଣକୁ ବିରୋଧ କରି ତୀବ୍ର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ନଗର ସାଧାରଣ ସମ୍ପାଦକ ପ୍ରଦୀପ ଜେନା ଏହାକୁ ସାଧାରଣ ସମ୍ପାଦକ ପରେଶ ପଟ୍ଟନାୟକଙ୍କ ସହଯୋଗରେ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପାକିସ୍ତାନ ବିରୋଧୀ ସ୍ଲୋଗାନ ଦିଆଯାଇ ପ୍ରଧାନମନ୍ତ୍ରୀ ସହବାଜ୍ ସରିଫ ତଥା ସମ୍ପୃକ୍ତ ଆତଙ୍କବାଦୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା । କାର୍ଯ୍ୟକ୍ରମଟି ବରିଷ୍ଠ ବିଜେପି ନେତା ପ୍ରଶାନ୍ତ ପ୍ରଧାନଙ୍କ ପରାମର୍ଶରେ କରାଯାଇଥିଲା । ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ରଶ୍ମିମୟୀ ପଟ୍ଟନାୟକ, ନାଗଭୂଷଣ ରାୟ, ପ୍ରଶାନ୍ତ ବେହେରା, ଲିଟୁ ରଞ୍ଜନ ରାଉତରାୟ, କାହ୍ନୁ ବାରିକ, ଲକ୍ଷ୍ମୀପ୍ରିୟା ନାୟକ, ନଗର ଉପସଭାନେତ୍ରୀ ଜାନକୀ ପ୍ରଧାନ, ସମ୍ପାଦିକା କନକ ପ୍ରଧାନ, ସମ୍ପାଦିକା କୁଇନ ଦାସ, କିଶୋର ସାହୁ, ରଘୁ ନାୟକ, ଉପସଭାପତି ଛବି ପାଇକରାୟ ଓ ନାରାୟଣ ମହାନ୍ତି, ଯୁବନେତା ଶୁଭମ, ରଙ୍କ ନିଧି ମୁଦୁଲି ପ୍ରମୁଖ ଯୋଗଦେଇଥିଲେ ।

# ନୟାଗଡ଼ର ପୂର୍ବତନ ନଗରପାଳଙ୍କ ପରଲୋକ



**ନୟାଗଡ଼,୩୦।୪/ଏନ୍ଏନ୍ଏସ୍:** ତତ୍କାଳୀନ ନୟାଗଡ଼ ଏନଏସି (ମ୍ୟୁନିସିପାଲିଟି)ର ପୂର୍ବତନ ଅଧ୍ୟକ୍ଷ ଭବାନୀ ଶଙ୍କର ଦାଶ ଆଜି ପୂର୍ବାହ୍ନରେ ହୃଦଘାତ ଯୋଗୁଁ ପରଲୋକ ଗମନ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୭୫ବର୍ଷ ବୟସ ହୋଇଥିଲା । ସ୍ୱର୍ଗତ ଦାଶ ତତ୍କାଳୀନ ଜନତା ଦଳର ଜଣେ ବେଶ ପ୍ରଭାବଶାଳୀ ତଥା ଟାଣୁଆ ରାଜନେତା ଥିବା ବେଳେ ନୟାଗଡ଼ ଏନଏସିର ଅଧ୍ୟକ୍ଷ ଭାବରେ ୧୯୯୨ରୁ ୧୯୯୫ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ଏହି ସମୟରେ ସେ ନୟାଗଡ଼ର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ । ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ର ଟାଣୁଆ ନେତା ସ୍ୱର୍ଗତ ଭାଗବତ ବେହେରାଙ୍କ ଅତ୍ୟନ୍ତ ନିକଟତର ଏବଂ ଜଣେ ଉତ୍ସର୍ଗୀକୃତ ରାଜନୈତିକ ନେତା ଭାବେ ଏବଂ ଜଣେ ଉତ୍ସାହୀ ପ୍ରେସ୍ ରିପୋର୍ଟର ଭାବେ କାର୍ଯ୍ୟ ମଧ୍ୟ କରିଥିଲେ । ସେ ଛାତ୍ର ଜୀବନରୁ ତାଙ୍କର ସାହିତ୍ୟିକ ପ୍ରତିଭା ପାଇଁ ମଧ୍ୟ ବେଶ ଜଣାଶୁଣା ଥିଲେ । ତାଙ୍କ ଜୀବନ ଜନସେବା, ବୌଦ୍ଧିକ ସାଧନା, ସାମ୍ବାଦିକତା ତଥା ସଚ୍ଚୋଟତାର ପ୍ରମାଣ ଥିଲା । ନୟାଗଡ଼ ଜିଲ୍ଲା ସାମ୍ବାଦିକ ସଂଘର ଜଣେ ସକ୍ରିୟ ସଦସ୍ୟ ଭାବେ ତାଙ୍କର କାର୍ଯ୍ୟଶୈଳୀ ବେଶ ଉତ୍ସାହ ଜନକ ଥିଲା । ତାଙ୍କର ଏହି ଅକାଳ ବିୟୋଗରେ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ସମେତ ସମସ୍ତ ସଦସ୍ୟ ଗଭୀର ଶୋକବ୍ୟକ୍ତ କରିବା ସହିତ ତାଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ନୟାଗଡ଼,୩୦।୪/ଏନ୍ଏନ୍ଏସ୍:** ଜଣେ ଶିକ୍ଷକର କେବେ ଅବସର ନଥାଏ । ସେ ସବୁ ସମୟ ପାଇଁ ହିଁ ଶିକ୍ଷକ ଅଟେ । କେବଳ ଜଣେ ଶିକ୍ଷକ ସମଗ୍ର ଜୀବନକାଳ ପର୍ଯ୍ୟନ୍ତ ଶିକ୍ଷକର ମର୍ଯ୍ୟାଦା ହିଁ ପାଇଥାଏ । ନୟାଗଡ଼ ବ୍ଲକ ଅନ୍ତର୍ଗତ ଭାଟସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ଶତପଥୀଙ୍କ ଆଜି ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭାରେ ଯୋଗଦାନ କରିଥିବା ଅତିଥିମାନେ ଏଭଳି ମତବ୍ୟକ୍ତ କରିଛନ୍ତି । ଭାଟସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଅବସର କାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ନିମାଇଁ ଚରଣ ପ୍ରଧାନ, ବ୍ଲକ ପ୍ରାଥମିକଶିକ୍ଷକ ସଂଘ ସାଧାରଣ ସମ୍ପାଦକ ଭକ୍ତ ବଲ୍ଲଭ ବଟକୃଷ୍ଣ ମିଶ୍ର, ପୂର୍ବତନ ପ୍ରଧାନ ଶିକ୍ଷକ ଲୋକନାଥ ପାତ୍ର, ଦିବାକର ମିଶ୍ର ପ୍ରମୁଖ ଯୋଗଦାନ କରି ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ଶତପଥୀ ଜଣେ କର୍ମଠ,ଦକ୍ଷ ତଥା ଛାତ୍ରବତ୍ସଳ ଶିକ୍ଷକ ଥିଲେ ବୋଲି ବର୍ଣ୍ଣନା କରିଥିଲେ । ଶେଷରେ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକଙ୍କୁ ସଂପୃକ୍ତ ବିଦ୍ୟାଳୟ ଏବଂ ବିଭିନ୍ନ ଶିକ୍ଷକ ସଂଗଠନ ପକ୍ଷରୁ ମାନପତ୍ର, ଉପଢୌକନ ଏବଂ ଉପହାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷକ ମନୋଜ କୁମାର ବେହେରା, ସୁରେନ୍ଦ୍ର ଦାସ, ଗୀତାଞ୍ଜଳି ପଣ୍ଡା, ରାଜଶ୍ରୀ ଶତପଥୀ, ନିର୍ମଳା ରାଉତ, ରଶ୍ମିତା ନାୟକ, ସସ୍ମିତା ଗୁରୁ ପ୍ରମୁଖ ସହଯୋଗ କରିଥିବା ବେଳେ ପରିଚାଳନା କମିଟିର ସମସ୍ତ ସଦସ୍ୟ, କ୍ଲଷ୍ଟର ଅନ୍ତର୍ଗତ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ଅଙ୍ଗନବାଡି କର୍ମୀ ତଥା ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଯୋଗଦାନ କରିଥିଲେ ।

# କୃଷକ ମନ୍ଦିରର ବାର୍ଷିକ ଉତ୍ସବ

**ମାହାଙ୍ଗା,୩୦।୪/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ବରାହୀପୁର ପଞ୍ଚାୟତସ୍ଥିତ ମଣିଯୋରୀ ଠାରେ ଥିବା କୃଷକ ମନ୍ଦିରର ୨୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ପଣ୍ଡିତ ମଦନ ସୁନ୍ଦର ଶତପଥିଙ୍କ ଦ୍ୱାରା ପୂଜାକାର୍ଯ୍ୟ ସଂପାଦନ କରାଯାଇଥିଲା । ସମାଜସେବୀ ପ୍ରତାପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅତିଥିଭାବେ କୈଳାସ ଚନ୍ଦ୍ର ମିଶ୍ର, କବି ରସରାଜ ବୀରକିଶୋର ସ୍ୱାଇଁ, ମିସ କୁଇନ, ସସ୍ମିତା ସାହୁ, ଅନୁଜ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ସମାଜରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କୃଷକ ଓ ସାମ୍ବାଦିକମାନଙ୍କୁ ମାନପତ୍ର ଦେଇ କୃଷକ ଗୌରବ ସମ୍ମାନ ଓ କିଶାନ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା । ବରିଷ୍ଠ କଳାକାରମାନଙ୍କ ଦ୍ୱାରା ଭଜନ କୀର୍ତ୍ତନ କରାଯାଇ ବିଲରେ ଅକ୍ଷି ମୁଠି ପକାଯାଇଥିଲା ।

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Odisha dated 17.01.2025 I, Gautama Sahoo, S/o- Bhagyadhar Sahoo, resident of At/P.O-Nariso, P.S-Balipatana, Dist.-Khordha, Odisha, PIN-754004 have changed my name from Goutam Sahoo to **Gautama Sahoo**. Henceforth I shall be known as **Gautama Sahoo** for all purpose.

(Gautama Sahoo)

**AFFIDAVIT**

By virtue of an affidavit sworn before the Executive Magistrate, Kanika; I Sabitri Show W/o- Chaitan Show resident of Vill- Deogan, P.O.- Chhadesh, P.S.- Rajkanika, Dist.- Kendrapara hereby declare that my actual name is Sabitri Show W/o- Chaitan Show resident of Vill- Deogan, P.O.- Chhadesh, P.S.- Rajkanika, Dist.- Kendrapara as recorded in my husband's Aadhaar Card Vide No.- 9528 1607 1519. But in my Aadhaar Card bearing No.- 9889 1961 0560 my name has been wrongly mentioned as Sabitri Sahoo instead of Sabitri Show. That, Sabitri Show W/o- Chaitan Show & Sabitri Sahoo W/o- Chaitan Sahoo is one and same person.

**AFFIDAVIT**

I Sanjay Kumar Sahu S/O Late Mahesh Chandra Sahu, resident of Ward No-9, Mining Road, Keonjhar, P.S-Town, Dist-Keonjhar, PIN-758001, Odisha declare by this affidavit No-1388, dtd-22/04/2025 that now onwards I shall be known as **SANJAYA KUMAR SAHU** for all future purposes.

**କ୍ଷମତାପତ୍ର ପ୍ରତ୍ୟାହାର**

ମୁଁ ଶ୍ରୀ ଦେବଦତ୍ତ ଅର୍ଯ୍ୟ, ପିତା- ୰ ବାଉରିକିଶୋର ଅର୍ଯ୍ୟ, ଗ୍ରାମ-ଗୋହଳ, ପୋ.ଅ.-ଜଗନ୍ନାଥପୁର, ଥାନା-ପାହାଳ, ଜିଲ୍ଲା-ଖୋର୍ଦ୍ଧା, ଗତ ତା. ୨୦।୧୧।୨୦୦୯ ରିଖରେ ନିମ୍ନୋକ୍ତ ଜମିର ବିକ୍ରୟାଦି କାର୍ଯ୍ୟ କରିବା ପାଇଁ ଶ୍ରୀ କେଦାରନାଥ ବେହେରା, ପିତା- ୰ ଗୁରୁବାରୀ ବେହେରା, ଗ୍ରାମ-ଯୋହଳ, ଥାନା-ପାହାଳ, ପୋ.ଅ.-ପାହାଳ ଜିଲ୍ଲା- ଖୋର୍ଦ୍ଧା ଙ୍କୁ ଏକ ସାଧାରଣକ୍ଷମତାପତ୍ର ଦେଇଥିଲି । ଇତି ମଧ୍ୟରେ ପନ୍ଦର ବର୍ଷରୁ ଅଧିକ କାଳ ବିତି ଯାଇଥିଲେ ମଧ୍ୟ ତାଙ୍କୁ ଦିଆଯାଇଥିବା କ୍ଷମତା ବ୍ୟବହାର କରି ଜମିର ବିକ୍ରୟାଦି କାର୍ଯ୍ୟ ଏପର୍ଯ୍ୟନ୍ତ କରିପାରି ନଥିବାରୁ ମୁଁ ସେ କ୍ଷମତାପତ୍ର କୁ ଗତ ତା ୨୫.୧୧.୨୦୨୪ ରିଖ ଦିନ ପ୍ରତ୍ୟାହାର କରି ତାଙ୍କୁ ରେଜିଷ୍ଟ୍ରିଭୁକ୍ତ ଚିଠି ରେ ଜଣାଇଦେଇଛି । ଏହାପରଠାରୁ ଶ୍ରୀ କେଦାରନାଥ ବେହେରା ପ୍ରତ୍ୟାହୃତ କ୍ଷମତାପତ୍ର ବ୍ୟବହାର କରି ସମ୍ପୃକ୍ତ ସମ୍ପତ୍ତିର କୌଣସି ପ୍ରକାର ବିକ୍ରିବଟା, ହସ୍ତାନ୍ତର ଇତ୍ୟାଦି ପ୍ରକ୍ରିୟା କରି ପାରିବେ ନାହିଁ । ଯଦି କରନ୍ତି ତାହା ଅମାନ୍ୟ ହେବ ।ଆଉ ଯଦି କେହି ସେହି ସମ୍ପତ୍ତିକୁ କ୍ରୟ/ଅନ୍ୟ ଉପାୟରେ ଗ୍ରହଣ କରନ୍ତି ସେଥିପାଇଁ ଆମେ ଦାୟୀ ରହିବୁ ନାହିଁ ।
ଜମିର ବିବରଣୀ- ଖୋର୍ଦ୍ଧା ଜିଲ୍ଲା, ଥାନା-ପାହାଳ, ଗ୍ରାମ-ଅନନ୍ତପୁର/ ଖାତା ନଂ-୨୬୬/୧୦୬, ପ୍ଲଟ୍ ନଂ-୮୮୮/୧୦୬୨, ଏରିଆ- ୨୦.୪୦୦ ଡିସିମିଲି ।

# ପୂର୍ବତଟ ରେଳବାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ସମାରୋହ



**ଜଟଣୀ,୩୦।୪/ଏନ୍ଏନ୍ଏସ୍:** ପୂର୍ବତଟ ରେଳବାଇ ମିଶ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଖୋର୍ଦ୍ଧା ରୋଡ ପକ୍ଷରୁ ରେଳବାଇ ବିଦ୍ୟାଳୟ ପରିସରରେ ୨୦୨୪-୨୫ ବର୍ଷ ପାଇଁ ବାର୍ଷିକ ସମାରୋହ ଆୟୋଜନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ରୋଡ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଶୁଭ୍ର ଜ୍ୟୋତି ମଣ୍ଡଳ ଏବଂ ଖୋର୍ଦ୍ଧା ରୋଡର ବରିଷ୍ଠ ବିଭାଗୀୟ କାର୍ମିକ ଅଧିକାରୀ ଆର.ଏନ.ଏ. ପରିଡା ଉପସ୍ଥିତ ଥିଲେ । ବିଦ୍ୟାଳୟର ଅଧ୍ୟକ୍ଷା ସବିତା କୁମାରୀ ସ୍ୱାଗତ ଭାଷଣ ଦେଇ ବାର୍ଷିକ ରିପୋର୍ଟ ଉପସ୍ଥାପନା କରିଥିଲେ । ଖୋର୍ଦ୍ଧାରୋଡରେ ଅବସ୍ଥିତ ରେଳବାଇ ବିଦ୍ୟାଳୟ ପୂର୍ବତଟ ରେଳବାଇ ଜୋନର ସବୁଠାରୁ ପୁରାତନ ଶିକ୍ଷାନୁଷ୍ଠାନ । ରେଳବାଇ ବିଦ୍ୟାଳୟ ମଧ୍ୟରୁ ଏକମାତ୍ର ବିଦ୍ୟାଳୟ ଯେଉଁଠାରେ ପ୍ରାୟ ୯୦୦ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସଫଳତାର ସହ ଅଧ୍ୟୟନ କରୁଛନ୍ତି । ୨୦୨୪ ମସିହାରେ ମାଷ୍ଟର ପ୍ରବିତ୍ର କୁମାର ସାହୁ ମାଟ୍ରିକରେ ଶତକଡା ୯୨ ନମ୍ବର ରଖି ଜଟଣୀ ବ୍ଲକରେ ଟପ୍ପର ହୋଇଥିଲେ । କୁମାରୀ ତନୁଶ୍ରୀ ପାଢ଼ୀ ସିବିଏସି ଦଶମ ବୋର୍ଡ ପରୀକ୍ଷାରେ ଶତକଡା ୯୪ ମାର୍କ ପାଇଛନ୍ତି । ମିସ୍ ଡି. ମୋନିକା +୨ କଳାରେ ଶତକଡା ୭୦ ନମ୍ବର ପାଇଛନ୍ତି । ଏହା ବ୍ୟତୀତ, ସ୍କୁଲର ଅନେକ ଛାତ୍ର ରାଜ୍ୟସ୍ତରୀୟ ଏବଂ ବ୍ଲକ୍ସ୍ତରୀୟ ଅଲିମ୍ପିଆଡ୍ ପରୀକ୍ଷାରେ ସ୍ୱର୍ଣ୍ଣ ପଦକ, ରୌପ୍ୟ ପଦକ, କାଂସ୍ୟ ପଦକ ଜିତିଛନ୍ତି । ମାଷ୍ଟର ହିମାଂଶୁ ଶେଖର ସାହୁ ଚେସ୍ରେ ବିଭିନ୍ନ ସ୍ତରରେ ଚାମ୍ପିଅନଶିପ୍ ଜିତିଥିଲେ । ଏହି ଅବସରରେ ବକ୍ତବ୍ୟ ରଖି ଆର୍.ଏନ୍.ଏ. ପରିଡା, ବରିଷ୍ଠ ବିଭାଗୀୟ କାର୍ମିକ ଅଧିକାରୀ, ସମସ୍ତ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ ସ୍କୁଲ ପତ୍ରିକା 'ସଂକଳ୍ପ' ଉନ୍ମୋଚିତ ହୋଇଥିଲା । ପୂର୍ବତଟ ରେଳବାଇ ମିଶ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ସବିତା କୁମାରୀଙ୍କ ନେତୃତ୍ୱରେ ବିଦ୍ୟାଳୟ ଗ୍ରୀଷ୍ମ ଶିବିର, ଶିକ୍ଷା ସପ୍ତାହ, ବିଜ୍ଞାନ ପ୍ରଦର୍ଶନୀ, ସ୍ୱଚ୍ଛତା ହିଁ ସେବା, ଜନ ଜାତୀୟ ଦିବସ, ପ୍ରବନ୍ଧ ଏବଂ ବିତର୍କ ପ୍ରତିଯୋଗିତା ଇତ୍ୟାଦି ବିଭିନ୍ନ ସହ-ପାଠ୍ୟକ୍ରମ କାର୍ଯ୍ୟକଳାପ ମଧ୍ୟ ଆୟୋଜନ କରାଯାଇଛି । ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଶିକ୍ଷକ ଜି. ବିନୟ ଭୂଷଣ ଏବଂ ଦୀପକ କୁମାର ଦେ ସଂଯୋଜନା କରିଥିଲେ ।

OFFICE OF THE CHIEF CONSTRUCTION ENGINEER
ANANDPUR BARRAGE PROJECT, SALAPADA.
DIST:-KEONJHAR,ODISHA, PIN: 758020
E-Mail:cceabp@gmail.com
E-procurement Notice No. CCEABP- 03 of 2025-26
(Bid Id No. ABP-MCD-01/03 of 2025-26)

A-98

DETAILED NOTICE INVITING TENDER ON EPC CONTRACT

| Name of Work | Class/EMD /Tender Fee /Period of completion |
|---|---|
| Construction of Distribution system for 4924.04 Ha. of CCA including Command Area Development (CAD) of Salandi Left Main Canal from RD 49.810 km to 59.970 km through Under Ground Pipe Line Irrigation system (Gravity Flow) of Anandapur Barrage Project in Balasore District of Odisha on EPC-Turn Key Basis including operation and maintenance of the commissioned project. | (1) **Class of Contractor** - Super Class or Equivalent Grade Bidders<br>(2) **EMD: Rs 130.50 lakh.**<br>(3) **Tender Fee: Rs.10, 000.00.**<br>(4) **Period of completion**: **24** (Twenty-four) calendar months including rainy seasons. |

A. Period of Availability of Bid Document in the Portal : From 10.00 AM of 03.05.2025 to 28.05.2025 up to 5.00 PM
B. Date & time For Pre-Bid Conference : 16.05.2025 at 11.30 AM
C. Last Date and Time for Receipt of Bid : 28.05.2025 up to 5.00 PM.
D. Place of Sale & Receipt of Bid : On-Line through e-Procurement.
E. Time and Date of Opening of Technical Bid : 29.05.2025 at 11.30 AM.
F. Place of Opening of Bid : O/o the Chief Construction Engineer, Anandapur Barrage Project, Salapada.
G. Further details can be seen from E-Procurment Portal "https://www.tendersodisha.gov.in"

Chief Construction Engineer,
Anandpur Barrage Project ,Salapada.

OIPR-32180/11/0004/2526

# ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କଟକ,୩୦।୪/ଏନ୍ଏନ୍ଏସ୍:** ଖ୍ରୀଷ୍ଟ କଲେଜ ଶିକ୍ଷକ ସଂଘ ତରଫରୁ ଗଣିତ ବିଭାଗ ମୁଖ୍ୟ ବରିଷ୍ଠ ଅଧ୍ୟାପକ ଡଃ ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କଲେଜର ଅଧ୍ୟକ୍ଷା ଶ୍ରୀମତୀ ମଧୁମିତା ପାତ୍ର ସଭାପତିତ୍ୱ କରି ଡଃମହାନ୍ତିଙ୍କର ଗଣିତ ପାଠ୍ୟକ୍ରମରେ ପାରଦର୍ଶିତା, କାର୍ଯ୍ୟନିପୁଣତା, ସଙ୍ଗୀତ ଓ ପ୍ରକୃତି ପ୍ରେମ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ। ଶିକ୍ଷକ ସଂଘର ସମ୍ପାଦକ ଡଃ ଅଶୋକ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ ଅବସରରେ ଡଃ ମହାନ୍ତିଙ୍କର ପୌରାଣିକ, ଐତିହାସିକ ଓ ଆୟୁର୍ବେଦ ଜ୍ଞାନ ସମ୍ବଳିତ ବ୍ୟକ୍ତିତ୍ୱ




ଉପରେ ଆଲୋକପାତ କରିଥିଲେ। ଡଃ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ସ୍ୱରୂପ ମାନପତ୍ର, ଉତ୍ତରୀୟ ଓ ବିଭିନ୍ନ ଉପଢୌକନ ପ୍ରଦାନ କରାଯାଇଥିଲା। ପ୍ରାଧ୍ୟାପକ ଡଃ ଦୈତ୍ୟାରୀ ଶୁକ୍ଳ ମାନପତ୍ର ପାଠ କରିଥିଲେ। ଡଃ କ୍ଷଣପ୍ରଭା ନନ୍ଦ, ଡଃ ବିନିତା ନନ୍ଦ, ଶୋଭନ ପଣ୍ଡା, ଡଃ ଆଲୋକମିଶ୍ର, ସ୍ୱାତୀ ଦାଶ, ଡଃ ମହେଶ୍ୱର କର, ମାନଭନ ସରକାର, ଡଃ କବିତା ଜେନା, କୈବଲ୍ୟ ରାଉତ, ଡଃ ସିତ୍‌ବିଶ୍ୱାସ, ଡଃ ସୁଭାଶିଷ ଦାଶ ପ୍ରମୁଖ ଡଃ ମହାନ୍ତିଙ୍କର ଗୁଣାବଳୀ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ବର୍ଦ୍ଧନା ଗ୍ରହଣ କରିବା ପରେ ଡଃ. ମହାନ୍ତି କହିଲେ ଯେ ସାଂପ୍ରତିକ ଜୀବନ ଜାଲ ମଧ୍ୟରେ ଶରୀରର ସୁସ୍ଥତା ପ୍ରତି ସଚେତନ ହେବା ସମସ୍ତଙ୍କର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ୍। ସହସମ୍ପାଦକ ଡଃ ଦୀପକ କୁମାର ଦାଶ ଧନ୍ୟବାଦ୍ ଦେଇଥିଲେ।

## ପ୍ରଥମ ପୃଷ୍ଠାରୁ

## ୫୧ ଲକ୍ଷ ଚାଷୀଙ୍କୁ...

ସବୁ ସୁବିଧା ଅସୁବିଧା ସମୟରେ ଆମେ ଚାଷୀଙ୍କ ପାଖରେ ପହଞ୍ଚିବୁ। ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଭୁବନେଶ୍ୱର ବରମୁଣ୍ଡା ଓୟୁଏଟି ଫାର୍ମଠାରେ ଆୟୋଜିତ ରାଜ୍ୟସ୍ତରୀୟ କୃଷକ ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱାଧୀନତା ସମୟରେ ଆମ ଦେଶର ପ୍ରାୟ ୩୩ କୋଟି ଜନତାଙ୍କୁ ଆମେ ଖାଦ୍ୟ ଦେବାରେ ଅସମର୍ଥ ଥିଲୁ। ଆଜି ଆମ ଦେଶ ଖାଦ୍ୟ ଶସ୍ୟ ତଥା ଅନ୍ୟ ଖାଦ୍ୟ ପଦାର୍ଥ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ସହିତ କୃଷିଜାତ ସାମଗ୍ରୀ ରପ୍ତାନୀ କରୁଛି। ବର୍ତ୍ତମାନ ଭାରତ କୃଷି ଏବଂ ଆନୁଷଙ୍ଗିକ କୃଷି ଉତ୍ପାଦ ରପ୍ତାନୀ କରିବାରେ ଏକ ପ୍ରମୁଖ ରାଷ୍ଟ୍ର। ୨୦୧୪ ମସିହା ପରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦାୟିତ୍ୱ ଗ୍ରହଣ କରିବା ପରଠୁ ଦେଶରେ କୃଷି ଓ କୃଷକ କଲ୍ୟାଣକୁ ଏକ ନୂତନ ଦଶା ଓ ଦିଶା ମିଳିଛି। ପ୍ରଧାନମନ୍ତ୍ରୀ କୃଷକ ସମ୍ମାନନିଧି, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, କୃଷି ଭିତ୍ତିଭୂମି ଆଦିର ବିକାଶ ପ୍ରଭୃତି କ୍ଷେତ୍ରରେ ଅଭୁତପୂର୍ବ ଅଗ୍ରଗତି ହୋଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ରାଜ୍ୟର ୬୦%ରୁ ଅଧିକ ଲୋକ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ ଉପରେ ନିର୍ଭର କରିଥାନ୍ତି। ରାଜ୍ୟର ମୋଟ ଅଭିବୃଦ୍ଧିର ୨୨% କୃଷି ଓ ଆନୁସଙ୍ଗିକ କ୍ଷେତ୍ରରୁ ଆସିଥାଏ। ଆମ ସରକାର ଆସିବା ପରେ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ଆମେ ନିରନ୍ତର ଉଦ୍ୟମ ଜାରି ରଖିଛୁ। ପୂର୍ବ ସରକାର ଏମ.ଏସ୍.ପି ପାଇଁ କେବଳ ବିଧାନସଭାରେ ଏକ ରିଜୋଲ୍ୟୁସନ ଆଣି ଚୁପ୍ ରହିଗଲେ। ଆମେ କଥା ଦେଇଥିଲୁ, କଥା ରଖି ୩,୧୦୦ ଟଙ୍କା ଏମ୍.ଏସ୍.ପି ଦେଲୁ। ଆଗାମୀ ପାଞ୍ଚ ବର୍ଷରେ ପ୍ରାୟ ୧ଲକ୍ଷ କୋଟି ଟଙ୍କା ବିନିଯୋଗରେ ୧୫ ଲକ୍ଷ ହେକ୍ଟର୍ ଜମିକୁ ଜଳସେଚନ ଯୋଗାଇଦେବା ପାଇଁ ଆମେ ଲକ୍ଷ୍ୟ ରଖିଛୁ। ଆମେ ପ୍ରତି ସବ୍‌ଡିଭିଜନ୍‌ରେ ଶୀତଳ ଭଣ୍ଡାର ସ୍ଥାପନ କରିବା ପାଇଁ ପଦକ୍ଷେପ ନେଉଛୁ। ଚାଷୀଙ୍କ ରୋଜଗାର ବୃଦ୍ଧି ପାଇଁ କୃଷି କାର୍ଯ୍ୟ ସହିତ ମାଛ ଚାଷ, ପ୍ରାଣୀ ପାଳନ, କୁକୁଡ଼ା ଓ ବତକ ଚାଷ ପାଇଁ ରିହାତି ସହିତ ଆବଶ୍ୟକ ସହାୟତା ଯୋଗାଇ ଦେଉଛୁ। ଚାଷ କାର୍ଯ୍ୟ ଆରମ୍ଭଠାରୁ ଫସଲ ବିକ୍ରୀ ପର୍ଯ୍ୟନ୍ତ ପ୍ରତ୍ୟେକ ସମୟରେ ଆମେ ଚାଷୀଙ୍କ ସହିତ ଅଛୁ, ସୁବିଧା ଅସୁବିଧା ସମୟରେ ଆମେ ଚାଷୀଙ୍କ ପାଖରେ ପହଞ୍ଚିବୁ ବୋଲି ଶ୍ରୀ ମାଝୀ ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଓୟୁଏଟିର ବରମୁଣ୍ଡା କୃଷି ଶୈକ୍ଷିକ ଫାର୍ମଠାରେ ଓଡ଼ିଆ ପରମ୍ପରା ଅନୁଯାୟୀ ପାରମ୍ପରିକ ହଳ ଲଙ୍ଗଳରେ ଅଖିମୁଠି ଅନୁକୂଳ କରିଥିଲେ। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଦ୍ୱାରା ୧୯୨୧ ମସିହାରେ ରଚିତ 'କୃଷକ ସଙ୍ଗୀତ ପୁସ୍ତକ' ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ।

ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଥିଲେ, ପବିତ୍ର ଅକ୍ଷୟ ତୃତୀୟାରେ ଚାଷୀ ତା'ର ଚାଷ କାର୍ଯ୍ୟ ଆଗକୁ ନେଇଥାଏ। ଆମେ ଯାହା ଖାଉଛେ ତାକୁ ଜଣେ ଚାଷୀ ଉତ୍ପାଦନ କରିଥାଏ, ସେହି ଚାଷୀମାନଙ୍କ ସହିତ ଆମ ସରକାର ସବୁବେଳେ ଛିଡ଼ାହେବ। କୃଷି ଓ କୃଷକଙ୍କୁ ମାର୍କେଟ୍ ଯୋଗାଇଦେବା ସହିତ ତାଙ୍କ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟଦେବା ପାଇଁ ଆମ ସରକାର ସର୍ବଦା କାମ କରୁଛି। ଚାଷୀର ଉନ୍ନତି ହେଲେ ରାଜ୍ୟର ଉନ୍ନତି ହେବ ଏବଂ ରାଜ୍ୟର ଉନ୍ନତି ହେଲେ ଦେଶର ଉନ୍ନତି ହେବ।

କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂହ, ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା ଧନ୍ୟବାଦ ଅର୍ପଣ କରିଥିଲେ।

## ରଥ ନିର୍ମାଣ...

ଏହା ପୂର୍ବରୁ ରଥନିର୍ମାଣ ପାଇଁ ଦେଉଳ ପୁରୋହିତ ଓ ଶୋତ୍ରୀୟ ବ୍ରାହ୍ମଣଙ୍କ ଦ୍ୱାରା ବନଯାଗ ପଦ୍ଧତିରେ ହୋମ କରାଯାଇଥିଲା। ପୂଜାପଣ୍ଡା ସେବାୟତ ଆଜ୍ଞାମାଳ ବିଶ୍ୱକର୍ମା ମହାରଣାଙ୍କୁ ପ୍ରଦାନ କରିବା ପରେ ୩ ଖଣ୍ଡ ଧଉରା କାଠ ଉପରେ ଜଳ ସିଞ୍ଚନ କରାଯାଇ ସୁବର୍ଣ୍ଣ କୁରାଢ଼ୀ ଦ୍ୱାରା ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ,ଏସ୍‌ପି ବିନୀତ ଅଗ୍ରୱାଲ, ଛତିଶା ନିଯୋଗ ମହାନାୟକ, ବରିଷ୍ଠ ସେବାୟତ ଉପସ୍ଥିତ ଥିଲେ। ରଥନିର୍ମାଣ ଅନୁକୂଳ ସରିବା ପରେ କାହାଳୀ, ସଙ୍କୀର୍ତ୍ତନ ଓ ଭକ୍ତଙ୍କ ହରିବୋଲ ହୁଳହୁଳି ଧ୍ୱନି ମଧ୍ୟରେ ଶ୍ରୀବିଗ୍ରହଙ୍କ ଚଳନ୍ତି ପ୍ରତିମା ମଦନ ମୋହନ, ରାମ, କୃଷ୍ଣ, ଶ୍ରୀଦେବୀ, ଭୂଦେବୀ ଓ ଶ୍ରୀକ୍ଷେତ୍ରରେ ପଞ୍ଚ ମହାଦେବ ବିମାନ ଓ ପାଲିଙ୍କିରେ ବସି ଜଳକ୍ରୀଡ଼ା ପାଇଁ ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ଯାଇଥିଲେ। ରାମକୃଷ୍ଣ ନନ୍ଦା ଚାପରେ ଓ ମଦନମୋହନ ଭଦ୍ରା ଚାପରେ ବିରାଜମାନ କରିଥିଲେ।

## ଜାତିଭିତ୍ତିକ ହେବ...

ଅବସରରେ ଶ୍ରୀ ବୈଷ୍ଣବ ବିରୋଧୀ କଂଗ୍ରେସକୁ ସମାଲୋଚନା କରି କହିଛନ୍ତି, ଏହି ଦଳ ସର୍ବଦା ଜାତି ଜନଗଣନାକୁ ବିରୋଧ କରିଆସିଛି। କଂଗ୍ରେସ ଏବଂ ଏହାର ସହଯୋଗୀମାନେ (ଦଳର ନେତୃତ୍ୱାଧୀନ ଭାରତରେ ବିରୋଧୀ ଗୋଷ୍ଠୀକୁ ଉଲ୍ଲେଖ କରି) 'ଜାତି ଜନଗଣନା'କୁ କେବଳ ଏକ ରାଜନୈତିକ ଉପକରଣ ଭାବରେ ବ୍ୟବହାର କରିଛନ୍ତି ବୋଲି ଦେଶବାସୀ ବେଶ୍ ଭଲଭାବେ ବୁଝିସାରିଛନ୍ତି। କିନ୍ତୁ ଏବେ ଆଉ ଏସବୁ ହେବ ନାହିଁ। ଦେଶରେ ଜାତିଗତ ଜନଗଣନା କରାଯିବ। ପ୍ରକାଶ, ଦେଶରେ ଜାତିଭିତ୍ତିକ ଜନଗଣନା ଦୀର୍ଘ ଦିନର ଏକ ଦାବି ରହିଆସିଛି, ଯାହା ସାମାଜିକ ଓ ଅର୍ଥନୈତିକ ପଛୁଆବର୍ଗଙ୍କ ପାଇଁ ନୀତି ପ୍ରଣୟନରେ ସହାୟକ ହେବ ବୋଲି ବିଶ୍ୱାସ କରାଯାଉଛି। ଏହାଦ୍ୱାରା ସରକାରୀ ଯୋଜନା ଓ ସୁବିଧାଗୁଡ଼ିକ ଅଧିକ ଯଥାର୍ଥ ଓ ଲକ୍ଷ୍ୟଭିତ୍ତିକ ଭାବେ ପହଞ୍ଚାଯାଇପାରିବ। ତେବେ ସରକାରଙ୍କ ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।ଏହାର କାର୍ଯ୍ୟକାରୀତା ଓ ତଥ୍ୟ ସଂଗ୍ରହ ପ୍ରକ୍ରିୟାକୁ ନେଇ ମଧ୍ୟ ଆଲୋଚନା ଜାରି ରହିଛି। ସରକାର ଏହି ଜନଗଣନାକୁ ସଫଳ କରିବା ପାଇଁ ସମସ୍ତ ରାଜ୍ୟ ସରକାରଙ୍କ ସହ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଜଣାପଡ଼ିଛି। ଏହି ପଦକ୍ଷେପ ଦେଶରେ ସାମାଜିକ ଗତିଶୀଳତା ଓ ନ୍ୟାୟ ବଣ୍ଟନକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।

## ୨୭ ତାରିଖ ପରୀକ୍ଷା...

ଅନୁଯାୟୀ ଆଗାମୀ ମେ' ମାସ ୧୪ ତାରିଖରେ ଉକ୍ତ ପରୀକ୍ଷା ଅନୁଷ୍ଠିତ ହେବ। ଉକ୍ତଦିନ ପୂର୍ବାହ୍ଣ ୯ଟାରୁ ଦିବା ୧୨ଟା ପର୍ଯ୍ୟନ୍ତ ପେପର୍-୧ ଓ ଅପରାହ୍ଣ ୨ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ପେପର୍-୨ ପରୀକ୍ଷା ହେବ। ପରୀକ୍ଷାର୍ଥୀମାନେ ଏ ସଂକ୍ରାନ୍ତୀୟ ଆଡ୍‌ମିଶନ ସାର୍ଟିଫିକେଟ୍ ଓ ନିର୍ଦ୍ଦେଶାବଳୀ ଓପିଏସ୍‌ସି ୱେବ୍‌ସାଇଟ୍‌ରୁ ମେ' ମାସ ୮ ତାରିଖରୁ ଡାଉନଲୋଡ୍ କରିପାରିବେ। ଗତ ୨୭ ତାରିଖରେ ଅନୁଷ୍ଠିତ ଆନ୍ଥ୍ରପୋଲୋଜି ପେପର୍-୧ ଓ ପେପର-୨ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ହୋଇଥିବା ପରୀକ୍ଷାର୍ଥୀମାନେ ଅଭିଯୋଗ କରିଥିଲେ। ପରୀକ୍ଷାର୍ଥୀମାନଙ୍କୁ ଅଭିଯୋଗଗୁଡ଼ିକୁ ବିବେଚନା କରି ଓପିଏସ୍‌ସି ପକ୍ଷରୁ ଉପରୋକ୍ତ ନିଷ୍ପତ୍ତି ନିଆଯାଇଥିବା ବିଜ୍ଞପ୍ତିରେ ଦର୍ଶାଯାଇଛି।

# ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ମହୋତ୍ସବ

**କଟକ,୩୦।୪/ଏନ୍ଏନ୍ଏସ୍:** କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, କଟକ କାର୍ଯ୍ୟାଳୟ ଦ୍ୱାରା ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ମହୋତ୍ସବ ପାଳିତ ହୋଇଯାଇଛି। ଆଜି ପୂର୍ବାହ୍ନରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ସନ୍ଥପୁର ଠାରେ ଅବସ୍ଥିତ 'କୃଷି ବିଜ୍ଞାନ କେନ୍ଦ୍ର' ପରିସରରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତକଳା ପ୍ରଦୀପ ବଳସାମନ୍ତ ଯୋଗ ଦେବା ସହ ତାଙ୍କ କରକମଳରେ ଭୂମିପୂଜନ ଓ ଅକ୍ଷିମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ହୋଇଥିବା ବୈଠକରେ ମନ୍ତ୍ରୀ ଶ୍ରୀ ବଳସାମନ୍ତ ଚଳିତ ବର୍ଷ ଖରିଫ ଋତୁରେ ଚାଷ ଅନୁକୂଳ ହେବା ସହ ସରକାଙ୍କ ଦ୍ୱାର ଦିଆ ଯାଉଥିବା ସହାୟକ ମୂଲ୍ୟରେ କିପରି ଚାଷୀ କିପରି ଅଧିକ ଉପକୃତ ହେବେ ସେ ଦେଗରେ ମନ୍ତ୍ରୀ ଉପସ୍ଥିତ ସମସ୍ତ ଚାଷୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥି ସହ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷକ କଲ୍ୟାଣକାରୀ ଯୋଜନା ମାଧ୍ୟମରେ ଚାଷୀ ମାନଙ୍କ ଅମଳ ଓ ରୋଜଗାର ବୃଦ୍ଧି ପାଇଁ ଉଦ୍ୟମ କରାଯାଉଥିବା ସମ୍ପର୍କରେ ବିଶଦ ଭାବେ ଆଲୋକପାତ କରି ମନ୍ତ୍ରୀ



ଏହାର ସୁଯୋଗ ନେବାପାଇଁ ଚାଷୀ ଭାଇ ଓ ଭଉଣୀମାନଙ୍କୁ ପରାମର୍ଶ ଦେଇଥିଲେ।

ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଚଳିତ ଖରିଫ ଋତୁରେ କଟକ ଜିଲ୍ଲାରେ ଚାଷ କାର୍ଯ୍ୟ ଅନୁକୂଳ ହେବା ସହ ଚାଷ ଆରମ୍ଭରୁ ଫସଲ ବିକ୍ରି ପର୍ଯ୍ୟନ୍ତ ପ୍ରଶାସନିକ ବ୍ୟବସ୍ଥାରେ ସମସ୍ତ ସହଯୋଗ କରାଯିବ ଏବଂ ଆବଶ୍ୟକସ୍ଥଳେ ସମନ୍ୱିତ କୃଷି କାର୍ଯ୍ୟକ୍ରମମାନ କରାଯାଇ ଚାଷୀମାନଙ୍କର ଉନ୍ନତି ଘଟାଯିବ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ସରକାରୀ ରିହାତିଯୁକ୍ତ ଗୋଟିଏ ଟ୍ରାକ୍ଟର ହିତାଧିକାରୀଙ୍କୁ ମନ୍ତ୍ରୀ ପ୍ରଦାନ କରିଥିଲେ ଓ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, କଟକ ଦ୍ୱାରା ପ୍ରଦର୍ଶିତ ହୋଇଥିବା ଷ୍ଟଲଗୁଡିକ ସମେତ ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାର କରିଥିଲେ। ଜିଲ୍ଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, ସବ କମିଟି (କୃଷି ଓ ଆନୁଷଙ୍ଗିକ ବିଭାଗ) ଶ୍ରୀ ଆଶିଷ କୁମାର ସାହୁ, ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅଂଶଗ୍ରହଣ କରିଥିଲେ। ବିଶ୍ୱନାଥ ଦାସ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ କଟକ, ଏମ. ଜେ. ବେଗ, ନିର୍ଦ୍ଦେଶକ ଜାତୀୟ ଧାନ ଗବେଷଣା କେନ୍ଦ୍ର, ରଞ୍ଜନ କୁମାର ମହାନ୍ତି, ମୁଖ୍ୟ କୃଷି ବିଜ୍ଞାନ କେନ୍ଦ୍ର, କଟକ, ଚନ୍ଦ୍ରମୋହନ ଚାନ୍ଦ, କୃଷି ଜିଲ୍ଲା ଅଧିକାରୀ, ସାଲେପୁର, ଶିବଶିଷ ମିଶ୍ର, କୃଷି ଜିଲ୍ଲା ଅଧିକାରୀ, ଆଠଗଡ଼, ପ୍ରଶାନ୍ତ କୁମାର ଜେନା, ନିର୍ବାହୀ ଯନ୍ତ୍ରୀ (କୃଷି) କଟକ, ସାନ୍ଦୁଲ ରାମାରଓ ଉପ ଉଦ୍ୟାନ-କୃଷି ନିର୍ଦ୍ଦେଶକ, କଟକ, ଉମେଶ ଚନ୍ଦ୍ର ଜେନା, ପ୍ରକଳ୍ପ ନିର୍ଦ୍ଦେଶକ (ଜଳଛାୟା) କଟକ, ଶରତ ଚନ୍ଦ୍ର ମଲ୍ଲିକ, ଏ. ଆର. ସି. ଏସ, କଟକ ଓ ଅନ୍ୟାନ୍ୟ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ସମେତ ପ୍ରାୟ ୨୦୦ ରୁ ଅଧିକ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ।

## ଦାମୀ ଔଷଧ ଲେଖିବା ଅପରାଧିକ କାର୍ଯ୍ୟ ନୁହେଁ: ହାଇକୋର୍ଟ

**କଟକ,୩୦।୪/ଏନ୍ଏନ୍ଏସ୍:** କୌଣସି ଫାର୍ମା କମ୍ପାନୀର ଔଷଧ ଅଥବା ଦାମୀ ଔଷଧ ରୋଗୀଙ୍କ ପାଇଁ ଲେଖିବା ଅପରାଧିକ କାର୍ଯ୍ୟ ନୁହେଁ। ଯେ ପର୍ଯ୍ୟନ୍ତ କୌଣସି ଔଷଧ ବିପଜ୍ଜନକ, ନିମ୍ନମାନର ଅଥବା ସରକାର ତାହାକୁ ନିଷେଧ କରିଛନ୍ତି ବୋଲି ପ୍ରମାଣ ନାହିଁ ତାହା ରୋଗୀଙ୍କ ପାଇଁ ଗ୍ରହଣୀୟ ହେବ। ଏଭଳି କ୍ଷେତ୍ରରେ ଡାକ୍ତରଙ୍କ ବିରୋଧରେ ଅପରାଧିକ ମାମଲା କରି ଦାୟୀ କରାଯାଇପାରିବ ନାହିଁ। ଏସ୍‌ସିବି ମେଡିକାଲ ହେମାଟୋଲୋଜି ବିଭାଗର ପୂର୍ବତନ ପ୍ରଫେସର ତଥା ବିଭାଗ ମୁଖ୍ୟ ଡାକ୍ତର ରବୀନ୍ଦ୍ର କୁମାର ଜେନାଙ୍କୁ ଏଭଳି ଅପରାଧିକ ମାମଲାରୁ ମୁକ୍ତ କରିଛନ୍ତି ଓଡ଼ିଶା ହାଇକୋର୍ଟ। ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କ ଖଣ୍ଡପୀଠ ଏଭଳି ମାମଲାର ବିଚାରକରି ଏଭଳି ରାୟ ପ୍ରଦାନ କରିବା ସହ ଡା. ଜେନା ବିରୋଧରେ ଅପରାଧିକ କାର୍ଯ୍ୟାନୁଷ୍ଠାନକୁ ବାତିଲ କରିଛନ୍ତି।

ମାମଲାର ବିବରଣୀ ଅନୁସାରେ, ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ୨୦୧୭ ଡିସେମ୍ବର ୧୨ ତାରିଖରେ ଡା. ଜେନାଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇଥିଲା। ଡା. ଜେନା ରୋଗୀଙ୍କ ପାଇଁ ନିର୍ଦ୍ଦିଷ୍ଟ ଫାର୍ମା କମ୍ପାନିର ଔଷଧ ଲେଖୁଛନ୍ତି। ସେ କର୍କଟ ପୀଡ଼ିତ ଗରିବ ରୋଗୀଙ୍କ ପାଇଁ ଦାମୀ ଔଷଧ ଲେଖୁଛନ୍ତି। ଏହା ଦ୍ୱାରା ସମ୍ପୃକ୍ତ ଫାର୍ମା କମ୍ପାନୀ ଲାଭବାନ ହେଉଛି। ଏହାଦ୍ୱାରା ଓଡ଼ିଶା ଷ୍ଟେଟ ଟ୍ରିଟମେଣ୍ଟ ଫଣ୍ଡର ଗାଇଡ୍ ଲାଇନକୁ ଉଲ୍ଲଂଘନ ହେଉଛି। ତେଣୁ ଡା. ଜେନାଙ୍କ ବିରୋଧରେ ଅପରାଧିକ ମାମଲାରେ ଭିଜିଲାନ୍ସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ଭିଜିଲାନ୍ସ ଏପରି କାର୍ଯ୍ୟ ବିରୋଧରେ ଡା. ଜେନା ହାଇକୋର୍ଟରେ ମାମଲା ଦାୟର କରିଥିଲେ। ହାଇକୋର୍ଟ ମାମଲାର ଶୁଣାଣି ବେଳେ କୌଣସି ରୋଗୀ ପାଇଁ ଦାମୀ ଔଷଧର ଆବଶ୍ୟକତା ଥିଲେ ତାହାଦ୍ୱାରା ସରକାରୀ ଗାଇଡ୍‌ଲାଇନ୍‌ର କୌଣସି ଉଲ୍ଲଙ୍ଘନ ହେଉ ନାହିଁ ବୋଲି କହିଛନ୍ତି।

## ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**କଟକ,୩୦।୪/ଏନ୍ଏନ୍ଏସ୍:** କଲେଜ ଛକ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୩୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିଲା ବେଳେ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଚାଳକ ଗୌତମ ମହାରଣା, ସମ୍ମାନିତ ଅତିଥି ବିଜେପି ରାଜ୍ୟ ଉପ ସଭାପତି ଗୋଲକ ମହାପାତ୍ର ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ବିଜେନ୍ଦ୍ର କୁମାର ରାଏ, ସମିତିର ସମ୍ପାଦକ ଡ଼. ସୌମ୍ୟରଞ୍ଜନ ମିଶ୍ର,ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ଦାଶ, ମୁଖ୍ୟ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼. ସନ୍ତୋଷ କୁମାର ରାଉତ ଉପସ୍ଥିତି ଥିଲେ। ଏହି ଅବସରରେ ମେଧାବୀ ଛାତ୍ରଛାତ୍ରୀ, ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସର କରିଥିବା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର କୋଷାଧ୍ୟକ୍ଷ ବିଭୁଦେନ୍ଦ୍ର ମହାନ୍ତି ଧନ୍ୟବାଦ୍ ଦେଇଥିଲେ।

## ଜୟଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



**କଟକ,୩୦।୪/ଏନ୍ଏନ୍ଏସ୍:** ଗୀତଗୋବିନ୍ଦର ରଚୟିତା ଜୟଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଶ୍ରୀରାମଚନ୍ଦ୍ର ଭବନଠାରେ ଭକ୍ତ କବି ଜୟଦେବ ସାଂସ୍କୃତିକ ପରିଷଦର ଅଧ୍ୟକ୍ଷ ଡାକ୍ତର ଦୀନବନ୍ଧୁ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ଜାତୀୟ ମାନବାଧିକାର କମିଶନ୍‌ର ସଦସ୍ୟ ଡ. ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ କମଜିତ୍ ସିଂହ, ପ୍ରଫେସର ଡ.ବିଶ୍ୱନାଥ ପଟ୍ଟନାୟକ, ପ୍ରଫେସର ଡ. ରବିନାରାୟଣ ପଣ୍ଡା, ପ୍ରାଧ୍ୟାପକ ଡ. ପ୍ରଫୁଲ୍ଲ କୁମାର ଦାଶ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଜୟଦେବଙ୍କ ଲେଖା ଓ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କବି ସମ୍ମିଳନୀ,ଦଶ ଅବତାର ନୃତ୍ୟ ପରିବେଷଣ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ଜୟନ୍ତୀ: ଜୟଦେବ ଥିଲେ ଭୂମି ଓ ଭୂମାର କବି

**କଟକ,୩୦।୪/ଏନ୍ଏନ୍ଏସ୍:** ଜୟଦେବ ଥିଲେ ଭୂମି ଓ ଭୂମାର କବି। ସମଗ୍ର ଜୀବନ ପ୍ରୀତି, ପ୍ରଣୟ ଓ ସମର୍ପଣର କବିତା ଲେଖି ଜୟଦେବ ଓଡ଼ିଶାର ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି ବୋଲି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ କଟକ ସ୍ଥିତ ସ୍ୱରାଜ ଆଶ୍ରମ ପ୍ରେକ୍ଷାଳୟରେ ଆୟୋଜିତ ଶ୍ରୀ ଜୟଦେବ ଜୟନ୍ତୀକୁ ଉଦ୍‌ଘାଟନ କରି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଆୟୋଜିତ ସଭାରେ ଉଦ୍‌ଘାଟକ ଅତିରିକ୍ତ ଜିଲ୍ଲାପାଳ ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, ମୁଖ୍ୟ ଅତିଥି, ପଦ୍ମଶ୍ରୀ ଉତ୍ସବ ଦାସ, ବରେଣ୍ୟ ଅତିଥି, ଅଭିନେତା ଶ୍ରୀତମ ଦାସ, ଅନ୍ୟତମ ଅତିଥି, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶିକା ସ୍ମିତା କର, ସମ୍ମାନିତ ଅତିଥି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଭବାନୀ ଶଙ୍କର ଭୂୟାଁ, ଅତିଥି ବକ୍ତା, ଦୁଲ୍ଲାଲ କୃଷ୍ଣ ପତି ପ୍ରମୁଖ ଯୋଗ ଦେଇ ଜୟଦେବଙ୍କ ସାହିତ୍ୟ ଉପରେ ଆଲୋଚନା କରିଥିଲେ। କଟକ ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ସମସ୍ତ କାର୍ଯ୍ୟ ଆୟୋଜିତ ହୋଇଥିବା ବେଳେ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ରହି ସମସ୍ତ ସହଯୋଗ କରିଥିଲେ। ଏହି ଜୟନ୍ତୀ



ଅବସରରେ ସାହିତ୍ୟିକ ରାଜୀବ କୁମାର ଷଡ଼ଙ୍ଗୀ ଓ ବିଶ୍ୱମିତ୍ରା ମିଶ୍ରଙ୍କ ସଂଯୋଜନାରେ ୫୦ଜଣ କବି ଓ କବୟିତ୍ରୀ କବିତା ପାଠ କରିଥିଲେ। ନୃତ୍ୟଜ୍ୟୋତି ଅନୁଷ୍ଠାନ ପକ୍ଷରୁ ଗୀତଗୋବିନ୍ଦ ଓ ଦଶଅବତାର ନୃତ୍ୟ ପରିବେଷଣ କରାଯାଇଥିଲା।

## ସିଆର୍‌ଆର୍‌ଆଇରେ ଅଖିମୁଠି ଅନୁକୂଳ



**କଟକ,୩୦।୪/ଏନ୍ଏନ୍ଏସ୍:** ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଦ୍ୱାରା ପରିଚାଳିତ ବିଦ୍ୟାଧରପୁର ସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ( ସିଆର୍‌ଆର୍‌ଆଇ)ରେ କୃଷିଋତୁର ଆରମ୍ଭ ସହିତ ଆନନ୍ଦର ସହିତ ଅକ୍ଷୟ ତୃତୀୟା ପାଳନ କରାଯାଇଛି। ଏହି ତିଥି ସମୃଦ୍ଧି ଏବଂ ନୂତନ ଆରମ୍ଭର ପ୍ରତୀକ ହୋଇଥିବାରୁ ଉକ୍ତ କେନ୍ଦ୍ରୀୟ ଅନୁଷ୍ଠାନରେ ଅକ୍ଷି ମୁଠି ଅନୁକୂଳ କରାଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଏମ୍. ଜେ. ବେଗ, ସମସ୍ତ ବିଭାଗର ମୁଖ୍ୟ, ଫାର୍ମର ଦାୟିତ୍ୱରେ ଥିବା ଅଧିକାରୀ ଏବଂ ଫାର୍ମ ସୁପରିଟେଣ୍ଡେଣ୍ଟଙ୍କ ସହିତ, ଅନୁଷ୍ଠାନର ଫାର୍ମରେ ପବିତ୍ର ଓ ପାରମ୍ପରିକ ଅକ୍ଷି ମୁଠି ଅନୁକୂଳ କରାଯାଇଥିଲା।

## ସିଏମ୍‌ସି କମିଶନରଙ୍କୁ ଉଠାଦୋକାନୀ ମହାସଂଘ ପକ୍ଷରୁ ଦାବିପତ୍ର

**କଟକ,୩୦।୪/ଏନ୍ଏନ୍ଏସ୍:** କଟକ ଉଠା ଦୋକାନୀ ମହାସଂଘ ପକ୍ଷରୁ ଭେଣ୍ଡି ଜୋନ ଯୋଗାଇ ଦେବାକୁ ଦାବି କରି କଟକ ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥି ସହିତ ଏକ ଦାବିପତ୍ର ସିଏମ୍‌ସି କମିଶନରଙ୍କୁ ପ୍ରଦାନ କରାଯାଇଥିଲା। ବିକ୍ଷୋଭ ସମୟରେ ଏକ ସଭାରେ ମହାସଂଘ ସଭାପତି ଅମରେନ୍ଦୁ ମହାନ୍ତି ଅଧ୍ୟକ୍ଷତା କରି ଦୀର୍ଘଦିନ ହେଲା ସରକାରୀ ପ୍ରଶାସନ ଓ ମହାନଗର ନିଗମ କ୍ଷୁଦ୍ର, ମଧ୍ୟମ ବ୍ୟବସାୟୀମାନଙ୍କ ଜୀବନଜୀବିକା ଉଜାଡ଼ି ଦେଇଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ତୁରନ୍ତ ଉଠା ଦୋକାନୀମାନଙ୍କୁ ଭେଣ୍ଡି ଜୋନ୍‌ରେ



ଥଇଥାନ କରିବାକୁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ସାହୁ, ରତ୍ନାକର ସାହୁ,ସୁବଳ ସାହୁ, ନରୋତ୍ତମ ନାୟକ, ଈଶ୍ୱର ବେହେରା, ଛବି ଖୁଣ୍ଟିଆ, ନେନା ଦେହୁରୀ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଯେ ପର୍ଯ୍ୟନ୍ତ ଭେଣ୍ଡିଂଜୋନ ନହୋଇଛି ଉଚ୍ଛେଦ ବନ୍ଦ ରଖାଯିବା ସହିତ ବ୍ୟବସାୟ କରିବାକୁ ଅନୁମତି ଦିଆଯାଉ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି।

# ସିଡିପିଓଙ୍କ ବଦଳି ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**କଟକ,୩୦।୪/ଏନ୍ଏନ୍ଏସ୍:** କଟକ ସହରାଞ୍ଚଳ -୧ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀ ସିଡିପିଓଙ୍କ କାର୍ଯ୍ୟକଳାପକୁ ନେଇ ଅଙ୍ଗନବାଡି କର୍ମୀଙ୍କ ମହଲରେ ଅସନ୍ତୋଷ ତୀବ୍ରତର ହେବାକୁ ଲାଗିଲାଣି। ସିଡିପିଓଙ୍କୁ ତୁରନ୍ତ ବଦଳି ଦାବିରେ ବର୍ତ୍ତମାନ ପ୍ରଚଣ୍ଡ ଖରାରେ ଅଙ୍ଗନବାଡି କର୍ମୀମାନେ ଧାରଣାରେ ବସିରହି ଆନ୍ଦୋଳନ ଚଳାଇଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳିବାର ନାଁ ଧରୁନାହିଁ। ଏହାର ପ୍ରତିବାଦରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶହଶହ ସଂଖ୍ୟାରେ ଅଙ୍ଗନବାଡି କର୍ମୀମାନେ ଧାରଣାରେ ବସିରହି ସିଡିପିଓଙ୍କ ବିରୁଦ୍ଧରେ ନାରାବାଜି ଦେଉଥିଲେ। ଚଳିତ ମାସରେ ବିକାଶ



ଭବନଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ତିନିତିନି ଥର ଧାରଣାରେ ବସି ଆନ୍ଦୋଳନ ଚଳାଇଥିଲେ। ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ ଓଡ଼ିଶା ଅଙ୍ଗନବାଡି ଲେଡିଜ ୱାର୍କର୍ସ ଆସୋସିଏସନ, କଟକ ସହରାଞ୍ଚଳ ଶାଖା-୧ ତରଫରୁ ଏହି ଆନ୍ଦୋଳନ କରାଯାଇଛି। ଭାରତୀୟ ମଜଦୁର ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ବସନ୍ତ କୁମାର ସାହୁ, ଅଙ୍ଗନବାଡି ଲେଡିଜ ୱାର୍କର୍ସ ଆସୋସିଏସନର ରାଜ୍ୟ ସାଧାରଣ ସମ୍ପାଦିକା କୁଞ୍ଜଲତା ଦାସ, କଟକ ଜିଲ୍ଲା ସମ୍ପାଦିକା ପୁଷ୍ପଲତା ମହାନ୍ତି, କଟକ ସହରାଞ୍ଚଳ ଶାଖା-୧ର ସଭାପତି ନମିତା ସ୍ୱାଇଁ, ସମ୍ପାଦିକା ସୁଷମା ପତ୍ରି, କୋଷାଧ୍ୟକ୍ଷ ମଞ୍ଜୁ ସ୍ୱାଇଁ, ଆରତୀ ନନ୍ଦି, ମମତା ପାଲ, ପ୍ରଣତି ମହାପାତ୍ର, ସଙ୍ଗୀତା ସାହୁ, ସୌଦାମିନୀ ନାୟକ, ସନ୍ଧ୍ୟା ବିହାରୀ, ଝିଲି ବେହେରା, ବନିତା ମହାରଣା, ଅନୁସ୍ୱୟା ଦଳେଇଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଆଜିର ସମୟରେ କେଶ ଝଡ଼ିବା ଏକ ସାଧାରଣ ସମସ୍ୟା ହୋଇଗଲାଣି। ତେବେ ଅଳ୍ପ ବହୁତ କେଶ ଝଡ଼ିବା ଏକ ସାମାନ୍ୟ ଘଟଣା ହୋଇପାରେ କିନ୍ତୁ ଯଦି ଅଧିକ ମାତ୍ରାରେ କେଶ ଝଡୁଛି ତେବେ ଏହା ଆଉ କୌଣସି ରୋଗର ସଂକେତ ବୋଲି ଜାଣିବେ। ଅଧିକ ମାତ୍ରାରେ କେଶ ଝଡ଼ିବାକୁ ଆଲୋପେସିଆ କୁହାଯାଏ। ଆଲୋପେସିଆ ଏକ ଅଟୋଇମ୍ମ୍ୟୁନ୍ ବେମାରୀ ଯାହା କେଶମୂଳରେ ଆକ୍ରମଣ କରେ। ଏହି କାରଣରୁ କେଶ ଝଡ଼ିଯାଏ। ଏହା ବଂଶାନୁଗତ ଓ ହର୍ମୋନାଲ୍ ପରିବର୍ତ୍ତନ କାରଣରୁ ହୋଇଥାଏ। ଚାପ, ଅନ୍ୟ ସ୍ୱାସ୍ଥ୍ୟସ୍ଥିତି ବା କୌଣସି ପ୍ରକାରର ଔଷଧର ପାର୍ଶ୍ୱ ପ୍ରତିକ୍ରିୟା କାରଣରୁ ଆଲୋପେସିଆ ହୋଇପାରେ। ଏହି ରୋଗ କାରଣରୁ ମୁଣ୍ଡ ଓ ଶରୀରର ଅନ୍ୟ ଭାଗରୁ ମଧ୍ୟ କେଶ ଝଡ଼ିଯାଏ, ନଖରେ ପରିବର୍ତ୍ତନ ଆସେ। ପୂର୍ବରୁ ଏହାକୁ ଏକ ସଂକ୍ରାମକ ରୋଗ ବୋଲି କୁହାଯାଉଥିଲା କିନ୍ତୁ ରିସର୍ଚ୍ଚ ପରେ ବିଶେଷଜ୍ଞମାନେ ଏହାକୁ ଅଟୋଇମ୍ମ୍ୟୁନ୍ ଡିସ୍‌ଅର୍ଡର୍ ବୋଲି କହିଛନ୍ତି। ଏହାର ଚିକିତ୍ସା କରିବା ପାଇଁ ଅନେକ ଉପାୟ ରହିଛି ଯେଉଁ କାରଣରୁ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ। ଏହି ସମସ୍ୟାରେ ପୀଡ଼ିତ ଅଛନ୍ତି ପାରୋମିତା ଗୁପ୍ତା। ଏହି ସ୍ୱପ୍ରତିରକ୍ଷୀ ବେମାରୀ କାରଣରୁ ଉପହାସର ସମ୍ମୁଖୀନ ହୋଇ ଏହି ରୋଗ ବିରୁଦ୍ଧରେ ସମାଜ ସହିତ ସେ କିପରି ଲଢ଼ିଛନ୍ତି ସେ ବିଷୟରେ କିଛି ତଥ୍ୟ ଦେଇଛନ୍ତି ପାରୋମିତା।

# ପାରୋମିତା ଗୁପ୍ତା



**ହାସ୍ୟ**-ଏକ ଶକ୍ତିଶାଳୀ ଉପକରଣ ଯାହା ସବୁଠାରୁ ଜଟିଳ ବିଚାରଗୁଡ଼ିକୁ ବ୍ୟକ୍ତ କରିଥାଏ, କଠିନ ଭାବନାଗୁଡ଼ିକୁ ଲୁଚାଇଥାଏ। ତେଣୁ ସଠିକ୍ ସ୍ଥାନରେ ଓ ଉପଯୁକ୍ତ ଅବସରରେ ମଣିଷ ହସିଥାଏ। କିନ୍ତୁ ଏହି ହସ କିପରି ହେବା ଉଚିତ ଓ କେଉଁ ସମୟରେ ଲୋକମାନେ ହସିବା ଆବଶ୍ୟକ ସେ ବିଷୟରେ ଜଣାଇଛନ୍ତି ପାରୋମିତା। ୩୨ ବର୍ଷୀୟା ପାରୋମିତା ଗୁପ୍ତା କୋଲ୍‌କାତାରେ ଜନ୍ମଗ୍ରହଣ କରିଥିଲେ। ମାତାପିତା ଓ ବଡ଼ ଭଉଣୀଙ୍କ ସହିତ ଦାର୍ଜିଲିଂରେ ତାଙ୍କର ଲାଳନପାଳନ ହୋଇଥିଲା। ତାଙ୍କ ପିତା ଏକ ଚା' ବଗିଚାରେ କାମ କରୁଥିଲେ ଯାହା ଥିଲା ଏକ ସ୍ଥାନାନ୍ତରଣ ଚାକିରି। ଏଥିପାଇଁ ବାରମ୍ବାର ସ୍ଥାନ ପରିବର୍ତ୍ତନ କାରଣରୁ ଦୁଇ ଭଉଣୀଙ୍କୁ ବୋର୍ଡିଂ ସ୍କୁଲ୍‌କୁ ପଠାଇ ଦିଆଯାଇଥିଲା। ମାତ୍ର ଚାରି ବର୍ଷରେ ବୋର୍ଡିଂ ସ୍କୁଲ୍‌ରେ ରହିବା ଓ ମାତାପିତାଙ୍କ ଠାରୁ ଅଲଗା ରହିବା ପାରୋମିତାଙ୍କ ପାଇଁ ସହଜ ହୋଇନଥିଲା। ସେତେବେଳେ ଶୀତଦିନ ଛୁଟି ଶେଷ ହୋଇଯିବା ପରେ ସ୍କୁଲ୍ ଆରମ୍ଭ ହେବା ମାତ୍ରେ ପାରୋମିତାଙ୍କ ଭିତରେ ଆଲୋପେସିଆର ଲକ୍ଷଣ ଦେଖିବାକୁ ମିଳିଥିଲା। ସକାଳୁ ଉଠିବା ବେଳକୁ ତକିଆରେ କେଶ ଲାଗି ରହୁଥିଲା। ମୁଣ୍ଡରେ ହାତ ମାରିବା ମାତ୍ରେ କେଶ ଉପୁଡିଯାଉଥିଲା। ମାତ୍ର ଏକ ସପ୍ତାହ ମଧ୍ୟରେ ସେ ଚନ୍ଦା ହୋଇଗଲେ। ଏପରି ମନେ ହେଉଥିଲା ଯେପରି ତାଙ୍କ ଦୁନିଆ ଶେଷ ହୋଇଗଲା, ସେ ଭୟ ପାଇଗଲେ। ତେଣୁ ମୋ ସହିତ ଏପରି କାହିଁକି ହେଲା ବୋଲି ସେ ଭାବୁଥିଲେ। ଆଖପାଖର ଲୋକମାନଙ୍କ ପାଇଁ ଏହି ପରିସ୍ଥିତି ଏକ ରହସ୍ୟ ଥିଲା। କିଛି ଡାକ୍ତର ଏହାକୁ ଟାଇଫଏଡ୍‌ର ପାର୍ଶ୍ୱ ପ୍ରତିକ୍ରିୟା ବୋଲି ମଧ୍ୟ କହିଥିଲେ। କିନ୍ତୁ ସିଲିଗୁଡ଼ିର ଜଣେ ଡାକ୍ତର ଏହାକୁ ଆଲୋପେସିଆ ଏରିଟା ବୋଲି ଚିହ୍ନିବା ପରେ ତୁରନ୍ତ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା। ଏକ ଛୋଟ ଝିଅ ପାଇଁ ଏହା ଭାବନାତ୍ମକ ଭାବରେ ଏକ ଯନ୍ତ୍ରଣାଦାୟକ ସ୍ଥିତି ଥିଲା।

ମାତ୍ର ୧୦ ବର୍ଷର ହୋଇଥିବା ବେଳେ ଏହି ବେମାରୀ ବିଷୟରେ ସେ ଜାଣିଲେ। କେଶହୀନ ଚେହେରା ଓ ସ୍ୱାସ୍ଥ୍ୟସ୍ଥିତି କାରଣରୁ ଲୋକମାନଙ୍କ ପରିହାସର ସମ୍ମୁଖୀନ ହେବାକୁ ପଡୁଥିଲା ପାରୋମିତାଙ୍କୁ। ବିଗତ ୨୩ ବର୍ଷ ହେଲା ସେ ଆଲୋପେସିଆ ଦ୍ୱାରା ପୀଡ଼ିତ ଅଛନ୍ତି। ରୋଗ ଆରମ୍ଭ ହେବା ପରେ ତାଙ୍କ ଚନ୍ଦାମୁଣ୍ଡକୁ ଦେଖିବା ପରେ ଲୋକମାନେ ପରିହାସ କରିବା ଆରମ୍ଭ କରିଦେଲେ। ତାଙ୍କ ଲୁକ୍‌ର ମଜା ଉଠାଇବା ଯୋଗୁ ପାରୋମିତାଙ୍କୁ ଖରାପ ଲାଗୁଥିଲା। କିନ୍ତୁ ସମୟ ସହିତ ନିଜର ଭାବନା କିଛି ଅନ୍ୟ ରୂପ ନେଇଥିଲା ଓ ଲୋକମାନଙ୍କର ପରିହାସ ସହିତ ପାରୋମିତା ନିଜକୁ ସାମିଲ କରିଥିଲେ। ପିଲାଦିନେ ଯେଉଁ କାମଗୁଡ଼ିକୁ ସାହସ ଓ ବାହାଦୁରୀର ସହିତ ପାରୋମିତା କରୁଥିଲେ ସେହି କାମଗୁଡ଼ିକ ଏବେ ଅଧିକ କ୍ଷତିକାରକ ହେବାପରି ମନେ ହେଉଥିଲା। କାରଣ ଲୋକମାନଙ୍କ ସହିତ ମିଶି ନିଜକୁ ପରିହାସ କରିବାର ଅର୍ଥ ଥିଲା ନିଜର ଆତ୍ମସମ୍ମାନ ସହିତ ବିଶ୍ୱାସଘାତ କରିବା। କିନ୍ତୁ ଗତ ସାତ ବର୍ଷ ହେଲା ତାଙ୍କ ଭିତରେ କିଛି ପରିବର୍ତ୍ତନ ଦେଖାଦେଇଛି। ଆଜି ସ୍ୱଭାବରେ ସେ ଜଣେ ସାହସୀ ମହିଳା ହୋଇପାରିଛନ୍ତି। ନିଜକୁ ସହଜ ଅନୁଭବ କରୁଛନ୍ତି।

ବର୍ତ୍ତମାନ ପାରୋମିତା ସଚେତନତା ଓ ଶିକ୍ଷା ପରି ଶବ୍ଦଗୁଡ଼ିକ ସହିତ ଲଢ଼ିବାକୁ ପ୍ରସ୍ତୁତ ହୋଇସାରିଲେଣି। କେଶ ଉଠିବା ପାଇଁ କେତେକ ଅସଫଳ ପ୍ରୟାସ ପରେ ପାରୋମିତା ବିନା କେଶରେ ସ୍କୁଲ୍‌କୁ ଯାଇଥିଲେ ଓ ପିଲାମାନଙ୍କର ପରିହାସର ପାତ୍ର ହୋଇଥିଲେ। କୋଲ୍‌କାତା ଠାରେ ବୁକ୍ ପବ୍ଲିଶିଙ୍ଗ୍‌ର କୋର୍ସ ପୂରା କରିବା ପରେ ପାରୋମିତାଙ୍କୁ ବେଙ୍ଗାଲୁରୁରେ ଚାକିରି ମିଳିଗଲା। କିନ୍ତୁ ଚାକିରି ହରେଇବା ପରେ ପୁଣି ଥରେ ସେ ନିଜ ଗୋଡ଼ରେ ଛିଡ଼ା ହେଲେ ଓ ନିଜ କ୍ଷମତା ଉପରେ ପ୍ରଶ୍ନ ଉଠାଇବା ଆରମ୍ଭ କଲେ। ବହୁତ ଶୀଘ୍ର ଅନ୍ୟ ଏକ ଚାକିରି ତ ମିଳିଗଲା କିନ୍ତୁ ଲଗାତର ଆତ୍ମ-ସନ୍ଦେହ ଓ ଭୟ ଯୋଗୁ ଚାପ ବୃଦ୍ଧି ହେଲା। ସେ ଭାଙ୍ଗି ପଡ଼ିଲେ ଓ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାର ଶିକାର ହେଲେ। ଯେତେବେଳେ ଆଲୋପେସିଆର ପୂର୍ଣ୍ଣ ଚିକିତ୍ସା ପଦ୍ଧତି ନାହିଁ ବୋଲି ସେ ଜାଣିଲେ ସେ ନିଜ ସ୍ଥିତିରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କଲେ। ନିଜ ଭିତରେ ନୂଆ ଆତ୍ମବିଶ୍ୱାସ ଦ୍ୱାରା ପ୍ରେରିତ ହୋଇ ସେ ତାଙ୍କ କାର୍ଯ୍ୟସ୍ଥଳରେ ଯାଇ ଯୋଗ ଦେଇଥିଲେ ଯାହାକୁ ଦେଖିବା ପରେ ୫୦-୬୦ ସଦସ୍ୟର ଟିମ୍ ଭ୍ରମିତ ହୋଇଯାଇଥିଲା। ଏହା ପୂର୍ବରୁ ସଂସ୍ଥାକୁ ଏକ ଇ-ମେଲ୍ ଲେଖି ନିଜ ବେମାରୀ ଯୋଗୁ ଓ ଚନ୍ଦା ହୋଇଥିବା ବିଷୟରେ ଜଣାଇଥିଲେ ପାରୋମିତା। ତେଣୁ ଲୋକମାନେ ଯେପରି ଏଥିରେ ଦଖଲ ନଦେବେ ଓ ପ୍ରଶ୍ନ ପଚାରିବାର ସୀମା ବିଷୟରେ ମଧ୍ୟ ଏଥିରେ ସେ ଉଲ୍ଲେଖ କରିଥିଲେ। ଏହାପରେ ସବୁ ପରିସ୍ଥିତି ସାମାନ୍ୟ ହେବାକୁ ଲାଗିଥିଲା।

କିନ୍ତୁ ଏହା ମଧ୍ୟ ସତ ଯେ ବାଧାବିଘ୍ନକୁ ଅତିକ୍ରମ କରି ପାରୋମିତା ନିଜର କିଛି ବ୍ୟକ୍ତିଗତ ଲକ୍ଷ୍ୟ ଓ ଆକାଂକ୍ଷାଗୁଡ଼ିକ ଉପରେ ମଧ୍ୟ ଧ୍ୟାନ କେନ୍ଦ୍ରିତ କରୁଛନ୍ତି ଯଥା- ପିଲାମାନଙ୍କ ଉପରେ ବହି ଲେଖିବା ଓ ଡିଜାଇନ୍ କରିବା, ହିମାଳୟ କ୍ଷେତ୍ରରେ ଏକ କ୍ୟାଫେ ଖୋଲିବା (ଯେଉଁଠାରେ ସେ ବଡ଼ ହୋଇଥିଲେ), ଲାଇଭ୍ ସଙ୍ଗୀତ ପ୍ରସ୍ତୁତ କରିବା, ଏକ ପୁସ୍ତକାଳୟର ମାଲିକାଣୀ ହେବା ସହିତ ନିଜ ଭଉଣୀ ସହିତ ଏକ ପଶୁ ଆଶ୍ରୟସ୍ଥଳ ମଧ୍ୟ ଖୋଲିଛନ୍ତି ପାରୋମିତା। ଅନ୍ୟମାନଙ୍କୁ ସଶକ୍ତ କରିବା ପାଇଁ ସେ ନିଜର ସ୍ୱରର ବ୍ୟବହାର କରନ୍ତି ଓ ନିଜ କାହାଣୀଗୁଡ଼ିକୁ ସେୟାର୍ କରି ଏପରି କଠିନ ପରିସ୍ଥିତିରୁ କିପରି ବାହାରିବେ ସେଥିପାଇଁ ସେ ପ୍ରୟାସ ଜାରି ରଖିଛନ୍ତି। କିଛି ସମୟ ପୂର୍ବରୁ ବେଙ୍ଗାଲୁରୁ ଠାରେ ହ୍ୟୁମ୍ୟାନ୍ ଲାଇବ୍ରେରୀରେ ନିଜର ଯାତ୍ରା ସମ୍ପର୍କରେ ସେ କହିଛନ୍ତି।



କଠିନ ପରିସ୍ଥିତି ଦେଇ ଅତିକ୍ରମ କରୁଥିବା ମହିଳାମାନଙ୍କ ପାଇଁ ପାରୋମିତା କିଛି ପରାମର୍ଶ ଦେଇ କହିଛନ୍ତି - ଆପଣମାନଙ୍କୁ କାହାରି ମାନ୍ୟତାର ଆବଶ୍ୟକତା ନାହିଁ, ମୋର ବିଶ୍ୱାସ କରନ୍ତୁ। ଏହି ଅନୁଭବ ଆପଣମାନଙ୍କ ଭିତରୁ ଆସିବା ଉଚିତ ଓ ଏହାକୁ ଆପଣମାନେ ମଧ୍ୟ ସହଜରେ ପାଇଯିବେ। ଆପଣଙ୍କୁ ବାସ୍ ଅନ୍ୟମାନଙ୍କ କଥାକୁ ଅଣଦେଖା କରିବାର ଅଛି। ଏହି ଲୋକମାନେ ଏହାଠାରୁ କିଛି ଅଧିକ ଜାଣିନଥାନ୍ତି। ସେମାନେ କହୁଥିବା କଟୁ କଥା ଶୁଣିବା ପରେ ଆପଣମାନଙ୍କ ପ୍ରତିକ୍ରିୟା ଯେପରି ରହୁଥିବ ସେଥିରୁ ସେମାନେ ଲାଭ ଉଠାଇ ଥାଆନ୍ତି। ସେଗୁଡ଼ିକ କେବଳ ଶବ୍ଦ ଯେଉଁଗୁଡ଼ିକ ଆପଣଙ୍କୁ ପ୍ରଭାବିତ କରିପାରିବ ନାହିଁ। ସେଥିପାଇଁ କେବଳ ଆପଣ ହିଁ ଚେଷ୍ଟା କରିପାରିବେ। ତେଣୁ ନିଜ ଉପରେ ଦୃଢ଼ ଭାବରେ ବିଶ୍ୱାସ ରଖନ୍ତୁ।

# ଫ୍ରାନ୍ସିସୀ ଶୈଳୀରେ ଘର ସଜାନ୍ତୁ

ଫ୍ରାନ୍ସିସୀ ବାସ୍ତୁକଳାରେ ଗୋଟିଏ ଶବ୍ଦ ବହୁତ ପ୍ରସିଦ୍ଧ ତାହା ହେଉଛି ଫ୍ରେଞ୍ଚ୍ ଓ୍ୱିଣ୍ଡୋ ଯାହା କାଚରେ ତିଆରି ହୋଇଥିବା ଏକ ଦ୍ୱାର କିନ୍ତୁ ଏହାକୁ ଝରକା ଭାବରେ ବ୍ୟବହାର କରାଯାଏ। ଏହି ଝରକା ଦେଇ ଅତ୍ୟଧିକ ପ୍ରାକୃତିକ ଆଲୋକ ଆସେ। କୌଣସି ଫ୍ରେଞ୍ଚ୍ ଲିଭିଂ ରୁମ୍‌କୁ ଯଦି ଦେଖିଥିବେ ତେବେ ସେଠାରେ ଗୋଟିଏ ସ୍ଥାନରେ ଅନେକ ଝରକା ଦେଖିବାକୁ ପାଇବେ। ଏଥିରୁ ଲୋକମାନେ ଖରାର ଆନନ୍ଦ ନେଇଥାନ୍ତି, ପ୍ରାକୃତିକ ଆଲୋକରେ ପାଠ ପଢ଼ନ୍ତି ଓ ସେହି ଆଲୋକ ଜରିଆରେ ରୋଷେଇ ମଧ୍ୟ କରନ୍ତି। ଫ୍ରାନ୍ସିସୀ ଶୈଳୀରେ କାଠ, ପଥର ପରି ପ୍ରାକୃତିକ ସାମଗ୍ରୀଗୁଡ଼ିକର ଅତ୍ୟଧିକ ଉପଯୋଗ କରାଯାଇଥାଏ। ଘରର ଇଣ୍ଟେରିୟର୍‌ରେ ମଧ୍ୟ ଖୋଲା ବିମ୍ ରହିଥାଏ ତେବେ ସେ କାଠର ହୋଇଥାଉ ଅବା ସିମେଣ୍ଟର। ଫ୍ରାନ୍ସିସୀ ଇଣ୍ଟେରିୟର୍‌ରେ ଏପରି ଅନେକ ଡିଜାଇନ୍ ରହିଛି ଯେଉଁଗୁଡ଼ିକ ସମସ୍ତଙ୍କର ଧ୍ୟାନ ଆକର୍ଷିତ କରିଥାଏ। ଫ୍ରାନ୍ସିସୀ ଇଣ୍ଟେରିୟର୍ ଡିଜାଇନ୍‌ରେ ଆପଣ ଅତୀତକୁ ସ୍ମରଣ କରିପାରିବେ ଓ ପ୍ରାଚୀନ ବସ୍ତୁକୁ ସଜେଇ ରଖିପାରିବେ। କିଛି ବାସନକୁସନର ବ୍ୟବହାର କରି ଘରକୁ ଅଲଗା ଲୁକ୍ ମଧ୍ୟ ଦେଇହେବ। ଏହା ସହିତ ସତେଜ ଫୁଲଗୁଡ଼ିକରେ ଆପଣଙ୍କ ଘର ମହକିବ।

**କ୍ଲାସିକ୍ ଓ ମଡର୍ଣ୍ଣ**-କ୍ଲାସିକ୍ ଫ୍ରେଞ୍ଚ୍ ଇଣ୍ଟେରିୟର୍ ଡିଜାଇନ୍, କ୍ଲାସିକ୍ ପ୍ୟାଟର୍ଣ୍ଣ ଓ ଫର୍ଣ୍ଣିଚର୍‌କୁ ଆଧୁନିକ ସ୍ଥାନଗୁଡ଼ିକ ସହିତ ମିକ୍ସ କରାଇଥାଏ। ଆକ୍ସେଣ୍ଟ୍ ଲାଇଟିଂ ଓ କ୍ରିଷ୍ଟାଲ ବା କ୍ୟାଣ୍ଡେଲ୍ ଷ୍ଟାଣ୍ଡ୍ ପରି ସେଣ୍ଟରପିସ୍ ଦ୍ୱାରା ନିର୍ମିତ ଝୁମର ଆଦି ଛାତକୁ ନୂଆ ଲୁକ୍ ଦେଇଥାନ୍ତି। ଏହି ଶୈଳୀରେ ପଞ୍ଝା ଷ୍ଟାଇଲ୍‌ର ଚେୟାର୍, କାରୁକାର୍ଯ୍ୟପୂର୍ଣ୍ଣ ଗାଢ଼ ରଙ୍ଗର କାଠର ପଙ୍ଘ ଡିଜାଇନ୍‌ର ସିଟ୍ ଓ ଚୀନୀ ମାଟିର ବାସନଗୁଡ଼ିକୁ ପ୍ରଦର୍ଶିତ କରୁଥିବା ଖୋଲା ସେଲ୍ଫିଙ୍ଗ୍ ମଧ୍ୟ ଥାଏ। ତେବେ ଆଧୁନିକ ଫ୍ରେଞ୍ଚ୍ ଇଣ୍ଟେରିୟର୍ ଡିଜାଇନ୍‌ରେ ଟେକ୍‌ନିକ୍, ବ୍ୟବହାରିକତା ଓ ଗଠନର ସଂଯୋଜନ ଦେଖିବାକୁ ମିଳେ। ଏହା ବ୍ୟତୀତ ଫିରୋଜି ବା ଅନ୍ୟ ଗାଢ଼ ରଙ୍ଗର ଏକ କାନ୍ଥ ସହିତ ବେଜ୍, ଅଫ୍-ହ୍ୱାଇଟ୍ ଓ ଗ୍ରେ ରଙ୍ଗର ଟୋନ୍‌ର ବ୍ୟବହାର କରି ଘରକୁ ସୁନ୍ଦର ଓ ସିମ୍ପଲ୍ ଲୁକ୍ ଦେଇପାରିବେ।



**ଭିତରର ସାଜସଜ୍ଜା**-ଫର୍ଣ୍ଣିଚର୍‌ର ସାଜସଜ୍ଜା, ଆଲୋକ ବ୍ୟବସ୍ଥା ଓ କୌଣସି ରୁମ୍‌ର ସମସ୍ତ ସ୍ୱରୂପ କଥା ଯଦି କୁହାଯାଏ ତେବେ ଫ୍ରାନ୍ସିସୀ ଶୈଳୀର ଅନୁରୂପ ପ୍ରାଚୀନ ବସ୍ତୁଗୁଡ଼ିକର ସମକାଳୀନତା ସହିତ ଯୋଡ଼ିବା ଦିଗରେ କାମ କରିପାରିବେ। କପଡ଼ାର ସାଜସଜ୍ଜାରେ ଡ୍ରପେରୀ କପଡ଼ା ବ୍ରୋକେଡ୍ ଓ ଭେଲଭେଟ୍‌ରୁ ଆରମ୍ଭ କରି ରେଶମ ଅର୍ଗାନୋ, ନାଇଲନ୍ ବା ଶିଫନ୍ ପର୍ଯ୍ୟନ୍ତ କିଛି ବି ବ୍ୟବହାର କରିହେବ। ଏହା ବ୍ୟତୀତ ଲିଭିଂ ରୁମ୍‌ରେ ଚିନାମାଟିର ଗ୍ରାନାଇଟ୍, କାଠ, ଲିବାସ ଓ ଚମକଦାର ପଲିସ୍ ପଥରର ଫ୍ଲୋର୍‌ର ବ୍ୟବହାର କରିପାରିବେ। ଏହା ସହିତ ରୁମ୍‌ର ଝରକାଗୁଡ଼ିକୁ ଓସାରିଆ ଓ ଛାତକୁ ଗମ୍ବୁଜ ଆକାର ଦେଇପାରିବେ। ହାତରେ ତିଆରି ଡିଜାଇନ୍‌ରେ ଏମ୍ବ୍ରୋଇଡୋରୀ କରାଯାଇଥିବା



ମୋତି ବା ରିବନ୍‌ବାଲା କୁଶନକୁ କଂସା ବା ରୁପା ଆଭୂଷଣ, କ୍ରିଷ୍ଟାଲ୍, ଚୀନୀ ମାଟିର ମୂର୍ତ୍ତି, ପୁରୁଣା ସୂତା କପଡ଼ାର ପେଣ୍ଟିଂ ଓ କାରୁକାର୍ଯ୍ୟପୂର୍ଣ୍ଣ ବଡ଼ ବଡ଼ ଫ୍ରେମ୍ ଦ୍ୱାରା ସଜେଇ ପାରିବେ। ଏହା ବ୍ୟତୀତ ସୋଫା, କାଠର ଚେୟାର୍, ଗୋଲାକାର ଟେବୁଲ୍ ଘରେ ରଖିହେବ। ରଙ୍ଗ କଥା କହିଲେ ସାଧାରଣତଃ ଫ୍ରେଞ୍ଚ୍ ଶୈଳୀରେ ଆଇଭରୀ, ହାଲୁକା ନୀଳ, ପ୍ଲାଟିନମ୍, ଗ୍ରେ-ସବୁଜ ପନ୍ନା, ଲାଭେଣ୍ଡର ଓ ଅନ୍ୟ ପାଷ୍ଟେଲ୍ ରଙ୍ଗର ବ୍ୟବହାର କରାଯାଏ।

ସ୍ୱାସ୍ଥ୍ୟ


# ଯନ୍ତ୍ରଣାରୁ ରକ୍ଷା କରିବ ଯୋଗ

ମହିଳାମାନେ ପ୍ରତି ମାସରେ ମାସିକଧର୍ମ ଦେଇ ଗତି କରନ୍ତି। ଏଥିରେ ଶରୀରରୁ ରକ୍ତ ଭାବରେ ସେହି ଏଗ୍ସ ବାହାରକୁ ବାହାରି ଯାଆନ୍ତି ଯେଉଁଗୁଡ଼ିକ କନସିଭ୍ ହୋଇପାରନ୍ତି ନାହିଁ। ନାରୀ ଶରୀରର ଏହା ହେଉଛି ଏକ ପ୍ରାକୃତିକ ପ୍ରକ୍ରିୟା। ଏ ସମୟରେ ହର୍ମୋନର ସନ୍ତୁଳନ ବିଗିଡ଼ିଯାଏ ଯେଉଁ କାରଣରୁ ଯନ୍ତ୍ରଣା ହୁଏ, କ୍ରାମ୍ପ, ବ୍ରଣ ଆଦି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ। ତେବେ ମାସିକଧର୍ମର ଯନ୍ତ୍ରଣାକୁ ପ୍ରାୟତଃ ସବୁ ମହିଳାମାନେ ଅଳ୍ପ ବହୁତ ଅନୁଭବ କରନ୍ତି। କିନ୍ତୁ ଏହି ଯନ୍ତ୍ରଣା ଅନେକ ସମୟରେ ଏତେ ଭୟଙ୍କର ହୋଇଯାଏ ଯେ ଉଠିବା-ବସିବା କଷ୍ଟକର ହୋଇପଡ଼େ। ଏପରି ସ୍ଥିତିରୁ ମୁକ୍ତି ପାଇବା ପାଇଁ କେତେକ ମହିଳା ଔଷଧର ସେବନ କରିଥାନ୍ତି। କିନ୍ତୁ କିଛି ସହଜ ଯୋଗାସନ ଦ୍ୱାରା ମାସିକଧର୍ମର ଯନ୍ତ୍ରଣାରୁ ତୁରନ୍ତ ମୁକ୍ତି ପାଇପାରିବେ।



**ବାଳାସନ**-ଏହି ଆସନରେ ଆଣ୍ଠୁମାଡ଼ି ଭୂମିରେ ବସନ୍ତୁ ଓ ଦୁଇ ହାତକୁ ଆଗକୁ କରି ଭୂମିରେ ରଖି ମଥାକୁ ଭୂମିରେ ଲଗେଇବେ। ଏହି ମୁଦ୍ରାରେ କିଛି ସମୟ ପର୍ଯ୍ୟନ୍ତ ରହିବେ। ଏହି ଆସନ ପେଟର ମାଂସପେଶୀକୁ ରିଲାକ୍ସ କରି ଯନ୍ତ୍ରଣାକୁ ହ୍ରାସ କରେଇବ।


**ସୁପ୍ତ ବଦ୍ଧକୋଣାସନ**-ପିଠି ସାହାଯ୍ୟରେ ଶୋଇଯାଆନ୍ତୁ। ପାଦକୁ ମୋଡ଼ି ରଖିବେ ଓ ଆଣ୍ଠୁକୁ ଯୋଡ଼ି ଦିଅନ୍ତୁ। ପାଦର ତଳଭାଗକୁ ପରସ୍ପର ସହିତ ଯୋଡ଼ି ରଖନ୍ତୁ। ହାତଗୁଡ଼ିକୁ ଶରୀର ସହିତ ଲଗେଇ ରଖି ଆରାମ କରନ୍ତୁ। ଏହି ଆସନ ପେଲ୍‌ଭିକ କ୍ଷେତ୍ରରେ ରକ୍ତ ସଞ୍ଚାରକୁ ବୃଦ୍ଧି କରାଇ ଯନ୍ତ୍ରଣାରୁ ମୁକ୍ତି ଦେବ।



**ଭୁଜଙ୍ଗାସନ**-ପେଟ ସାହାଯ୍ୟରେ ଭୂମିରେ ଶୋଇବେ। ହାତ ଓ କାନ୍ଧକୁ ତଳେ ରଖିବେ। ନିଃଶ୍ୱାସ ନେଇ ଉପର ଶରୀରକୁ ଉଠାଇ ପିଠିକୁ ଆର୍କ କରି ରଖନ୍ତୁ। ବେକକୁ ପଛ ଆଡ଼କୁ କରିବେ ନାହିଁ। ଏହି ମୁଦ୍ରାରେ କିଛି ସେକେଣ୍ଡ ରହି ପୁଣି ଥରେ ଭୂମିକୁ ସ୍ପର୍ଶ କରନ୍ତୁ। ଏହି ଆସନ ପେଟର ଅଙ୍ଗଗୁଡ଼ିକୁ ମଜବୁତ କରି ଯନ୍ତ୍ରଣାକୁ କମ୍ କରାଇବାରେ ସହାୟତା କରିବ।



**ଶବାସନ**-ପିଠି ସାହାଯ୍ୟରେ ଶୋଇବେ ଓ ପାଦକୁ ଅଳ୍ପ ଖୋଲି ରଖିବେ। ହାତକୁ ଶରୀର ସହିତ ଲଗେଇ ରଖିବେ ଓ ଆଖି ବନ୍ଦ କରିବେ। ସମ୍ପୂର୍ଣ୍ଣ ଭାବରେ ରିଲାକ୍ସ କରି ଧୀରେ ଧୀରେ ନିଃଶ୍ୱାସ ନିଅନ୍ତୁ। ଏହି ଆସନ ଶରୀରକୁ ପୂରା ଆରାମ ଦେବ ଓ ଯନ୍ତ୍ରଣାକୁ କମ୍ କରିବ।




**ଉତ୍ତାନପଦାସନ**-କାନ୍ଥ ପାଖରେ ଭୂମି ଉପରେ ବସିବେ ଓ ପାଦକୁ କାନ୍ଥ ସାହାଯ୍ୟରେ ଉପରକୁ ଉଠେଇବେ। ଶରୀରକୁ ରିଲାକ୍ସ କରେଇବେ ଓ କିଛି ମିନିଟ୍ ଏହିପରି ସ୍ଥିତିରେ ରହିବେ। ଏହି ଆସନ ପାଦର ରକ୍ତ ସଞ୍ଚାରକୁ ବୃଦ୍ଧି କରେଇବ ଓ ପେଟର ଯନ୍ତ୍ରଣାକୁ ହ୍ରାସ କରାଇବ।

ରନ୍ଧାଘର

# ମଟର ମେଥି ଅଣ୍ଡା କବାବ୍

**ଆବଶ୍ୟକ ସାମଗ୍ରୀ**-ମଟର-୧୦୦ ଗ୍ରାମ, ମେଥି-୫୦ ଗ୍ରାମ, ରସୁଣ କଳି-୧୦ଟି, ଅଣ୍ଡା-୩ଟି, ଆଳୁ-୪ଟି, କଞ୍ଚା ଲଙ୍କା-ସ୍ୱାଦ ଅନୁସାରେ, ଗୋଲମରିଚ ଗୁଣ୍ଡ-୨ ଚାମଚ, ଜିରା, ଧଣିଆ, ଜୁଆଣି ପାଉଡର୍-୧ ଚାମଚ ଲେଖାଏଁ, ମ୍ୟାଗି ମସଲା-୨ ଚାମଚ, ଲୁଣ-ଆବଶ୍ୟକ ଅନୁସାରେ, ବ୍ରେଡ୍ କ୍ରମ୍ବସ୍-୩ ଚାମଚ, କର୍ଣ୍ଣ ଫ୍ଲୋର୍-୨ ଚାମଚ, କଟା ଧଣିଆ ପତ୍ର।

**ପ୍ରଣାଳୀ**-ଆଳୁକୁ ଧୋଇ ସିଝେଇଦେବେ। ସିଝିଯିବା ପରେ ଏହାକୁ ମ୍ୟାସ୍ କରିବେ। ଅଣ୍ଡା ସିଝେଇ ତାକୁ କାଟି ଦିଅନ୍ତୁ। ସେଥିରେ ଲୁଣ ଓ ଗୋଲମରିଚ ପାଉଡର୍ ମିଶାଇବେ। ପ୍ୟାନ୍‌ରେ ତେଲ ଗରମ କରି ଜିରା ଫୁଟେଇ ସେଥିରେ ରସୁଣ କଳି, ମଟର ଓ ଧଣିଆ ପତ୍ର ପକାଇ ୧୦ ମିନିଟ୍ ଭାଜିବା ପରେ ଗ୍ୟାସ୍ ବନ୍ଦ କରି ଥଣ୍ଡା ହେବା ପାଇଁ ରଖିଦିଅନ୍ତୁ। ଏହାକୁ ଖଦଡ଼ କରି ଗ୍ରାଇଣ୍ଡିଂ କରିବେ। ମ୍ୟାସ୍ ହୋଇଥିବା ଆଳୁରେ ଶୁଖିଲା ମସଲା ଓ ଗ୍ରାଇଣ୍ଡିଂ କରାଯାଇଥିବା ମଟର, କିଛି ବ୍ରେଡ୍ କ୍ରମ୍ବସ୍ ଓ କର୍ଣ୍ଣ ଫ୍ଲୋର୍ ପକାଇ ଭଲ ଭାବରେ ମିଶାଇ ଦେବେ। ବାକି କର୍ଣ୍ଣ ଫ୍ଲୋର୍‌କୁ ଏକ ଗିନାରେ ନେଇ ସେଥିରେ ପାଣି ଦେଇ ଲୁଣ, ଗୋଲମରିଚ ପାଉଡର୍, ଧଣିଆ ପତ୍ର ପକାଇ ଏକ ଘୋଳ ପ୍ରସ୍ତୁତ କରନ୍ତୁ। ଆଳୁ ମିଶ୍ରଣରୁ ଅଳ୍ପ ନେଇ ହାତରେ ଖେଳେଇ ଦିଅନ୍ତୁ ଓ ମଝିରେ ସିଝା ଅଣ୍ଡାକୁ ରଖି ଚାରିଆଡୁ ବନ୍ଦ କରି କବାବ ଆକାର ଦେବେ। ଏହିପରି ଭାବରେ ସବୁ କବାବ୍ ତିଆରି କରିବେ। ଏବେ ତେଲ ଗରମ କରି କବାବ୍‌ଗୁଡ଼ିକୁ ଡିପ୍ ଫ୍ରାଏ କରନ୍ତୁ। ଏହାପରେ ଏକ ପ୍ଲେଟ୍‌ରେ କାଢ଼ି ମଟର ମେଥି ଅଣ୍ଡା କବାବ୍‌କୁ ଚଟଣି କିମ୍ବା ସସ୍ ସହିତ ଖାଇବାକୁ ଦେବେ।



## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** - ଦିନଟି ବହୁତ ଶୁଭ। ଆୟର ନୂଆ ସୋର୍ସ ଖୋଲିବ। ପେସାଗତ ଜୀବନରେ ନୂଆ ପରିଚୟ ପାଇବେ। କାର୍ଯ୍ୟ ଅତିରିକ୍ତ ଦାୟିତ୍ୱ ମିଳିବ। ଘରେ ମାଙ୍ଗଳିକ କାର୍ଯ୍ୟର ଆୟୋଜନ ହେବ। ଧନ-ସମ୍ପତ୍ତିରୁ ଭଲ ରିଟର୍ଣ୍ଣ ମିଳିବ।

**ବୃଷ** - ନିବେଶର ନୂଆ ଅବସର ପାଇବେ। ନୂଆ ଫିଟନେସ୍ ଆକ୍ଟିଭିଟିରେ ସାମିଲ ହେବେ। ପ୍ରତିଦିନ ଯୋଗ ଓ ବ୍ୟାୟାମ କରନ୍ତୁ। ଏଥିରୁ ମାନସିକ ଚାପରୁ ମୁକ୍ତି ମିଳିବ। ଅଫିସ୍‌ରେ ପ୍ରତିଦ୍ୱନ୍ଦ୍ୱିତାର ପରିବେଶ ପାଇବେ।

**ମିଥୁନ** - ଆର୍ଥିକ ମାମଲାରେ ଉତ୍ଥାନ-ପତନ ଦେଖାଦେବ। କାର୍ଯ୍ୟରେ ବିଳମ୍ବ ସମ୍ଭବ। ବୈବାହିକ ଜୀବନରେ ତୃତୀୟ ବ୍ୟକ୍ତି ଯୋଗୁ ସମସ୍ୟା ବଢ଼ିବ। ଛାତ୍ରଛାତ୍ରୀମାନେ ସହଜରେ ପ୍ଲେସ୍‌ମେଣ୍ଟ ପାଇଯିବେ।

**କର୍କଟ** - ଦୈନନ୍ଦିନ ରୁଟିନ୍‌ରୁ ବ୍ରେକ୍ ନିଅନ୍ତୁ। ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତୁ। ଅଫିସ୍‌ରେ ଚାପ ରହିବ। ଘର ପରିବାରରେ ଧାର୍ମିକ କାର୍ଯ୍ୟର ଆୟୋଜନ ହୋଇପାରେ। ବିଦେଶରୁ ଚାକିରିର ଅଫର୍ ମିଳିବ।

**ସିଂହ** - ଜୀବନରେ ଏବେ କିଛି ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ହେବ। ନୂଆ ଡିଲ୍‌ରୁ ଧନ ଲାଭ ହେବ। ସବୁ କାମରୁ ଅପାର ସଫଳତା ପାଇବେ। ପ୍ରେମ ଜୀବନରେ ଖୁସିର ଅବସର ଆସିବ। ଜୀବନସାଥି ସହିତ ସମ୍ପର୍କ ମଜଭୁତ ହେବ।

**କନ୍ୟା** - ଜୀବନଶୈଳୀରେ କିଛି ପରିବର୍ତ୍ତନ ହୋଇପାରେ। ଧନର ପ୍ରବନ୍ଧନ ସାବଧାନତାର ସହିତ କରିବେ। ଟ୍ରିପ୍‌ର ପ୍ଲାନ୍ କରିବେ। ଶୈକ୍ଷିକ କାମରେ ଅପାର ସଫଳତା ମିଳିବ। ସାମାଜିକ ପଦ-ପ୍ରତିଷ୍ଠା ବୃଦ୍ଧି ହେବ।

**ତୁଳା** - କାର୍ଯ୍ୟରୁ ସୁଖଦ ପରିଣାମ ମିଳିବ। ଅଟକିଥିବା କାମ ପୂରା କରିବେ। ଅନେକ ସୋର୍ସରୁ ଧନ ଲାଭ ହେବ। ନୂଆ ଲୋକଙ୍କ ସହିତ ପରିଚୟ ହେବ। ବ୍ୟାପାରରେ ବିସ୍ତାର ହେବ। ଅବିବାହିତଙ୍କୁ ସାଥି ମିଳିବେ।

**ବିଛା** - ଆର୍ଥିକ ସ୍ଥିତି ସୁଦୃଢ଼ ରହିବ। ପାରିବାରିକ ଜୀବନରୁ ସୁଖ-ଶାନ୍ତି ପାଇବେ। ଜୀବନକୁ ଉପଭୋଗ କରିବେ। ପ୍ରପର୍ଟି ସହିତ ବିବାଦରୁ ମୁକ୍ତ ହେବେ। ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦିଅନ୍ତୁ। ପ୍ରେମୀ ସହିତ ଫିଲିଂସ୍ ସେୟାର୍ କରିବେ।

**ଧନୁ** - ଆଜି ମାନସିକ ଶାନ୍ତି ମିଳିବ। ଦୀର୍ଘ ଦିନର ସମସ୍ୟାରୁ ମୁକ୍ତ ହେବେ। କ୍ୟାରିୟର୍‌ରୁ ସଫଳତା ପାଇବେ। ପ୍ରମୋଶନର ସମ୍ଭାବନା ରହିଛି। ଘରେ କାହାକୁ ଆର୍ଥିକ ସାହାଯ୍ୟ କରିବେ। ଟ୍ରିପ୍‌ର ଯୋଜନା ହୋଇପାରେ।

**ମକର** - ଆର୍ଥିକ ମାମଲାରେ ପରିବର୍ତ୍ତନ ଦେଖାଦେବ। ଅନେକ ସୋର୍ସରୁ ଧନ ଲାଭ ହେବ। ପାରିବାରିକ ଜୀବନ ଆନନ୍ଦମୟ ହେବ। ଭୌତିକ ସୁଖ-ସୁବିଧା ପ୍ରାପ୍ତି ହେବ। ଖାସ୍ ବ୍ୟକ୍ତିଙ୍କ ସହିତ ବିଚାର ଓ ରୁଚିର ମେଳ ଖାଇବ।

**କୁମ୍ଭ** - ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ। ଆର୍ଥିକ ମାମଲାରେ ଆପଣ ଭାଗ୍ୟଶାଳୀ। ପୈତୃକ ସମ୍ପତ୍ତିରୁ ଧନ ଲାଭ ହେବ। ଭ୍ରମଣ ଯୋଗ ରହିଛି। ସମ୍ପର୍କରେ ଭଲପାଇବା ବଢ଼ିବ। ବ୍ୟାପାରରେ ଲାଭ ପାଇବେ। ସୁଖ-ସମୃଦ୍ଧି ବଢ଼ିବ।

**ମୀନ** - ନୂଆ ଆର୍ଥିକ ଯୋଜନା ପାଇଁ ଦିନଟି ଉତ୍ତମ। ପେସାଗତ ଜୀବନ ଲାଭକାରୀ ସାବ୍ୟସ୍ତ ହେବ। ଦୀର୍ଘ ଯାତ୍ରା ଯୋଗ ରହିଛି। ପ୍ରପର୍ଟି ସହିତ ଜଡ଼ିତ ବିବାଦରୁ ମୁକ୍ତି ମିଳିବ। ସନ୍ତାନ ପକ୍ଷରୁ ଶୁଭ ସମାଚାର ପାଇବେ।

# ଅଖିଳଚକ୍ର ପକ୍ଷରୁ ଓଡ଼ିଆ ଅସ୍ମିତା ଦିବସ



**ବିଞ୍ଝାରପୁର,୩୦।୪/ଏନ୍‌ଏନ୍‌ଏସ୍:** ଅଖିଳଚକ୍ର ଓଡ଼ିଶା ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ଦିବସକୁ ଓଡ଼ିଆ ଅସ୍ମିତା ଦିବସ ଭାବେ ପାଳନ କରାଯାଇଛି। ଏହି ଅବସରରେ ମଙ୍ଗଳା ୟୁଜି ମିଇ ସ୍କୁଲ ପରିସରରେ ଥିବା ମଧୁବାବୁ ଓ ଅନ୍ୟ ବରପୁତ୍ର ମାନଙ୍କୁ ପୁଷ୍ପମାଲ୍ୟ ଦିଆଯାଇ ଏକ ଆଲୋଚନାଚକ୍ର କରାଯାଇଥିଲା। ଉତ୍କଳର ଗୌରବ ବୃଦ୍ଧିକରି ମଧୁବାବୁ ଉତ୍କଳର ଗୌରବ ଆଖ୍ୟା ପାଇଥିଲେ। ବାସ୍ତବରେ ସେ ଓଡ଼ିଆ ଜାତିର ଜନକ ଥିଲେ ଏବଂ ଓଡିଶାର ଅସ୍ମିତା ତାଙ୍କୁ ହିଁ କୁହାଯିବାର ଯଥାର୍ଥ ବୋଲି ଆଲୋଚକମାନେ ମତ ଦେଇଥିଲେ। ପ୍ରଧାପକ ପ୍ରସନ୍ନ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଦିନେତା ବିଚିତ୍ରାନନ୍ଦ ଦାସ ଓ ବ୍ରଜସୁନ୍ଦର ଦାସଙ୍କ ଓଡ଼ିଶା ଦେଶ ମିଶ୍ରଣ ଆନ୍ଦୋଳନ ଓ ଓଡ଼ିଆ ଭାଷାର ସୁରକ୍ଷାରେ ଥିବା ଅବଦାନ ସମ୍ପର୍କରେ ବକ୍ତାମାନେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ ହରେକୃଷ୍ଣ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। କବି ଡଃ ଶ୍ରୀହରି ଧଳ, ଶିକ୍ଷାବିତ୍ ଗୌରାଙ୍ଗ ସ୍ୱାଇଁ, ଡ. ରବୀନ୍ଦ୍ର କୁମାର ପରିଡ଼ା, ମନୋରଞ୍ଜନ ଧଳ, ପୀତାମ୍ବର ସ୍ୱାଇଁ, ପ୍ରଧାନଶିକ୍ଷକ ଅକ୍ଷୟ କୁମାର ସେଠୀ, ରମେଶ ଚନ୍ଦ୍ର ନାଥ, ଅଚ୍ୟୁତାନନ୍ଦ ଧଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭୟ କୁମାର ବେହୁରିଆ, କବି ଭଗବାନ ଦାସ, ସ୍ଥାନୀୟ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ଧଳ ପ୍ରମୁଖ ଯୋଗ ଦେଇ ମଧୁବାବୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ହଂସୁଆରେ ଛଡ଼ଗଲା ସାଢେ ଚାରିଲକ୍ଷ ଯାଆଁଳ



**ରାଜନଗର,୩୦।୪/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତ ବଡକୋଟ ଗାଁ ନିକଟ ହଂସୁଆ ନଦୀରେ ରୋହି ଭାକୁ ପ୍ରଜାତିର ମାଛ ଯାଆଁଳ ଛଡାଯାଇଛି । ବ୍ଲକ ମତ୍ସ୍ୟସଂପ୍ରସାରଣ ଅଧିକାରିଣୀ ମୋନାଲିସା ରାଉତଙ୍କ ତତ୍ତ୍ୱାବଧାନରେ ଆଙ୍ଗୁଳିକା ସାଇଜର ଚାରିଲକ୍ଷ ୫୦ହଜାର ମାଛ ଯାଆଁଳ ଛଡାଯାଇଥିବା ଜଣାପଡିଛି। ଏହି ଯାଆଁଳ ଛାଡିବା ପୂର୍ବରୁ ବଡକୋଟ ବାତ୍ୟାଶ୍ରୟସ୍ଥଳୀରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ମତ୍ସ୍ୟ ଅଧିକାରିଣୀ ମୋନାଲିସା ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ବିଡିଓ ରବିନାରାୟଣ ଆଚାର୍ଯ୍ୟ, ଜିଲ୍ଲା ମତ୍ସ୍ୟଅଧିକାରୀ ଶଶାଙ୍କଶେଖର ସାହୁ, ଅତିରିକ୍ତ ମତ୍ସ୍ୟଅଧିକାରିଣୀ କୋକିଳମଞ୍ଜରୀ ନାୟକ, ସରପଞ୍ଚ ଦିଲ୍ଲୀପକୁମାର ରାଉତ, କନିଷ୍ଠ ମତ୍ସ୍ୟ ସହାୟକ ରାଜେଶକୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାରେ ଏହି କାର୍ଯ୍ୟକ୍ରମ କରାଯାଇଛି। ମତ୍ସ୍ୟଜିବୀଙ୍କ ଜୀବିକା ନିର୍ବାହ ନିମନ୍ତେ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବାରୁ ମତ୍ସ୍ୟଜିବୀମାନେ ସହଯୋଗ କରିବାକୁ ଅନୁରୋଧ କରାଯାଇଥିଲା। ନଦୀରୁ ମାଛ ସଂଖ୍ୟା କମି ଯାଉଥିବାରୁ ବିଭାଗ ପକ୍ଷରୁ ମତ୍ସ୍ୟଜିବୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମାଛ ଯାଆଁଳ ଛଡାଯାଇଛି । ମାଛ ଯାଆଁଳ ଛୋଟଛୋଟ ହୋଇଥିବାରୁ ଅନ୍ୟୁନ୍ୟ ଚାରିମାସ ପର୍ଯ୍ୟନ୍ତ ନଦୀରୁ ମାଛ ଧରିବାକୁ ବାରଣ କରାଯାଇଛି। ଯାହାକୁ କି ମତ୍ସ୍ୟଜିବୀମାନେ ପାଳନ କରିବା ପାଇଁ ବକ୍ତାମାନେ ମତବ୍ୟକ୍ତ କରିଥିଲେ ।

# ଅବକାରୀ ଅଧୀକ୍ଷକ କ୍ରିଷ୍ଣା ନାୟକ ଗିରଫ



**ଢେଙ୍କାନାଳ,୩୦।୪/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଅବକାରୀ ଅଧିକ୍ଷକ କ୍ରିଷ୍ଣା ନାୟକଙ୍କୁ ଗତକାଲି ୩ ଲକ୍ଷ ଟଙ୍କା ସହିତ ଭିଜିଲାନ୍ସ କାବୁ କରି ଅଟକ ରଖିଥିଲା। ଆଜି ଭିଜିଲାନ୍ସ ପକ୍ଷରୁ ତଦନ୍ତ ପରେ ଅବକାରୀ ଅଧିକ୍ଷକ ଶ୍ରୀମତୀ ନାୟକଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା । ତାଙ୍କର ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ପ୍ରକାଶ, ଗତକାଲି ଅପରାହ୍ନରେ ଅବକାରୀ ବିଭାଗର ସ୍କର୍ପିଓ ଗାଡିରେ ୩ଲକ୍ଷ ଟଙ୍କା ନେଇ ଯାଉଥିବାବେଳେ ଢ଼େଙ୍କାନାଳ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରୁ ଅବକାରୀ ଅଧିକ୍ଷକ ଶ୍ରୀମତୀ କ୍ରିଷ୍ଣା ନାୟକଙ୍କୁ ଭିଜିଲାନ୍ସ କାବୁ କରିନେଇଥିଲା । ପରେ ଭିଜିଲାନ୍ସ ପକ୍ଷରୁ ମହାବୀର ବଜାର ସ୍ଥିତ କ୍ରିଷ୍ଣା ନାୟକଙ୍କ ସରକାରୀ ବାସଭବନ, ମହିଷପାଟସ୍ଥିତ ସରକାରୀ କାର୍ଯ୍ୟାଳୟରେ ଯାଞ୍ଚ କରିଥିଲା ଟିମ୍। ତେବେ ଭିଜିଲାନ୍ସ ପକ୍ଷରୁ ଏକ କାଳୀନ ୬ଟି ସ୍ଥାନରେ ୬ଟି ଟିମ୍ ଚାଢ଼ାଉ କରି ଛାନ ଭିନ ଯାଞ୍ଚ ଚାଲିଥିଲା। ଏହା ବ୍ୟତୀତ କଟକ ଚୌଦ୍ୱାର ସ୍ଥିତ ପୈତୃକ ବାସ ଭବନ,ଅରିଲୋ ସ୍ଥିତ ଶଶୁର ଘର,ଜଗତପୁର, ଚୌଦ୍ୱାର, ପୁରୀ, ଖୋର୍ଦ୍ଧା ଆଦି ୬ଟି ସ୍ଥାନରେ ଏହି ଚଢ଼ାଉ କରାଯାଇଥିଲା। ତେବେ ଜଗତପୁରର ନିମପୁର ଠାରେ ଏକ ବିଶାଳ ତିନି ମହଲା କୋଠା, ପୁରୀ କୁମ୍ଭାର ପଡ଼ାରେ ଦୁଇ ମହଲା ବିଶାଳ କୋଠା, ଖୋର୍ଦ୍ଧାରେ ଏକ ବିଶାଳ ଘର, ଠାବ ହୋଇଥିବା ବେଳେ ଜଗତସିଂହପୁର, କଟକ ଓ ପୁରୀରେ ୮ ଟି ଦାମୀ ପ୍ଲଟ ଥିବାର ଭିଜିଲାନ୍ସର ହସ୍ତଗତ ହୋଇଥିଲା। ଏହା ବ୍ୟତିତ ସୁପ୍ଟି ଡିଜାୟର, ସାଣ୍ଟୋ ଜିଏଲକ୍ସ ହୁଣ୍ଡାଇ, ଦୁଇଟି ବେନାମୀ ୪ ଚକିଆ ଗାଡି ଓ ଏହା ସହିତ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟ ଥିବା ୨୦ ଲକ୍ଷ ଟଙ୍କା ଜମାର କାଗଜପତ୍ର ଭିଜିଲାନ୍ସ ଜବତ କରିଛି । ତେବେ ପୂର୍ବରୁ ଏହି କ୍ରିଷ୍ଣା ନାୟକଙ୍କ ବିରୁଦ୍ଧରେ ଆୟବର୍ହିଭୁତ ସମ୍ପତି ଠୁଳ ଅଭିଯୋଗ ରହିଥିବାରୁ ସେ ଭିଜିଲାନ୍ସ ସ୍କାନର ରହିଥିଲେ। ଆଜି ଭିଜିଲାନ୍ସ ବିଭାଗ ପକ୍ଷରୁ ଶ୍ରୀମତୀ ନାୟକଙ୍କୁ ଢେଙ୍କାନାଳ ଭିଜିଲାନ୍ସ କୋର୍ଟରେ ହାଜର କରିଥିବା ବେଳେ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ତାଙ୍କର ଜାମିନ ଆବେଦନକୁ ନାମଞ୍ଜୁର କରିଦେବା ପରେ ଶ୍ରୀମତୀ ନାୟକଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ୩ ଲକ୍ଷ ଟଙ୍କା ଭିଜିଲାନ୍ସ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରୁ ଶ୍ରୀମତୀ ନାୟକଙ୍କଠାରୁ ଜବତ କରିବା ଘଟଣା ସମ୍ପର୍କରେ ଶ୍ରୀମତୀ ନାୟକଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେଇନଥିଲେ । ଏସମ୍ପର୍କରେ ଭିଜିଲାନ୍ସ ବିଭାଗ ଅଧିକାରୀଙ୍କୁ ଏହି ଟଙ୍କା କେଉଁଠିକି ଯାଉଥିଲା, କାହାକୁ ଦେବା ଉଦେଶ୍ୟରେ ଯାଉଥିଲା ଏବଂ ଅତିତରେ ଭିଜିଲାନ୍ସ ବିଭାଗ ଢେଙ୍କାନାଳ ସଦର ଆର୍‌ଆଇ କାର୍ଯ୍ୟାଳୟରେ ପିଅନଠାରୁ ଟଙ୍କା ଜବତ କରିଥିବା ବେଳେ ଗୋଟେ କିଲୋମିଟର ଦୂରରେ ଥିବା ଆର୍‌ଆଇଙ୍କୁ ଏହି ଲାଞ୍ଚ ଘଟଣାରେ କିଭଳି ଗିରଫ କରାଯାଇଥିଲା ବୋଲି ବିଭିନ୍ନ ପ୍ରଶ୍ନ ପଚାରିବାରୁ ଭିଜିଲାନ୍ସ ଏସ୍‌ପିଙ୍କଠାରୁ ଏ ସଂପର୍କରେ ସୂଚନା ପାଇପାରିବେ ବୋଲି କହି ଏଡ଼ାଇଦେଇଥିଲେ ।

# ସୈନିକ ସଦନ ବାଜପୁରକୁ ସାରସ୍ୱତ ତୀର୍ଥକ୍ଷେତ୍ରର ମାନ୍ୟତା

**ବିଞ୍ଝାରପୁର,୩୦।୪/ଏନ୍‌ଏନ୍‌ଏସ୍:** ଅଖିଳଚକ୍ର ଓଡିଶା ଆନୁକୂଲ୍ୟରେ ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ, କବି ଗୌରବ, ବାଜପୁରର ଗାନ୍ଧୀ ପଣ୍ଡିତ ନାରାୟଣ ମିଶ୍ରଙ୍କ ଜନ୍ମପୀଠ ସ୍ୱାଧୀନତା ସଂଗ୍ରାମୀ ସୈନିକ ସଦନ ବାଜପୁରକୁ ସାରସ୍ୱତ ତୀର୍ଥର ମାନ୍ୟତା ଘୋଷଣା କରାଯିବାକୁ ସ୍ଥିର ହୋଇଛି। ଏହି ଉପଲକ୍ଷେ ଆସନ୍ତା ମେ ୨ରେ ବାଜପୁରସ୍ଥ ଯୁବକ ସଂଘ ସଭା ଗୃହରେ ଏକ ସାଧାରଣ ସଭା କରାଯାଇ ପଣ୍ଡିତ ନାରାୟଣ ମିଶ୍ରଙ୍କ ଜୀବନାଦର୍ଶ ଓ କୃତୀ ସମ୍ପର୍କରେ ଆଲୋଚନା କରାଯାଇ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ପୂର୍ବକ ତାଙ୍କ ଜନ୍ମ ପୀଠକୁ ସାରସ୍ୱତ ତୀର୍ଥର ମାନ୍ୟତା ଘୋଷଣା କରାଯିବ। ଏଥିରେ ଅଖିଳଚକ୍ର, ଓଡ଼ିଶାର ସଭାପତି ଗାନ୍ଧିକ ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ସାଧାରଣ ସମ୍ପାଦକ ତଥା ସ୍ତମ୍ଭକାର ହରେକୃଷ୍ଣ ପଣ୍ଡା, ଯୁଗ୍ମ ସମ୍ପାଦକ ଗୌରାଙ୍ଗ ସ୍ୱାଇଁ, ଡ. ରବୀନ୍ଦ୍ର କୁମାର ପରିଡ଼ା, ସଂଗଠକ ମନୋରଞ୍ଜନ ଧଳ, ଗୀତିକବି ତଥା ଆକାଶବାଣୀ କଟକର ବରିଷ୍ଠ ଗୀତିକାର ବସନ୍ତ କୁମାର ଦାସ, କବି ନିରାକାର ଦାସ, ସଂଗ୍ରାମୀ ନାରାୟଣ ସ୍ମୃତି ପରିଷଦର ସଭାପତି ଡା. ଧୀରେନ୍ଦ୍ର ନନ୍ଦ, ସାରଙ୍ଗଧର ମହାପାତ୍ର, ଅକ୍ଷୟ କୁମାର ଦାଶ, ବରିଷ୍ଠ ସାମ୍ବାଦିକ ସୁଜିତ କୁମାର ମିଶ୍ର ତଥା ପରିଷଦର ଅନ୍ୟାନ୍ୟ ସଦସ୍ୟମାନେ ଯୋଗଦେବେ। ଓଡ଼ିଆ ଅସ୍ମିତାକୁ ରକ୍ଷା କରିବା ପାଇଁ ସ୍ୱାଧୀନତା ପରବର୍ତ୍ତୀ ଓ ପ୍ରାକ ସ୍ୱାଧୀନତା କାଳର ସଂଗ୍ରାମୀ ଦେଶପ୍ରେମୀ ତଥା ବରପୁତ୍ରମାନଙ୍କ ଜନ୍ମପୀଠକୁ ସାରସ୍ୱତ ତୀର୍ଥ କ୍ଷେତ୍ରର ମାନ୍ୟତା ଦେଇ ତାଙ୍କ ଜୀବନାଦର୍ଶକୁ ବଞ୍ଚାଇ ରଖିବା ହେଉଛି ଅଖିଳଚକ୍ରର ଆଭିମୁଖ୍ୟ ବୋଲି ସାଧାରଣ ସମ୍ପାଦକ ଶ୍ରୀ ପଣ୍ଡା କହିଥିଲେ।

# ବିଭିନ୍ନ ସ୍ଥାନରେ କୃଷକ ଦିବସ



**ଢେଙ୍କାନାଳ,୩୦।୪/ଏନ୍‌ଏନ୍‌ଏସ୍:** ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଆଜି ମହିଷାପାଟ ସ୍ଥିତ ଆଞ୍ଚଳିକ ତାଲିମ ଓ ସଂପ୍ରସାରଣ ପ୍ରତିଷ୍ଠାନର ଫାର୍ମ ମଧ୍ୟରେ ଚାଷକାର୍ଯ୍ୟର ଶୁଭାରମ ସ୍ୱରୂପ ଅକ୍ଷିମୁଠି କାର୍ଯ୍ୟ ଆରମ୍ଭ ହୋଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ପାରମ୍ପରିକ ହଳ କରି ଓ ଟ୍ରାକ୍ଟର ଚଳାଇ ଅକ୍ଷିମୁଠିର ଶୁଭାରମ୍ଭ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସମାବେଶରେ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ, କୃଷି ହେଉଛି ଓଡ଼ିଶାର ମେରୁଦଣ୍ଡ ବୋଲି କହିଥିଲେ। ଏହା ଆମର ସଂସ୍କୃତି ଓ ପ୍ରକୃତିର ଅବିଚ୍ଛେଦ୍ୟ ଅଙ୍ଗ। କୃଷି ପ୍ରତି ସରକାର ସର୍ବାଧିକ ପ୍ରାଥମିକତା ଦେଉଛନ୍ତି। କୃଷି ଓ କୃଷିଭିତିକ ଶିଳ୍ପ ପ୍ରତିଷ୍ଠାରେ ବୈପ୍ଳବିକ ପରିବର୍ତନ ଯୋଗୁଁ ବର୍ତମାନ ଏହା ଏକ ଲାଭଜନକ ବୃତି ହୋଇ ପାରୁଛି । ସମସ୍ତେ ନିଜ ନିଜ ଘରେ ଗାଈ ରଖିବା ସହିତ ଓରଗାନିକ ପନିପରିବା ଚାଷ କରିବା ନିମନ୍ତେ ନିବେଦନ କରିଛନ୍ତି । କୃଷି ହେଉଛି ଆମ ଜୀବନ ଓ ବିକାଶର ମାନଦଣ୍ଡ। କୃଷିଭିତିକ କାର୍ଯ୍ୟ ଓ କୃଷକମାନଙ୍କ ଉନ୍ନତି ସହିତ ରାଜ୍ୟର ବିକାଶ ନିମନ୍ତେ ଶିଳ୍ପାୟନକୁ ମଧ ସମାନ ଭାବେ ପ୍ରଧାନ୍ୟ ଦିଆଯାଉଛି ବୋଲି ପ୍ରକାଶ କରିଥିଲେ। ଉତ୍ସବରେ ଜିଲ୍ଲା ପରିଷଦର ଅଧକ୍ଷା ଶ୍ରୀମତୀ ଅର୍ଚ୍ଚନା ପୂହାଣ, ପୌର ଅଧକ୍ଷା ଶ୍ରୀମତୀ ଜୟନ୍ତୀ ପାତ୍ର, ସାଂସଦଙ୍କ ପ୍ରତିନିଧି ନରେଶ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି, ଉଦ୍ୟାନ ବିଭାଗର ଉପ ନିର୍ଦ୍ଦେଶିକା ଶ୍ରୀମତୀ ଗୀତାଶ୍ରୀ ପାଢୀ ଯୋଗଦେଇ ପବିତ୍ର ଅକ୍ଷୟ ତୃତୀୟା ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରି ଏହି ତିଥିରେ ସମସ୍ତ ମାଙ୍ଗଳିକ କାର୍ଯ୍ୟର ଶୁଭାରମ୍ଭ କରାଯାଇ ପାରେ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶିବ ନାରାୟଣ ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

**ବଇଣ୍ଡା :** କିଶୋର ନଗର ବ୍ଲକ ଅନ୍ତର୍ଗତ ଲୁହା ମୁଣ୍ଡା ଠାରେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ ଆଜି ମୁଖ୍ୟ ଅତିଥି ଭାବ ଯୋଗଦେଇ ଅକ୍ଷୟ ତୃତୀୟା ଅବସରରେ ଚାଷୀ ଭାଇମାନଙ୍କ ସହିତ ମିଶି ମୁଠି ଅନୁକୂଳର ଶୁଭାରମ୍ଭ କରିଥିଲେ। ଲୁହା ମୁଣ୍ଡା କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ସଭାରେ କୃଷକ ମଙ୍ଗଳ ସଙ୍ଘ, କିଶୋର ନଗରର ସଭାପତି ଧର୍ମେନ୍ଦ୍ର ପ୍ରଧାନଙ୍କ ଆହ୍ୱାନରେ ପଞ୍ଚାୟତର ସମସ୍ତ ଚାଷୀ ଭାଇମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ। ଏଥିରେ ବ୍ଲକ୍ କୃଷି ବିଭାଗର ଅଧିକାରୀ ଦିପ୍ତିମୟୀ ସିଂ ଓ ଉଦ୍ୟାନ ବିଭାଗର ସହ ଅଧିକାରୀ ନିଶିପ୍ରଭା ବେହେରା ଚାଷୀମାନଙ୍କୁ ସରକାରଙ୍କ କୃଷି ସମ୍ବନ୍ଧୀୟ ଯୋଜନା ଉପରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ କିପରି ଛତୁ ଚାଷ ଓ ଅନ୍ୟାନ୍ୟ ପନିପରିବା ଚାଷ କରି ଲାଭବାନ ହୋଇ ପାରିବେ ତାହା ସୁଚନା ଦେଇଥିଲେ।ସ୍ଥାନୀୟ, ଲୁହା ମୁଣ୍ଡା ସରପଞ୍ଚ କୁମୁଦ ଲୋଚନ ସାହୁ, ଗ୍ରାମର ସଭାପତି ବିବେକ ବିଶ୍ୱାଳ, ନିମାଇଁ ଚରଣ ସାହୁ , ହେମନ୍ତ ସାହ. ବିରଞ୍ଚି ବିଶ୍ୱାଳ, ଅରକ୍ଷିତ ସାହୁଙ୍କ ସମେତ ଶତାଧିକ ଚାଷୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

**ପାଲଲହଡ଼ା:** ବୈଶାଖ ମାସ ଶୁକ୍ଳପକ୍ଷ ପବିତ୍ର ଅକ୍ଷୟତୃତୀୟା ମୁଠି ଅନୁକୂଳ ଅବସରରେ ଦେବତ୍ତର ବିଭାଗ ପକ୍ଷରୁ ରଥନିର୍ମାଣ ପାଇଁ ରଥକାଠ ସୁଭାନୁକୂଳ ହୋଇଥିଲ। ଆଜି ପୂର୍ବାହ୍ନ ୧୦ ଟା ୩୦ ମିନିଟ ସମୟରେ ପାଲଲହଡ଼ା ଦୋଳ ମଣ୍ଡପ ନିକଟ ବଡ଼ଦାଣ୍ଡ ଉପରେ ଦେବତ୍ତର ବିଭାଗ ଅଧିକାରୀ ତଥା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କ ପୌରୋହିତରେ ଜଗନ୍ନାଥ ମନ୍ଦିର ପୁରୋହିତ ପ୍ରଭାତ ପଣ୍ଡାଙ୍କ ଦ୍ୱାରା ରଥ ନିର୍ମାଣ ନିମନ୍ତେ ରଥ କାଠ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ରଥ ମହାରଣା ସେବକମାନଙ୍କ ଦ୍ୱାରା ରଥ କାର୍ଯ୍ୟ ଶୁଭାରମ୍ଭ କରାଯାଇଥିଲା। ଆଜିର ରଥକାଠ ଅନୁକୂଳ କାର୍ଯ୍ୟକ୍ରମରେ ଦେବତ୍ତର ବିଭାଗ ମ୍ୟାନେଜର ଜଳଧର ମହାନ୍ତି, ଗୁଲସନ ପ୍ରଧାନ, ଉପଖଣ୍ଡ ସୂଚନା ଲୋକସମ୍ପର୍କ ଅଧିକାରୀ ତରୁଣକାନ୍ତି ପ୍ରଧାନ ଓ ବହୁ ଜନସାଧାରଣ ସାମିଲ ଥିଲେ।





**କେନ୍ଦ୍ରାପଡ଼ା:** କେନ୍ଦ୍ରାପଡା ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରରେ ଜିଲ୍ଲା ସ୍ତରୀୟ କୃଷକ ଦିବସ ଓ ଅକ୍ଷୟ ତୃତୀୟା ପାଳନ କରାଯାଇଛି। କୃଷି ବିଜ୍ଞାନ କେନ୍ଦ୍ର ପରିସର ରେ ଅକ୍ଷିମୁଠି ପୂଜା କରାଯାଇ ଧାନଚାଷ ଅନୁକୂଳ କରାଯାଇଛି । କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡା. ଅରବିନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଦିବସରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କମଳାକାନ୍ତ ପାଣିଗ୍ରାହୀ, ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ଦେବଦାସ ଦତ, ମୃତିକା ସଂରକ୍ଷଣର ସହକାରୀ ନିର୍ଦ୍ଦେଶକ ଅଶୋକ କୁମାର ସାମଲ, ସିଡିଭିଓ ପ୍ରଭଞ୍ଜନ ରଞ୍ଜନ କବି ପ୍ରମୁଖ ଅତିଥି ଭାବେ ଯୋଗଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପବିତ୍ର ଅକ୍ଷୟ ତୃତିଆରେ କୃଷକମାନଙ୍କ ପାଇଁ ଭର୍ଚୁଆଲ ମାଧ୍ୟମରେ ସିଧା ପ୍ରସାରଣ କରାଯାଇଥିଲା । ଏଥି ସହିତ କୃଷକମାନଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଚାଷୀ ଉପସ୍ଥିତ ଥିଲେ ।

**ଧର୍ମଶାଳ:** ଚାଷୀଙ୍କ ପର୍ବ ଅକ୍ଷୟ ତୃତୀୟା ଅବସରରେ ସାରା ରାଜ୍ୟରେ କୃଷକମାନେ ଆଜି ଅଖିମୁଠୀ ଅନୁକୂଳ କରି ଚାଷ କାମର ଶୁଭାରମ୍ଭ କରିଛନ୍ତି । ଏହି କ୍ରମରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୬ ଗୋଟି ଜିଲ୍ଲାପରିଷଦ ଜୋନରେ ଆଜି ଅକ୍ଷୟ ତୃତୀୟା ଅବସରରେ ଧର୍ମଶାଳା ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଖିମୁଠୀ ଅନୁକୂଳ କରିଛନ୍ତି । ଆଜି ଅକ୍ଷୟ ତୃତୀୟା ଅବସରରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଆଜି ସକାଳ ୭ ଘଟିକାରେ ପ୍ରଥମେ ୧୫ ନଂ ଜୋନର କଦମପାଳ ପଞ୍ଚାୟତ ହରିବୋଲିଆ ମଠ ଠାରେ ପହଞ୍ଚି ପୂଜର୍ଚ୍ଚନା କରିବା ସହ କ୍ଷେତରେ ହଳଚାଷ କରି ଅଖିମୁଠୀ ଅନୁକୂଳ କରିଥିଲେ । ସେହିପରି ସକାଳ ସାଢେ ଆଠଟାରେ ୧୪ ନଂ ଜୋନ ପାଟପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ,ପୁର୍ବାହ୍ନ ୯.୩୦ରେ ୧୩ ନଂ ଜୋନ ଗଙ୍ଗାଧରପୁର ପଞ୍ଚାୟତ ପଲାର ଠାରେ,ପୁର୍ବାହ୍ନ ୧୦.୩୦ ୧୨ନଂ ଜୋନ ମଧୁପୁରଗଡ ପଞ୍ଚାୟତସ୍ଥିତ କ୍ଷେତରେ ପୁଜାର୍ଚ୍ଚନା କରିବା ସହ ହଳକରି ଅକ୍ଷୀମୁଠୀ ଅନୁକୁଳ କରିଥିଲେ । ସେହିପରି ଆଜି ଅପରାହ୍ନରେ ୩୪ ନଂ ଜୋନର ନଠୁଆବର ଯଜ୍ଞ ପଡିଆ ନିକଟରେ, ୧୧ନଂ ଜୋନର କଣ୍ଡେଇଶୁଣୀ ମନ୍ଦିର ନିକଟରେ ପୂଜାର୍ଚ୍ଚନା କରି କ୍ଷେତରେ ହଳ କରିବା ସହ ଅଖିମୁଠି ଅନୁକୁଳ କରିଥିଲେ। ବିଭିନ୍ନ ଜୋନରେ ୧୫ନଂ କଦମପାଳ ପଞ୍ଚାୟତ ଠାରେ କୋଟପୁର ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, ୧୪ନଂ ଜୋନର ପାଟପୁର ପଞ୍ଚାୟତ ଠାରେ ଜାରକା ମଣ୍ଡଳ ସଭାପତି ଦେବଦତ ପଣ୍ଡା, ୧୩ ନଂ ଜୋନର ଗଙ୍ଗାଧରପୁର ଠାରେ ଆରୁହା ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ୧୨ ନଂ ଜୋନର ମଧୁପୁରଗଡ ଠାରେ ମଧୁପୁରଗଡ ମଣ୍ଡଳ ସଭାପତି ଶିବୁଲି ଧିର, ୩୪ ନଂ ଜୋନର ନଠୁଆବର ଠାରେ ବାରବାଟୀ ମଣ୍ଡଳ ସଭାପତି ତିର୍ଥରାଜ ପଣ୍ଡା, ବିଜେପି ନେତା ଚନ୍ଦ୍ରମଣି ପଣ୍ଡିତ, ମୁରଲି ପାଣ୍ଡବ, ଉପେନ୍ଦ୍ର କର, କାହ୍ନୁ ଚରଣ ଦାଶ ଓ ଯୁବ ସଙ୍ଗଠକ ରାଜେଶ ପାଲ ସମେତ ହଜାର ହଜାର ସଂଖ୍ୟାରେ ଚାଷୀ ଓ ସାଧାରଣ ଲୋକେ ଉପସ୍ଥିତ ରହିଥିଲେ। ତେବେ ବିଜେପି ସରକାର ସଦାସର୍ବଦା ଚାଷୀମାନଙ୍କ ଉନ୍ନତି ପାଇଁ କାର୍ଯ୍ୟ କରୁଥିବା ବେଳେ ଧର୍ମଶାଳା ଅଞ୍ଚଳର ସମସ୍ତ ଚାଷୀ ଭାଇମାନଙ୍କୁ କୃଷି କ୍ଷେତ୍ରରେ ଅଗ୍ରାଧିକାର ମିଳିବ ବୋଲି ବିଧାୟକ ଶ୍ରୀ ସାହୁ ମତବ୍ୟକ୍ତ କରିଥିଲେ।



**ଜଗତସିଂହପୁର:** ଆଜି ଓଡିଆ ମାସ ବୈଷାଖ ଶୁକ୍ଳ ପକ୍ଷ ତୃତୀୟାରେ ଓଡିଶା ଚାଷୀଭାଇ ମାନଙ୍କର ମୁଖ୍ୟ ପର୍ବ ଅକ୍ଷୟ ତୃତୀୟା ତଥା କୃଷକ ଦିବସ। ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଆଳିପିଙ୍ଗଳ ପଞ୍ଚାୟତର ଯୋରକୁଳ ଗ୍ରାମ ଠାରେ ଜିଲ୍ଲାସ୍ତରୀୟ କୃଷକ ଦିବସ -୨୦୨୫ ପାଳିତ ହୋଇ ଯାଇଛି। ଏହି ଅବସରରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କାର୍ତିକ ଚନ୍ଦ୍ର ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ କ୍ଷେତ ମୁଠି ଅନୁକୁଳ ଦିବସରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମ୍ମାନୀୟ ଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ଅତିରିକ୍ତ ଜିଲ୍ଲାପାଳ ସମ୍ପିତ କୁମାର ରାଉତ, ପୂର୍ବତନ ବ୍ଲକ ଅଧକ୍ଷ ପ୍ରସନ୍ନ କୁମାର ସ୍ୱାଇଁ, ପୌରପରିଷଦ ଅଧକ୍ଷା ଅର୍ଚ୍ଚନା ସିଂ, ଉପାଧକ୍ଷ ରାଜେନ୍ଦ୍ର କୁମାର ବିଷୋୟୀ, ଆଳିପିଙ୍ଗଳ ଜିପି ସରପଞ୍ଚ ରିଜାଲିନ ଦାସ, ସମିତିସଭ୍ୟ ରାଜୀବ ବେହେରା ଯୋଗଦେଇ ପ୍ରଥମେ ଓଡିଶାର ଆରାଧ୍ୟ ଦେବତା ପ୍ରଭୁ ଜଗନ୍ନାଥ ଓ ବଡଭାଇ ବଳଭଦ୍ରଙ୍କ ସହିତ ମା' ଲକ୍ଷ୍ମୀଙ୍କୁ ସୁମରଣ କରିବା ସହିତ ପାରମ୍ପରିକ ରିତିରେ ପୂଜାର୍ଚ୍ଚନା କରିଥିଲେ। ପରେ ହଳ ଓ ଲଙ୍ଗଳରେ କ୍ଷେତକୁ ଚାଷ କରି ବିହନ ଅଥବା ଅକ୍ଷୀମୁଠି ଅନୁକୁଳ କରିଥିଲେ। ପରେ ଆଭାସି ଜରିଆରେ ମୁଖ୍ୟମନ୍ତ୍ରୀ ଖରିଫ୍ ଚାଷ ନିମନ୍ତେ ପି.ଏମ୍ କିଷାନ ଯୋଜନାରେ ଜଗତସିଂହପୁର ଜିଲ୍ଲାର ୧ଲକ୍ଷ ୬୧ହଜାର ୮୩୯ଜଣ ଚାଷୀଭାଇଙ୍କ ନିମନ୍ତେ ସହାୟତା ରାଶି ଘୋଷଣା କରା ଯାଇଥିବା ମନ୍ତ୍ରୀ ଶ୍ରୀ ସ୍ୱାଇଁ ଉଦ୍‌ବୋଧନ ଦେଇଥିଲେ। ଏଥିସହିତ ଆଜି ଭାରତ, ଖାଦ୍ୟଶସ୍ୟ ତଥା ଖାଦ୍ୟ ପଦାର୍ଥ ଉତ୍ପାଦନରେ ସ୍ୱାବଲମ୍ବି ହେବା ସହିତ କୃଷିଜାତ ସାମଗ୍ରୀ ରପ୍ତାନୀ କରବାରରେ ଅଗ୍ରଗତି କରିଥିବା ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ଦାସ ରାଜ୍ୟରେ ବିଜେପି ସରକାର ଆସିବା ପରେ ବାଷୀଙ୍କ ଆୟ ବୃଦ୍ଧି ନିମନ୍ତେ ସରକାର ନିରନ୍ତର ଉଦ୍ୟମ ଜାରୀ ରଖିଥିବା ସୁଚନା ପ୍ରଦାନ କରିଥିଲେ। ଶେଷରେ କୃଷି ଜିଲ୍ଲା ଅଧିକାରୀ ବିଶ୍ୱଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ବ୍ଲକର କୃଷି ଅଧିକାରୀ, କ୍ଷେତ୍ର କର୍ମଚାରୀ, ପଞ୍ଚାୟତର ବହୁ ଚାଷୀ ଭାଇ ଭଉଣୀ, ଗ୍ରାମବାସୀମାନେ ଉପସ୍ଥିତ ଥିଲେ।



**ଯାଜପୁର:** ଆଜି ପବିତ୍ର ଅକ୍ଷୟ ତୃତୀୟ ଦିବସ ଅବସରରେ ପଣସା ଗ୍ରାମର ଗ୍ରାମପଞ୍ଚାୟତ ଠାରେ ଜିଲ୍ଲା ସ୍ତରୀୟ କୃଷକ ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯାଜପୁର ସାଂସଦ ଡା. ରବୀନ୍ଦ୍ର ନାରାୟଣ ବେହେରା କହିଲେ ଓଡ଼ିଶାର ସମଗ୍ର ଚାଷ ଭାରତୀୟ ସଂସ୍କୃତି ସହିତ ଜଡ଼ିତ। ଆଜିର ଦିନରେ ଚାଷୀ ଭାଇ ମାନେ ଧାନ ବୁଣିବେ ଏବଂ ଆମ୍ଭ ମାନଙ୍କୁ ବର୍ଷକ ପର୍ଯ୍ୟନ୍ତ ଆହାର ଯୋଗାଇଦେବେ। ଉପକୃତ ହୋଇପାରିବେ। କୃଷକ ମାନଙ୍କ ପାଇଁ ସରକାରଙ୍କ ପ୍ରଣୀତ ବିଭିନ୍ନ ଯୋଜନା କିପରି ସେମାନଙ୍କ ନିକଟରେ ସହଜରେ ପହଞ୍ଚି ପାରିବ ଏବଂ ପ୍ରତିଟି ଯୋଜନା ବିଷୟରେ ସେମାନେ ଅବଗତ ହୋଇପାରିବେ ସେଥିପ୍ରତି ଆମେ କାର୍ଯ୍ୟ କରିବୁ। ଜୈବିକ ପଦ୍ଧତିରେ କମ୍ ସାର ପ୍ରୟୋଗ କରି କିପରି ଭଲ ଫସଲ ଉତ୍ପାଦନ କରାଯାଇପାରିବ ଏଥି ପ୍ରତି ମଧ୍ୟ ସରକାର ବିଶେଷ ଧ୍ୟାନ ଦେଉଛନ୍ତି। ଉକ୍ତ ଦିବସରେ ଯୋଗଦେଇ ମାନ୍ୟବର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ଦ୍ୱାରା ସି.ଏମ କିଷାନ୍ ସହାୟତା ରାଶି ପ୍ରଦାନର ସିଧା ପ୍ରସାରଣ କରାଯାଇଥିଲା।ଯାଜପୁର ଜିଲ୍ଲାରେ ୨୩୭୮୯୨ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଓ ୨୧୭୦ ଜଣ ଭୂମିହୀନ କୃଷି ଶ୍ରମିକ ସି. ଏମ କିସାନ ସହାୟତା ରାଶି ପାଇଛନ୍ତି। ଆଜିର ଏହି ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଚାଷୀ,କୋରେଇ ବ୍ଲକର ଅଭିମନ୍ୟୁ ସାହୁ, ଦଶରଥପୁରର ରଜତ ମହାପାତ୍ର, ବରୀ ବ୍ଲକର ଶୈଳବାଳା ଦାସ, ରସୁଲପୁର ବ୍ଲକର ତପନ ମହାରଣା, ଯାଜପୁର ବ୍ଲକର ସୁଧୀର କୁମାର ଧଳ, ଧର୍ମଶାଳା ବ୍ଲକର ଅକ୍ଷୟ କୁମାର ମିଶ୍ର, ସୁକିନ୍ଦା ବ୍ଲକର ଜଗବନ୍ଧୁ ତରାଇ, ଦାନଗଦି ବ୍ଲକର ରାମଚନ୍ଦ୍ର ସାହୁ, ବିଞ୍ଝାରପୁର ବ୍ଲକର ଗଜେନ୍ଦ୍ର ମଲ୍ଲିକ, ବଡ଼ଚଣା ବ୍ଲକର ଦିଲୀପ କୁମାର ପ୍ରଧାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀଯୁକ୍ତ ଅରୁଣ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଉକ୍ତ ଦିବସରେ ଉପାଧ୍ୟକ୍ଷ, ଜିଲ୍ଲା ପରିଷଦ, ଶ୍ରୀ ଗଣେଶ୍ୱର ବରାଳ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାୟକ, ସରପଞ୍ଚ ପଣସା ଶ୍ରୀ କୁଳମଣି ପରିଡ଼ା, ସମସ୍ତ କୃଷି ଓ ଆନୁଷଙ୍ଗିକ ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକ୍ ସ୍ତରୀୟ ଅଧିକାରୀ ଏବଂ କର୍ମକର୍ତ୍ତା, ବିଭିନ୍ନ ବ୍ଲକ୍ ରୁ ଆସିଥିବା କୃଷକ ମାନେ, ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ। ବରିଷ୍ଠ କୃଷିବିତ୍ ତଥା ପୂର୍ବତନ କୃଷି ଜିଲ୍ଲା ଅଧିକାରୀ ଶ୍ରୀଯୁକ୍ତ ଅରୁଣ କୁମାର ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।



୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ ଭାରତ ଭାବେ ଗଢିତୋଳିବାକୁ ଆମର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ଭାରତକୁ ଚାରୋଟି ଶ୍ରେଣୀରେ ବିଭକ୍ତ କରିଛନ୍ତି। ଯେଉଁଥିରେ କୃଷକ ସଶକ୍ତିକରଣ ଅନନ୍ୟ ଅଟେ। ବିକଶିତ ଭାରତ ଗଠନ କରିବାକୁ ହେଲେ ପ୍ରଥମେ ଚାଷୀ ଭାଇଙ୍କୁ ସୁଦୃଢ କରିବାକୁ ପଡ଼ିବ ଏବଂ କୃଷିକୁ ପ୍ରାଧାନ୍ୟ ଦେବାକୁ ପଡ଼ିବ। କୃଷକ ମାନଙ୍କ ନିମିତ୍ତ ପ୍ରଣୀତ ସମସ୍ତ ସରକାରୀ ଯୋଜନା ତୃଣମୂଳ ସ୍ତରରେ ପହଞ୍ଚିବା ଦରକାର ଏବଂ ଚାଷୀ ଭାଇମାନଙ୍କ ପାଖରେ ପହଞ୍ଚିବା ଦରକାର ଯାହା ଫଳରେ ସେମାନେ ଉପକୃତ ହୋଇପାରିବେ। ଏହି ପବିତ୍ର ଦିବସରେ ଯୋଗଦେଇ ଜିଲ୍ଲାପାଳ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀ କହିଲେ ଆଜିର ଏହି ପବିତ୍ର ଅକ୍ଷୟ ତୃତୀୟା ଦିବସ ଅବସରରେ ମୁଁ ଆଶା କରୁଛି ଏହି ବର୍ଷ ଆମ ଜିଲ୍ଲାରେ ତଥା ରାଜ୍ୟରେ ବହୁତ୍ ଭଲ ଫସଲ ହେଉ ଏବଂ ବର୍ଷା ମଧ ହେଉ ଯାହା ଫଳରେ ଚାଷୀମାନେ ଭଲ ଫସଲ ପାଇପାରିବେ ଏବଂ ବିଧାୟିକା, ଯାଜପୁର ଶ୍ରୀମତୀ ସୁଜାତା ସାହୁ ସମସ୍ତଙ୍କୁ ପବିତ୍ର ଅକ୍ଷୟ ତୃତୀୟା ଦିବସର ଶୁଭେଚ୍ଛା ଜଣାଇବା ସହ କହିଲେ ପବିତ୍ର ଅକ୍ଷୟ ତୃତୀୟା ହେଉଛି ପ୍ରତ୍ୟେକ ଓଡ଼ିଆ ଘରର ପାରମ୍ପରିକ ପର୍ବ ସମସ୍ତ ଚାଷୀ ଭାଇ ମାନେ ଆଜି ଏହି ପର୍ବ ପାଳନ କରୁଛନ୍ତି। ଆଜିର ଦିନରେ ମା ଲକ୍ଷ୍ମୀଙ୍କୁ ସ୍ମରଣ କରି ଅକ୍ଷୀ ମୁଠି ବୁଣାଯାଏ। ମୁଁ ଆଶା କରିବି ଏ ବର୍ଷ ବହୁତ ଭଲ ଫସଲ ହେଉ ଏବଂ ଚାଷୀ ଭାଇଙ୍କ ମୁହଁରେ ହସ ଫୁଟୁ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀଯୁକ୍ତ ଅରୁଣ କୁମାର ବେହେରା ଯୋଗଦେଇ କହିଲେ ଯେପରି ସମସ୍ତ କୃଷି ସାମଗ୍ରୀ ଚାଷୀ ଭାଇଙ୍କ ପାଖରେ ପହଞ୍ଚି ପାରିବ ସେଥିପ୍ରତି ବିଶେଷ ଧ୍ୟାନ ଦେବୁ। ଯାଜପୁର ଜିଲ୍ଲାରେ କୃଷି ବିଦ୍ୟାନିଧି କାର୍ଯ୍ୟକ୍ରମ ଜରିଆରେ ବୈଷୟିକ କ୍ଷେତ୍ରରେ ପାଠ ପଢୁଛନ୍ତି ତନ୍ମଧ୍ୟରୁ ୧୨୩୮ ଜଣ ଉପକୃତ ହୋଇ ୫ କୋଟି ୧୭ ଲକ୍ଷ୍ୟ ଟଙ୍କା ପାଇ ପାରୁଛନ୍ତି। ଆଜି ପବିତ୍ର ଅକ୍ଷୟ ତୃତୀୟା ଦିବସ ଅବସରରେ ଆଭାସୀ ମାଧ୍ୟମରେ

**ଛେଣ୍ଡିପଦା:** ପବିତ୍ର ଅକ୍ଷୟତୃତୀୟା ଅବସରରେ ଛେଣ୍ଡିପଦା ବ୍ଲକ କୃଷି ବିଭାଗ ଆନୁକୂଲ୍ୟରେ ବାହାଲସାହି ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ବୁଧବାର ୯ଘଟିକା ସମୟରେ ଅଖି ମୁଠି ଅନୁକୂଳ ଉତ୍ସବ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗଦେଇ ଅଖି ମୁଠି ଅନୁକୂଳ କରିଥିଲେ। ବାଜା ସଂକୀର୍ତ୍ତନ ସହ ଜମିରେ ପହଞ୍ଚି ଭୂମି ପୂଜନ କରାଯାଇଥିଲା । ଏଥିରେ ଛେଣ୍ଡିପଦା ବ୍ଲକ ଅଧକ୍ଷା ସୁମିତ୍ରା ସାହୁ ଯୋଗ ଦେଇଥିବା ବେଳେ ଜିଲ୍ଲାପରିଷଦ ଛେଣ୍ଡିପଦା ସରପଞ୍ଚ ମିଶି ଅଖି ମୁଠି ଅନୁକୂଳ କରି ଚାଷଜମିରେ ଧାନ ପକାଇ ଲଙ୍ଗଳ ସାହାଯ୍ୟରେ ହଳ କରିଥିଲେ । ଏହି ପରିପ୍ରେକ୍ଷୀରେ ଆଗାମୀ ବର୍ଷ ଓଡ଼ିଶା ଚାଷୀଙ୍କ ପାଇଁ ସୁଖ ସମୃଦ୍ଧି ଆଣିବା ସହ ଭଲ ଫସଲ ହେଉ ବୋଲି ଛେଣ୍ଡିପଦା ବିଧାୟକ ଶୁଭ ମନାସିଛନ୍ତି ।





## ଆଜିର ମ୍ୟାଚ୍

ରାଜସ୍ଥାନ ରୟାଲ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ
ସମୟ: ସନ୍ଧ୍ୟା ୭.୩୦, ଭେନ୍ୟୁ: ଜୟପୁର
ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ

### ଆଇପିଏଲ୍ ୨୦୨୫ ପଏଣ୍ଟ ଟେବଲ୍

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଫଳ ଶୂନ୍ୟ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|
| ବେଙ୍ଗାଲୁରୁ | ୧୦ | ୭ | ୩ | ୦ | ୧୪ | +୦.୫୨୧ |
| ପଞ୍ଜାବ | ୧୦ | ୬ | ୩ | ୧ | ୧୩ | +୦.୨୭୦ |
| ମୁମ୍ବାଇ | ୧୦ | ୬ | ୪ | ୦ | ୧୨ | +୦.୮୮୯ |
| ଗୁଜରାଟ | ୯ | ୬ | ୩ | ୦ | ୧୨ | +୦.୭୪୮ |
| ଦିଲ୍ଲୀ | ୧୦ | ୬ | ୪ | ୦ | ୧୨ | +୦.୩୬୨ |
| ଲକ୍ଷ୍ନୌ | ୧୦ | ୫ | ୫ | ୦ | ୧୦ | -୦.୩୨୫ |
| କୋଲ୍‌କାତା | ୧୦ | ୪ | ୫ | ୧ | ୯ | +୦.୦୮୦ |
| ରାଜସ୍ଥାନ | ୧୦ | ୩ | ୭ | ୦ | ୬ | -୦.୩୪୯ |
| ହାଇଦ୍ରାବାଦ | ୯ | ୩ | ୬ | ୦ | ୬ | -୧.୧୦୩ |
| ଚେନ୍ନାଇ | ୧୦ | ୨ | ୮ | ୦ | ୪ | -୧.୨୧୧ |

**ଶ୍ରେୟସ୍-ପ୍ରଭସିମ୍ରନ୍‌ଙ୍କ ଅର୍ଦ୍ଧଶତକ, ଚହଲ୍‌ଙ୍କୁ ୪ ୱିକେଟ୍: ପଞ୍ଜାବ ୪ ୱିକେଟ୍‌ରେ ବିଜୟୀ**

# ପରାଜୟ ସହ ଚେନ୍ନାଇ ପ୍ଲେଅଫ୍‌ରୁ ବିଦା

**ଚେନ୍ନାଇ,୩୦।୪/ଏଜେନ୍ସି:** ପାଞ୍ଚ ଥରର ଚାମ୍ପିଅନ୍ ଚେନ୍ନାଇ ସୁପର୍ କିଙ୍ଗସ (ସିଏସ୍‌କେ) ପ୍ରଥମ ଟିମ୍ ଭାବେ ଚଳିତ ଆଇପିଏଲ୍‌ର ପ୍ଲେଅଫ୍ ରେସ୍‌ରୁ ବାଦ୍ ପଡ଼ିଛି। ବୁଧବାର ସ୍ଥାନୀୟ ଏମ୍‌ଏ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ୪୯ତମ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସ ଚେନ୍ନାଇକୁ ୪ ୱିକେଟ୍‌ରେ ହରାଇ ଦେଇଛି। ପ୍ରଥମେ ଚେନ୍ନାଇ ୧୯.୨ ଓଭର୍‌ରେ ୧୯୦ ରନ୍ କରିଥିଲା। ଜବାବରେ ପଞ୍ଜାବ ୬ ୱିକେଟ୍ ହରାଇ ୧୯.୨ ଓଭର୍‌ରେ ଲକ୍ଷ୍ୟ ହାସଲ କରିନେଇଛି। ଏହା ୧୦ ମ୍ୟାଚ୍‌ରେ ଚେନ୍ନାଇର ଅଷ୍ଟମ ପରାଜୟ। ଅନ୍ୟପକ୍ଷରେ ଏହି ବିଜୟ ସହ ପଞ୍ଜାବ କିଙ୍ଗସ ପଏଣ୍ଟ ଟେବଲ୍‌ର ଦ୍ୱିତୀୟ ସ୍ଥାନକୁ ଉଠିଛି।

୧୯୧ ରନ୍‌ର ପିଛା କରୁଥିବା ପଞ୍ଜାବ ପକ୍ଷରୁ ଦୁଇ ଓପ୍ନର୍ ପ୍ରିୟାଂଶ ଆର୍ଯ୍ୟ ଓ ପ୍ରଭସିମ୍ରନ୍ ସିଂହ ୪୪ ରନ୍ ଯୋଡ଼ିଥିଲେ। ତେବେ ୫ମ ଓଭର୍‌ରେ ପ୍ରିୟାଂଶୁଙ୍କୁ ଆଉଟ୍ କରି ଖଲିଲ ଅହମଦ ଏହି ଯୋଡ଼ିରେ ବ୍ରେକ୍ ଲଗାଇଥିଲେ। ପ୍ରିୟାଂଶ ୧୫ ବଲ୍‌ରେ ୫ ଚୌକା ସହାୟତାରେ ୨୩ ରନ୍ କରିଥିଲେ। ଏହାପରେ କ୍ୟାପ୍‌ଟେନ୍ ଶ୍ରେୟସ୍ ଆୟର ଓ ପ୍ରଭସିମ୍ରନ୍‌ଙ୍କ ମଧ୍ୟରେ ୭୨ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ୧୩ଶ ଓଭର୍‌ରେ ପ୍ରଭସିମ୍ରନ୍ ୫୪ ରନ୍ କରି ଆଉଟ୍ ହୋଇଥିଲେ। ତାଙ୍କ ୩୬ ବଲ୍‌ର ଇନିଂସ୍‌ରେ ୫ ଚୌକା ଓ ୩ ଛକା ସାମିଲ ଥିଲା। ଏହାପରେ ନେହାଲ୍ ୱଧେରା (୫) ଶସ୍ତାରେ ପ୍ୟାଭିଲିୟନ୍ ଫେରିଥିଲେ।



ଗୋଟିଏ ପଟେ ତିଷ୍ଠିରହି ୩୨ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ଶ୍ରେୟସ୍ ୧୯ତମ ଓଭର୍‌ରେ ୭୨ ରନ୍ କରି ମାଥିଶା ପାଥିରାନାଙ୍କ ଶିକାର ହୋଇଥିଲେ। ତାଙ୍କ ୪୧ ବଲ୍‌ର ଧୂଆଁଧାର ଇନିଂସ୍‌ରେ ୫ ଚୌକା ୪ ଛକା ସାମିଲ ଥିଲା। ଶଶାଙ୍କ ସିଂହ ୨୩ ଓ ସୂର୍ଯ୍ୟାଂଶ ଶେଗ୍‌ଡେ ୧ ରନ୍ କରି ଆଉଟ୍ ହୋଇଥିବା ବେଳେ ମାର୍କୋ ଜାନ୍‌ସେନ୍ ଚୌକା ମାରି ଟିମ୍‌କୁ ବିଜୟୀ କରାଇଛନ୍ତି। ଚେନ୍ନାଇ ପକ୍ଷରୁ ଖଲିଲ୍ ଅହମଦ୍ ଓ ମାଥିଶା ପାଥିରାନା ୨-୨ ୱିକେଟ୍ ନେଇଥିବା ବେଳେ ରବୀନ୍ଦ୍ର ଜାଡ଼େଜା ଓ ନୁର୍ ଅହମଦ୍‌ଙ୍କୁ ୧-୧ ସଫଳତା ମିଳିଥିଲା।

ଟସ୍ ହାରି ବ୍ୟାଟିଂ ପାଇଥିବା ଚେନ୍ନାଇ ଆରମ୍ଭ ଭଲ ନଥିଲା ଏବଂ ଟିମ୍ ୪୮ ରନ୍‌ରେ ୩ଟି ୱିକେଟ୍ ହରାଇଥିଲା। ଶେଖ୍ ରଶିଦ୍ (୧୧), ଆୟୁଷ ମାହାତ୍ରେ (୭) ଓ ରବୀନ୍ଦ୍ର ଜାଡ଼େଜା (୧୭) ୬ ଓଭର୍ ମଧ୍ୟରେ ପ୍ୟାଭିଲିୟନ୍ ଫେରିଥିଲେ। ଏହାପରେ ସାମ୍ କରନ୍ ଓ ଡେୱାଲ୍ଡ ବ୍ରେଭିସ୍ ଇନିଂସ୍ ସମ୍ଭାଳି ୭୮ ରନ୍‌ର ପାର୍ଟନରଶିପ୍ କରିଥିଲେ। ତେବେ ବ୍ରେଭିସ୍ ୩୨ ରନ୍ କରିଥିବା ବେଳେ ଅଜମତୁଲ୍ଲାହଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ମାତ୍ର ସାମ୍ କରନ୍ ଗୋଟିଏ ପଟେ ତିଷ୍ଠିତ ରହିଥିଲେ। ୩୦ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ୧୮ତମ ଓଭର୍‌ରେ ତାଙ୍କ ୱିକେଟ୍‌ର ପତନ ଘଟିଥିଲା। ସାମ୍ କରନ୍ ବିସ୍ଫୋରକ ଇନିଂସ୍ ଖେଳି ୪୭ ବଲ୍‌ରେ ୯ ଚୌକା ଓ ୪ ଛକା ସହାୟତାରେ ୮୮ ରନ୍ କରିଥିଲେ। ଆଉଟ୍ ପୂର୍ବରୁ ଶିଭମ୍ ଦୁବେ (୬)ଙ୍କ ସହ ସେ ୪୬ ରନ୍‌ର ପାର୍ଟନରଶିପ୍ ମଧ୍ୟ କରିଥିଲେ। ତେବେ ଏହାପରେ ୧୯ତମ ଓଭର୍‌ରେ ଯୁଜବେନ୍ଦ୍ର ଚହଲ ହ୍ୟାଟ୍ରିକ୍ ସହ ୪ ୱିକେଟ୍ ନେଇଥିଲେ। ୧୯ତମ ଓଭର୍‌ରେ ଧୋନି (୧୧), ଦୀପକ ହୁଡ୍ଡା (୨), ଅଂଶୁଲ କମ୍ବୋଜ (୦) ଓ ନୁର୍ ଅହମ୍ମଦ (୦) ଆଉଟ୍ ହୋଇଥିଲେ। ଫଳରେ ଚେନ୍ନାଇ ଟିମ୍ ପୂରା ୨୦ ଓଭର୍ ମଧ୍ୟ ଖେଳିପାରି ନଥିଲା ଏବଂ ୧୯୦ ରନ୍‌ରେ ସୀମିତ ହୋଇଯାଇଥିଲା। ଚହଲ୍‌ଙ୍କ ୪ ୱିକେଟ୍ ବ୍ୟତୀତ ପଞ୍ଜାବ ପକ୍ଷରୁ ଅର୍ଶଦୀପ୍ ସିଂହ ଓ ମାର୍କୋ ଜାନ୍‌ସେନ୍ ୨-୨ ଏବଂ ହରପ୍ରୀତ୍ ବ୍ରାର୍ ଗୋଟିଏ ୱିକେଟ୍ ନେଇଥିଲେ।


## ଟି-୨୦ରେ ନରେନ୍‌ଙ୍କ ଐତିହାସିକ ଉପଲବ୍ଧି



**ନୂଆଦିଲ୍ଲୀ,୩୦।୪/ଏଜେନ୍ସି:** ମଙ୍ଗଳବାର ଚଳିତ ଆଇପିଏଲ୍‌ର ଏକ ମ୍ୟାଚ୍‌ରେ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍) ୧୪ ରନ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ହରାଇ ଦେଇଛି। ଏହା ସହିତ ଟିମ୍ ନିଜର ପ୍ଲେଅଫ୍ ଆଶାକୁ ଜୀବନ୍ତ ରଖିଛି। ମ୍ୟାଚ୍‌ରେ କୋଲ୍‌କାତା ପକ୍ଷରୁ ସୁନୀଲ୍ ନରେନ୍ ୪ ଓଭର୍‌ରେ ୨୩ ରନ୍ ଦେଇ ସର୍ବାଧିକ ୩ଟି ୱିକେଟ୍ ହାସଲ କରିଥିଲେ। ଏହା ସହିତ ଟି-୨୦ କ୍ରିକେଟ୍‌ରେ ନରେନ୍ ଏକ ବଡ଼ ଉପଲବ୍ଧି ନିଜ ନାମରେ କରିଛନ୍ତି। କ୍ରିକେଟ୍‌ର ଏହି ଛୋଟ ଫର୍ମାଟ୍‌ରେ ସେ ଗୋଟିଏ ଟିମ୍ ପକ୍ଷରୁ ସର୍ବାଧିକ ୱିକେଟ୍ ହାସଲର ରେକର୍ଡ ସମକକ୍ଷ ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଏହି ରେକର୍ଡ ଇଂଲଣ୍ଡ ଅଲ୍‌ରାଉଣ୍ଡର୍ ସମିତ ପଟେଲ୍‌ଙ୍କ ନାମରେ ଥିଲା। ଏବେ ନରେନ୍ ତାଙ୍କ ସମକକ୍ଷ ହୋଇଛନ୍ତି। କେକେଆର୍ ପକ୍ଷରୁ ଖେଳି ନରେନ୍ ଟି-୨୦ କ୍ରିକେଟ୍‌ରେ ୨୦୮ ୱିକେଟ୍ ଅକ୍ତିଆର କରିଛନ୍ତି। ପୂର୍ବରୁ ସମିତ ପଟେଲ୍ ନଟିଂହମ୍‌ଶାୟର୍ ପକ୍ଷରୁ ଟି-୨୦ରେ ୨୦୮ ୱିକେଟ୍ ନେଇଥିଲେ। ଏହାପରେ ହାମ୍ପଶାୟାର୍‌ର କ୍ରିସ୍ ଉଡ୍ ରହିଛନ୍ତି। ହାମ୍ପଶାୟର ପକ୍ଷରୁ ଉଡ୍ ଟି-୨୦ରେ ମୋଟ ୧୯୯ ୱିକେଟ୍ ହାସଲ କରିଛନ୍ତି।

## ରୋବୋଟିକ୍ ଡଗ୍‌ର ନାମକୁ ନେଇ ବିସିସିଆଇକୁ ହାଇକୋର୍ଟ ନୋଟିସ୍

**ନୂଆଦିଲ୍ଲୀ,୩୦।୪/ଏଜେନ୍ସି:** ଆଇପିଏଲ୍ ୨୦୨୫ରେ ପ୍ରୟୋଗ ହେଉଥିବା ରୋବୋଟିକ୍ ଡଗ୍‌ର ନାମକୁ ନେଇ ଦିଲ୍ଲୀ ହାଇକୋର୍ଟ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ)କୁ ନୋଟିସ୍ ଜାରି କରିଛନ୍ତି। ପ୍ରଶଂସକଙ୍କ ଭୋଟିଂ ଆଧାରରେ ବିସିସିଆଇ ଏହି ଏଆଇ କାମ୍‌ଡଗ୍‌ର ନାମ 'ଚମ୍ପକ' ରଖିଥିଲା। ଏହାକୁ ନେଇ ପ୍ରସିଦ୍ଧ ଶିଶୁ ମାଗାଜିନ୍ ଆପତ୍ତି ଦର୍ଶାଇଛି। ଏହା କଥିତ ଭାବେ ଟ୍ରେଡ୍‌ମାର୍କ ନିୟମର ଉଲ୍ଲଂଘନ ବୋଲି ମାଗାଜିନ୍ ପକ୍ଷରୁ କୁହାଯାଇଛି। ଏହା ସହିତ ଚମ୍ପକ ଏକ ଜଣାଶୁଣା ବ୍ରାଣ୍ଡ ହୋଇଥିବାରୁ ଏହାର ବ୍ୟବସାୟିକ ଦୋହନ କରାଯାଉଥିବା ମାଗାଜିନ୍‌ର ଓକିଲ କୋର୍ଟରେ ଅଭିଯୋଗ କରିଛନ୍ତି। ମାମଲାର ଶୁଣାଣି କରି ନ୍ୟାୟମୂର୍ତ୍ତି ସୌରଭ ବାନାର୍ଜୀ କହିଛନ୍ତି 'ଚମ୍ପକ' ଏକ ବ୍ରାଣ୍ଡର ନାମ ରହିଆସିଛି। ଏ ସମ୍ପର୍କରେ ଚାରି ସପ୍ତାହ ମଧ୍ୟରେ ଲିଖିତ ଜବାବ ଦେବାକୁ କୋର୍ଟ ବିସିସିଆଇକୁ ନିର୍ଦ୍ଦେଶ ଦେବା ସହ ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୯ ତାରିଖରେ କରିବାକୁ ଦିନ ଧାର୍ଯ୍ୟ କରିଛନ୍ତି।



ସୂଚନାଯୋଗ୍ୟ, ବିସିସିଆଇ ଆଇପିଏଲ୍‌ର ଚଳିତ ସିଜନ୍‌ରେ ରୋବୋଟିକ୍ ଡଗ୍‌ର ପ୍ରୟୋଗ କରିଛି, ଯାହା ପଡ଼ିଆର ଭିଡିଓ ରେକର୍ଡ କରିଥାଏ। ମ୍ୟାଚ୍ ବେଳେ କେତେକ ଖେଳାଳିଙ୍କୁ ରୋବୋଟିକ୍ କାମ୍‌ଡଗ୍ ସହ ମସ୍ତି କରୁଥିବା ଦେଖିବାକୁ ମିଳିଛି। ସିଏସ୍‌କେ କ୍ୟାପ୍‌ଟେନ୍ ଧୋନି ମଧ୍ୟ ଚମ୍ପକ ସହିତ ମସ୍ତି କରୁଥିବାର ଦେଖିବାକୁ ମିଳିଥିଲା।

## ଜାତୀୟ ଲାକ୍ରୋଶ ଚାମ୍ପିଅନ୍‌ଶିପ୍ କ୍ୱାର୍ଟର୍‌ରେ ଓଡ଼ିଶା

**ଭୁବନେଶ୍ୱର,ଟମ୍‌କା,୩୦।୪/ଏନ୍‌ଏନ୍‌ଏସ୍:** ଉତ୍ତର ପ୍ରଦେଶର ଆଗ୍ରାରେ ଚାଲିଥିବା ୩ୟ ଜାତୀୟ ଲାକ୍ରୋଶ୍ ଚାମ୍ପିଅନ୍‌ଶିପ୍‌ରେ ଓଡ଼ିଶା ସିନିୟର୍ ଟିମ୍ ଚମତ୍କାର ପ୍ରଦର୍ଶନ କରି କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛି। ଓଡ଼ିଶା ଲିଗ୍ ମ୍ୟାଚ୍‌ରେ ଆସାମକୁ ୭-୦ ଏବଂ ପ୍ରି-କ୍ୱାର୍ଟର୍‌ରେ ତାମିଲନାଡୁକୁ ୬-୩ ଗୋଲ୍‌ରେ ହରାଇ ଦେଇଛି। ତାମିଲନାଡୁ ବିପକ୍ଷ ପ୍ରି-କ୍ୱାର୍ଟର୍ ଫାଇନାଲ୍‌ର ପ୍ରଥମାର୍ଦ୍ଧ ୩-୩ରେ ଶେଷ ହେବାପରେ ଦ୍ୱିତୀୟାର୍ଦ୍ଧରେ ଓଡ଼ିଶା ଖେଳାଳି ଆକ୍ରମଣାତ୍ମକ ପ୍ରଦର୍ଶନ କରି ତାମିଲନାଡୁକୁ ବିଦା କରିଛନ୍ତି। ଓଡ଼ିଶା ପକ୍ଷରୁ ଆସିସାନ୍ ବାର୍ଲା, ସୁବ୍ରତ ତପନ, ଆଶିଷ ଟପ୍ପୁ, ଜିତେନ୍ଦ୍ର ବେହେରା, ସଂଗ୍ରାମ ବେହେରାଙ୍କ ସମେତ ଯାଜପୁର ଜିଲ୍ଲା ଖେଳାଳି ଲଳାଟେନ୍ଦୁ ମହାନ୍ତ ଓ ଧୀରେନ୍ଦ୍ର ମହାନ୍ତ ରାଜ୍ୟର ପ୍ରତିନିଧିତ୍ୱ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଓଡ଼ିଶା ଦଳର କୋଚ୍ ସନ୍ତୋଜ ଟପ୍ପୋ ଓ ସମ୍ପାଦକ ମୁନୁ ପଟେଲ୍ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ରୋହିତ ଶର୍ମା @ ୩୮**

## ଜୟପୁରରେ ପତ୍ନୀଙ୍କ ସହ କାଟିଲେ କେକ୍


**ଜୟପୁର,୩୦।୪/ଏଜେନ୍ସି:** ଭାରତର ଦିନିକିଆ ଓ ଟେଷ୍ଟ କ୍ରିକେଟ୍ ଟିମ୍ କ୍ୟାପ୍‌ଟେନ୍ ରୋହିତ ଶର୍ମା ବୁଧବାର ୩୮ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ଆଇପିଏଲ୍ ମ୍ୟାଚ୍ ଖେଳିବା ପାଇଁ ମୁମ୍ବାଇ ଇଣ୍ଡିଆନ୍ସ ଟିମ୍ ସହ ଜୟପୁରରେ ଥିବା ରୋହିତ ସେଠାରେ ନିଜର ଏହି ଜନ୍ମଦିନ ଉତ୍ସବ ପାଳିଛନ୍ତି। ଏହି ଉପଲକ୍ଷେ ହୋଟେଲ୍ ରାଜପୁତାନା ଶେରେଟନ୍‌ରେ ଏକ ସ୍ୱତନ୍ତ୍ର କେକ୍ ପ୍ରସ୍ତୁତ କରାଯାଇଥିଲା। ସେଥିରେ ରୋହିତ ଶର୍ମାଙ୍କ ଫଟୋ ଲାଗିଥିବା ବେଳେ 'ହାପି ବାର୍ଥ ଡେ ହିଟ୍‌ମ୍ୟାନ୍' ଲେଖାଯାଇଥିଲା। ରୋହିତ ପତ୍ନୀ ରିତିକା, ଦୁଇ ସନ୍ତାନ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ଟିମ୍‌ର ସାଥୀ ଖେଳାଳିଙ୍କ ଉପସ୍ଥିତିରେ କେକ୍ କାଟିଥିଲେ। ରିତିକା ତାଙ୍କୁ କେକ୍ ଖୁଆଇ ଜନ୍ମଦିନର ଶୁଭକାମନା ଜଣାଇଥିଲେ। ଏହାପରେ କ୍ରିକେଟର୍ ସୂର୍ଯ୍ୟକୁମାର ଯାଦବ ରୋହିତଙ୍କ ମୁହଁରେ କେକ୍ ଲଗାଇ ତାଙ୍କୁ ବଧେଇ ଜଣାଇଥିଲେ।



ଏହି ଅବସରରେ ରୋହିତଙ୍କୁ ତାଙ୍କ ମା' ପୂର୍ଣ୍ଣିମା ଶର୍ମା ସ୍ୱତନ୍ତ୍ର ଭାବେ ଜନ୍ମଦିନ ଶୁଭେଚ୍ଛା ଜଣାଇଛନ୍ତି। ଇନ୍‌ଷ୍ଟାଗ୍ରାମ୍‌ରେ ସେ ରୋହିତଙ୍କ ପିଲାଦିନରୁ ଯୁବକ ହେବା ପର୍ଯ୍ୟନ୍ତ ୧୨ ଫଟୋର ଏକ କୋଲାଜ୍ ଶେୟାର୍ କରିଛନ୍ତି। ଫଟୋରେ ଭାଇ ଓ ପରିବାର ସହ ରୋହିତଙ୍କୁ ଦେଖିବାକୁ ମିଳୁଛି। ଏହା ସହ ମା' ପୂର୍ଣ୍ଣିମାଙ୍କ ଦ୍ୱାରା ଲେଖାଯାଇଥିବା 'ହାପି ବାର୍ଥଡେ ଟୁ ଏ ଗ୍ରେଟ୍ ସନ୍' ମଧ୍ୟ ଏଥିରେ ସ୍ଥାନ ପାଇଛି।

## ୪ ଗୁଣନ ୧୦୦ ମିଟରରେ ଗୁରୀନ୍ଦରବୀର, ଅନିମେଶ, ମଣିକାନ୍ତ ଓ ଅମ୍ଲାନଙ୍କ ନୂଆ ଜାତୀୟ ରେକର୍ଡ

**ଚଣ୍ଡିଗଡ଼,୩୦।୪/ଏଜେନ୍ସି:** ରିଲାଏନ୍ସର ଗୁରୀନ୍ଦରବୀର ସିଂହ, ଅନିମେଶ କୁଜୁର, ମଣିକାନ୍ତ ହୋବଲିଦାର ଏବଂ ଅମ୍ଲାନ ବୋରଗୋହେନ୍ ଚଣ୍ଡିଗଡ଼ରେ ଅନୁଷ୍ଠିତ ଦ୍ୱିତୀୟ ଜାତୀୟ ଓପନ୍ ରିଲେ କାର୍ନିଭାଲ୍‌ରେ ବୁଧବାର ପୁରୁଷ ୪ ଗୁଣନ ୧୦୦ ମିଟର ରିଲେରେ ନୂଆ ଜାତୀୟ ରେକର୍ଡ ସ୍ଥାପନ କରିଛନ୍ତି। ରିଲିଏନ୍ସର ଏହି ଚାରି ଆଥ୍‌ଲେଟ୍ ୩୮.୬୬ ସେକେଣ୍ଡ ସମୟ ନେଇ ରେସ୍ ପୂରା କରିବା ସହିତ ୨୦୧୦ରେ ସ୍ଥାପିତ ୩୮.୮୯ ସେକେଣ୍ଡର ପୁରୁଣା ଜାତୀୟ ରେକର୍ଡ ଭଙ୍ଗ କରିଛନ୍ତି। ୩୮.୮୯ ସେକେଣ୍ଡର ୪ ଗୁଣନ ୧୦୦ ମିଟର ରେକର୍ଡ ଘଟଣାକ୍ରମେ ପୁରୁଷ ଟ୍ରାକ୍ ପ୍ରତିଯୋଗିତାରେ ସବୁଠାରୁ ପୁରୁଣା ଭାରତୀୟ ଜାତୀୟ ରେକର୍ଡ ଥିଲା। ଏହି ଇଭେଣ୍ଟରେ ତାମିଲନାଡୁ (୩୮.୮୩ ସେ.) ଓ ଆର୍ମି (୪୧.୪୦ ସେ.) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ମହିଳା ବିଭାଗରେ ଏନ୍‌ସିଓଇ ତ୍ରିଭେନ୍ଦ୍ରମ୍‌ର ଶ୍ରାବଣୀ ନନ୍ଦ, ଅବିନୟା ରାଜରାଜନ, ସ୍ନେହା ଏସ୍‌ଏସ୍ ଏବଂ ନିତ୍ୟା ଗାନ୍ଧେଙ୍କ ଟିମ୍ ୪୪.୧୨ ସେକେଣ୍ଡ ସହ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ତାମିଲନାଡୁ (୪୬.୦୭ ସେ.) ଦ୍ୱିତୀୟ ଓ ହରିଆଣା (୪୯.୬୮ ସେ.) ତୃତୀୟ ହୋଇଛନ୍ତି।



ସେହିପରି ଅଣ୍ଡର-୨୦ ବର୍ଗର ୪ ଗୁଣନ ୧୦୦ ମିଟର ରିଲେରେ ରିଲାଏନ୍ସର ମହେନ୍ଦ୍ର ସାନ୍ତା, ଆସ୍ତିକ ପ୍ରଧାନ, ଅଭୟ ସିଂହ ଓ ପ୍ରତୀକ ମହାରଣା ୪୦.୬୦ ସେକେଣ୍ଡ ସମୟ ସହ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ତାମିଲନାଡୁ (୪୧.୬୩ ସେ.) ଓ ରାଜସ୍ଥାନ (୪୨.୨୨ ସେ.) ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି।

## ଇଟାଲିଆନ୍ ଓପନ୍‌ରୁ ଓହରିଲେ ଜୋକୋଭିଚ୍

**ରୋମ୍,୩୦।୪/ଏଜେନ୍ସି:** ଲଗାତାର ତିନି ମ୍ୟାଚ୍ ହାରିବା ପରେ ସର୍ବିଆର ନୋଭାକ୍ ଜୋକୋଭିଚ୍ ବଡ଼ ନିଷ୍ପତ୍ତି ନେଇଛି। ୧୦୦ତମ ଟାଇଟଲ୍ ସନ୍ଧାନରେ ଥିବା ଜୋକୋଭିଚ୍ ଇଟାଲିଆନ୍ ଓପନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟରୁ ନାମ ପ୍ରତ୍ୟାହାର କରିନେଇଛନ୍ତି। ଜୋକୋଭିଚ୍‌ଙ୍କ ଏହି ନିଷ୍ପତ୍ତି ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଫ୍ରେଞ୍ଚ ଓପନ୍ ଟୁର୍ଣ୍ଣାମେଣ୍ଟ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ। ରୋଲାଣ୍ଡ ଗାରୋସ୍‌ରେ ସେ ରିକୋର୍ଡ ୨୫ତମ ଗ୍ରାଣ୍ଡସ୍ଲାମ୍ ବିଜୟ ଲକ୍ଷ୍ୟରେ ରହିଛନ୍ତି। ଇଟାଲିଆନ୍ ଓପନ୍ ଟୁର୍ଣ୍ଣାମେଣ୍ଟ ଆସନ୍ତାମାସରେ କ୍ଲେ କୋର୍ଟରେ ଖେଳାଯିବ। ଜୋକୋଭିଚ୍‌ଙ୍କ ନିଷ୍ପତ୍ତି ସମ୍ପର୍କରେ ଆୟୋଜକଙ୍କ ପକ୍ଷରୁ ସୋସିଆଲ୍ ମିଡିଆରେ ଏହି ସୂଚନା ଦିଆଯାଇଛି। ଚଳିତ ସିଜନ୍‌ରେ ୩୭ ବର୍ଷୀୟ ସର୍ବିଆର ଟେନିସ୍ ଷ୍ଟାର୍‌ଙ୍କ ପ୍ରଦର୍ଶନ ବହୁତ ଭଲ ନାହିଁ। ଗତ ତିନିଟି ଟୁର୍ଣ୍ଣାମେଣ୍ଟ ମିଆମୀ ଓପନ୍, ମୋଣ୍ଟେ କାର୍ଲୋ ମାଷ୍ଟର୍ସ ଏବଂ ମାଦ୍ରିଦ୍ ଓପନ୍‌ରେ ତାଙ୍କୁ ପରାଜୟର ମୁହଁ ଦେଖିବାକୁ ପଡ଼ିଛି। ଏହି ସିଜନ୍‌ରେ ତାଙ୍କ ବିଜୟ-ପରାଜୟ ରେକର୍ଡ ୧୨-୬ ରହିଛି। ଦୀର୍ଘ ସମୟ ଧରି ଏଟିପି ର୍‍ୟାଙ୍କିଙ୍ଗ୍ ଶୀର୍ଷରେ ରହିଆସିଥିବା ଜୋକୋଭିଚ୍ ବର୍ତ୍ତମାନ ପଞ୍ଚମ ସ୍ଥାନରେ ରହିଛନ୍ତି। ଗତବର୍ଷ ପ୍ୟାରିସ୍ ଅଲିମ୍ପିକ୍‌ରେ କାର୍ଲୋସ୍ ଅଲ୍‌କାରାଜ୍‌ଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଥିବା ଜୋକୋଭିଚ୍ ବଡ଼ ଟୁର୍ଣ୍ଣାମେଣ୍ଟରେ ବିଜୟ ହାସଲ ପାଇଁ ଲଗାତାର କହିଆସୁଛନ୍ତି ଏବଂ ପରବର୍ତ୍ତୀ ବଡ଼ ଟୁର୍ଣ୍ଣାମେଣ୍ଟ ପ୍ୟାରିସ୍‌ରେ ମେ ୨୫ରୁ ଆରମ୍ଭ ହେବ। ଜୋକୋଭିଚ୍ ଆଣ୍ଠୁ ଆଘାତ କାରଣରୁ ଗତବର୍ଷ ରୋଲାଣ୍ଡ ଗାରୋସ୍‌ରେ ଭାଗନେଇ ପାରିନଥିଲେ। ଚଳିତ ବର୍ଷ ଜାନୁଆରୀରେ ଅଷ୍ଟ୍ରେଲିଆନ୍ ଓପନ୍‌ରେ ମଧ୍ୟ ଆଘାତ କାରଣରୁ ସେ ନିଜ ଅଭିଯାନ ଜାରି ରଖିପାରି ନଥିଲେ।

## ଏସିଆନ୍ ଗେମ୍ସ ୨୦୨୬ରେ ଖେଳାଯିବ କ୍ରିକେଟ୍



**ଏସୀୟ ଅଲିମ୍ପିକ୍ ପରିଷଦର ଘୋଷଣା**

**ନୂଆଦିଲ୍ଲୀ,୩୦।୪/ଏଜେନ୍ସି:** ୨୦୨୬ ଏସିଆନ୍ ଗେମ୍ସରେ କ୍ରିକେଟ୍‌କୁ ପୁଣିଥରେ ସାମିଲ କରାଯାଇଛି। ଏସୀୟ ଅଲିମ୍ପିକ୍ ପରିଷଦ (ଓସିଏ) ଏହି ଘୋଷଣା କରିଛି। ବ୍ୟାଙ୍କକ୍‌ରେ ଏପ୍ରିଲ୍ ୨୮ରେ ଆୟୋଜିତ ଓସିଏର ୪୧ତମ ବାର୍ଷିକ ସାଧାରଣ ବୈଠକରେ ୨୦୨୬ ଏସିଆନ୍ ଗେମ୍ସରେ କ୍ରିକେଟ୍‌କୁ ବଜାୟ ରଖିବା ନିମନ୍ତେ ନିଷ୍ପତ୍ତି ହୋଇଛି। ବିଂଶତମ ଏସିଆନ୍ ଗେମ୍ସ ୨୦୨୬ ଜାପାନର ଏଚି ଏବଂ ନାଗୋୟାରେ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଏଥିରେ ପ୍ରାୟ ୧୫ ହଜାର ଆଥ୍‌ଲେଟ୍ ଭାଗନେବେ। ଖେଳ କାର୍ଯ୍ୟକ୍ରମରେ ଓସିଏ କ୍ରିକେଟ୍ ଏବଂ ମିକ୍ସ ମାର୍ଶାଲ୍ ଆର୍ଟକୁ ସାମିଲ ପାଇଁ ଔପଚାରିକ ଭାବେ ମଞ୍ଜୁରୀ ପ୍ରଦାନ କରିଛି। ଓସିଏର ଏହି ନିଷ୍ପତ୍ତି ପରେ କ୍ରିକେଟ୍ ଏସିଆନ୍ ଗେମ୍ସରେ ଚତୁର୍ଥ ଥର ପାଇଁ ସାମିଲ ହେବ। ସର୍ବପ୍ରଥମେ ୨୦୧୦ ଗ୍ୱାଙ୍ଗଝୁ ଏସିଆନ୍ ଗେମ୍ସରେ କ୍ରିକେଟ୍‌କୁ ସାମିଲ କରାଯାଇଥିଲା। ପରେ ୨୦୧୪ ଇଞ୍ଚିଅନ୍‌ରେ ଏହାର ପ୍ରତ୍ୟାବର୍ତ୍ତନ ଘଟିଥିଲା। ତେବେ ଏହି ମ୍ୟାଚ୍‌ଗୁଡ଼ିକୁ ଅନ୍ତର୍ଜାତୀୟ ମାନ୍ୟତା ମିଳିନଥିଲା। ଏହାପରେ ୨୦୧୮ ଜାକର୍ତ୍ତା ଗେମ୍ସରେ କ୍ରିକେଟ୍‌ରୁ ହଟାଇ ଦିଆଯାଇଥିଲା। ଏହାପପରେ ୨୦୨୨ ହାଙ୍ଗଝୋଉ ଗେମ୍ସରେ କ୍ରିକେଟ୍‌ର ପ୍ରତ୍ୟାବର୍ତ୍ତନ ଘଟିଥିବା ବେଳେ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଦ୍ୱାରା ସମସ୍ତ ମ୍ୟାଚ୍‌କୁ ଅନ୍ତର୍ଜାତୀୟ ମାନ୍ୟତା ମିଳିଥିଲା। ୨୦୨୨ରେ ଭାରତ ଉଭୟ ପୁରୁଷ ଓ ମହିଳା ବିଭାଗର ସ୍ୱର୍ଣ୍ଣ ପଦକ ଜିତିଥିଲା। ଆଫଗାନିସ୍ତାନ ଓ ଶ୍ରୀଲଙ୍କା ଯଥାକ୍ରମେ ପୁରୁଷ ଓ ମହିଳା ରୌପ୍ୟ ପଦକ ଜିତିଥିବା ବେଳେ ଉଭୟ ବର୍ଗର ବ୍ରୋଞ୍ଜ ପଦକ ବାଂଲାଦେଶ ହାସଲ କରିଥିଲା।

**ଦ୍ୱିତୀୟ ଟେଷ୍ଟ: ଶାଦମାନ ଓ ମେହଦୀ ହସନ୍‌ଙ୍କ ଶତକ**

# ଜିମ୍ବାୱେର ଇନିଂସ୍ ପରାଜୟ

**ଚଟ୍ଟଗ୍ରାମ,୩୦।୪/ଏଜେନ୍ସି:** ବାଂଲାଦେଶ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଜିମ୍ବାୱେକୁ ଇନିଂସ୍ ଓ ୧୦୬ ରନ୍‌ରେ ହରାଇ ଦେଇଛି। ଏହା ସହିତ ଘରୋଇ ଟିମ୍ ଦୁଇ ମ୍ୟାଚ୍‌ର ସିରିଜ୍ ୧-୧ରେ ଡ୍ର' କରିଛି। ଚଟ୍ଟଗ୍ରାମରେ ଖେଳାଯାଇଥିବା ମ୍ୟାଚ୍‌ରେ ବାଂଲାଦେଶ ପ୍ରଥମ ଇନିଂସ୍‌ରେ ୪୪୪ ରନ୍ କରିଥିବା ବେଳେ ଜିମ୍ବାୱେ ପ୍ରଥମ ଇନିଂସ୍‌ରେ ୨୨୭ ଏବଂ ଦ୍ୱିତୀୟ ଇନିଂସ୍‌ରେ ୧୧୧ ରନ୍ କରିଥିଲା।

ସୋମବାର ଟସ୍ ଜିତି ବ୍ୟାଟିଂ ନେଇଥିବା ଜିମ୍ବାୱେ ୱିକ୍ ୱେଲ୍ସ (୫୪) ଓ ଶନ୍ ୱିଲିୟମ୍ସ (୬୭)ଙ୍କ ଅର୍ଦ୍ଧଶତକ ବଳରେ ୨୨୭ ରନ୍ କରିଥିଲା। ୱେଲ୍ସ ମଧେୱେରେ (୧୫) ଓ ସଫଦ୍ୱା ସିଗା (୧୮)ଙ୍କୁ ଛାଡ଼ିଦେଲ ଅନ୍ୟ କୌଣସି ବ୍ୟାଟର୍ ୧୦ ରନ୍‌ର ମାର୍କ ମଧ୍ୟ ଛୁଇଁପାରି ନଥିଲେ। ବାଂଲାଦେଶ ପପକ୍ଷରୁ ତୈଜୁଲ ଇସ୍ଲାମ ୬ ୱିକେଟ୍ ନେଇଥିବା ବେଳେ ନୟିମ୍ ହସନ୍ ୨ ଓ ତଞ୍ଜିମ୍ ହସନ ସାକିବ୍ ଗୋଟିଏ ସଫଳତା ପାଇଥିଲେ। ଜବାବରେ ବାଂଲାଦେଶ ପକ୍ଷରୁ ଓପ୍ନର୍ ଶାଦମାନ୍ ଇସ୍ଲାମ୍ ୧୨୦ ଏବଂ ମେହଦି ହସନ୍ ମିର୍ଜାଙ୍କ ୧୦୪ ରନ୍‌ର ଶତକୀୟ ଇନିଂସ୍ ଖେଳିଥିଲେ। ଏ ଦୁହିଁଙ୍କ ବ୍ୟତୀତ ମୁଶଫିକୁର୍ ରହିମ୍ ୪୦, ତଞ୍ଜିମ୍ ହସନ୍ ସାକିବ୍ ୪୦, ଅନାମୁଲ୍ ହକ୍ ୩୯, ମୋମିନୁଲ୍ ହକ୍ ୩୩ ଓ କ୍ୟାପ୍‌ଟେନ୍ ନଜମୁଲ୍ ହୋସେନ୍ ଶାନ୍ତୋ ୨୩ ରନ୍‌ର ଯୋଗଦାନ କରିଥିଲେ। ଜିମ୍ବାୱେ ପକ୍ଷରୁ ଭିନ୍‌ସେଣ୍ଟ ମାସେକେସା ୫ ୱିକେଟ୍ ଅକ୍ତିଆର କରିଥିବା ବେଳେ ବ୍ଲେସିଙ୍ଗ୍ ମୁଜରବାନି, ୱେଲିଂଟନ୍ ମସାକାଦ୍‌ଜା, ମଧେୱେରେ ଓ ବ୍ରିଆନ୍ ବେନେଟ୍ ୧-୧ ସଫଳତା ପାଇଥିଲେ।



୨୧୭ ରନ୍ ପଛୁଆ ଥିବା ଜିମ୍ବାୱେ ବୁଧବାର ମ୍ୟାଚ୍‌ର ତୃତୀୟ ଦିନ ନିଜ ଦ୍ୱିତୀୟ ଇନିଂସ୍‌ରେ ମାତ୍ର ୧୧୧ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଟିମ୍ ପକ୍ଷରୁ ବେନ୍ କରନ୍ ସର୍ବାଧିକ ୪୬ ରନ୍ କରିଥିବା ବେଳେ କ୍ୟାପ୍‌ଟେନ୍ କ୍ରେଗ୍ ଇରୱିନ୍ ୨୫ ଓ ୱେଲିଂଟନ୍ ମସାକାଦ୍‌ଜା ୧୦ ରନ୍ କରିଥିଲେ। ବାକି ବ୍ୟାଟର୍ ଦୁଇଅଙ୍କ ମଧ୍ୟ ଛୁଇଁବାକୁ ସଫଳ ହୋଇନଥିଲେ। ବାଂଲାଦେଶ ପକ୍ଷରୁ ମେହଦୀ ହସନ୍ ମିରାଜ୍ ୫ ଓ ତୈଜୁଲ୍ ଇସ୍ଲାମ୍ ୩ ୱିକେଟ୍ ହାସଲ କରିଥିଲେ। ମେହଦୀ ହସନ୍ ମିରାଜ୍ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ଓ ସିରିଜ୍ ବିବେଚିତ ହୋଇଛନ୍ତି।

**ଜନଜାତୀୟ ଖେଳ ମହୋତ୍ସବରେ ଝିଲି ମୁଣ୍ଡାଙ୍କ ସଫଳତା**

## ତୀରନ୍ଦାଜୀରେ ଓଡ଼ିଶା ପାଇଁ ଜିତିଲେ ବ୍ରୋଞ୍ଜ

**ଭୁବନେଶ୍ୱର,୩୦।୪/ଏନ୍‌ଏନ୍‌ଏସ୍:** ବେଦାନ୍ତ ଆଲୁମିନିୟମ୍ ଦ୍ୱାରା ସମର୍ଥିତ ତୀରନ୍ଦାଜ୍ ଝିଲି ମୁଣ୍ଡା ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତାରେ ଓଡ଼ିଶା ପାଇଁ ବ୍ରୋଞ୍ଜ ପଦକ ଜିତିଛନ୍ତି। ନିକଟରେ ବିଶାଖାପାଟଣାରେ ଆୟୋଜିତ ଜନଜାତୀୟ କ୍ରୀଡ଼ା ମହୋତ୍ସବରେ ଝିଲି ୧୭ ବର୍ଷରୁ କମ୍ ବର୍ଗରେ ରାଜ୍ୟ ପାଇଁ ଏହି ଗୌରବ ଆଣିଛନ୍ତି। ଭାରତୀୟ ତୀରନ୍ଦାଜୀ ସଂଘ ଦ୍ୱାରା ଆୟୋଜିତ ପ୍ରତିଯୋଗିତାରେ ସାରା ଦେଶରୁ ପ୍ରାୟ ୪୦୦ ଆଦିବାସୀ ସମ୍ପ୍ରଦାୟର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଝିଲିଙ୍କ ସଫଳତା ରାଜ୍ୟକୁ ଗୌରବାନ୍ୱିତ କରିଛି। ଗତ ତିନିବର୍ଷ ଧରି ଝିଲି ବେଦାନ୍ତ ଆଲୁମିନିୟମ୍ ଗୋଷ୍ଠୀ କ୍ରୀଡ଼ା କାର୍ଯ୍ୟକ୍ରମ ଅଧୀନରେ ବୃତ୍ତିଗତ ତାଲିମ ନେଇଆସୁଛନ୍ତି। ଏହି ସମୟ ମଧ୍ୟରେ ସେ ଗୋଟିଏ ଜାତୀୟ ୪ଟି ରାଜ୍ୟ ଏବଂ ୪ଟି ଜିଲ୍ଲାସ୍ତରୀୟ ପଦକ ଜିତିଛନ୍ତି। ଏହି ଅବସରରେ ବେଦାନ୍ତ ଆଲୁମିନିୟମ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବ କୁମାର କହିଛନ୍ତି, ଝିଲିଙ୍କ ସଳତା ଅବିଶ୍ୱସନୀୟ ପ୍ରତିଭାର ଏକ ପ୍ରମାଣ। ଏଭଳି ପ୍ରତିଭାମାନଙ୍କୁ ଜାତୀୟ ମଞ୍ଚରେ ଚମକିବା ପାଇଁ ଆମେ ସକ୍ଷମ କରୁଛୁ। ବେଦାନ୍ତ ଆଲୁମିନିୟମ୍ କଳାହାଣ୍ଡିର ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା, ସମ୍ପ୍ରଦାୟର ସଦସ୍ୟ ବିଶେଷକରି ଯୁବକମାନଙ୍କ ପାଇଁ କ୍ରୀଡ଼ା ସମେତ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ହାସଲ କ୍ଷେତ୍ରରେ ଏହାର ମିଶନ୍ ପ୍ରତିଶ୍ରୁତିବଦ୍ଧ। ଏହି କ୍ରମରେ ଝିଲିଙ୍କ ସଫଳତା କଳାହାଣ୍ଡିର ସାମଗ୍ରୀକ ବିକାଶ ପ୍ରତି ବେଦାନ୍ତ ଆଲୁମିନିୟମ୍‌ର ପ୍ରତିଶ୍ରୁତିବଦ୍ଧତାର ଏକ ଉଦାହରଣ। ୨୦୧୮ରେ ଏହାର ଆରମ୍ଭ ପରଠାରୁ ଲାଞ୍ଜିଗଡ଼ର ବେଦାନ୍ତ କ୍ରୀଡ଼ା ତାଲିମ ପଦକ୍ଷେପ କଳାହାଣ୍ଡିରେ କ୍ରୀଡ଼ା ପ୍ରତିଭା ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ। ଏହି କାର୍ଯ୍ୟକ୍ରମରେ ତୀରନ୍ଦାଜୀ, କରାଟେ ଏବଂ ଅନ୍ୟାନ୍ୟ କ୍ରୀଡ଼ାରେ ବ୍ୟାପକ ପ୍ରଶିକ୍ଷଣ ପ୍ରଦାନ କରିଥାଏ। ଏଥିରେ ଗୁଣାତ୍ମକ ତାଲିମ, ଉପକରଣ, ୟୁନିଫର୍ମ ଏବଂ ବିଶେଷଜ୍ଞଙ୍କ ନେତୃତ୍ୱରେ କୋଚିଂ ଶିବିର ସୁବିଧା ଅନ୍ୟତମ। ଆଜି ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମରେ ୧୦୦ରୁ ଊର୍ଦ୍ଧ୍ୱ ଯୁବ ତୀରନ୍ଦାଜଙ୍କୁ ତାଲିମ ଦିଆଯାଇଥିବା ବେଳେ କେବଳ ଗତବର୍ଷ ଜାତୀୟ ଚାମ୍ପିଅନ୍‌ଶିପ୍‌ରେ ସେମାନେ ୪୦ରୁ ଊର୍ଦ୍ଧ୍ୱ ପଦକ ଜିତିଛନ୍ତି।



Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra